# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଜୁନ୍ ୧୦/୨୦୨୦ (୨୦ ପୃଷ୍ଠା) | Balasore, Wednesday, June 10/2020

୪୬ଶ ଭାଗ ୧୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଓଡ଼ିଶା ଏଫ୍‌ସିରୁ ଖେଳିବେ କମଲଜିତ୍**

ଭାରତୀୟ ଅଭିଜ୍ଞ ଗୋଲକିପର କମଲଜିତ୍ ସିଂ ଓଡ଼ିଶା ଏଫ୍‌ସି ଫୁଟ୍‌ବଲ ଟିମ୍ ସହ ୨ବର୍ଷିଆ ଚୁକ୍ତି କରିଛନ୍ତି।

**୨୦ | ୧୦**

**ଡେବ୍ୟୁ କରିବେ ମାନୁଷୀ**

୨୦୧୭ର ବିଶ୍ୱ ସୁନ୍ଦରୀ ମାନୁଷୀ ଛିଲର ଖୁବ ଶୀଘ୍ର ବଲିଉଡ୍ ଜଗତରେ ପାଦ ଦେବାକୁ ଯାଉଛନ୍ତି। ମାନୁଷୀ ନିର୍ଦ୍ଦେଶକ ଫରାହ ଖାନ୍‌ଙ୍କ ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବେ।



# ମାଡ଼ିଆସୁଛି ମହା ମାନ୍ଦାବସ୍ଥା

## ନିଯୁତାଧିକ ଲୋକ ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରିବେ

ୱାଶିଂଟନ,୯।୬

କରୋନା ଲାଗି ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ବଡ଼ ଝଟକା ଲାଗିଛି। କରୋନା ରୋକିବା ଲାଗି ଯେଉଁ ଶଟ୍‌ଡାଉନ କରାଗଲା ତା'ର ନକାରାତ୍ମକ ପ୍ରଭାବ ବଜାର ଉପରେ ଦେଖାଯାଇଛି। ବିଶ୍ୱ ବଜାରର ଆର୍ଥିକ କାର୍ଯ୍ୟକଳାପ ଲଗାତର ଭାବେ ଖସୁଥିବା ନଜରକୁ ଆସିଛି। ଏଭଳି ବିଭିନ୍ନ କାରଣ ଲାଗି ବିଶ୍ୱ ଅର୍ଥ ବ୍ୟବସ୍ଥା ପ୍ରାୟ ୫.୨% ଖସିଯିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ମହାମାରୀ ପାଇଁ ମାନ୍ଦାବସ୍ଥା ସଙ୍କଟ ଦେଖାଯାଇଛି। ୧୮୭୦ ପରେ ପ୍ରଥମଥର ଲାଗି ଏଭଳି ସ୍ଥିତି ଉପୁଜିଛି ବୋଲି ବିଶ୍ୱ ବ୍ୟାଙ୍କର ସଭାପତି ଡେଭିଡ୍ ମାଲ୍‌ପାସ୍ କହିଛନ୍ତି। ବିଶ୍ୱ ବର୍ତ୍ତମାନ ସୁଦ୍ଧା ୧୪ଟି ମାନ୍ଦାବସ୍ଥା ସାମ୍ନା କରିଛି। କରୋନା ଯୋଗୁ ବିଶ୍ୱ ସ୍ତରରେ ମୁଣ୍ଡ ପିଛା ଆୟ ୬.୨% ଖସିଯିବା ଆକଳନ କରାଯାଇଛି। ଏହା ୧୯୪୫-୪୬ ପରଠାରୁ ସବୁଠୁ ବଡ଼ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏହାବାଦ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାଠାରୁ ପ୍ରାୟ ୨ଗୁଣ ସଙ୍କଟକାରୀ ହୋଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୋମବାର ବିଶ୍ୱ ବ୍ୟାଙ୍କର ଗ୍ଲୋବାଲ ଇକୋନୋମିକ ପ୍ରସ୍‌ପେକ୍ଟ ରିପୋର୍ଟ ପ୍ରକାଶ ପାଇଛି। ମାନ୍ଦାବସ୍ଥାର ପ୍ରଭାବ ଗଭୀର ରହିଥିବାରୁ ଏଥିରୁ ବାହାରିବା କଷ୍ଟକର ହେବ। ଏଥିଲାଗି ନୀତି ନିର୍ଦ୍ଧାରକଙ୍କୁ ଅତିରିକ୍ତ ପଦକ୍ଷେପ ହାତକୁ ନେବାର ଆବଶ୍ୟକତା ରହିଛି ବୋଲି ମାଲ୍‌ପାସ୍ ମତବ୍ୟକ୍ତ କରିଛନ୍ତି। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ବର୍ତ୍ତମାନର ସମସ୍ୟା ସମାଧାନ କରିବା ଲାଗି ଯେଉଁଭଳି ପଦକ୍ଷେପ ହାତକୁ ନେଇଛନ୍ତି ତାହା ସମସ୍ୟାକୁ ସମାଧାନ କରିବା ଲାଗି ସକ୍ଷମ ହେବ ନାହିଁ। କାରଣ ଏହି ଦେଶଗୁଡ଼ିକରେ ନିଯୁକ୍ତିର ଅଧିକାଂଶ ଅଂଶ ଅଣସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ ରହିଛି। ବିକଶିତ ଦେଶଗୁଡ଼ିକର ଆର୍ଥିକ କାର୍ଯ୍ୟକଳାପ ୨୦୨୦ରେ ୭% ଖସିବା ନେଇ ଆଶଙ୍କା କରାଯାଇଛି। ଚାହିଦା, ଯୋଗାଣ, ବାଣିଜ୍ୟ ଏବଂ ଫାଇନାନ୍ସ ଗଭୀର ଭାବେ ପ୍ରଭାବିତ ହେବ।




- ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ବଡ଼
- ୫.୨% ଖସିଯିବ ବିଶ୍ୱ ଅର୍ଥ ବ୍ୟବସ୍ଥା

ନୂଆ ନୂଆ ଅଗ୍ରଗତି କରୁଥିବା ଅର୍ଥ ବ୍ୟବସ୍ଥା ଏବଂ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ୬୦ ବର୍ଷ ମଧ୍ୟରେ ପ୍ରଥମଥର ଲାଗି ୨.୫% ଖସିବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଛି। ଏହି ସମୟ ମଧ୍ୟରେ ଲୋକଙ୍କର ମୁଣ୍ଡ ପିଛା ଆୟ ୩.୬% ଖସିଯାଇପାରେ। ଫଳରେ ନିଯୁତାଧିକ ଲୋକ ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରିବେ। କରୋନା ଦ୍ୱାରା ବେଶି କ୍ଷତିଗ୍ରସ୍ତ ହୋଇଥିବା ଦେଶଗୁଡ଼ିକ ସାମ୍ନାରେ ନୂଆ ଚ୍ୟାଲେଞ୍ଜ ଆସିବ। ବିଶ୍ୱ ବାଣିଜ୍ୟ, ପର୍ଯ୍ୟଟନ, ରପ୍ତାନି ଭଳି ଅନ୍ୟ କ୍ଷେତ୍ରଗୁଡ଼ିକରେ ସମସ୍ୟା ଲାଗି ରହିବ। ବିଶ୍ୱର ବିଭିନ୍ନ ଭାଗରେ ପ୍ରଭାବ ଭିନ୍ନ ଭିନ୍ନ ରହିବ। ହେଲେ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ବେଶି ଚାପ ସହିବେ। ସମସ୍ୟାର ସମାଧାନ ଲାଗି ସାରା ବିଶ୍ୱର ଦେଶ ସମୂହ ମିଳିତ ଭାବେ ଲଢ଼ିବାକୁ ହେବ ବୋଲି ବିଶ୍ୱ ବ୍ୟାଙ୍କର ଗ୍ରୁପ୍ ଉପସଭାପତି ସେଲା ପାଜାରବାସିଗ୍ଲୁ କହିଛନ୍ତି।



ବରିଷ୍ଠ ଆଇନଜୀବୀ ସାବିତ୍ରୀ ରଥ

# ସାବିତ୍ରୀ ରଥ ହାଇକୋର୍ଟର ନୂଆ ବିଚାରପତି

କଟକ ଅଫିସ,୯।୬

ବରିଷ୍ଠ ଆଇନଜୀବୀ ସାବିତ୍ରୀ ରଥଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଏହି ବିଜ୍ଞପ୍ତି ପ୍ରକାଶ କରିଛି। ସୁପ୍ରିମ୍‌କୋର୍ଟ କଲେଜିୟମ୍‌ଙ୍କ ସୁପାରିଶ ପରେ ରଥଙ୍କ ନାମ ଉପରେ ରାଷ୍ଟ୍ରପତି କୋବିନ୍ଦ ମୋହର ଲଗାଇଛନ୍ତି। ରଥଙ୍କ ନିଯୁକ୍ତି ସହ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବର୍ତ୍ତମାନ ୧୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ସେ ହେଉଛନ୍ତି ହାଇକୋର୍ଟର ତୃତୀୟ ମହିଳା ବିଚାରପତି। ☞ପୃଷ୍ଠା-୪

# 'ସ୍ଥିତି ଦେଖି ନିଷ୍ପତ୍ତି ନିଅନ୍ତୁ ସରକାର'

କଟକ ଅଫିସ,୯।୬

କରୋନା ସଂକ୍ରମଣ ଆଶଙ୍କା ଯୋଗୁ ଚଳିତ ବର୍ଷ ରଥଯାତ୍ରା ସ୍ଥଗିତ ରଖିବାକୁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ମଙ୍ଗଳବାର ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା ସତ୍ୟପାଠ ଦାଖଲ କରିଥିଲେ। ରଥଯାତ୍ରା ଆୟୋଜନ ନେଇ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନେଇନାହାନ୍ତି। ଆଗାମୀ ଦିନରେ କରୋନା ଭୂତାଣୁର ସ୍ଥିତିକୁ ଦେଖି ସରକାର ନିଷ୍ପତ୍ତି ନେବେ ବୋଲି ସତ୍ୟପାଠରେ ଦର୍ଶାଯାଇଛି। କୋର୍ଟ ଏହାକୁ ଗ୍ରହଣ କରି କରୋନା ସ୍ଥିତିକୁ ଦେଖି ରଥଯାତ୍ରା ସମ୍ପର୍କରେ ସରକାର ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏହି ମାମଲା କରିଥିବା ବେଳେ ଆଇନଜୀବୀ ସରୋଜ ପାଢ଼ୀ ଯୁକ୍ତି ଉପସ୍ଥାପନ କରିଥିଲେ। ପୂର୍ବରୁ ବହୁଥର ରଥଯାତ୍ରା ବନ୍ଦ ହୋଇଛି। ଗତ ୪୨୫ ବର୍ଷ ଭିତରୁ ରଥଯାତ୍ରା ୩୨ ବର୍ଷ ବନ୍ଦ ରହିଥିଲା। ପୁରୀରେ ବର୍ତ୍ତମାନ ସୁଦ୍ଧା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଉପରେ ରହିଛି। ଲକ୍‌ଡାଉନ୍ କଟକଣା ଅନୁଯାୟୀ ଜୁନ୍ ୩୦ ପର୍ଯ୍ୟନ୍ତ ☞ପୃଷ୍ଠା-୪



- ରଥଯାତ୍ରା ବାତିଲ ପାଇଁ ଜନସ୍ୱାର୍ଥ ମାମଲା
- ଶୁଣାଣି କରି ନିର୍ଦ୍ଦେଶ ଦେଲେ ହାଇକୋର୍ଟ



## ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କରୋନା



**ନୂଆଦିଲ୍ଲୀ, ୯।୬:** ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ତାଙ୍କ ମା ମାଧବୀ ରାଜେ ସିନ୍ଧିଆ କରୋନା ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଦକ୍ଷିଣ ଦିଲ୍ଲୀର ସାକେତସ୍ଥିତ ମାକ୍ସ ହସ୍ପିଟାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ଜ୍ୟୋତିରାଦିତ୍ୟଙ୍କଠାରେ ଗତ ୪ ଦିନ ହେବ ଲକ୍ଷଣ ପ୍ରକାଶ ପାଇଥିଲା। ତେଣୁ ପ୍ରାରମ୍ଭରୁ ତାଙ୍କୁ ହସ୍ପିଟାଲରେ ରଖାଯାଇଥିଲା। ପୂର୍ବରୁ ଭାଜପା ଜାତୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କଠାରେ କରୋନା ଭୂତାଣୁ ଲକ୍ଷଣ ପ୍ରକାଶ ପାଇଥିଲା। ତାଙ୍କୁ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସୋମବାର ସେ ଡିସ୍‌ଚାର୍ଜ ହୋଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଜ୍ୱର, ତଣ୍ଟି ଦରଜ ହେବାରୁ ତାଙ୍କର ମଧ କରୋନା ଟେଷ୍ଟ କରାଯାଇଥିଲା। ହେଲେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି।

**ଆଜିର ସମ୍ପାଦକୀୟ**

**ଏକୁଲର ନା ସେକୁଲର**

# ସଙ୍କଟରେ ଶତାଧିକ କରୋନା ଯୋଦ୍ଧା

ଭୁବନେଶ୍ୱର,୯।୬(ବ୍ୟୁରୋ)

ରାଜ୍ୟରେ କରୋନାକୁ ହଟାଇବା ପାଇଁ ଚାଲିଛି ଲମ୍ବା ଲଢ଼େଇ। ଏହି ଲଢ଼େଇରେ ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି ଡାକ୍ତର, ନର୍ସ, ପୋଲିସ, ଯବାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ। ସବୁକିଛି ଭୁଲି ସେମାନେ ରାଜ୍ୟ ତଥା ରାଜ୍ୟବାସୀଙ୍କୁ କରୋନା ମହାମାରୀରୁ ରକ୍ଷା କରିବା ପାଇଁ ଅହରହ ଲାଗିପଡିଛନ୍ତି। କରୋନା ମୁକାବିଲାରେ ପ୍ରମୁଖ ଭୂମିକା ନେଉଥିବା ଏହି ଯୋଦ୍ଧାମାନଙ୍କୁ ଏବେ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଇତିମଧ୍ୟରେ ଓଡ଼ିଶାର ଶତାଧିକ ଯୋଦ୍ଧା କରୋନାରେ ଆକ୍ରାନ୍ତ ହୋଇଥିବାରୁ ଲଢ଼େଇ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

ମିଳିଥିବା ସଦ୍ୟ ତଥ୍ୟ ଅନୁସାରେ, ଭୁବନେଶ୍ୱର ଏମ୍‌ସର ୪ଜଣ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସର୍ଜରି, ଫାର୍ମାକୋଲୋଜି ଓ ପାଥୋଲୋଜିର ୩ଜଣ ସିନିୟର ରେସିଡେଣ୍ଟ ରହିଛନ୍ତି। ଏମାନେ ଗୋଟିଏ ସ୍ଥାନରେ ଏକତ୍ର ରହୁଥିଲେ। ଅନ୍ୟଜଣେ ଜୁନିୟର ରେସିଡେଣ୍ଟ ଡାକ୍ତର ବୋଲି ଏମ୍‌ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନ୍ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟର ଆଉ ୯ଜଣ ନର୍ସ ମଧ କୋଭିଡ୍-୧୯ ଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

**ଲଢ଼େଇ ପାଇଁ ବଡ଼ ଚ୍ୟାଲେଞ୍ଜ**

- ଭୁବନେଶ୍ୱର ଏମ୍‌ସର ୪ ଡାକ୍ତର, ୯ଜଣ ନର୍ସ ମଧ ସଂକ୍ରମିତ
- ଏନ୍‌ଡିଆର୍‌ଏଫ୍ ୫୦, ଓଡ୍ରାଫ ୧୧, ଜଣେ ଓଏସ୍‌ଏସ୍‌ଏଫ୍ ଯବାନ ଓ ୧୨ ଅଗ୍ନିଶମ କର୍ମଚାରୀ ଆକ୍ରାନ୍ତ

ଅନ୍ୟପଟେ ୧୪୬ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏନ୍‌ଡିଆର୍‌ଏଫ୍‌ର ୫୦ ଓ ଓଡ୍ରାଫ୍‌ର ୧୧ଜଣ ଯବାନ ରହିଛନ୍ତି। ଏମାନେ ବାତ୍ୟା 'ଅମ୍ଫାନ୍' ପୁନରୁଦ୍ଧାର ପାଇଁ ପଶ୍ଚିମବଙ୍ଗ ଯାଇଥିଲେ। ସେଠାରୁ ଫେରିବା ପରେ ସମସ୍ତଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇ ନମୁନା ପରୀକ୍ଷଣ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସେପଟେ ୧୨ଜଣ ଅଗ୍ନିଶମ କର୍ମଚାରୀ ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀଙ୍କୁ କରୋନା ସଂକ୍ରମଣ ନେଇ ଅଗ୍ନିଶମ ଡିଜି ସତ୍ୟଜିତ୍ ମହାନ୍ତି ଟୁଇଟ୍ କରି ସୂଚନା ଦେଇଛନ୍ତି। ଏମାନେ ମଧ 'ଅମ୍ଫାନ୍' ଉଦ୍ଧାର କାର୍ଯ୍ୟ ସାରି ପଶ୍ଚିମବଙ୍ଗରୁ ଫେରିଥିଲେ। ☞ପୃଷ୍ଠା-୪

# ନେତା, ନିବେଶକଙ୍କ ଉପରେ ଗୁପ୍ତଚରଗିରି

ଲଣ୍ଡନ/ୱାଶିଂଟନ,୯।୬

ଭାରତର ଏକ ଅଳ୍ପ ଜଣାଶୁଣା ଆଇଟି ଫାର୍ମ ନିଜ କ୍ଲାଏଣ୍ଟମାନଙ୍କୁ ୧୦,୦୦୦ରୁ ଊର୍ଦ୍ଧ୍ୱ ଇମେଲ୍ ଆକାଉଣ୍ଟ ଉପରେ ୭ ବର୍ଷରୁ ଅଧିକ ସମୟ ଧରି ସାହାଯ୍ୟ କରିବା ପାଇଁ ହ୍ୟାକିଂ ସେବା ପ୍ରଦାନ କରିଥିଲା। ନୂଆଦିଲ୍ଲୀର ବେଲ୍‌ଟ୍ରୋକ୍ସ ଇନ୍‌ଫୋଟେକ୍ ସର୍ଭିସ ନାମକ ଏହି ସଂସ୍ଥା ୟୁରୋପର ସରକାରୀ ଅଧିକାରୀ, ବାହାମାସ୍‌ର ଗାମ୍ବଲିଂ ଟାଇକୁନ୍ସ ଏବଂ ଆମେରିକାର ଜଣାଶୁଣା ନିବେଶକମାନଙ୍କୁ ଟାର୍ଗେଟ କରିଥିଲା। ଘରୋଇ ଇକ୍ୱିଟି ଜାଏଣ୍ଟ କେକେଆର୍ ଏବଂ ଶର୍ଟ ସେଲର୍ ମୁଡି ୱାଟର୍ସ ମଧ ଏହାର ଗୁପ୍ତଚରଗିରିର ଶିକାର ହୋଇଥିବା ତିନିଜଣ ପୂର୍ବତନ କର୍ମଚାରୀ, କ୍ଷେତ୍ର ଗବେଷକଙ୍କ ତଥ୍ୟ ଓ ଏକ ଅନ୍‌ଲାଇନ୍ ପ୍ରମାଣର ଟ୍ରାଏଲ୍‌ରୁ ଜଣାପଡ଼ିଛି।

ବେଲ୍‌ଟ୍ରୋକ୍ସର ହ୍ୟାକରମାନେ କ'ଣ ସବୁକୁନେଇ ଟାର୍ଗେଟ କରିଛନ୍ତି, ସେ ସମ୍ପର୍କରେ ଆମେରିକାର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ତନାଘନା ଚଳାଇଛନ୍ତି। ଏହି ବିଷୟ ସମ୍ପର୍କରେ ଜ୍ଞାନ ଥିବା ୫ ଜଣ ବ୍ୟକ୍ତି ଏନେଇ ସୂଚନା ଦେଇଛନ୍ତି। ଆମେରିକାର ନ୍ୟାୟ ବିଭାଗ ଏହା ଉପରେ ମନ୍ତବ୍ୟ ଦେବାକୁ ମନାକରିଦେଇଛି। ବେଲ୍‌ଟ୍ରୋକ୍ସର କ୍ଲାଏଣ୍ଟମାନଙ୍କ ପରିଚୟ ଜଣାପଡ଼ିନାହିଁ। ବେଲ୍‌ଟ୍ରୋକ୍ସକୁ କିଏ ହାୟର କରିଥିଲା ସେ ନେଇ କିଛି ପ୍ରଘଟ କରିବା ପାଇଁ କମ୍ପାନୀ ମାଲିକ ସୁମିତ୍ ଗୁପ୍ତା ମନାକରିଦେଇଛନ୍ତି। ସେମାନେ କିଛି ଭୁଲ୍ ☞ପୃଷ୍ଠା-୪

- ସାମ୍ନାକୁ ଆସିଲା ସାଇବର ସିକ୍ୟୁରିଟି ଫାର୍ମର କେଲେଙ୍କାରୀ
- ୧୦,୦୦୦ରୁ ଊର୍ଦ୍ଧ୍ୱ ଇମେଲ୍ ଆକାଉଣ୍ଟ ଉପରେ ହ୍ୟାକିଂ ସେବା
- ଆମେରିକାର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ପକ୍ଷରୁ ତନାଘନା



ବେଲ୍‌ଟ୍ରୋକ୍ସ ଇନ୍‌ଫୋଟେକ୍ ସର୍ଭିସ ମାଲିକ ସୁମିତ୍ ଗୁପ୍ତା






ପୂର୍ବ ଲଦାଖ ଅଞ୍ଚଳରେ ଚାଇନା ସେନାର ଅନୁପ୍ରବେଶ ପରେ ଗତ କିଛିଦିନ ହେବ ସୀମାରେ ଦେଖାଦେଇଥିବା ଉତ୍ତେଜନା ଥମିଛି। ସେନା ଅଧିକାରସ୍ତରୀୟ ଆଲୋଚନା ପରେ ମଙ୍ଗଳବାର ଚାଇନା ତା'ର ସେନାକୁ ପଛକୁ ଫେରାଇ ନେଇଛି। ପ୍ରାୟ ଅଢେଇ କି.ମି ପର୍ଯ୍ୟନ୍ତ ଚାଇନା ସେନା ହଟିଥିବା ବେଳେ ଭାରତ ପକ୍ଷରୁ ମଧ୍ୟ ସେନା କାର୍ଯ୍ୟାନୁଷ୍ଠାନ କମାଯାଇଛି। ସମସ୍ୟାର ସମାଧାନ ଲାଗି ଆଲୋଚନା ଜାରି ରହିବ ବୋଲି ଜଣାପଡ଼ିଛି।





ରୋମରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲକ୍‌ଡାଉନ୍ କରାଯାଇଥିବାରୁ ସରକାରୀ ସହାୟତା ଦାବିରେ ପାନ୍ଥେଓନ ସାମ୍ନାରେ ଟୁରିଷ୍ଟ ଗାଇଡ୍‌ମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଦାଦନଙ୍କ ଉପରୁ ମାମଲା ହଟାଅ

**ସୁପ୍ରିମକୋର୍ଟ ନିର୍ଦ୍ଦେଶ**

- କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ପ୍ରବାସୀଙ୍କୁ ୧୫ ଦିନ ଭିତରେ ଘରକୁ ପଠାଇବେ
- ରାଜ୍ୟ ପକ୍ଷରୁ ଅନୁରୋଧ କରାଯିବାର ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ର/ରେଲୱେ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଯୋଗାଇଦେବେ
- ପୋଲିସ ସେମାନଙ୍କ ସହ ମାନବୀୟ ବ୍ୟବହାର କରୁ
- ସହରକୁ ଫେରିବାକୁ ଚାହୁଁଥିବା ଶ୍ରମିକଙ୍କ ତାଲିକା ପ୍ରସ୍ତୁତ କରି କାଉନ୍‌ସେଲିଂ କରାଯାଉ



ନୂଆଦିଲ୍ଲୀ,୯।୬

ଦାଦନ ଶ୍ରମିକଙ୍କ ବିରୋଧରେ ଲକ୍‌ଡାଉନ୍ ଉଲ୍ଲଂଘନ ଅଭିଯୋଗରେ ଦାଏର ହୋଇଥିବା ମାମଲାଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପ୍ରତ୍ୟାହାର କରନ୍ତୁ। ପୋଲିସ ସେମାନଙ୍କ ସହ ମାନବୀୟ ବ୍ୟବହାର କରୁ। ପ୍ରବାସୀମାନଙ୍କୁ ୧୫ ଦିନ ମଧ୍ୟରେ ସେମାନଙ୍କ ଘରେ ପହଞ୍ଚାଇବା ବ୍ୟବସ୍ଥା କରନ୍ତୁ। ଦାଦନ ଶ୍ରମିକଙ୍କ ସମସ୍ୟା ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିବା ସହ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ବଡ଼ ବଡ଼ ସହରରେ ଥିବା ଶ୍ରମିକମାନେ ଜୀବିକା ହରାଇ ଗାଁମୁହାଁ ହୋଇଛନ୍ତି। ଅତି ଦୟନୀୟ ଅବସ୍ଥାରେ ସେମାନେ ଗାଁକୁ ଯାଉଥିବାବେଳେ ଦୁର୍ଦ୍ଦଶା ଭୋଗୁଥିବା ଦେଖି ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଜଷ୍ଟିସ୍ ଅଶୋକ ଭୂଷଣ, ଏମ୍.ଆର୍. ଶାହା ଏବଂ ଏସ୍.କେ. କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଦାଦନଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପ୍ରସଙ୍ଗରେ ଶୁଣାଣି କରି କହିଛନ୍ତି, ଦେଶରେ ଲକ୍‌ଡାଉନ୍ ଜାରି ହେବା ପରେ ନିଜ ଘରକୁ ଫେରିବା ପାଇଁ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରବାସୀ ଶ୍ରମିକମାନଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁସାରେ ରୁଜୁ କରାଯାଇଥିବା ସମସ୍ତ ମାମଲାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପ୍ରତ୍ୟାହାର କରନ୍ତୁ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଦାଦନଙ୍କ ପ୍ରତି ମାନବୀୟ ବ୍ୟବହାର କରିବେ। ଯେଉଁ ଶ୍ରମିକମାନେ କର୍ମସ୍ଥଳରେ ଜୀବିକା ହରାଇ ଘରକୁ ଫେରିବାକୁ ଚାହୁଁଛନ୍ତି ସେମାନଙ୍କୁ ଚିହ୍ନଟ ପରେ ନାମ ପଞ୍ଜୀକରଣ କରାନ୍ତୁ। ଗାଁକୁ ଫେରି ନ ଥିବା ଅବଶିଷ୍ଟ ଶ୍ରମିକଙ୍କୁ ମଙ୍ଗଳବାରଠାରୁ ୧୫ ଦିନ ମଧ୍ୟରେ ସେମାନଙ୍କ ଘରେ ପହଞ୍ଚାଇବା ବ୍ୟବସ୍ଥା କରନ୍ତୁ। କେନ୍ଦ୍ର ସରକାର/ରେଲୱେ ଅନୁରୋଧ କରାଯିବାର ୨୪ ଘଣ୍ଟା ମଧ୍ୟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଯୋଗାଇଦେବେ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଶ୍ରମିକମାନେ ସହରକୁ ଫେରି ନିଜ କାମରେ ଯୋଗଦେବାକୁ ଚାହୁଁଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରମାନେ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ। କାର୍ଯ୍ୟରେ ପୁନଃ ଯୋଗଦାନ ପୂର୍ବରୁ ସେମାନଙ୍କୁ ଉପଯୁକ୍ତ କାଉନ୍‌ସେଲିଂ କରାଇବେ। ଏଥିସହିତ ପ୍ରବାସୀମାନଙ୍କ ଦକ୍ଷତା ଯାଞ୍ଚ ପରେ ସେମାନଙ୍କୁ ପୁନଃ ଥଇଥାନ କରିବା ଲାଗି ନିଯୁକ୍ତି ଯୋଜନା ପ୍ରଣୟନ କରିବେ। ଶ୍ରମିକଙ୍କ ମଙ୍ଗଳ ଓ ନିଯୁକ୍ତି ସମ୍ପର୍କିତ ଯୋଜନାଗୁଡ଼ିକ ନେଇ ପର୍ଯ୍ୟାପ୍ତ ଭାବେ ଗଣମାଧ୍ୟମରେ ପ୍ରକାଶିତ କରି ସେମାନଙ୍କୁ ଅବଗତ କରାଇବା ପାଇଁ ମଧ୍ୟ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ସେହିପରି ବିଭିନ୍ନ ଯୋଜନାର ସୁଫଳ ଦାଦନ ଶ୍ରମିକଙ୍କ ପାଖରେ ଯେପରି ପହଞ୍ଚିପାରିବ ତାହା ମଧ୍ୟ ସରକାର ସୁନିଶ୍ଚିତ କରିବେ। ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ଜୁଲାଇରେ ହେବ।

# ଶାହା-ମମତା ବାକ୍‌ଯୁଦ୍ଧ



- ରାଜନୈତିକ ହିଂସା ଛାଡ଼ଃ କେନ୍ଦ୍ରମନ୍ତ୍ରୀ
- ଭାରତକୁ ବିପଦକୁ ଠେଲ ନାହିଁଃ ମମତା



କୋଲକାତା, ୯।୬

ପଶ୍ଚିମବଙ୍ଗରେ ରାଜନୈତିକ ହିଂସାକାଣ୍ଡକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଶାହା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଭାଜପା ଲୋକଙ୍କ ମନରୁ ଭୟ ଦୂରକରିବା ଲାଗି ପ୍ରଭାବ ବିସ୍ତାର କରିବାକୁ ଚାହୁଁଛି। ଏଠାରେ ପ୍ରତିହିଂସାମୂଳକ ରାଜନୀତି ଦେଖିବାକୁ ମିଳୁଛି। ଭାଜପାର ଭର୍ଚୁଆଲ ଜନ ସମ୍ବାଦ ରାଲିରେ ଶାହା କହିଛନ୍ତି, ପଶ୍ଚିମବଙ୍ଗରେ ଗରିବଙ୍କ ଲାଗି ଉଦ୍ଦିଷ୍ଟ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। ଏଠାକାର ସରକାର ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଲୋକମାନଙ୍କୁ ରାଜନୈତିକ ଶରଣାର୍ଥୀ ଭାବେ ଦେଖିବାକୁ ଚାହୁଁଛି। ମୋଦି ସରକାର ଦେଶ ଲାଗି ବଡ଼ ବଡ଼ ପଦକ୍ଷେପ ଗ୍ରହଣ କରୁଛନ୍ତି। ଦେଶର ସୁରକ୍ଷା ଓ ଲୋକଙ୍କ ହିତ ଲାଗି ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଏଠାକାର ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଇ ଚାଲିଛନ୍ତି। ପ୍ରବାସୀ ଶ୍ରମିକଙ୍କ ଉଦ୍ଧାର ଲାଗି ସେମାନଙ୍କୁ ଶ୍ରମିକ ସ୍ପେଶାଲ ଟ୍ରେନରେ ଅଣାଯାଇଥିବା ବେଳେ ମମତା ସେମାନଙ୍କୁ ଅପମାନିତ କରିଛନ୍ତି, ସେଇମାନେ ହିଁ ତାଙ୍କୁ ବାହାରିଯିବାର ରାସ୍ତା ଦେଖାଇବେ ବୋଲି ଶାହା କହିଛନ୍ତି।

ଅପରପକ୍ଷରେ ମମତା ଏହାର ଜବାବରେ ଶାହାଙ୍କୁ ସମାଲୋଚନା କରି ଭାରତକୁ ବିପଦରେ ପକାଇଥିବା କହିଛନ୍ତି। ଭାଜପା ସମର୍ଥକ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ବେଳେ ଆମେ ଏହାକୁ ପୁନଃ ଅବସ୍ଥାପିତ କରିଛୁ। ଲୋକଙ୍କମାନଙ୍କ ବିକାଶକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଶାନ୍ତି ଓ ସୌହାର୍ଦ୍ଦ୍ୟ ମଧ୍ୟରେ ସମସ୍ତଙ୍କ ରହିବାର ଅଧିକାର ଅଛି। ରାଜନୀତି ନାଁରେ ଲୋକଙ୍କ ଅସୁବିଧାକୁ ଅଣଦେଖା କରାଯାଇ ପାରିବନାହିଁ କି ଦେଶକୁ ବିପଦ ମୁହଁକୁ ଠେଲାଯାଇପାରିବ ନାହିଁ ବୋଲି ମମତା ଟୁଇଟ୍ କରି ଜଣାଇଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ମଧ୍ୟ ଶାହା-ମମତାଙ୍କ ରାଜନୈତିକ ବାକ୍‌ଯୁଦ୍ଧ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଗତ ନିର୍ବାଚନରେ ପଶ୍ଚିମବଙ୍ଗରେ ଭାଜପା ଶକ୍ତିବୃଦ୍ଧି କରିଥିବା ବେଳେ ଟିଏମ୍‌ସି ସରକାରକୁ ଶାହାଙ୍କ ସମାଲୋଚନା ଜାରି ରହିଛି।

# ୫୦ ଜିଲାକୁ ପଠାଗଲା କେନ୍ଦ୍ରୀୟ ଟିମ୍

**କରୋନା ମୁକାବିଲା**



ନୂଆଦିଲ୍ଲୀ, ୯।୬

ମହାମାରୀ କରୋନା କାୟାବିସ୍ତାର କରିଚାଲିଛି। ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳରେ ଏହାର ମୁକାବିଲା କରିବା ଲାଗି ମଙ୍ଗଳବାର ୧୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ ଜିଲାକୁ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ପଠାଯାଇଛି। ଏହି ଟିମ୍ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବ। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦୁଇମାସ ଧରି ଏହି ଟିମ କଣ୍ଟେନମେଣ୍ଟ ଜୋନ୍‌ରେ ବିଭିନ୍ନ ପରୀକ୍ଷା କରିବା ସହ ସ୍ଥାନୀୟ ପ୍ରଶାସନର ସହଯୋଗ କ୍ରମେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ମହାରାଷ୍ଟ୍ରର ୭, ତେଲଙ୍ଗାନାର ୪, ତାମିଲନାଡୁର ୭, ରାଜସ୍ଥାନର ୫, ଆସାମର ୬, ହରିୟାଣାର ୪, ଗୁଜରାଟର ୩, କର୍ଣ୍ଣାଟକର ୪, ଉତ୍ତରାଖଣ୍ଡର ୩, ମଧ୍ୟପ୍ରଦେଶର ୫, ପଶ୍ଚିମବଙ୍ଗର ୩, ଦିଲ୍ଲୀର ୩, ବିହାରର ୪, ଉତ୍ତରପ୍ରଦେଶର ୪ ଓ ଓଡ଼ିଶାର ୫ ଜିଲା ଏଥିରେ ରହିଛି। କେନ୍ଦ୍ରୀୟ ଟିମ୍ ଟେକ୍ନିକାଲ ସପୋର୍ଟ ଯୋଗାଇବା ସହ ପରିଚାଳନା କ୍ଷେତ୍ରରେ ସହଯୋଗ କରିବ। ପ୍ରକାଶଥାଉ କି, ଦେଶରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨.୬୭ ଲକ୍ଷ ଛୁଇଁଥିବା ବେଳେ ମୃତ୍ୟୁସଂଖ୍ୟା ୭,୪୬୬କୁ ବୃଦ୍ଧିପାଇଛି।

# ୩ ପିଲାଙ୍କ ସହ ମହିଳା ଜଳିଗଲେ

ଗିରିଡ଼ିହ, ୯।୬: ଝାଡ଼ଖଣ୍ଡର ଗିରିଡ଼ିହ ଅନ୍ତର୍ଗତ ପୁରରେଖ କଳା ଗ୍ରାମରେ ଜଣେ ମହିଳାଙ୍କ ସହ ୩ ପିଲା ପୋଡ଼ିହୋଇ ପ୍ରାଣ ହରାଇଛନ୍ତି। ଏସ୍‌ଡିପିଓ ନବୀନ କୁମାର ସିଂ ଏହି ସୂଚନା ଦେବା ପରେ ମୃତକଙ୍କ ମର ଶରୀର ପୋଷ୍ଟ ମର୍ଟମ ଲାଗି ପଠାଯାଇଛି। ଘରୋଇ କଳିକୁ ନେଇ ରବୀନ୍ଦ୍ର ଯାଦବଙ୍କ ସ୍ତ୍ରୀ ସୋନିଆ ଦେବୀ (୩୫) ଘର ବନ୍ଦକରି ନିଆଁ ଲଗାଇବା ସହ ପୁଅ ଦିଲ୍ଲୀପ(୮), ଝିଅ ସୋନମ୍(୫) ଓ ୨ ବର୍ଷର ପୁଅ ଛୋଟୁ ସହ ପୋଡ଼ିହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ପଡ଼ୋଶୀମାନେ ଧୂଆଁ ବାହାରିବା ପରେ ପୋଲିସକୁ ଖବର ଦେବା ସହ ତାଲା ଖୋଲି ସୋନିଆ ଓ ପିଲାଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ପିଲାମାନେ ମରିପଡ଼ିଥିବା ବେଳେ ଗୁରୁତର ଅବସ୍ଥାରେ ସୋନିଆଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ବାଟରେ ସେ ପ୍ରାଣ ହରାଇଥିଲେ। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଥିବା ବେଳେ ସୋନିଆଙ୍କ ପରିବାର ପକ୍ଷରୁ ଶଶୁର ଘର ଲୋକମାନେ ଏଭଳି ପୋଡ଼ି ମାରିଥିବା ଅଭିଯୋଗ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଗାଡ଼ି କାଗଜପତ୍ର ସେପ୍ଟେମ୍ବର ୩୦ ଯାଏ ବୈଧ

- ଦ୍ୱିତୀୟ ଥର ଅବଧି ବଢ଼ାଇଲେ କେନ୍ଦ୍ର ସରକାର
- ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆଡ୍‌ଭାଇଜରି

ନୂଆଦିଲ୍ଲୀ,୯।୬

ଦେଶରେ କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ଯାନବାହନ ଦସ୍ତାବିଜ ବୈଧତା ତାରିଖକୁ କେନ୍ଦ୍ର ସରକାର ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ଯାଏ ବୃଦ୍ଧି କରିଛନ୍ତି। ଏହାସହ ଆବଶ୍ୟକ ଥିବା ପରମିଟ ବା ଫିଜ୍ କିମ୍ବା ରିନୁଆଲ୍ ପାଇଁ ଟ୍ୟାକ୍ସ ତଥା ପରମିଟ ଲାଗି ଜରିମାନାରେ କୋହଳ କରିବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଗଡ଼କରୀ କହିଛନ୍ତି, କରୋନା ଭାଇରସ୍ ସଂକ୍ରମଣ ଦୃଷ୍ଟିରୁ ଗାଡ଼ି କାଗଜପତ୍ର ବୈଧତା ତାରିଖ ୨୦୨୦ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ସମ୍ପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଲକ୍‌ଡାଉନ୍ ଯୋଗୁ ଯେଉଁ ଗାଡ଼ିଗୁଡ଼ିକର ଫିଟ୍‌ନେସ୍, ସମସ୍ତ ପ୍ରକାର ପରମିଟ, ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେଶନ କିମ୍ବା ଅନ୍ୟ କୌଣସି ପ୍ରକାର କାଗଜପତ୍ରର ବୈଧତା ବୃଦ୍ଧି କରିହେଉ ନାହିଁ, ସେଗୁଡ଼ିକୁ ମାର୍ଚ୍ଚ ୩୦ରେ ସରକାର ବଢ଼ାଇଥିଲେ। ଫେବୃୟାରୀ ୩୧ରେ ଅବଧି ଶେଷ ହୋଇଥିବା କାଗଜପତ୍ର ସମ୍ପର୍କରେ ଜୁନ୍ ୩୦ ପର୍ଯ୍ୟନ୍ତ ଚଳାଇନେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପରେ କରୋନା ସଂକ୍ରମଣ ଲାଗି ରହିଥିବାରୁ ଏହି ଅବଧି ବୃଦ୍ଧି ପାଇଁ ବିଭିନ୍ନ ମହଲରୁ ଅନୁରୋଧ ଆସିଥିଲା। ଏବେ ଏଥିରେ ଦ୍ୱିତୀୟଥର ବୃଦ୍ଧି କରାଯାଇଛି। ଦସ୍ତାବିଜଗୁଡ଼ିକର ବୈଧୀକରଣ ପାଇଁ କୌଣସି ଅତିରିକ୍ତ ଅର୍ଥ କିମ୍ବା ଲେଟ୍ ଫାଇନ ଦେବାକୁ ପଡ଼ିବ ନାହିଁ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।


ନୀତିନ ଗଡ଼କରୀ


ଲକ୍‌ଡାଉନ୍ କୋହଳ ହେବା ପରେ ଲକ୍ଷ୍ନୌ ଜୁ'ରେ ଜଣେ ଯୁବତୀ ଏକ ମୟୂରକୁ ଡାକୁଛନ୍ତି।

# କେଜ୍‌ରିୱାଲଙ୍କ ରିପୋର୍ଟ ନେଗେଟିଭ୍

ନୂଆଦିଲ୍ଲୀ, ୯।୬: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କର ମଙ୍ଗଳବାର କୋଭିଡ୍-୧୯ ଟେଷ୍ଟ କରାଯାଇଥିଲା। ହେଲେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଗତ ରବିବାର ଅପରାହ୍ଣଠାରୁ ସେ ଜ୍ୱର ଓ ତଣ୍ଟିବ୍ୟଥାରେ ପୀଡ଼ିତ ଥିଲେ।



କାହାସହ ମିଳାମିଶା କରୁ ନ ଥିଲେ। ନିଜ ଘରେ ସେ ସେଲ୍ଫ ଆଇସୋଲେଶନରେ ରହିଥିଲେ। ଏବେ ସେ ସାମନ୍ୟ ସୁସ୍ଥ ଅନୁଭବ କରୁଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ଦିଲ୍ଲୀରେ ଏବେ କରୋନା ରୋଗୀଙ୍କ ସଂଖ୍ୟା ୩୦ ହଜାର ଛୁଇଁଥିବା ବେଳେ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ଜୁଲାଇ ସୁଦ୍ଧା ଦିଲ୍ଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ଟପିବ ବୋଲି ଭିବିଷ୍ୟବାଣୀ କରିଛନ୍ତି।

# ଦଶମ ଶ୍ରେଣୀରେ ସମସ୍ତେ ପାସ୍

**ତାମିଲନାଡୁରେ ବୋର୍ଡ ପରୀକ୍ଷା ବାତିଲ**

ଚେନ୍ନାଇ, ୯।୬: ତାମିଲନାଡୁରେ ଦଶମ ବୋର୍ଡ ପରୀକ୍ଷାକୁ ମଙ୍ଗଳବାର ବାତିଲ କରାଯାଇଛି। ଜୁନ୍ ୧୫ରୁ ଏହି ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ମୁଖ୍ୟମନ୍ତ୍ରୀ ଇ. କେ. ପାଲାନିସାମି ମହାମାରୀ କରୋନା ଯୋଗୁ ବୋର୍ଡ ପରୀକ୍ଷା ବାତିଲ ସହ ସମସ୍ତ ଛାତ୍ରୀଛାତ୍ର ପାସ୍ ହେବେ ବୋଲି ଘୋଷଣା କରିଛନ୍ତି। ଏଥିସହ ବାକିଥିବା ଦ୍ୱାଦଶ ଶ୍ରେଣୀର କେତେକ ପରୀକ୍ଷାକୁ ମଧ୍ୟ କରୋନା ଲାଗି ବାତିଲ କରିଦିଆଯାଇଛି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାର୍କ ବାର୍ଷିକ ପରୀକ୍ଷା ପୂର୍ବରୁ ହୋଇଥିବା ପରୀକ୍ଷା ଓ ଉପସ୍ଥାନ ଆଧାରରେ ଗଣନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ପୂର୍ବରୁ ହାଇକୋର୍ଟ ଓ ବିରୋଧୀ ଦଳ ପକ୍ଷରୁ ପିଲାଙ୍କ ପରୀକ୍ଷା ବାତିଲକୁ ନେଇ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ଜୁନ୍ ୧୧ ପର୍ଯ୍ୟନ୍ତ ହାଇକୋର୍ଟ ସରକାରଙ୍କୁ ସମୟ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତେଲଙ୍ଗାନାରେ ସୋମବାର ସବୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାସ୍ ଘୋଷଣା କରାଯାଇଥିଲା।

## ଚଳିତବର୍ଷ କମିବ ସ୍କୁଲ ସିଲାବସ୍

ନୂଆଦିଲ୍ଲୀ, ୯।୬: ମହାମାରୀ କରୋନାର ପ୍ରାଦୁର୍ଭାବ ଯୋଗୁ ଚଳିତବର୍ଷ ସ୍କୁଲ ପାଠ୍ୟକ୍ରମ (ସିଲାବସ୍)କୁ କମାଯିବା ଲାଗି ସରକାର ଚିନ୍ତା କରିଛନ୍ତି। ମାନବ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସୂଚନା ଦିଆଯାଇଛି। କରୋନା ଯୋଗୁ ବିଭିନ୍ନ ସ୍କୁଲ, କଲେଜ ବନ୍ଦ ରହିବା, ପରୀକ୍ଷା ବାତିଲ ହେବା କାରଣରୁ ଅଭିଭାବକମାନେ ଚିନ୍ତିତ ଅଛନ୍ତି। ଏଥିସହ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦିହାନ ହୋଇପଡ଼ିଛନ୍ତି। ସ୍କୁଲ ବନ୍ଦ ଥିବାରୁ ଅନ୍‌ଲାଇନ୍ ପାଠପଢ଼ା ସେଭଳି ଉପଯୋଗୀ ନୁହେଁ। ତେଣୁ ଅଭିଭାବକ ଓ ଶିକ୍ଷକମାନେ ଏନେଇ ସେମାନଙ୍କ ମତ ରଖିବା ଆରମ୍ଭ କରିଛନ୍ତି। ଏହାକୁ ଆଧାର କରି ସ୍କୁଲ ପାଠ୍ୟକ୍ରମ କମାଯିବା ଲାଗି ବିଚାର କରାଯାଇଥିବା ବିଭାଗୀୟ ମନ୍ତ୍ରୀ ରମେଶ ପୋଖରିୟାଲ କହିଛନ୍ତି। ଅନ୍‌ଲାଇନ୍ ପାଠପଢ଼ା ଯୋଗୁ ପିଲାମାନଙ୍କ ଉପରେ ୱାର୍କଲୋଡ୍ ପଡୁଛି। ସ୍କୁଲ ଖୋଲିବା ପରେ ଅଧିକ ପାଠପଢ଼ା ଓ ପରୀକ୍ଷା ଚିନ୍ତା ସେମାନଙ୍କ ମୁଣ୍ଡରେ ରହିବ। ଏଥିସହ ସାମାଜିକ ଦୂରତ୍ୱ ରକ୍ଷାକରି ପିଲାଙ୍କୁ ଦୈନିକ ପାଠ ପଢ଼ାଯିବା କଷ୍ଟସାଧ୍ୟ ବ୍ୟାପାର। ଏହାକୁ ହାଲ୍‌କା କରିବା ଲାଗି ମନ୍ତ୍ରଣାଳୟ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପୋଖରିୟାଲ ପ୍ରକାଶ କରିଛନ୍ତି। ସୋମବାର ଗଣଶିକ୍ଷା ସଚିବ ଅନୀତା କରୱାଲଙ୍କ ଅଧକ୍ଷତାରେ ଏନେଇ ଏକ ବୈଠକ ବସିଥିଲା। ପ୍ରତିଦିନ ୩ ଘଣ୍ଟା ଅନ୍‌ଲାଇନ୍ କ୍ଲାସ କରିବା ଓ ସ୍କୁଲ ଖୋଲିଲେ ସାମାଜିକ ଦୂରତ୍ୱ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଉତ୍ତର କୋରିଆରେ ଭୟଙ୍କର ଖାଦ୍ୟ ସଙ୍କଟ

**ଜାତିସଂଘ ମାନବାଧିକାର ବିଶେଷଜ୍ଞଙ୍କ ମତ**


ଥୋମାସ୍ ଓଜେଆ କ୍ୱିଣ୍ଟାନା

ଜେନିଭା, ୯।୬

ଉତ୍ତର କୋରିଆରେ ଭୟଙ୍କର ଖାଦ୍ୟ ସଙ୍କଟ ଦେଖିବାକୁ ମିଳିଛି। ଦେଶର ୪୦% ଅର୍ଥାତ୍ ୧୦ ନିୟୁତ ଲୋକ ଠିକ୍ ଭାବେ ଖାଇବାକୁ ପାଉନାହାନ୍ତି ବୋଲି ଜାତିସଂଘ ମାନବାଧିକାର ବିଶେଷଜ୍ଞ ଥୋମାସ୍ ଓଜେଆ କ୍ୱିଣ୍ଟାନା ମଙ୍ଗଳବାର ପ୍ରକାଶ କରିଛନ୍ତି। ସେଠାରେ ଖାଦ୍ୟ ସଙ୍କଟ ଦେଖାଦେଇଥିବା ବେଳେ ଜାତିସଂଘ ସୁରକ୍ଷା ପରିଷଦ ଏନେଇ ସହଯୋଗ କରିବାକୁ ସେ ଦାବି କରିଛନ୍ତି। ଅନେକ ଲୋକ ଠିକ୍‌ଭାବେ ଦୁଇଓଳି ଖାଇବାକୁ ପାଉନାହାନ୍ତି। ପୁଷ୍ଟିକର ଖାଦ୍ୟ ସଙ୍କଟରୁ ସେମାନେ ବିଭିନ୍ନ ରୋଗରେ ପଡ଼ିବାର ଆଶଙ୍କା ରହିଛି। ଅନେକେ ଅନାହାରରେ ଜୀବନ ବିତାଉଛନ୍ତି। କରୋନା ମହାମାରୀ ତାଣ୍ଡବ ରଚୁଥିବା ବେଳେ ଚାଇନା ସୀମା ବନ୍ଦ ରହିଥିବାରୁ ସେମାନଙ୍କ ପାଖରେ ଅନ୍ୟ ଉପାୟ କିଛି ନାହିଁ। କରୋନା ଲାଗି ଅନେକ ଲୋକ ବାସହୀନ ହୋଇପଡ଼ିଛନ୍ତି। ଔଷଧ ଦର ମଧ୍ୟ ଆକାଶଛୁଆଁ ହୋଇପଡ଼ିଛି। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମୁଖପାତ୍ର ଏଲିଜାବେଥ ବାୟର୍ସ କହିଛନ୍ତି, ଏବେ ସେଠାରେ ପରିସ୍ଥିତି ସଙ୍କଟଜନକ ଥିବାରୁ ମାନବୀୟ ସହାୟତାର ଆବଶ୍ୟକତା ରହିଛି।




ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୯ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଓ ଜନସାଧାରଣ ।

# ୪୮ ଘଣ୍ଟାରେ ଓଡ଼ିଶାରେ ମୌସୁମୀ

ଭୁବନେଶ୍ୱର,୯।୬(ବ୍ୟୁରୋ)

- ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- ଉପକୂଳରେ କମ୍ ବର୍ଷିବ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପାଇଁ ପାଗ ଅନୁକୂଳ କରିଛି। ମୌସୁମୀ ମହାରାଷ୍ଟ୍ର, କର୍ନାଟକ ଏବଂ ତେଲଙ୍ଗାନାର କିଛି ଅଂଶ ଏବଂ ଆନ୍ଧ୍ର ଉପକୂଳକୁ ପ୍ରବେଶ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତର ପୂର୍ବ ରାଜ୍ୟ ସିକିମ୍, ଓଡ଼ିଶାର କିଛି ଅଞ୍ଚଳ ଓ ପଶ୍ଚିମବଙ୍ଗର ଗାଙ୍ଗେୟ ସମତଳ ଅଞ୍ଚଳରେ ପ୍ରବେଶ କରିବ। ଦକ୍ଷିଣ ଓଡ଼ିଶା ଦେଇ ମୌସୁମୀ ରାଜ୍ୟକୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟରେ ୩ ଦିନ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ ଏବଂ ଗଞ୍ଜାମ ଜିଲାର କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କିମି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାଛଡ଼ା ଗଞ୍ଜାମ, ଗଜପତି, କୋରାପୁଟ ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୦ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୧୧ ତାରିଖରେ କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଓଡ଼ିଶା ଉପକୂଳ ଅଶାନ୍ତ ରହିବ। ଘଣ୍ଟାକୁ ୪୦ରୁ ୫୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୧୦ରୁ ୧୨ ତାରିଖ ଯାଏ ମାଛ ଧରିବା ଲାଗି ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଯେଉଁମାନେ ଗଭୀର ସମୁଦ୍ରରେ ଅଛନ୍ତି ସେମାନେ ୯ ତାରିଖ ସୁଦ୍ଧା ଫେରି ଆସିବା ପାଇଁ କୁହାଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜିଲାପାଳମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପ ସୃଷ୍ଟି ହୋଇଥିଲେ ମଧ୍ୟ ରାଜ୍ୟକୁ ସେତେ ଭଲ ବର୍ଷା ମିଳିବ ନାହିଁ। ଲଘୁଚାପ ସୃଷ୍ଟି ହୋଇଥିବା ଅଞ୍ଚଳରେ ଚାପ କମୁ ନାହିଁ କିମ୍ବା ପବନର ବେଗ ବଢୁ ନାହିଁ। ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସାମାନ୍ୟ ଅଧିକ ହେଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ବିଦ୍ୟୁତ୍ ନେଲା ବାପ-ପୁଅଙ୍କ ଜୀବନ

**ବାଲିଆପାଳ, ୯।୬(ସ୍ୱ.ପ୍ର):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ଆରୁଆଦାମ ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାପ-ପୁଅଙ୍କ ମୃତ୍ୟୁ ଘଟିଛି। ଗ୍ରାମର କାଶୀନାଥ ରାଉତ (୫୧) ଓ ପୁଅ ରାମକୃଷ୍ଣ (୨୫) ଦୁଇଜଣ ନିଜ ପାନବରଜକୁ ପାଣି ମଡ଼ାଇବାକୁ ଯାଇଥିଲେ। ବରଜ ପାଖରେ ପହଞ୍ଚି ପାଣି ମଡ଼ାଇବା ପାଇଁ ଇଲେକ୍ଟ୍ରିକ୍ ପମ୍ପରେ ରାମକୃଷ୍ଣ ତାର ସଂଯୋଗ କରୁଥିଲେ। ଏହି ସମୟରେ ଅଚାନକ ତାରରେ ବିଦ୍ୟୁତ୍ ପ୍ରବାହ ଯୋଗୁ ରାମକୃଷ୍ଣଙ୍କୁ ଆଘାତ ଲାଗିଥିଲା। ଫଳରେ ସେ ସେଠାରେ ପଡ଼ି ଛଟପଟ ହେଉଥିବା ଦେଖି ବାପା କାଶୀନାଥ ପୁଅକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ବହୁ ବିଳମ୍ବରେ ଗ୍ରାମବାସୀ ଏମାନଙ୍କୁ ଦେଖି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଲୁଣା ନଦୀରେ ବୁଡ଼ି ୨ ସାଙ୍ଗ ମୃତ

ନିଶ୍ଚିନ୍ତକୋଇଲି,୯।୬(ସ୍ୱ.ପ୍ର.)

- ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଗଲେ
- ବଞ୍ଚେଇବାକୁ ଯାଇ ୨ ଗୁରୁତର

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳାଘାଟ ନିକଟ ଲୁଣା ନଦୀରେ ବୁଡ଼ି ୨ ସାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦୁଲୁପୁର ଗ୍ରାମର ଶୁକଦେବ ସାମଲଙ୍କ ପୁଅ ଲିଟୁ(୨୧) ଓ ନବକିଶୋର ପାଲଙ୍କ ପୁଅ ଜିତେନ୍ଦ୍ର(୨୨)। ସେହିପରି ଗୁରୁତର ଦ୍ୱୟ ହେଲେ ଉକ୍ତ ଗ୍ରାମର ବିଦ୍ୟାଧର ନାୟକଙ୍କ ପୁଅ ହୃଷୀକେଶ ଓ ବନବିହାରୀ ବିଶ୍ୱାଳଙ୍କ ପୁଅ ଚନ୍ଦ୍ରକାନ୍ତ। ୪ ସାଙ୍ଗ ପୂର୍ବାହ୍ନରେ ଲୁଣା ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଲିଟୁ ଓ ଜିତେନ୍ଦ୍ରଙ୍କ ଗୋଡ଼ ଖସିଯିବାରୁ ପାଣି ଭିତରକୁ ଚାଲିଯାଇଥିଲେ। ସେମାନଙ୍କୁ ବଞ୍ଚାଇବାକୁ ଯାଇ ହୃଷୀକେଶ ଓ ଚନ୍ଦ୍ରକାନ୍ତ ମଧ୍ୟ ନଦୀରେ ବୁଡ଼ିଯାଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ପହଞ୍ଚି ୪ ସାଙ୍ଗଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲିଟୁ ଓ ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁ ହୋଇଛି।

## ମହାମାରୀ ପରିଚାଳନା ସମ୍ବନ୍ଧିତ ଦସ୍ତାବିଜ ପ୍ରସ୍ତୁତ କରିବେ ସରକାର

**ଭୁବନେଶ୍ୱର,୯।୬(ବ୍ୟୁରୋ):** କରୋନା ପରିଚାଳନା ସମ୍ବନ୍ଧିତ ଦସ୍ତାବିଜ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସମୀକ୍ଷା କରିବା ପରେ ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ତ୍ରିପାଠୀ କହିଛନ୍ତି, କରୋନା ମନାବ ଇତିହାସର ଏକ ସଙ୍କଟ। ଏହାର ପ୍ରକୃତି ଏବଂ ଗତି ମଧ୍ୟ ବହୁଧା ବିବର୍ତ୍ତନଶୀଳ। ଏହାର ମୁକାବିଲା ଓ ପରିଚାଳନା ସମ୍ବନ୍ଧିତ ଦସ୍ତାବିଜ ଆସନ୍ତା ଦିନରେ ଭାରତରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦୃଢ଼ିଭୂତ କରିବ। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ ସିଂ ଦସ୍ତାବିଜ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା ଲାଗି ତଥ୍ୟ ଉପସ୍ଥାପନ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନସଚିବ ପ୍ରଦୀପ କୁମାର ଜେନା ଦସ୍ତାବିଜ ପ୍ରସ୍ତୁତି ସମ୍ପର୍କରେ ସାଙ୍କେତିକ ଟେମ୍ପଲେଟ ଉପସ୍ଥାପନ କରିଛନ୍ତି। ବିଭିନ୍ନ ବିଭାଗଗୁଡ଼ିକ ନିଜ ପ୍ରସ୍ତୁତିର ଏକ ମୌଳିକ ଦସ୍ତାବିଜ ଜୁନ୍ ଶେଷସୁଦ୍ଧା ପ୍ରସ୍ତୁତି କରିବା ସହିତ ପରବର୍ତ୍ତୀ ସ୍ଥିତି ଅନୁଯାୟୀ ନୂତନ ପଦକ୍ଷେପ ସେଥିରେ ଲିପିବଦ୍ଧ ହେବ ବୋଲି ଜଣାପଡ଼ିଛି।






**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ କୋଭିଡ୍-୧୯ର ଗୋଷ୍ଠୀ ସଂକ୍ରମଣ ନାହିଁ। ଜୁଲାଇ ଶେଷ ସୁଦ୍ଧା ମାମଲା ସଂଖ୍ୟା ୫.୫ ଲକ୍ଷ ଛୁଇଁପାରେ।"
– ମନୀଷ୍ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାଗରିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭ ଦିନରେ ଯୋଜନା ପ୍ରସ୍ତୁତ କର

## ଯୋଜନା ବୋର୍ଡ ବୈଠକରେ ସବୁ ବିଭାଗକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟକ୍ରମ ରୂପରେଖ ପ୍ରସ୍ତୁତ କରି ଯୋଜନା ଓ ସଂଯୋଜନା ବିଭାଗକୁ ରିପୋର୍ଟ ଦେବା ସକାଶେ ରାଜ୍ୟ ଯୋଜନା ବୋର୍ଡର ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୋଜନା ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା।

ଦାସବର୍ମା କହିଛନ୍ତି, ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳକୁ ବହୁସଂଖ୍ୟାରେ ପ୍ରବାସୀ ଶ୍ରମିକ ଫେରୁଛନ୍ତି। କିପରି ଅଧିକ ଶ୍ରମଦିବସ ସୃଷ୍ଟିକରି ସେମାନଙ୍କୁ ରୋଜଗାର ଯୋଗାଇ ଦିଆଯାଇ ପାରିବ ଏବଂ ରାଜ୍ୟର ଅର୍ଥନୀତିକୁ ଏଭଳି ସଙ୍କଟ ସମୟରେ କେଉଁଭଳି ଭାବେ ଗତିଶୀଳ ତଥା ସୁଦୃଢ଼ କରାଯାଇପାରିବ, ସେଥିପାଇଁ ସରକାରୀ ବିଭାଗଗୁଡ଼ିକର ସମନ୍ୱିତ ଉଦ୍ୟମର ଆବଶ୍ୟକତା ରହିଛି। କୋଭିଡ୍ ମୁକାବିଲା ପାଇଁ ବିଭିନ୍ନ ବିଭାଗ ବଜେଟ ଭିତରେ ସେମାନଙ୍କର ରୋଡ୍‌ମ୍ୟାପ୍ ଅନୁଯାୟୀ ବ୍ୟୟ କରିବେ ଏବଂ ତା'ର ଠିକ୍ ଉପଯୋଗ କରିବା ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ଓଡ଼ିଶାର ଅର୍ଥନୀତିକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ସେଥିପାଇଁ ବିଭିନ୍ନ ବିଭାଗ, ତୃଣମୂଳସ୍ତରର ସମସ୍ୟା ଓ ରାଜ୍ୟବାସୀ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ଯତ୍ନଶୀଳ ହେବେ ସେ ସଂକ୍ରାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ପୃକ୍ତ ବିଭାଗଗୁଡ଼ିକ ବୈଠକର ବିବରଣୀ ପାଇବାର ସାତଦିନ ମଧ୍ୟରେ ସେମାନଙ୍କ କାର୍ଯ୍ୟକ୍ରମ ରିପୋର୍ଟ ଯୋଜନା ଓ ସଂଯୋଜନା ବିଭାଗରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଲୋକମାନଙ୍କର କ୍ରୟଶକ୍ତି ବୃଦ୍ଧି ନିମନ୍ତେ ରୋଜଗାର ସୃଷ୍ଟି ଓ ଅଧିକ ଶ୍ରମଦିବସ ସୃଷ୍ଟି ଏବଂ କମ୍ ସମୟ ମଧ୍ୟରେ ଶେଷ ହୋଇ ପାରୁଥିବା ତଥା ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସଚିବ ରଞ୍ଜନା ଚୋପ୍ରା, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ପର୍ଯ୍ୟଟନ ସଚିବ ବିଶାଲ ଦେବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ସଚିବ ଶୁଭା ଶର୍ମା, ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଗୋପବନ୍ଧୁ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଇଏଏସ୍ ଅଫିସର ତୁହିନକାନ୍ତ ପାଣ୍ଡେଙ୍କୁ କରୋନା

**ଭୁବନେଶ୍ୱର,୯।୬(ବ୍ୟୁରୋ):** ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ତୁହିନକାନ୍ତ ପାଣ୍ଡେ ମହାମାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ଡେପୁଟେଶନରେ ଯାଇ କେନ୍ଦ୍ର ବିନିବେଶ ବିଭାଗ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ପାଣ୍ଡେ ପୂର୍ବରୁ ଓଡ଼ିଶାର ଅର୍ଥ ସଚିବ ଓ ଆବାସିକ କମିଶନର ଥିଲେ। କିଛିଦିନ ତଳେ ତାଙ୍କ ଶରୀରରେ କରୋନା ଲକ୍ଷଣ ଦେଖାଯାଇଥିଲା। ସଂକ୍ରମଣ ଆଶଙ୍କା ଥିବାରୁ ସେ ନିଜ ଆଡୁ କରୋନା ଟେଷ୍ଟ କରାଇଥିଲେ। ଶେଷରେ ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ସେ କାର୍ଯ୍ୟ କରୁଥିବା ସିଜିଓ କମ୍ପ୍ଲେକ୍ସର ଉକ୍ତ ବିଭାଗ'କୁ ସିଲ୍ କରାଯାଇ ସାନିଟାଇଜ କରାଯାଇଛି। ଏହାପୂର୍ବରୁ ଉକ୍ତ ବିଭାଗର ୩ଜଣ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଥିଲେ।

## ନେତା, ନିବେଶକଙ୍କ...

ପ୍ରଥମ ପୃଷ୍ଠାରୁ...

କରି ନ ଥିବା ସେ କହିଛନ୍ତି। ମୁଡି ୱାଟର୍ସ ପ୍ରତିଷ୍ଠାତା କାର୍ସୋନ ବ୍ଲକ୍ କହିଛନ୍ତି, ସେ ଏହାକୁ ନେଇ ନିରାଶ, କିନ୍ତୁ ବିସ୍ମିତ ହୋଇନାହାନ୍ତି। ସେହିପରି କେକେଆର୍ ଏନେଇ କିଛି ମନ୍ତବ୍ୟ ଦେବାକୁ ମନା କରିଦେଇଛି। ହ୍ୟାକର୍ସଙ୍କ ଦ୍ୱାରା ବ୍ୟବହୃତ ଭିତ୍ତିଭୂମିର ମ୍ୟାପିଂ କରିବାରେ ୨ ବର୍ଷରୁ ଅଧିକ ସମୟ ବିତାଇଥିବା ଇଣ୍ଟରନେଟ୍ ୱାଚ୍‌ଡଗ୍ ଗ୍ରୁପ୍ ସିଟିଜେନ୍ ଲାବ୍‌ର ଗବେଷକମାନେ ମଙ୍ଗଳବାର ଏକ ରିପୋର୍ଟ ଜାରି କରିଛନ୍ତି। ଏହି ଗୁପ୍ତଚରଗିରି ଅଭିଯାନ ପଛରେ ବେଲ୍‌ଟ୍ରୋକ୍ସର କର୍ମଚାରୀମାନେ ଅଛନ୍ତି ବୋଲି ଦୃଢ଼ବିଶ୍ୱାସ ରହିଥିବା ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି। ସିଟିଜେନ୍ ଲାବ୍ ଗବେଷକ ଜନ୍ ସ୍କଟ ରେଲଟନ କହିଛନ୍ତି, ଏହା ହେଉଛି ବର୍ତ୍ତମାନ ଯାଏ ପ୍ରଘଟ ହୋଇଥିବା ଗୁପ୍ତଚରଗିରିର ଅନ୍ୟତମ ବୃହତ୍ ହାୟର ଅପରେଶନ। ଯଦିଓ ସରକାର ପ୍ରାୟୋଜିତ ଗୁପ୍ତଚର ଗୋଷ୍ଠୀ ବା ଶିରୋନାମା ମଣ୍ଡନକାରୀ ଚୋରି ଉପରେ ଧ୍ୟାନ ଦେବା ପାଇଁ ସେମାନଙ୍କୁ କୁହାଯାଇଛି, ତେବେ ସାଇବର ମର୍ସେନେରି (ଭଡ଼ା) ସେବାଗୁଡ଼ିକ ବ୍ୟାପକ ଭାବେ ବ୍ୟବହାର କରାଯାଉଛି। କୌଣସି ସେକ୍ଟରକୁ ଛଡ଼ାଯାଇ ନ ଥିବା ତଦନ୍ତରୁ ଜଣାପଡ଼ିଛି।

ଟାର୍ଗେଟ ବ୍ୟକ୍ତିମାନଙ୍କୁ ଧୋକା ଦେବା ପାଇଁ ମନ୍ଦ ଉଦ୍ଦେଶ୍ୟ ଥିବା ଲକ୍ଷ ଲକ୍ଷ ମେସେଜ୍ ପ୍ରସ୍ତୁତ କରାଯାଇଥିଲା। ୨୦୧୩ରୁ ୨୦୨୦ ମଧ୍ୟରେ ବେଲ୍‌ଟ୍ରୋକ୍ସ ପକ୍ଷରୁ ପଠାଯାଇଥିବା ପାସ୍‌ୱାର୍ଡ୍‌ଗୁଡ଼ିକୁ ଛାଡ଼ିଦେବା ପାଇଁ ସେମାନଙ୍କୁ କୁହାଯାଇଥିଲା। ସେମାନଙ୍କ ପ୍ଲାଟଫର୍ମରେ ଅସ୍ୱାଭାବିକ କାର୍ଯ୍ୟକଳାପ ଚାଲିଥିବା ନେଇ ଫାର୍ମଗୁଡ଼ିକୁ ଆଲର୍ଟ କରାଯିବା ପରେ ହ୍ୟାକର୍ସଙ୍କ ଦ୍ୱାରା ବ୍ୟବହୃତ ଏହି ତଥ୍ୟ ଅନ୍‌ଲାଇନ୍ ସେବା ପ୍ରଦାନକାରୀ ନାମ ଗୋପନ ରଖିବା ସର୍ତ୍ତରେ ଦେଇଥିଲେ। କିଏ ଓ କେବେ ଟାର୍ଗେଟ ହୋଇଥିଲେ ଏହି ତଥ୍ୟ ହେଉଛି ତାକୁ ପ୍ରଭାବୀ ଢଙ୍ଗରେ ସୂଚାଉଥିବା ଏକ ଡିଜିଟାଲ ହିଟ୍ ଲିଷ୍ଟ। ଏହାର ଶିକାର ହୋଇଥିବା ବ୍ୟକ୍ତି ବା ସଂସ୍ଥାକୁ ଆସିଥବା ଇମେଲ୍‌ଗୁଡ଼ିକୁ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ଯାଞ୍ଚ କରାଯିବା ପରେ ଉକ୍ତ ତଥ୍ୟକୁ ବୈଧ ବୋଲି ଦର୍ଶାଯାଇଛି। ବେଲ୍‌ଟ୍ରୋକ୍ସର ଟାର୍ଗେଟ ହୋଇଥିବା ହଜାର ହଜାର ଲୋକଙ୍କ ତାଲିକାରେ ଦକ୍ଷିଣ ଆଫ୍ରିକାର ବିଚାରପତିମାନେ, ମେକ୍ସିକୋର ରାଜନେତା, ଫ୍ରାନ୍ସର ଆଇନଜୀବୀ ଏବଂ ଆମେରିକାର ପରିବେଶ ଉପରେ କାର୍ଯ୍ୟରତ କେତେକ ଗୋଷ୍ଠୀ ରହିଛନ୍ତି। ଏମାନେ ଏହି ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି କିମ୍ବା ମେସେଜ୍‌ର ଉତ୍ତର ଦେଇନାହାନ୍ତି। ୨୦୧୫ରେ ବେଲ୍‌ଟ୍ରୋକ୍ସ ମାଲିକ ସୁମିତ୍ ଗୁପ୍ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍‌ମାନଙ୍କ ଆକାଉଣ୍ଟ ହ୍ୟାକ୍ କରିବା ପାଇଁ ଆମେରିକାର ଦୁଇଜଣ ଘରୋଇ ତଦନ୍ତକାରୀ ସୁମିତଙ୍କୁ ଅର୍ଥ ଦେଇଥିବା ସ୍ୱୀକାର କରିବା ପରେ ୨୦୧୭ରେ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ତେବେ ଏହି ମାମଲାର ବର୍ତ୍ତମାନ ସ୍ଥିତି କିମ୍ବା ସୁମିତଙ୍କ ବିରୋଧରେ ପ୍ରତ୍ୟର୍ପଣ ପାଇଁ ଅନୁରୋଧ କରାଯାଇଛି କି ନାହିଁ ତା' ଉପରେ ଆମେରିକାର ନ୍ୟାୟ ବିଭାଗ ମୁହଁ ଖୋଲିବାକୁ ମନା କରିଦେଇଛି। ଦିଲ୍ଲୀ ପୋଲିସ ଓ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏନେଇ କିଛି ମନ୍ତବ୍ୟ ଦେଇନାହାଁ। ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରୁ ଫୋନ୍ ଯୋଗେ ସୁମିତ କହିଛନ୍ତି, ହ୍ୟାକିଂ କରାଯାଇ ନାହିଁ। ତାଙ୍କୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ଯୋଗାଯୋଗ କରାଯାଇ ନାହିଁ। ଘରୋଇ ତଦନ୍ତକାରୀମନେ ତାଙ୍କୁ ଲଗ୍‌ଇନ୍ ଡିଟେଲ୍ସ ଦେବା ପରେ ସେ କେବଳ ଇମେଲ୍ ଇନ୍‌ବକ୍ସରୁ ମେସେଜ୍ ଡାଉନ୍‌ଲୋଡ୍ କରିବାରେ ସାହାଯ୍ୟ କରିଛନ୍ତି।

### ରାଶିଫଳ ଓ ପର୍ନୋଗ୍ରାଫି

ପଶ୍ଚିମ ଦିଲ୍ଲୀସ୍ଥିତ ଏକ କମ୍ପ୍ଲେକ୍ସର ବନ୍ଦ ଚା ଦୋକାନ ଉପରେ ଥିବା ଗୋଟିଏ ଛୋଟ ରୁମ୍‌ରେ ସାଇବର ସିକ୍ୟୁରିଟି ଫାର୍ମ ଚଳାନ୍ତି ସୁମିତ ଗୁପ୍ତା। ବେଲ୍‌ଟ୍ରୋକ୍ସ ନାମକ ଏହି ସଂସ୍ଥା ହଜାର ହଜାର ସଂଖ୍ୟାରେ ଇମେଲ୍‌କୁ ଟାର୍ଗେଟ କରିଥିବା ଜଣାପଡ଼ିଛି। କେତେକ ମେସେଜ୍‌ରେ ସହକର୍ମୀ ବା ସମ୍ପର୍କୀୟଙ୍କୁ ଅନୁକରଣ କରାଯାଇଥିବାବେଳେ ଆଉ କେତେକ ଫେସ୍‌ବୁକ୍ ଲଗ୍‌ଇନ୍ ରିକ୍ୱେଷ୍ଟ କିମ୍ବା ପର୍ନୋଗ୍ରାଫି ୱେବ୍‌ସାଇଟ୍‌ଗୁଡ଼ିକୁ ଅନ୍‌ସବ୍‌ସ୍କ୍ରାଇବ୍ କରିବା ପାଇଁ ନୋଟିଫିକେଶନ୍ ଆକାରରେ ପଠାଯାଇଛି। ଉଦାହରଣ ସ୍ୱରୂପ ଫାହମି କ୍ୱାଦିରଙ୍କ ନ୍ୟୁୟର୍କ ଭିତ୍ତିକ ଶର୍ଟ ସେଲିଂ ଫାର୍ମ ସଫ୍‌ଖେଡ୍ କ୍ୟାପିଟାଲ ହେଉଛି ବେଲ୍‌ଟ୍ରୋକ୍ସ ଦ୍ୱାରା ଟାର୍ଗେଟ ହୋଇଥିବା ୧୭ ପୁଞ୍ଜିନିବେଶକାରୀ କମ୍ପାନୀ ମଧ୍ୟରୁ ଅନ୍ୟତମ। ଏନେଇ ଫାହମି କହିଛନ୍ତି, ୨୦୧୮ରେ ସେ କେତେକ ସନ୍ଦେହଜନକ ମେସେଜ୍ ଆସିଥିବା ଜାଣିପାରିଥିଲେ। ସେଗୁଡ଼ିକ ମାଲିସିଅସ୍ ବୋଲି ଜଣାପଡୁ ନ ଥିଲା। ଦେଖିବାକୁ ତାହା ହରୋସ୍କୋପ୍ (ରାଶିଫଳ) ଭଳି ଥିଲା। କିନ୍ତୁ ତାକୁ ଓପନ୍ କରିବା ପରେ ପର୍ନୋଗ୍ରାଫି (ଅଶ୍ଳୀଳ ଭିଡିଓ କ୍ଲିପ୍)ରେ ପରିଣତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥାପଦେ କେତେ ଥିଲା କି ନ ଥିଲା**
**ଢେଗ ଚାରିପଦ ଥିଲା**
**ଯେଉଁଦିନ ଢେଙ୍କି ଦଇଆନଇ ଲୋ**
**ସବୁ ତ ପାସୋର ଗଲା।**

ଝିଅଟି ଯେବେ ବୋହୂ ହାଇ ଶାଶୁ ଘରକୁ ଆସେ ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଇଥାଏ। ଘର ସଂସାର କରିବା ଭିତରେ ସେ ବାପ ଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ଦାୟିତ୍ୱ ସମ୍ଭାଳୁ ଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଉ ନ ଥିବା ସ୍ଥଳେ ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡି ମନରୁ ସେ ସବୁ ପାସୋରିଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୁରୁମି, ମେହ, କଫ, ଅଜୀର୍ଣ୍ଣ**
**ମିଠା ଖାଇଲେ ଏତେ ଦୁର୍ଗୁଣ।**

ଯାହା ପାଟିକୁ ମିଠା ବା ଭଲ ଲାଗେ ତାହା ପେଟ ପାଇଁ ଭଲ ହୋଇ ନ ପାରେ। ମିଠା ଖାଇବାକୁ ଭଲ ଲାଗୁଥିଲେ ମଧ୍ୟ ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। କାରଣ ଅତ୍ୟଧିକ ମିଠା ଖାଇଲେ ଶରୀରରେ ନାନା ରୋଗ ସୃଷ୍ଟି ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସାବିତ୍ରୀ ରଥ...

ପ୍ରଥମ ପୃଷ୍ଠାରୁ...

ତାଙ୍କ ପୂର୍ବରୁ ଜଷ୍ଟିସ୍ ଅମୀୟ କୁମାରୀ ପାଢ଼ୀ ଓ ଜଷ୍ଟିସ୍ ସଞ୍ଜୁ ପଣ୍ଡା ବିଚାରପତି ହୋଇଛନ୍ତି। ଜଷ୍ଟିସ ପାଢ଼ୀ ଅବସର ନେଇଥିବା ବେଳେ ଜଷ୍ଟିସ ପଣ୍ଡା ବର୍ତ୍ତମାନ ହାଇକୋର୍ଟର ବିଚାରପତି ଅଛନ୍ତି। ଗତ ବର୍ଷ ମେ'ରେ ରଥଙ୍କ ନାମକୁ ହାଇକୋର୍ଟର କଲେଜିୟମ୍ ସୁପ୍ରିମ୍‌କୋର୍ଟ କଲେଜିୟମ୍‌କୁ ସୁପାରିସ କରିଥିଲେ। ଜାନୁୟାରୀ ୨୨ରେ କଲେଜିୟମ୍ ସୁପାରିସକୁ ଗ୍ରହଣ କରି ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥିଲେ। ଉଲ୍ଲେଖଯୋଗ୍ୟ, ସାବିତ୍ରୀ ରଥ ହେଉଛନ୍ତି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରଫୁଲ୍ଲ ରଥଙ୍କ ଝିଅ। ସେ ହାଇକୋର୍ଟରେ ସଂପ୍ରତି ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଛନ୍ତି। କଟକରେ ସ୍କୁଲ ଶିକ୍ଷା ଓ ଦିଲ୍ଲୀରେ ଆଇନ ଶିକ୍ଷା ପରେ ଓଡ଼ିଶା ଫେରି ହାଇକୋର୍ଟରେ ପ୍ରାକ୍ଟିସ୍ କରିଥିଲେ। ତତ୍କାଳୀନ ବରିଷ୍ଠ ଆଇନଜୀବୀ ତଥା ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରଫୁଲ୍ଲ ମିଶ୍ରଙ୍କ ପାଖରେ ସେ ଓକିଲାତି କରୁଥିଲେ। ପରେ ସେ ଭିଜିଲାନ୍ସ ଷ୍ଟାଣ୍ଡିଂ କାଉନସେଲରେ ମଧ୍ୟ କାର୍ଯ୍ୟ କରିଛନ୍ତି।

## 'ସ୍ଥିତି ଦେଖି...

ଧର୍ମାନୁଷ୍ଠାନ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନକୁ ବାରଣ କରାଯାଇଛି। ମୁସଲିମ୍ ସଂପ୍ରଦାୟର ଇଦ୍ ଓ ମହରମ୍ ମଧ୍ୟ ବନ୍ଦ ରହିଥିଲା। ଏଭଳି ସ୍ଥଳେ ରଥଯାତ୍ରା ପାଇଁ ଅନୁମତି ଦେବା ସମାନତା ଅଧିକାର ବିରୋଧୀ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜା ଯୁକ୍ତି ରଖିଥିଲେ ଯେ, ଠାକୁରଙ୍କ ରୀତିନୀତି ଅନୁଯାୟୀ ରଥଯାତ୍ରା ଆୟୋଜନ ହେବ। ଭକ୍ତଙ୍କ ଉପସ୍ଥିତି ଉପରେ କଟକଣା ରଖାଯାଇଛି। ଅନ୍ୟପକ୍ଷରେ ହସ୍ତକ୍ଷେପ ଯାଚିକା ଦାଏର କରିଥିବା ବ୍ୟକ୍ତିଙ୍କ ପକ୍ଷରୁ ରଥ ଟାଣିବା ପାଇଁ ମାତ୍ର ଦୁଇ ଶହ ଭକ୍ତଙ୍କୁ ଅନୁମତି ଦେବାକୁ ଯୁକ୍ତି ରଖାଯାଇଥିଲା। କିନ୍ତୁ କରୋନା କଟକଣା ଅନୁଯାୟୀ, ୭ ଜଣଙ୍କ ଠାରୁ ଅଧିକ ବ୍ୟକ୍ତି ଏକାଠି ହୋଇପାରିବେ ନାହିଁ। ସେହିପରି ହସ୍ତକ୍ଷେପ ଯାଚିକା ଦାଏର କରିଥିବା ଅନ୍ୟ ଏକ ପକ୍ଷ ମେଶିନରେ ରଥ ଟାଣିବା ପାଇଁ ଯୁକ୍ତି ବାଢ଼ିଥିଲେ।

## ସଙ୍କଟରେ ଶତାଧିକ...

ରିପୋର୍ଟ ପଜିଟିଭ୍ ଆସିବା ପରେ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ରାଜ୍ୟ ସରକାର ସୁନିଶ୍ଚିତ କରିଛନ୍ତି। ଏଥିସହ ଡିଜି ମହାନ୍ତି ଏମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏଥିସହ ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ (ଓଏସ୍‌ଏସ୍‌ଏଫ୍)ର ଜଣେ ଯବାନ କରୋନାରେ ଆକ୍ରାନ୍ତ ହୋଇଥିବା ମଙ୍ଗଳବାର ଏସ୍‌ପି ବ୍ରିଜେଶ କୁମାର ରାଏ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଖଲ୍ଲିକୋଟ ଥାନା ଓ ହୁମ୍ମା ଫାଣ୍ଡି ଅଞ୍ଚଳରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକରେ ପାଟ୍ରୋଲିଂ ଦାୟିତ୍ୱରେ ଥିଲେ। ଅସୁସ୍ଥ ହେବାରୁ ତାଙ୍କର ନମୁନା ପରୀକ୍ଷଣ କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ପାରଳା ମହାରାଜା କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହାପୂର୍ବରୁ ଗଞ୍ଜାମ ପୋଲିସରେ ୨ ହୋମ୍‌ଗାର୍ଡ କରୋନା ଚିହ୍ନଟ ହୋଇଥିବାବେଳେ ରାଜ୍ୟରେ ଏକାଧିକ ଡାକ୍ତର, ନର୍ସ, ହସ୍ପିଟାଲ କର୍ମଚାରୀ, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ସରପଞ୍ଚ ପ୍ରମୁଖ ଶତାଧିକ ଯୋଦ୍ଧା ଆକ୍ରାନ୍ତ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି କୃତ୍ତିକା ନକ୍ଷତ୍ରର ପରୋକ୍ଷ ସାହାଯ୍ୟ ଫଳରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କିନ୍ତୁ ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କ ସହାୟତାରେ ପରିବାରରେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** – ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିପାରେ। କଚେରି ମାମଲା କିମ୍ବା ଆକସ୍ମିକ କଳହଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅବଶ୍ୟ ସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ମିଥୁନ** – ମୃଗଶିରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଧାରଣ କରି ବିଭିନ୍ନ କ୍ଷେତ୍ରର ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟ କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ** – ଅଶ୍ଳେଷା ନକ୍ଷତ୍ରର ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ବିଶେଷ ଖଟଣିଜନିତ ମନ ଭଲ ରହିବ ନାହିଁ। ଜମା ଭଲ ପଡୁ ନ ଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଜଣେ ବିଶିଷ୍ଟ ବ୍ୟକ୍ତି ସହାୟତା କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** – ପୂର୍ବାଫାଲଗୁନୀ ନକ୍ଷତ୍ର ସାମାନ୍ୟ କୌଶଳ ପ୍ରୟୋଗ କରି କାମ କଲେ ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇ ପାରିବେ। ନିଜର ଫାଇଦା ହାସଲ ପାଇଁ ସମ୍ପର୍କୀୟ ଜଣେ ଫନ୍ଦିଫିକର କରିପାରନ୍ତି। ଅସଂଗତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** – ଚିତ୍ରା ନକ୍ଷତ୍ରକୁ ଆଜି ସକାଳୁ ସକାଳୁ କୌଣସି ବିଶେଷ କାମରେ ଦୂରଯାତ୍ରା କରିବାକୁ ପଡିପାରେ। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବା ସଙ୍ଗକୁ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଖରାପ ନ ହେଲେ ମଧ୍ୟ ବିଶେଷ ଭଲ ରହିବ ନାହିଁ।

**ତୁଳା** – ବିଶାଖା ନକ୍ଷତ୍ର ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଅନ୍ୟ ମାନଙ୍କୁ ସୁହାଇଲା ଭଳି କଥା କହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡିବ। ଯାତ୍ରା, ପରିବାର, ଲୋକସମ୍ପର୍କ କ୍ଷେତ୍ରରେ ସମ୍ମାନ ଊଣା ହେବନାହିଁ।

**ବିଛା** – ଅନୁରାଧା ନକ୍ଷତ୍ର ଯାହା ଚାହୁଁଥିଲେ ତାହା ହାସଲ କରିବା କାରଣରୁ ମନ ଏକ ପ୍ରକାର ଖୁସୀ ହୋଇଯିବ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ନିଜ ଚତୁଃପାର୍ଶ୍ୱର ଜଣା ଶୁଣା ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିପାରନ୍ତି।

**ଧନୁ** – ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। ମନ ବୁଝିଲା ଭଳି କଥା କହିବା କାରଣରୁ ସହକର୍ମୀମାନଙ୍କ ସହଯୋଗ ପାଇବାରେ ଅସୁବିଧା ରହିବ ନାହିଁ। ଛୋଟ ଛୋଟ କଥାକୁ କେନ୍ଦ୍ର କରି କଳହରୁ ଦୂରେଇ ରହିବା ଭଲ ହେବ। ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲ ହେବା କଷ୍ଟକର ହୋଇପାରେ।

**ମକର** – ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବା ପାଇଁ ଚେଷ୍ଟିତ ହେବେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ସ୍ତ୍ରୀଙ୍କ ତରଫରୁ ପ୍ରତିରୋଧ ଆସିପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** – ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନାଟିକୁ ଆରମ୍ଭ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପାରିବାରିକ ବ୍ୟତିକ୍ରମକୁ ନେଇ ଭାବପ୍ରବଣତା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇବାର ସୂଚନା ରହିଛି।

**ମୀନ** – ରେବତୀ ପାଇଁ ଆଜିର ଯାତ୍ରା, ଆଲୋଚନାର ଯଥାର୍ଥତା,ବନ୍ଧୁମାନଙ୍କ ସଦିଚ୍ଛାରୁ ମନ ପ୍ରାୟତଃ ଖୁସୀ ରହିବ। ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ କିନ୍ତୁ ସତର୍କତାର ସହ କାମ କରିପାରିଲେ ହେଲା। ଆପଣ ଯେତେ ଭଲ କାମ କଲେ ମଧ୍ୟ ନିଜର ଲୋକମାନେ ଦୋଷ ଖୋଜି ବୁଲିବେ।

ଆଜି ଆଷାଢ କୃଷ୍ଣପକ୍ଷର ୫ମୀ ବୁଧବାର, ଶ୍ରୀମନ୍ଦିରରେ ଫୁଲୁରୀଲାଗି, ଅଣସର ପଞ୍ଚମୀ, ଜୁନ୍ ୧୦ ତାରିଖ, ରାଶି ନକ୍ଷତ୍ର, ଦିବା ଘ.୦୨.୫୮ମି. ପର୍ଯ୍ୟନ୍ତ ଶ୍ରବଣା/ମକର, କର୍କଟ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୪୯ମି. ଗତେ ଘ.୧୧.୧୯ମି.ମଧ୍ୟେ, ଘ.୦୧.୫୭ମି.ଗତେ ଘ.୦୫.୨୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୧ମି. ଗତେ ଘ.୦୯.୫୮ମି. ମଧ୍ୟେ, ରାତ୍ରି ଘ.୧୨.୦୭ମି. ଗତେ ଘ.୦୧.୩୪ମି. ମଧ୍ୟେ ଅମୃତବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

For M.Tech (IIT Bombay) internship (Steinbeis, University Germany qualified commander in Indian Navy). Contact- +919438183860. D-17442

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony", 7978736177. D- 68242

ଗୁଡ଼ିଆ Bank Manager widower 41 ବୟସ୍କ ପୁଅଙ୍କର any caste ଝିଅ ଦରକାର। 7008080967. D-67942

**GROOM WANTED**

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁଜାତିର ବରପାତ୍ର ପାଇଁ "Akankshya Matrimony", 7978736177. D-68243

ସରକାରୀ ଚାକିରିଆ 40 ବୟସ୍କା ଅବିବାହିତା ବଣିଆ ଝିଅଙ୍କର any caste ପୁଅ ଦରକାର। 7381460017. D-67941



**SALE**

ଭୁବନେଶ୍ୱର, ରଙ୍ଗବଜାର, BJEM School ନିକଟରେ ଅଗ୍ରିମ boundary wall ଘରବାରି ପଟ୍ଟା plot ଦିଆଯାଉଛି। 7008045582, 9692003948. D-17455

**Bhubaneswar ଏୟାରପୋର୍ଟରୁ 7km ଦୂରରେ ଘରକରିବା ପ୍ଲଟ୍ 14,00,000/, investment plot 2,88,000/-, Prianka. 8249680401.** D-69119

Gharabari Sthitiban Plot available at Hanspal (Balianta). Call- 9937816565, 9937568585. D-17456

Newly constructed S+3 having 3nos' 2BHK flats with Modular Kitchen & 2nos Bathroom at BRIT, Baragarh, BBSR. 9437012031, 9338105496. D-17399

**3900sft. plot immediately sale Jharpada, Bhubaneswar, BDA yellow zone buyers directly. Contact- DEEPAK- 9937329999.** D-68084

4/5BHK Duplex with gated Community at Balianta. Construction- 2200 @ 60lakhs/ 2600 @ 70lakhs. Mplanets: 9938219397/ 9861022055. D-17445

**2400sft. BDA corner plot (east facing) sale at Sum Hospital, Bhubaneswar. Contact- DEEPAK- 9937329999.** D-68083

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner- 9090963952.** D-69112

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Monalisa massage club : All types body massage with hiprofile smart lady rooms service available 9708545108. D-17467

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Ayurvedic full body massage Ladies and Gents. Contact- 9861064981. D-65913

Full body massage with Gents and Ladies, Aaiginia Square. 9777167531. D-59950

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage SPA in Bhubaneswar. Contact: 7205058838. D-69277

New open herbal full body massage only Gents therapist. 7681088658. D-17370

Rejuvenate and Ayurvedic full body massage by smart therapist. 9114402304. D-69282

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69280

Herbal full body massage by smart / expert therapist. Contact: 8338067247. D-69281


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ତ୍ୱରିତ ହେବ ଇନ୍‌ଫୋ ଭ୍ୟାଲି ଭିତ୍ତିଭୂମି ବିକାଶ କାର୍ଯ୍ୟ

**ଭୁବନେଶ୍ୱର,୯।୬(ବ୍ୟୁରୋ):** ଭୁବନେଶ୍ୱର ମହାନଗର ଉପକଣ୍ଠରେ ୭୩୦ଏକର ଜମି ଉପରେ ନୂତନଭାବେ ବିକଶିତ ହେଉଥିବା ଇନ୍‌ଫୋ ଭ୍ୟାଲି ପ୍ରକଳ୍ପ ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରସ୍ତାବିତ ଭ୍ୟାଲିରେ ଆଇଟି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍, ଇଲୋକ୍ଟ୍ରୋନିକ ସାମଗ୍ରୀ ଉତ୍ପାଦନ ପାର୍କ, ମିଶ୍ରିତ ଜୋନ, ଗ୍ରୀନ ଜୋନ ଏବଂ ସେଣ୍ଟ୍ରାଲ ପାର୍କ ରହିଛି। ଏବେ ଆଇଟି ପାର୍କରେ ଇନଫୋସିସର ଦ୍ୱିତୀୟ କ୍ୟାମ୍ପସ କାମ କରିବା ଆରମ୍ଭ କରି ସାରିଛି। ସେହିଭଳି ଇଲେକ୍ଟ୍ରୋନିକ ପାର୍କରେ ଶାନ୍ତି ସୋଲାର ଉଦ୍ୟୋଗରେ ତାର ଔଷଧିକ କାର୍ଯ୍ୟ ଆରମ୍ଭ କରିଛି। ଅନ୍ୟଗୁଡିକର ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ରହିଥିବା ସମୀକ୍ଷାରୁ ଜଣାପଡିଛି। ଉକ୍ତ ଇଲୋକ୍ଟ୍ରୋନିକ ପାର୍କ ୨୦୩କୋଟି ଟଙ୍କାରେ ନିର୍ମାଣ କରାଯାଉଛି।

### ମା’ ତଣ୍ଟି ଚିପି ଦେଲେ ସାବତ ପୁଅ

**କଣିହାଁ, ୯।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ଥାନା କୁମୁଣ୍ଡା ପଞ୍ଚାୟତ ଚିତ୍ତଲପୁର ଗ୍ରାମର ସୁମତି ସାହୁ(୬୩)ଙ୍କୁ ତାଙ୍କ ନାବାଳକ ସାବତ ପୁଅ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ହତ୍ୟାକାଣ୍ଡ ପଛରେ ପାରିବାରିକ ଝଗଡା ରହିଛି। ସୁମତି ଟଙ୍କା ନ ଦେବାରୁ ତାଙ୍କ ୧୬ ବର୍ଷର ନାବାଳକ ପୁଅ ଏକ ଗାମୁଛାରେ ତଣ୍ଟି ଚିପି ଧରିଥିଲେ। ଘଟଣାସ୍ଥଳରେ ହିଁ ସୁମତିଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସୁମତିଙ୍କ ଭାଇ ସାନତ୍ରିବିଡା ଗ୍ରାମର ପରମାନନ୍ଦ ସାହୁଙ୍କ ଅଭିଯୋଗ କ୍ରମେ ନଂ. ୧୧୫/୨୦ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଫେରାର ଅଛନ୍ତି। ସାଇଣ୍ଟିଫିକ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ୫. ୭୦ ଲକ୍ଷ ଜରିମାନା ଆଦାୟ

**କାମାକ୍ଷାନଗର, ୯।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ବିଭିନ୍ନ ସ୍ଥାନରୁ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ବେଳେ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୫ ଲକ୍ଷ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ କୁନାଲ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଠିକା ସଂସ୍ଥା ମାଳପୁରା ନିକଟ ରେଙ୍ଗାଲି ବାମ କେନାଲ ହୁଡ଼ାରୁ ମୋରମ ଚାଲାଣ କରୁଥିବା ଅଭିଯୋଗ ହୋଇଥିଲା। ଉକ୍ତ ଠିକାସଂସ୍ଥାଠାରୁ ୨ଲକ୍ଷ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି କଙ୍କଡାହାଡ ବ୍ଲକ ଝିଲ୍ଲୀ ଗ୍ରାମ ନିକଟରେ ଅଗ୍ରୱାଲ କନ୍‌ଷ୍ଟ୍ରକ୍ସନ୍‌ର ଏକ ବେଆଇନ କ୍ରଶରରୁ ୨ ଲକ୍ଷ ଟଙ୍କା ଏବଂ ମାଳପୁରାର ସନ୍ତୋଷ କୁମାର ସାହୁଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସଞ୍ଜୟ କୁମାର ରାଉତ ସୂଚନା ଦେଇଛନ୍ତି।

### ବଜ୍ରପାତରେ ଜଣେ ମୃତ, ୩ ଆହତ

**ପୋଲସରା/ଭଞ୍ଜନଗର, ୯।୬ (ଡି.ଏନ୍.ଏ.):** ଗଞ୍ଜାମ ଜିଲା ଭଞ୍ଜନଗର ଓ ପୋଲସରା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ପ୍ରବଳ ବର୍ଷାସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୋଲସରା ଥାନା ପାଣ୍ଡିରିପଡା ଗ୍ରାମର ଦୀପକ ଗୌଡ଼। ପାଣ୍ଡିରିପଡାର କୈଳାସ ଗୌଡ଼ ଓ ରୁମାଗଡ଼ର ଜୟନ୍ତୀ ନାୟକ ଆହତ ହୋଇ ପୋଲସରା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।। ଦୀପକ ଓ କୈଳାସ ଛେଳି ଚରାଇବାକୁ ଯାଇଥିବାବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ଗ୍ରାମବାସୀ ଉଦ୍ଧାର କରି ପାଣ୍ଡିରିପଡା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଦୀପକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜୟନ୍ତୀ ଘର ବାରଣ୍ଡାରେ ବସିଥିବାବେଳେ ବଜ୍ରପାତରେ ଆହତ ହୋଇଥିଲେ। ସେହିପରି ଭଞ୍ଜନଗର ତହସିଲ ଗାମୁଣ୍ଡିର ଭାବିନୀ ସାହୁ ଜମିରେ କାମ କରୁଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ୨ ବର୍ଷରେ ମାତ୍ର ଜଣଙ୍କୁ ନିଯୁକ୍ତି

**ଯାଜପୁର ଜିଲା**

- ଶିଳ୍ପ ଗଢ଼ିଉଠିଛି, ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା
- ଜିଲା କର୍ମ ନିୟୋଜନ ସଂସ୍ଥା ନାଁକୁ ମାତ୍ର
- ନାମ ପଞ୍ଜୀକରଣ କରିଛନ୍ତି ୨୪,୫୯୬ ବେକାର ଯୁବତୀଯୁବକ
- ଅଶାନ୍ତ କଳିଙ୍ଗନଗର, ସଂଘର୍ଷ କରୁଛନ୍ତି ଶ୍ରମିକ
- ଦାଦନ ଶ୍ରମିକ ସମସ୍ୟାର ଚିତ୍ର ଦେଖାଇଲା କରୋନା

**ଯାଜପୁର ଅଫିସ,୯।୬**

ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଲକ୍‌ଡାଉନ୍ ଯୋଗୁ ଖଣି ଓ ଶିଳ୍ପସମୃଦ୍ଧ ଯାଜପୁର ଜିଲାର ଶ୍ରମିକ, କର୍ମଚାରୀ, ଉଠାଦୋକାନୀ, ଠେଲାଦୋକାନୀ ପ୍ରଭୃତିଙ୍କ ଜୀବିକା ପ୍ରଭାବିତ ହୋଇଛି। ଅନ୍ୟପକ୍ଷେ ଦାଦନ ଖଟିବାକୁ ଯାଇଥିବା ଜିଲାର ପାଖାପାଖି ୧୭ ହଜାର ଶ୍ରମିକ ଜିଲାକୁ ଫେରିଛନ୍ତି। ଜିଲାବାସୀ ଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ କଳିଙ୍ଗନଗର ବହୁ ଶିଳ୍ପମାଲିକ କେବଳ ନିଜର ଲାଭ ଜଗିବାରେ ବ୍ୟସ୍ତ ରହୁଛନ୍ତି। ସେମାନେ ପୂର୍ବ ଭଳି ଏବେ ମଧ୍ୟ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ଚାଲିଥିବାବେଳେ ଜିଲାର କେତେ ସଂଖ୍ୟକ ଲୋକ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଯାଆନ୍ତି ତାହାର ଚିତ୍ର ଏବେ କରୋନା ଦେଖାଇଦେଇଛି। ଅନ୍ୟପକ୍ଷେ ଜୀବନଜୀବିକା ପାଇଁ ଗତ ମାସକ ମଧ୍ୟରେ ବନ୍ଦ କାରଖାନାର ପୁନଃ କାର୍ଯ୍ୟକ୍ଷମ ତଥା ନିଯୁକ୍ତି ନିମନ୍ତେ କଳିଙ୍ଗନଗରରେ ୨୦ରୁ ଉର୍ଦ୍ଧ୍ୱ ଆନ୍ଦୋଳନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇସାରିଛି।

ଯାଜପୁର ଜିଲା କର୍ମ ନିୟୋଜନ ସଂସ୍ଥାରେ ଏଯାଏ ୨୪,୫୯୬ ଜଣ ବେକାର ଶିକ୍ଷିତ ଯୁବତୀଯୁବକ ପଞ୍ଜୀକରଣ କରିଛନ୍ତି। ହେଲେ ଦୁର୍ଭାଗ୍ୟ ଯେ, ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ ମାତ୍ର ଜଣଙ୍କୁ ଜିଲା କର୍ମ ନିୟୋଜନ ସଂସ୍ଥା ଜରିଆରେ ନିଯୁକ୍ତି ମିଳିଛି। କଳିଙ୍ଗନଗରରେ ଥିବା ଶିଳ୍ପ କାରଖାନାରେ ଜଣେ ବି କର୍ମ ନିୟୋଜନ ସଂସ୍ଥା ଜରିଆରେ ନିଯୁକ୍ତି ପାଇନାହାନ୍ତି। ଏ କ୍ଷେତ୍ରରେ ଜନପ୍ରତିନିଧିମାନେ ନୀରବଦ୍ରଷ୍ଟା ସାଜୁଥିବାରୁ ବହୁସଂଖ୍ୟକ ବେକାର ଯୁବତୀଯୁବତୀଙ୍କ ନିଯୁକ୍ତି ଆଶା ଧୂଳିସାତ୍ ହୋଇଯାଉଛି। ବାଣିଜ୍ୟ ପିଜି ଛାତ୍ରୀ ବର୍ଷା ବେହେରା କହିଛନ୍ତି ଯେ, ନିର୍ବାଚନ ସମୟରେ ନେତାମାନେ ଶିଳ୍ପ, କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ପ୍ରସଙ୍ଗ କରୁଛନ୍ତି। କିନ୍ତୁ ଜିଲାରେ ସ୍ଥାନୀୟ ନିଯୁକ୍ତି ସଂଖ୍ୟାକୁ ଅନୁଧାନ କଲେ ଜନପ୍ରତିନିଧିମାନଙ୍କ ପ୍ରସଙ୍ଗ କ୍ରମେ ଅପ୍ରସଙ୍ଗ ହୋଇଯାଉଥିବା ମନେହେଉଛି ବୋଲି ବର୍ଷା କହିଛନ୍ତି।

ଜିଲାରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ଗଢ଼ି ଉଠିବାରେ ଲାଗିଛି। କିନ୍ତୁ ସ୍ଥାନୀୟ ନିଯୁକ୍ତିକୁ ଜାଣିଶୁଣି ଉପେକ୍ଷା କରାଯାଉଛି। ସ୍ଥାନୀୟ ଲୋକେ ନିଯୁକ୍ତି ପାଇଲେ କାଳେ କମ୍ପାନୀ ପକ୍ଷରୁ ହେଉଥିବା ଶ୍ରମିକ ଶୋଷଣ ନୀତି ବିରୋଧରେ ସଂଗଠିତ ଭାବେ ସ୍ୱର ଉଠିବ, ଏହି ଚିନ୍ତା କମ୍ପାନୀ ମାଲିକମାନଙ୍କୁ ଘାରୁଛି। ତେଣୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ଏଡ଼ାଇବା ପାଇଁ ସବୁପ୍ରକାର ଉଦ୍ୟମ କରୁଛନ୍ତି। ଯେଉଁ କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ଅସ୍ଥାୟୀ ଓ ଠିକା ନିଯୁକ୍ତି। ଦିନ ମଜୁରିଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ୨୦୧୬-୧୭ ଆର୍ଥିକ ବର୍ଷରୁ ଜିଲାରେ ନୂତନ ଭାବେ ପ୍ରତିଷ୍ଠିତ ସିମେଣ୍ଟ କାରଖାନାଗୁଡିକରେ ଠିକାଶ୍ରମିକ ଭାବେ ମାତ୍ର ୧୫୦୦ ଲୋକଙ୍କୁ ନିଯୁକ୍ତି ମିଳିଛି। ଫଳରେ ବହୁ ଯୁବତୀଯୁବକ ନିଯୁକ୍ତି ଆଶା ହରାଇ ଦାଦନ ଶ୍ରମିକ ହେବାକୁ ବାଧ ହୋଇଛନ୍ତି।

ସ୍ଥାୟୀ ନିଯୁକ୍ତି ପାଇଁ ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ ‘କମ୍ପଲସରି ନୋଟିଫିକେଶନ ଅଫ୍ ଭ୍ୟାକେନ୍ସି ଆକ୍ଟ-୧୯୫୯’ ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତି ବ୍ୟବସ୍ଥାକୁ ଶିଳ୍ପ ସଂସ୍ଥାଗୁଡିକ ଉଲ୍ଲଂଘନ କରି ଚାଲିଛନ୍ତି। ସାମାଜିକ କର୍ମୀ ରାଜେଶ କୁମାର ରାଉତ କହିଛନ୍ତି, ଜିଲାର ଶିଳ୍ପ, କାରଖାନାଗୁଡ଼ିକ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରିବା ଭଳି ଜନସମସ୍ୟାକୁ ଜନପ୍ରତିନିଧିମାନେ ବିଧାନସଭା ଓ ପାର୍ଲାମେଣ୍ଟରେ ଉପସ୍ଥାପନ କରିବାକୁ ସମୟ ନାହିଁ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେବାକୁ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ପରାମର୍ଶ ଦିଆଯାଉଛି। ଏଥିପ୍ରତି ଯେଉଁ କମ୍ପାନୀ ଗୁରୁତ୍ୱ ଦେଉନାହାନ୍ତି ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

## ଚିକିତ୍ସାଧୀନ ହାତୀର ମୃତ୍ୟୁ


ମୃତ ହାତୀ।

**କଣିହାଁ, ୯।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବାଲିପଶି ଗ୍ରାମ ନିକଟ ସଦର ଖୋଲ ସଂରକ୍ଷିତ ଜଙ୍ଗଲରେ ଚିକିତ୍ସାଧୀନ ଥିବା ଏକ ଛୁଆ ହାତୀର ମଙ୍ଗଳବାର ମୃତ୍ୟୁ ଘଟିଛି। କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ସୋମବାର ଦେବଗଡ ଜିଲା ସୀମାନ୍ତରୁ ହାତୀଟି କଣିହାଁ ବନାଞ୍ଚଳକୁ ଆସିଥିଲା। ଘଉଡାଇବାବେଳେ ଏହା ଅସୁସ୍ଥ ଥିବା ଜଣାପଡିଥିଲା। ଡିଏଫ୍‌ଓଙ୍କୁ ଜଣାଯିବା ପରେ ସାତକୋଶିଆରୁ ଏକ ପ୍ରାଣୀ ଚିକିତ୍ସା ଟିମ୍ ପହଞ୍ଚି ହାତୀର ଚିକିତ୍ସା କରିବା ସହ ନିରୀକ୍ଷଣରେ ରଖିଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୧୧ଟାରେ ହାତୀଟିର ମୃତ୍ୟୁ ଘଟିଥିଲା। ଅପରାହ୍ନରେ କଣିହାଁ ପ୍ରାଣୀ ଚିକିତ୍ସକ ଡ. କମଳଲୋଚନ ଦାସଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ଏହାକୁ ପୋତି ଦିଆଯାଇଛି।

## ୩ ଶିକାରୀ ଗିରଫ: ବନ୍ଧୁକ, ଗୁଳି ଜବତ

**ନୟାଗଡ଼ ଅଫିସ/ଗଣିଆ, ୯।୬ (ଡି.ଏନ୍.ଏ.)**

ନୟାଗଡ଼ ବନଖଣ୍ଡ ଗଣିଆ ରେଞ୍ଜ ଆଡକଟା ବିଟ୍ ବଙ୍କାମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ରାତିରେ ୩ ଶିକାରୀ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସେମାନେ ହେଲେ କେନ୍ଦୁଆବିଡା ଗ୍ରାମର ପ୍ରାମୋଦ ପ୍ରଧାନ, ଅଜୟ ସିଠ୍ ଓ ମନୋଜ ସିଠ୍। ଶିକାର ପାଇଁ ଜଙ୍ଗଲରେ ବୁଲୁଥିବାବେଳେ ରେଞ୍ଜ ଅଫିସର ସୋନାଲି ସିଓ, ଶିଶର ସାହୁ ଓ କର୍ମଚାରୀ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏମାନଙ୍କ ବିରୋଧରେ ୧୪/୨୦ରେ ମାମଲା ରୁଜୁ ହୋଇଛି।


ଭଞ୍ଜନଗରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ସମ୍ବର୍ଦ୍ଧିତ ବ୍ୟକ୍ତି।


ଭଦ୍ରକରେ ନନ୍ଦିନୀ ଦେବୀଙ୍କ ଜୟନ୍ତୀ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।


ଗଜପତି ଜିଲା କାଶୀନଗରଠାରେ ଉପସ୍ଥିତ ଅତିଥି।

# ବିଭିନ୍ନ ସ୍ଥାନରେ ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭଞ୍ଜନଗର,୯।୬(ଡି.ଏନ.ଏ)**

ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୯ତମ ଜୟନ୍ତୀ ମଙ୍ଗଳବାର ଭଞ୍ଜନଗରରେ ପାଳିତ ହୋଇଯାଇଛି। କରୋନା ଯୋଗୁ ସମସ୍ତ ବ୍ୟକ୍ତିଙ୍କୁ ସାନିଟାଇଜ୍ କରାଯିବା ପରେ ସାମାଜିକ ଦୂରତ୍ୱ ରଖି ଶ୍ରୀଅରବିନ୍ଦଙ୍କ ଶକ୍ତିପୀଠରେ ଜୟନ୍ତୀ ଉତ୍ସବ ଆରମ୍ଭ ହୋଇଥିଲା। କରୋନା ସମୟରେ ସାମାଜିକ ସେବା କରିଥିବା ହେଲ୍‌ପିଙ୍ଗ୍ ହ୍ୟାଣ୍ଡର ପ୍ରଶାନ୍ତ ପ୍ରଧାନ, କିରନ କୁମାର ବିଷୋୟୀ, ଟିଟୁ ବାହାଦୁର ଥାପ୍ପା, ଶୁଭମ୍ ପ୍ରଧାନ, ଭବାନୀ ପାଳ, ସିଦ୍ଧାର୍ଥ ସାହୁ, ଦୀପକ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିରଦା ବାସିନୀ ପଟ୍ଟନାୟକ, ଅବସରପ୍ରାପ୍ତ ଗ୍ରନ୍ଥପାଳ ପଞ୍ଚାନନ ପାଳ, ସାଇ ଏସ୍ଏଚ୍‌ଜି ସଭାନେତ୍ରୀ ଗୀତାଞ୍ଜଳି ତ୍ରିପାଠୀ, ସ୍ୱଚ୍ଛସାଥୀ ଗୋଲାପ ମଳିକ, ଚଳିତବର୍ଷ ପ୍ରକୃତି ମିତ୍ର ପୁରସ୍କାର ପାଇଁ ମନୋନୀତ ସାଇ ଗୁରୁକୁଳ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ, ଶ୍ରୀଅରବିନ୍ଦ ଶକ୍ତିପୀଠ ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାରାରୋପଣ ସହ ସତ୍ୟସାଇ ସେବା ସମିତି ସାଇ ଅମୃତ କଳସ କର୍ମକର୍ତ୍ତା ସନତ ସାହୁଙ୍କ ସହଯୋଗରେ ସହରର ବିଭିନ୍ନ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରାଶନ ବଣ୍ଟନ କରାଯାଇଥିଲା।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟଅତିଥି, ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅନୁପମ ବାନାର୍ଜୀ, ଅଜିତ ଶତପଥୀ, ସନତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦ ସଭାପତି କୃତିବାସ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସାମାଜିକ କର୍ମୀ ଶୂଳପାଣି ଶତପଥୀ ସଂଯୋଜନା କରିଥିଲେ। ସମ୍ପାଦକ ବାବୁଲା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଭଦ୍ରକ ଅଫିସ:** ମଙ୍ଗଳବାର ଭଦ୍ରକ ‘ଧରିତ୍ରୀ’ ଜିଲା କାର୍ଯ୍ୟାଳୟରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। କରୋନା କଟକଣା କାରଣରୁ ନନ୍ଦିନୀ ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନନ୍ଦିନୀ ଦେବୀଙ୍କ ବହୁମୁଖୀ ପ୍ରତିଭା ଓ ରାଜନୈତିକ ଦକ୍ଷତା ସମ୍ପର୍କରେ ମନେ ପକାଇଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ସାହିତ୍ୟ ଏବଂ ରାଜନୀତି କ୍ଷେତ୍ରରେ ନନ୍ଦିନୀଦେବୀଙ୍କ ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଗଦାଧର ବଳ, ରୋଟାରିଆନ ଅତିଶ ବେହେରା, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସୁରଜିତା ନାୟକ, ଛାତ୍ରନେତା ସ୍ୱାଧୀନ ସୁନ୍ଦର ଦାସ, ଯୁବ ସଙ୍ଗଠକ ଚନ୍ଦନ ଦାସ, ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର, ରାକେଶ ପଣ୍ଡା ଓ ଏମ୍‌ପିଙ୍କ ପ୍ରତିନିଧି ମଳୟ ଜେନା ପ୍ରମୁଖ ଉପସ୍ଥିତ ରହି ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

**କାଶୀନଗର:** ସ୍ଥାନୀୟ ବଂଶଧାରା ପାଠାଗାର ପରିସରରେ ମଙ୍ଗଳବାର ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ତଥା ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ରାଜେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଶୀନଗର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ମୁଖ୍ୟବକ୍ତା ରୂପେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି କବି ପ୍ରଶାନ୍ତ ମିଶ୍ର, ହୃଷୀକେଶ ଗୌଡ଼, ମନୋଜ କୁମାର ଚୌଧୁରୀ, କଳାକାର କେ. ରାମବାବୁ ପ୍ରମୁଖ ଉପସ୍ଥିତ ରହି ନନ୍ଦିନୀ ଶତପଥୀଙ୍କୁ ମନେପକାଇବା ସହ ତାଙ୍କ ରାଜନୈତିକ ଓ ସାହିତ୍ୟ ଜୀବନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ସମାଜସେବୀ ଟି. କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ।

# ପ୍ରବାସୀଙ୍କ ହାତକୁ କାମ ଏବେ ଆହ୍ୱାନ

- ଜିଲାକୁ ଫେରିଛନ୍ତି ୪୮ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ
- ଏପ୍ରିଲ୍ ୧ରୁ ଜୁନ୍ ୯ ମଧ୍ୟରେ ୧୭୩୦୩୭ ଶ୍ରମିକ କାର୍ଯ୍ୟ ଆଶାୟୀ

**କେନ୍ଦ୍ରାପଡ଼ା ଅଫିସ, ୯।୬**

ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ତାଲାବନ୍ଦ ଘୋଷଣା ପରଠାରୁ କେନ୍ଦ୍ରାପଡା ଜିଲାକୁ ୪୮ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଆସିଛନ୍ତି। କିନ୍ତୁ ପ୍ରକୃତରେ ଲକ୍ଷାଧିକ ଲୋକ ଜିଲାକୁ ଫେରିଥିବା କୁହାଯାଉଛି। ଏମାନଙ୍କୁ କାମ ଯୋଗାଇବା ବର୍ତ୍ତମାନ ସମୟରେ ବଡ ଆହ୍ୱାନ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାଜ୍ୟ ସରକାର ଦୈନିକ ୨୦ ଲକ୍ଷ ଶ୍ରମିକ ସାମିଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହା ଅସମ୍ଭବ ମନେ ହେଉଛି ।

ଚଳିତ ଆର୍ଥିକବର୍ଷ ମଧ୍ୟରେ ଜିଲା ପାଇଁ ୧୫ ହଜାରରୁ ଉର୍ଦ୍ଧ୍ୱ ପ୍ରକଳ୍ପ ମଞ୍ଜୁରୀ ହୋଇଥିବା ବେଳେ ଯୋଜନା କାର୍ଯ୍ୟକାରୀରେ ରାଜ୍ୟର ୨୮ତମ ସ୍ଥାନରେ ଅଛି। ଏପ୍ରିଲ ୧ରୁ ଜୁନ ୯ ତାରିଖ ମଧ୍ୟରେ ଜିଲାରେ ୧୭୩୦୩୭ ଜଣ ଶ୍ରମିକ କାର୍ଯ୍ୟ ଆଶାୟୀ ଅଛନ୍ତି । ତେବେ ୫୬ ପ୍ରତିଶତ ଶ୍ରମିକ କାର୍ଯ୍ୟ ପାଇଛନ୍ତି । ଏଥିମଧ୍ୟରୁ ଚଳିତ ଆର୍ଥିକବର୍ଷରେ ମାତ୍ର ୧୧ଟି ଜବ୍‌କାର୍ଡଧାରୀ ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି । ଗ୍ରାମ୍ୟ ରାସ୍ତା ନିର୍ମାଣ, ପାନୀୟ ଜଳ ପ୍ରକଳ୍ପ, ଗ୍ରାମାଞ୍ଚଳ ପରିବେଶର ସୁରକ୍ଷା, ଅଙ୍ଗନୱାଡି କେନ୍ଦ୍ର ଓ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ଆଦି ପୂର୍ବ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଖରୀ ଖନନ, ବୃକ୍ଷରୋପଣ ଆଦିକୁ ଗୁରୁତ୍ୱ ଦିଆଯାଉଛି। ତେବେ ପ୍ରଶାସନିକ ଅବହେଳା ଯୋଗୁ ଶ୍ରମିକମାନେ ଏହି ଯୋଜନାରେ ଅଂଶୀଦାର ହୋଇପାରୁ ନ ଥିବା ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରତାପ କୁମାର ମହାନ୍ତି, ମାତୃଦତ୍ତ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି, ପ୍ରବାସୀଙ୍କୁ ଚିହ୍ନଟ କରି ଶ୍ରମିକ କାର୍ଡ ଯୋଗାଇ ଦିଆଯାଉ। ଏଥିସହିତ ଗୋଷ୍ଠୀଗତ କାର୍ଯ୍ୟରେ ପ୍ରବାସୀମାନେ ନିଯୁକ୍ତ ହେଲେ ତାଲାବନ୍ଦର ଭୟାବହତା ମଧ୍ୟରୁ କିଛି ପରିମାଣରେ ଆର୍ଥିକ ସହଯୋଗ ମିଳି ପାରିବ । କରୋନା ସଂକ୍ରମଣ ପାଇଁ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଜାରି ରହିଥିବାରୁ କର୍ମ ଅନ୍ୱେଷଣରେ ଶ୍ରମିକମାନେ ଅନ୍ୟୂନ ୬ମାସ ଧରି ଯିବା ସମ୍ଭବ ନୁହେଁ। କୃଷି କ୍ଷେତ୍ରରେ ଜଳ ପରିଚାଳନା ସମସ୍ୟା ସୁଧାରି ପାରିଲେ ପ୍ରବାସୀଙ୍କ ହାତକୁ କାର୍ଯ୍ୟ ଆସିବ ବୋଲି ସେମାନେ ମତ ଦେଇଛନ୍ତି । ଏ ସମ୍ପର୍କରେ ପିଡି ଦିଲୀପ କୁମାର ପରିଡା କହିଛନ୍ତି, ଚଳିତ ମାସଠାରୁ ଏହି ଯୋଜନା କାର୍ଯ୍ୟକାରୀକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ପ୍ରଶସନ ପକ୍ଷରୁ ନୂତନ ପ୍ରକଳ୍ପ ଚିହ୍ନଟ କରାଯାଇ କର୍ମ ନିୟୋଜନ ବ୍ୟବସ୍ଥା କରାଯାଉଛି।

## ୨ ପରିବାର ଗଣ୍ଡଗୋଳ, ୫ ଆହତ

**ଡେରାବିଶ,୯।୬(ସ୍ୱ.ପ୍ର.):** ଜମି ବିବାଦକୁ ନେଇ ସୋମବାର ଡେରାବିଶ ଥାନା କାଉପଡା ପଞ୍ଚାୟତ ବାଘିଲୋ ବାବନପୁର (ଘଡେଇ ସାହି)ର ୨ ପରିବାରରେ ଗଣ୍ଡଗୋଳ ହୋଇଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗୋଟିଏ ପକ୍ଷର ଶାନ୍ତିଲତା ମହାରଣାଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର କାଶୀନାଥ ଓଝାଙ୍କ ପରିବାର ଘରେ ପଶି ଆକ୍ରମଣ କରିଥିଲେ। ଏଥିରେ ଶାନ୍ତିଲତାଙ୍କ ପରିବାରର ୪ଜଣ ଗୁରୁତର ହୋଇଥିଲେ। ଶାନ୍ତିଲତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ ପୋଲିସ ମାମଲା ନଂ-୧୦୭/୨୦ରେ କାଶୀନାଥଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। କାଶୀନାଥଙ୍କ ସ୍ତ୍ରୀ ଭାଗ୍ୟଶ୍ରୀ ଶାନ୍ତିଲତାଙ୍କ ପରିବାର ବିରୋଧରେ ଅଭିଯୋଗ କରିଛନ୍ତି। ଶାନ୍ତିଲତାଙ୍କ ପରିବାର ଲୋକଙ୍କ ଆକ୍ରମଣରେ ତାଙ୍କ ଝିଅ ଗୁରୁତର ହୋଇଛନ୍ତି। ଏନେଇ ପୋଲିସ ନଂ-୧୦୮/୨୦ରେ ମାମଲା ରୁଜୁକରିଛି।

# କଂଗ୍ରେସ, ଭାଜପା ସାଢ଼େ ଚାରିକୋଟି ଓଡ଼ିଆଙ୍କ ମନୋବଳ ନ ଭାଙ୍ଗନ୍ତୁ: ସସ୍ମିତ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

କରୋନା ମହାମାରୀ ସମୟରେ ସବୁସ୍ତରରୁ ପରିପକ୍ୱ ଏବଂ ସକାରାତ୍ମକ ପ୍ରତିକ୍ରିୟା ଆସିବା ଦରକାର। କଂଗ୍ରେସ ଓ ଭାଜପାଠାରୁ ମଧ ଏହି ସମୟରେ ଏଭଳି ପ୍ରତିକ୍ରିୟା ଆଶା କରାଯାଏ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି । ଉଭୟ କଂଗ୍ରେସ ଓ ଭାଜପା ଅଭିଯୋଗର ଜବାବ ଦେଇ ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଦର ଠାରୁ ଅଧିକ ଦାମ୍‌ରେ ଓଡ଼ିଶା ସରକାର କୌଣସି ସମୟରେ ଖରିଦ କରିନାହାନ୍ତି। ତେଣୁ ଏଭଳି ସାମଗ୍ରୀ ଖରିଦ କ୍ଷେତ୍ରରେ ଅନିୟମିତତାର ପ୍ରଶ୍ନ ହିଁ ଉଠୁନାହିଁ।

ସମଗ୍ର ବିଶ୍ୱରେ ଏବେ କରୋନା ମହାମାରୀ ଉଗ୍ର ରୂପ ନେଇଥିବା ବେଳେ ଚିକିତ୍ସା ସେବା କ୍ଷେତ୍ରରେ ମଧ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। ମହାମାରୀ ବିରୋଧରେ ଚାଲିଥିବା ଏହି ଯୁଦ୍ଧ ବର୍ତ୍ତମାନ ସୁଦ୍ଧା ସରି ନାହିଁ। ତେଣୁ କରୋନା ମୁକାବିଲା ପାଇଁ ସମସ୍ତେ ସକାରାତ୍ମକ ମନୋଭାବ ନେଇ ପ୍ରତିକ୍ରିୟା ରଖିବା ଆବଶ୍ୟକ। କରୋନା ମୁକାବିଲାର ସଫଳ ପରିଚାଳନା ପାଇଁ ସମଗ୍ର ଦେଶ ଏବେ ଓଡ଼ିଶାର ପ୍ରଶଂସା କରୁଛି। ତେଣୁ ଏଭଳି ପରିସ୍ଥିତିରେ ଉଭୟ କଂଗ୍ରେସ ଓ ଭାଜପା ଶସ୍ତା ରାଜନୀତି ନ କରି ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ମନୋବଳ ନ ଭାଙ୍ଗିବାକୁ ପାତ୍ର ପରାମର୍ଶ ଦେଇଛନ୍ତି।

# ଶିଶୁ ନେବା ପାଇଁ ମେଡିକାଲରେ ୫ ଦିନ ହେଲା ମହିଳା

**ଛତ୍ରପୁର,୯।୬(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁର ବ୍ୟାଙ୍କ କଲୋନୀ ପଛପାର୍ଶ୍ୱ କିଆବୁଦାରୁ ଗତ ୫ ତାରିଖ ସକାଳେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଥିଲା। ପାଲିଆ ଛତ୍ରପୁରର ଦମନ୍ତୀ ନାୟକ ଫୁଲ ତୋଳିବାକୁ ଯାଇଥିବା ବେଳେ ଶିଶୁକୁ ପାଇ ସ୍ଥାନୀୟ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଘରକୁ ନେଇଥିଲେ । ଖବରପାଇ ଚାଇଲ୍ଡଲାଇନ୍ କର୍ମୀ ପହଞ୍ଚି ଶିଶୁଟିକୁ ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ଦମନ୍ତୀ ମଧ ସେମାନଙ୍କ ସହ ଆସି ଆଉ ଘରକୁ ଫେରୁନାହାନ୍ତି। ଶିଶୁଟିକୁ ନେଇ ପାଳିବେ ବୋଲି କହୁଥିଲେ ମଧ କେହି ତାଙ୍କ କଥା ଶୁଣୁନାହାନ୍ତି। ୫ ଦିନ ହେଲା ମେଡିକାଲରେ ସେ ଶିଶୁପୁତ୍ରକୁ ଜଗି ରହିଛନ୍ତି। ମଙ୍ଗଳବାର ଦମନ୍ତୀଙ୍କ ବାପା ଦାସରଥୀ ନାୟକ ଏବଂ ଗାଁର କେତେଜଣ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ । ଏହା ଉପରେ ତଦନ୍ତ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀଙ୍କୁ ଜିଲାପାଳ କହିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାସରଥୀ ଓ ଗ୍ରାମବାସୀଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ଉଦ୍ଧାର ହୋଇଥିବା ଶିଶୁଙ୍କୁ ଆଇନ୍ ଅନୁସାରେ ଗ୍ରହଣ କରିବାକୁ ଦମନ୍ତୀ ଚାହୁଁଥିବା ତାଙ୍କ ବାପା ଦାସରଥୀ କହିଛନ୍ତି।

**କିଆବୁଦାରୁ ନବଜାତକକୁ ଉଦ୍ଧାର କରିଥିଲେ**


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଦମନ୍ତୀଙ୍କ ବାପା ଓ ଅନ୍ୟମାନେ ।

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ



# ଏକୁଳର ନା ସେକୁଳର

କରୋନା ଭାଇରସ୍ ସଂକ୍ରମଣ ଓ ତତ୍‌ଜନିତ ଲକ୍‌ଡାଉନ୍ ଯୋଗୁ ବିଶ୍ୱ ଅର୍ଥନୀତି ଘୋର ମାନ୍ଦାବସ୍ଥା ଦେଇ ଗତି କରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନ୍ତର୍ଜାତୀୟ ସ୍ତରରେ ଅର୍ଥନୀତି ଚଳିତବର୍ଷ ୫.୨ ପ୍ରତିଶତ ତଳକୁ ଖସିଯିବ ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟ ଦେଇଛି। କେବଳ ସେତିକି ନୁହେଁ, ବିକଶିତ ଦେଶଗୁଡ଼ିକରେ ଅର୍ଥନୈତିକ କାର୍ଯ୍ୟକଳାପ ୭ ପ୍ରତିଶତ ହ୍ରାସ ପାଇବ। ଫଳରେ ପୃଥିବୀବ୍ୟାପୀ ଘୋର ଦାରିଦ୍ର୍ୟ ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କର 'ଗ୍ଲୋବାଲ ଇକୋନମିକ୍ ପ୍ରସ୍‌ପେକ୍ଟ' ରିପୋର୍ଟ ଦର୍ଶାଇଛି। ୧୮୭୦ର ମାନ୍ଦାବସ୍ଥା ପରେ ଏବେ ଦେଖାଦେଇଥିବା ଅର୍ଥନୈତିକ ଦୁଃସ୍ଥିତି ଲାଗି ପ୍ରଥମ ଥର ପାଇଁ ଏକ ମହାମାରୀ ଏଥି ସକାଶେ ଦାୟୀ ବୋଲି ବିଶ୍ୱବ୍ୟାଙ୍କ ସଭାପତି ଡେଭିଡ୍ ମାଲପସ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧୮୭୦ରୁ ବିଶ୍ୱ ଅର୍ଥନୀତି ୧୪ ଥର ମାନ୍ଦାବସ୍ଥା ଦେଇ ଗତି କରିଛି।

କିନ୍ତୁ ଆମେ ଯେଉଁମାନେ ଭାରତରେ ଅଛୁ, ଏଠାକାର ସମସ୍ୟା ବହୁଗୁଣିତ ହେବାରେ ଲାଗିଛି। ଭାରତୀୟ ଅର୍ଥନୈତିକ ବଳୟରେ ବିମୁଦ୍ରୀକରଣ ଏକ ଅଲିଭା କଳାଦାଗ ସୃଷ୍ଟି କରିଦେଇଛି। ଏଭଳି କଠୋର ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କଲେ ଭବିଷ୍ୟତରେ ଏହାର ପ୍ରଭାବ ଦେଶର ଅର୍ଥ ବ୍ୟବସ୍ଥା ଉପରେ କିପରି ପଡ଼ିବ, ତାହା ବିଚାର ନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଲାଗୁ କରିଦେଲେ। ଫଳରେ କଠିନ ପରିଶ୍ରମ କରି ଦୀର୍ଘଦିନ ସଞ୍ଚି ରଖିଥିବା ଗରିବଙ୍କ ଧନ ଚାଲିଗଲା। ପ୍ରଥମ ମାଡ଼ ସର୍ବନିମ୍ନ ସ୍ତର ଉପରେ ହୋଇଗଲା। ଧନୀଙ୍କ ପାଖରେ ଥିବା କଳାଧନ ଠାବ ପାଇଁ ବିମୁଦ୍ରୀକରଣ ଉଦ୍ଦିଷ୍ଟ ଥିଲା ବୋଲି ସେ ୮ ନଭେମ୍ବର ୨୦୧୬ରେ ଜାତି ଉଦ୍ଦେଶ୍ୟରେ ଟେଲିଭିଜନ ମାଧ୍ୟମରେ ଉଦ୍‌ବୋଧନ ଦେଲା ବେଳେ ଯାହା କହିଥିଲେ, ତାହା ଦିନକୁ ଦିନ ଭୁଲ ପ୍ରମାଣିତ ହୋଇଚାଲିଛି। ବିମୁଦ୍ରୀକରଣ ପରେ 'ଗୋଟିଏ ଦେଶ, ଏକ ଟିକସ ବ୍ୟବସ୍ଥା' ସ୍ଲୋଗାନ ଦେଇ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ ବା ଜିଏସ୍‌ଟି ପ୍ରଚଳନ କଲେ। ଏହା ମଧ୍ୟବିତ୍ତ ତଥା କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟକୁ ସିଧାସଳଖ ଧ୍ୱଂସ କରିଦେଲା। କାଗଜପତ୍ର କାମ ଏତେ ବଢ଼ିଯାଇଛି ଯେ ବ୍ୟବସାୟୀ ନିଜ ଜିନିଷ ବିକିବା ଅପେକ୍ଷା କେଉଁ ବାଟରେ ପରୋକ୍ଷ କରରୁ ରକ୍ଷା ପାଇବେ ସେହି ଚିନ୍ତାରେ ରହୁଛନ୍ତି। ଜିଏସ୍‌ଟି ଦ୍ୱାରା ସମଗ୍ର ଦେଶରେ ଯେଉଁ ଏକକ ଟିକସ କଥା କୁହାଯାଇଥିଲା, ତାହା ରହିଲା ନାହିଁ ବରଂ ସାମଗ୍ରୀ ଓ ସେବା ଉପରେ ୪ ଥାକିଆ କର ବସି ଚାଲିଛି। ଏଥିସହିତ ଏହି ଟିକସ ବ୍ୟବସ୍ଥା ପୂର୍ବାପେକ୍ଷା ଅଧିକ ଜଟିଳ ହୋଇଚାଲିଛି। ପୁଣି ଜିଏସ୍‌ଟି ପ୍ରଚଳନ ହେବା ବେଳେ କୁହାଯାଇଥିଲା ଯେ ରାଜ୍ୟଗୁଡ଼ିକର କ୍ଷତି ଭରଣା କରିବାରେ କେନ୍ଦ୍ର ସମ୍ପୂର୍ଣ୍ଣ ସହଯୋଗ କରିବ। ହେଲେ ରାଜ୍ୟଗୁଡ଼ିକ ସେମାନଙ୍କ ଅଂଶଧନ ନିୟମିତ ପାଇପାରୁ ନାହାନ୍ତି। ଏହାଦ୍ୱାରା ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି କରୋନା ସମୟରେ ଜିଏସ୍‌ଟି କାର୍ଯ୍ୟକାରିତାର କୁପ୍ରଭାବ ଅଧିକ ଜଣାପଡୁଛି।

ବର୍ତ୍ତମାନ କରୋନା ସଂକ୍ରମଣ ଓ ତତ୍‌ଜନିତ ଲକ୍‌ଡାଉନ୍ ବା ଶଟ୍‌ଡାଉନ୍‌କୁ ଦେଖିଲେ ପୂର୍ବର ଦୁର୍ବଳ ଅର୍ଥନୀତିକୁ ଆହୁରି କ୍ଷତି ପହଞ୍ଚାଇଛି। ଯେତେବେଳେ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା, ସେତେବେଳେ ଲୋକଙ୍କ ଚଳପ୍ରଚଳ ଉପରେ ଜୋରଦାର କଟକଣା କରିଦିଆଗଲା। ଫଳରେ ଅର୍ଥନୈତିକ କାରବାର ଠପ୍ ହୋଇଗଲା। ଜୀବନ ଭଳି ଜୀବିକାର ପ୍ରାସଙ୍ଗିକତା ଉପରେ ଯେତେବେଳେ ପ୍ରଶ୍ନ ଉଠିଲା ଓ ଦେଶବ୍ୟାପୀ ଏହାକୁ ନେଇ ପ୍ରତିବାଦ କରାଗଲା, ସରକାର ଆଗପଛ କିଛି ନ ଭାବି କଟକଣାର ଘାଇକୁ ଖୋଲିଦେଇଛନ୍ତି। ଏବକା ସ୍ଥିତିରେ ମଣିଷର ଜୀବନ ସହ ଜୀବିକା ଉଭୟ ବିପନ୍ନ ହୋଇପଡ଼ିଛି। ଓଡ଼ିଆରେ କୁହାଯାଏ 'ଆମେ ଏକୁଳର ହେଲୁ ନା ସେକୁଳର ହେଲୁ'। ଅର୍ଥାତ୍ ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତରେ ଯେଉଁଭଳି ହାରରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି ଆମେରିକାକୁ କାଟି ଆଗକୁ ଯିବା ଲାଗି ବେଶି ସମୟ ଲାଗିବ ନାହିଁ। ମୋଦି ସରକାରଙ୍କ ନିଷ୍ପତ୍ତି ଆରମ୍ଭରେ ଭୁଲ ଥିଲା ଓ ଏବେ ମସ୍ତବଡ଼ ତ୍ରୁଟି କରିବସିଲାଣି। ଚାରିଆଡ଼ୁ ସମାଲୋଚିତ ହେବା ପରେ କେନ୍ଦ୍ର ସରକାର ପ୍ରବାସୀ ଶ୍ରମିକଙ୍କ ପ୍ରସଙ୍ଗ ଓ ନିଜ ଅଞ୍ଚଳକୁ ଲକ୍‌ଡାଉନ୍ ନା ଶଟ୍‌ଡାଉନ୍ କରାଯିବ କିମ୍ବା ଖୋଲା ରଖାଯିବ, ସେସବୁର ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଗୁଡ଼ିକ ଉପରେ ଛାଡ଼ି ଦେଇଛି। କେବଳ ଲୋକଦେଖାଣିଆ ଭାବେ 'ଆତ୍ମନିର୍ଭର ଭାରତ'ରେ ୨୦ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରି କେନ୍ଦ୍ର ଖସିଯିବାର ବାଟ ଖୋଜୁଛି। କିନ୍ତୁ ବାସ୍ତବତା ଦେଖିଲେ ଦେଶର କୌଣସି ଅସହାୟ ବର୍ଗ ଏଥିରୁ ଲାଭ ପାଇବାର ପନ୍ଥା ଦେଖାଯାଉ ନାହିଁ। ବିଶ୍ୱବ୍ୟାଙ୍କର ରିପୋର୍ଟକୁ ତର୍ଜମା କଲେ ମନେହେଉଛି ଯେପରି ଭାରତ ପାଇଁ ନିକଟ ଭବିଷ୍ୟତ ଅନେକ ବିପଦ ଆଣିଦେବ। ଗରିବ ସୀମାରେଖା ଭିତରକୁ ଅଧିକ ପ୍ରତିଶତ ଜନସଂଖ୍ୟା ପ୍ରବେଶ କରିଯାଉଥିବାର ଯେଉଁ ସୂଚନା ମିଳୁଛି ତାହା ଏହି ଦେଶର ମେରୁଦଣ୍ଡ ଭାଙ୍ଗିଦେବ।

# କେତେ ସଫଳ ସଙ୍ଗରୋଧ



ସହଦେବ ସାହୁ

ଲକ୍‌ଡାଉନ୍ ଓ ସୋସିଆଲ୍ ଡିଷ୍ଟାନ୍ସିଂ ଜୀବନ ବଞ୍ଚାଉଛି କି– ଏ ପ୍ରଶ୍ନର ଉତ୍ତର ଦେବା ପାଇଁ ଆମକୁ ଇତିହାସ ଦେଖିବାକୁ ପଡ଼ିବ। ୨୦୧୯ ଡିସେମ୍ବର ଶେଷ ଆଡ଼କୁ ଚାଇନାର ଉହାନ୍ ସହରରୁ କୋଭିଡ୍–୧୯ ଆରମ୍ଭ ହୋଇଗଲା ବୋଲି ଜଣାପଡ଼ିବା ପରଠାରୁ ଆଜିଯାଏ ପୃଥିବୀର ୨୦୦ରୁ ଅଧିକ ଦେଶରେ ଏହା ବ୍ୟାପିଗଲାଣି। କାଳକ୍ରମେ ମହାମାରୀ ରୂପ ନେଇଥିବା ଏ ରୋଗର ସଂକ୍ରମଣକାରୀ ଭୂତାଣୁ ବିଷୟରେ ଅଧିକରୁ ଅଧିକ ଜ୍ଞାନ ମିଳିଗଲା। ନଭେଲ କରୋନା ଭାଇରସ୍–୧୯ ନାମ ଦିଆଯାଇଥିବା ଭୂତାଣୁଟିଏ ଜଣେ ସଂକ୍ରମିତ ମଣିଷଠାରୁ ପାଖରେ ଥିବା ସମସ୍ତଙ୍କୁ ଡେଇଁପାରେ ବୋଲି ଜଣାଗଲାଣି। ଡେଇଁବାର ମାଧ୍ୟମ ଶୁଖିଲା ବାୟୁ ନୁହେଁ, ମୁହଁରୁ ବାହାରୁଥିବା ଛେପ, ଖଙ୍କାର, କଫ ଆଦି ବିନ୍ଦୁ ବିନ୍ଦୁ ଜଳକଣା ମାଧ୍ୟମରେ ଏହି ଭୂତାଣୁ ବାହିତ ହୋଇଥାଏ। ପାଟିରୁ ଯାହା ବାହାରୁଛି ତାକୁ ରୋକିବାର ସହଜ ଉପାୟ ହେଲା ତୁଣ୍ଡି (ମାସ୍କ)। ତଥାପି କିଛି ଟୋପା ବାହାରି ଯାଇପାରେ। ମାପି ଦେଖାଯାଇଛି ଯେ, ଓଜନିଆ ଟୋପାଗୁଡିକ ଦୁଇ ମିଟରରୁ ବେଶି ଯାଇପାରେ ନାହିଁ। କଥା କହିଲା ବେଳେ ବାହାରୁଥିବା ବାମ୍ଫ ଭଳି ଜଳକଣା ପବନରେ ଉଡିଯାଏ, ଅତରର ବାଷ୍ପ ଭଳି ହାଲୁକା ହୋଇଥିବାରୁ ସେଇଟା ଭାସିଚାଲେ, ଭାସୁଥିବା ଜଳକଣାରେ ଥିବା ଭୂତାଣୁ ନାକ କି ପାଟି ବା ଆଖି ବାଟେ କାହାରି ଦେହରେ ପଶିଯାଇପାରେ। ପଶିଗଲା କ୍ଷଣି ଲୋକଟିର ଦେହକୋଷ ସହ ମିଶି ନିଜର ବଂଶବୃଦ୍ଧି କରେ। ତଣ୍ଟି ଭିତରର ରସରେ ମିଶି ଫୁସ୍‌ଫୁସ୍‌କୁ ଚାଲିଯାଏ। ମହୁଫେଣାସଦୃଶ ଫୁସ୍‌ଫୁସ୍ ଭିତରେ ଥିବା ଗର୍ତ୍ତିକାଗୁଡିକରେ ବସା ବାନ୍ଧିବାକୁ ପସନ୍ଦ କରେ, ଫୁସ୍‌ଫୁସ୍‌ର ଗର୍ତ୍ତିକାଗୁଡିକ ଭୂତାଣୁରେ ଭର୍ତ୍ତି ହୋଇଗଲେ ସେଠିକି ବାୟୁ ଯାଇପାରେ ନାହିଁ, ଫୁସ୍‌ଫୁସ୍ ତା' କାମ କରିପାରେ ନାହିଁ। ଫୁସ୍‌ଫୁସ୍‌ର କାମ ହେଉଛି ପବନରୁ ଅମ୍ଳଜାନ ସଂଗ୍ରହ କରି ରକ୍ତସ୍ରୋତକୁ ଯୋଗାଇବା ଓ ରକ୍ତରୁ ଅଙ୍ଗାରକାମ୍ଳ ବାଷ୍ପ ଫେରାଇନେଇ ନାକବାଟେ ବାୟୁମଣ୍ଡଳରେ ଛାଡ଼ିଦେବା। ତା' ନ ହେଲେ ରକ୍ତ ବିଷାକ୍ତ ହୋଇଯାଏ ଓ ମୃତ୍ୟୁକୁ ଡାକିଆଣେ। ତେଣୁ ସଂକ୍ରମଣ ବନ୍ଦ କରିବାର ବଡ଼ ସହଜ, ଶସ୍ତା ଓ ଖାଣ୍ଟି ଉପାୟ ହେଉଛି ପରସ୍ପରଠାରୁ (ନିଜ ଘର ଭିତରେ ଥିବା ଲୋକଙ୍କୁ ଛାଡି) ଅତି କମ୍‌ରେ ଦୁଇ ମିଟର ଦୂରତା ରଖିବା, ଯାହାକୁ ସମସ୍ତେ ସୋସିଆଲ୍ ଡିଷ୍ଟାନ୍ସିଂ ବା ସଙ୍ଗରୋଧ କହୁଛନ୍ତି। ଅନିୟନ୍ତ୍ରିତ (ଅନୈତିକ) ସହବାସକୁ ଏଡ୍‌ସ ରୋଗର କାରଣ ବୋଲି କୁହାଯାଇଥାଏ, ପରୋକ୍ଷ ଭାବରେ ଦାମ୍ପତ୍ୟ ବହିର୍ଭୂତ ଶାରୀରିକ ସମ୍ପର୍କକୁ ମନା କରାଯାଏ, କିନ୍ତୁ ସମସ୍ତ ପ୍ରକାରର ସ୍ପର୍ଶକୁ ମନାକରାଯାଏ ନାହିଁ। କିନ୍ତୁ କରୋନା ଭାଇରସ ସମୟରେ ନିଜ ଘର ଭିତରେ ରହୁଥିବା ଲୋକଙ୍କୁ ଛାଡ଼ି ଆଉ ସମସ୍ତଙ୍କ ସହ କେବଳ ସ୍ପର୍ଶ ମନା ନୁହେଁ, ବରଂ କାହା ସହିତ ଦୁଇ ମିଟର ଭିତରେ ରହିବା ମନା। ନିଜର କୁଟୁମ୍ବ ହୋଇଥିଲେ ବି ଯଦି ଘରେ ନ ଥିଲା ତେବେ ତାକୁ ବି ଦୁଇ ମିଟର ଦୂରରେ ୧୪ ଦିନ ଯାଏ ରହିବାକୁ ପଡିବ। କରୋନା ଭୂତାଣୁ ୧୪ ଦିନ ଭିତରେ ତାହାର କରାମତି (ଲକ୍ଷଣ) ଦେଖାଏ, ନ ହେଲେ ଚୁପ୍ (ଆସିମେଟ୍ରିକ୍) ରହିଯାଏ।

ତେଣୁ କେବଳ ସୋସିଆଲ ଡିଷ୍ଟାନ୍ସିଂ ନୁହେଁ, ଲକ୍‌ଡାଉନ୍ କି ସଟ୍‌ଡାଉନ୍ ବି ଦରକାର, କାରଣ ଚଳାଚଳ ବା ଯାତାୟାତ ବନ୍ଦ ହେଲେ କେହି ଘରୁ ବାହାରକୁ ଯିବେ ନାହିଁ କି ବାହାରୁ ଘର ଭିତରକୁ ଆସିବେ ନାହିଁ। ଲକ୍‌ଡାଉନ୍ ଯୋଗୁ ସୋସିଆଲ୍ ଡିଷ୍ଟାନ୍ସିଂ ଆପେ ଆପେ ଆସିଯାଏ। ସ୍କୁଲ ବନ୍ଦ କରିବା, ହାଟବଜାର ବନ୍ଦ କରିବା, ଧର୍ମ ଆଳରେ ଭିଡ ବନ୍ଦ କରିବା, ଅତ୍ୟାବଶ୍ୟକ କାମ ନ ଥିଲେ ଘରୁ ନ ବାହାରିବା ଭଳି ପରସ୍ପରର ସମ୍ପର୍କ ତିଆରି କରୁଥିବା ଘଟଣାଗୁଡ଼ିକ ଗାଡ଼ିଘୋଡ଼ା ଚଳାଚଳ ଓ ମଣିଷର ଯାତାୟାତ ଯୋଗୁ ଘଟିଥାଏ। ପରିବହନ ଓ ଯାତାୟାତ ବନ୍ଦ କରିବା ଲକ୍‌ଡାଉନ୍ ଭଳି ଗୋଟିଏ ପଦକ୍ଷେପରେ ହାସଲ କରିହୁଏ। ୧୮୯୭ର ବିପର୍ଯ୍ୟୟ ପରିଚାଳନା ଆଇନରେ ଏହି ବ୍ୟବସ୍ଥା ରହିଛି। ଆବଦ୍ଧ କରି ରଖିବା ବା କଣ୍ଟେନମେଣ୍ଟ ଏହାର ଅନ୍ୟ ରୂପ। ଫଳରେ ସଂକ୍ରମିତ ଲୋକଠାରୁ ନଭେଲ କରୋନା ଭାଇରସ ଡେଇଁବାକୁ ଆଉ ଗୋଟିଏ ମଣିଷ ପାଇବ ନାହିଁ।

ବୈଜ୍ଞାନିକମାନେ ଅନୁଧ୍ୟାନ କରି କହୁଛନ୍ତି ଯେ, ନ୍ୟୁଜିଲାଣ୍ଡରେ ଯେତେବେଳେ ଜଣ ଜଣକିଆ ମୃତ୍ୟୁ ଖବର ଆସିଲା ସେଠାକାର ସରକାର କଡ଼ା କଣ୍ଟେନମେଣ୍ଟ ଆଦେଶ ଜାରି କରିଦେଲେ, ଲୋକେ ଏକାଠି ହେବେନାହିଁ, ସ୍କୁଲ କଲେଜ ଓ କାର୍ଯ୍ୟସ୍ଥଳୀ ବନ୍ଦ ରହିବ। ଏ ପ୍ରକାର ପଦକ୍ଷେପ ନ ନେଇଥିଲେ ଯେତେ ମରିଥାନ୍ତେ ତାହାର ୯୦ପ୍ରତିଶତ କମିଗଲା। ଅନ୍ୟ ପ୍ରକାରରେ କହିଲେ, ନ୍ୟୁଜିଲାଣ୍ଡ ଭଳି ଦେଶରେ କଡା ଲକ୍‌ଡାଉନ୍ ଜାରି କରି ନ ଥିଲେ ମୃତ୍ୟୁସଂଖ୍ୟା ୧୦ ଗୁଣ ବଢ଼ିଯାଇଥାନ୍ତା। ଭିଏଟନାମ୍ ଭଳି ଦେଶ ଅତି ଶୀଘ୍ର କଣ୍ଟେନମେଣ୍ଟ ପଦକ୍ଷେପ ନେଇ ଥିବାରୁ ସଂକ୍ରମଣ ସଂଖ୍ୟା ୯୫ପ୍ରତିଶତ ଓ ମୃତ୍ୟୁ ୯୮ପ୍ରତିଶତ କମିଗଲା। ଫଳରେ ସେ ଦେଶର ଅର୍ଥନୀତି ଅଳ୍ପ ଦିନ ଭିତରେ ଫେରୁଛି।

ଅବଶ୍ୟ ଦେଶ ଭେଦରେ ଓ ସାମାଜିକ ଚଳଣି ଭେଦରେ କଣ୍ଟେନମେଣ୍ଟ ପଦକ୍ଷେପର ଫଳ ଭିନ୍ନ ଭିନ୍ନ ହୋଇଛି। କରୋନା ଆବିର୍ଭାବ ବେଳକୁ ଯେଉଁ ଦେଶଗୁଡିକରେ ପାଗ ଥଣ୍ଡା ଥିଲା ସେ ଦେଶଗୁଡିକରେ ସଂକ୍ରମଣ ବେଶି ହେଲା, ଯେଉଁ ଦେଶଗୁଡିକରେ ବେଶି ବୟସ୍କ ଲୋକ ଓ ତେଣୁ ସଂକ୍ରମଣ ଆଗରେ ଦୁର୍ବଳ, ସେଗୁଡିକରେ ଭୂତାଣୁ ସଂକ୍ରମଣର ପ୍ରଭାବ ତୀବ୍ର ହେଲା। ଅନ୍ୟପକ୍ଷରେ ଯେଉଁ ଦେଶଗୁଡିକରେ ଜନ ସଂଖ୍ୟା କମ୍ ଓ ସ୍ୱାସ୍ଥ୍ୟସେବା ଉନ୍ନତ ସେଠାରେ କଣ୍ଟେନମେଣ୍ଟ ବ୍ୟବସ୍ଥାର ଫଳ ଉତ୍ତମ ହେଲା। ଅର୍ଥାତ୍ ଯେଉଁ ଦେଶର ଜନସଂଖ୍ୟା ପ୍ରତି ବର୍ଗ କିଲୋମିଟର ପ୍ରତି ଯେତେ କମ୍ ଏବଂ ସ୍ୱାସ୍ଥ୍ୟସେବା ଯେତେ ଉନ୍ନତ ସେ ଦେଶରେ କଣ୍ଟେନମେଣ୍ଟ ଓ ଅନ୍ୟ ପ୍ରକାରର ପ୍ରଶମନ ବ୍ୟବସ୍ଥା ସେତେ ସହଜ ଓ ଭଲ ହେବ। ତେଣୁ ଯେଉଁ ଦେଶରେ ନାଗରିକମାନେ ଶୃଙ୍ଖଳିତ ଅର୍ଥାତ୍ ଆପେ ଆପେ ଆଇନକୁ ମାନୁଛନ୍ତି, ସେଠାରେ କଣ୍ଟେନମେଣ୍ଟ ଜାରି ହେଲା କ୍ଷଣି ସଂକ୍ରମଣ କମି ଯାଉଛି। ଆମ ଦେଶରେ ବିଭିନ୍ନ ପ୍ରକାରର କଣ୍ଟେନମେଣ୍ଟ ବ୍ୟବସ୍ଥା ଏକାବେଳକେ କାର୍ଯ୍ୟକାରୀ ହେଉଥିବାରୁ କେଉଁ ଉପାୟଟି ବେଶି ଭଲ କାମ କରୁଛି କହିବା କଷ୍ଟକର, କିନ୍ତୁ ସଂକ୍ରମଣ ବା ଡେଇଁବାକୁ ଅସମ୍ଭବ କରିବାର ଉପାୟ ତ ଡେଇଁବାର ଦୂରତାକୁ ବଢାଇଦେବା, ଯେମିତି ଡେଇଁପାରିବ ନାହିଁ। ଭୂତାଣୁ ଡେଇଁବାର ସୀମାକୁ ସୋସିଆଲ ଡିଷ୍ଟାନ୍ସିଂ କୁହାଯାଉଛି, ସେହି ଡିଷ୍ଟାନ୍ସକୁ ବଳବତ୍ତର କରୁଛି ଲକ୍‌ଡାଉନ୍ ବା ସଟ୍‌ଡାଉନ୍।

ଅନେକ ଦିନ ଏମିତି ଚାଲିଲେ ଲୋକଙ୍କ ଅଭ୍ୟାସରେ ପଡିଯିବ ବୋଲି ଅନେକେ ପଚାରୁଛନ୍ତି କରୋନା ଭାଇରସ ମଣିଷର ସାମାଜିକ ଓ ଅର୍ଥନୈତିକ ପୁନର୍ଗଠନ ଆଣିବ କି? ବିପଦ ବା ସଙ୍କଟକୁ ଚାଇନାର ମାଣ୍ଡାରିନ୍ ଭାଷାରେ ୱିଜି କୁହାଯାଏ, କିନ୍ତୁ ଏହା ଦୁଇଟି ଶବ୍ଦର ମିଳନ– ୱି ମାନେ ସଙ୍କଟ, ଆଉ ଜି ମାନେ ସୁଯୋଗ– ୱିଜି ଅର୍ଥ ସଙ୍କଟସୁଯୋଗ। ସବୁ ସଙ୍କଟରେ ବିପଦ ଆଶଙ୍କା ଥାଏ ଏବଂ ସୁଯୋଗ ଆଶା ବି ଥାଏ– କିଏ କେମିତି ବ୍ୟବହାର କରୁଛି ତା' ଉପରେ ନିର୍ଭର କରେ। କ'ଣ କଲେ ଏପରି ବିପଦର ମୁକାବିଲା କରିହେବ, କାହା ଉପରେ ଅଗ୍ରାଧିକାର ଦିଆଯିବ, ଅନୁଷ୍ଠାନଗୁଡିକ କିପରି କରାହେବା ଉଚିତ, ପୁଞ୍ଜିନିବେଶ ବ୍ୟବସ୍ଥା କିପରି ହେବା ଉଚିତ– ଚିନ୍ତକମାନେ ମୂଲ୍ୟବାନ ଶିକ୍ଷା ପାଆନ୍ତି। ବଡ ସଙ୍କଟ ଆସିଲେ ସେ ସମୟରେ ଅର୍ଥବ୍ୟବସ୍ଥାକୁ ପୁନର୍ଗଠନ କରିବା ପାଇଁ ସମାଜର ବିଭିନ୍ନ ବର୍ଗ ଭିତରେ କ୍ଷମତାର ଲଢ଼େଇ ଲାଗିଯାଏ। ପ୍ରେସିଡେଣ୍ଟ ହୁବର୍ ଗ୍ରେଟ୍ ଡିପ୍ରେସନ ଧ୍ୱଂସଲୀଳାର ମୁକାବିଲା କରିପାରିଲେ ନାହିଁ ବୋଲି ଫ୍ରାଙ୍କଲିନ୍ ରୁଜଭେଲ୍ଟ (୧୯୩୩–୩୮) ନିର୍ବାଚନରେ ଜିତିଗଲେ। ସେ ବଡ ଧରଣର ସାଂଗଠନିକ ପରିବର୍ତ୍ତନ ଆଣିଲେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ: ଥ୍ରି ଆର୍, ରିଲିଫ୍, ରିକଭରି ଓ ରିଫର୍ମ। ଆମ ଦେଶରେ ତ ନେତୃତ୍ୱର ପରିବର୍ତ୍ତନ କେହି ଚାହୁଁ ନାହାନ୍ତି। ବର୍ତ୍ତମାନର ଆହ୍ୱାନ ହେଉଛି ବେକାରି ଦୂର କରିବା ଓ ଗରିବଙ୍କୁ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ଯୋଗାଇବା। ଟେକ୍ନୋଲଜିର ବିକାଶ ଓ ଅଟୋମେଶନ ପ୍ରଚଳନ ବେକାରି ବଢାଇବ। ତେଣୁ ପ୍ରତ୍ୟେକ ଗରିବକୁ (ପ୍ରାୟ ୭୦ କୋଟି ଲୋକଙ୍କୁ), ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍ ବୟସ୍କଙ୍କୁ ମାସିକ ୬୦୦୦ ଓ ନାବାଳକକୁ ୩୦୦୦ ଟଙ୍କା ଲେଖାଏ, ନିଃସର୍ତ୍ତ ଆୟ ହିସାବରେ ତା' ଏକାଉଣ୍ଟରେ ଦିଆଯାଉ। ଏହି ୭୦ କୋଟି ଲୋକଙ୍କ ଖର୍ଚ୍ଚ ତ ଦେଶର ଜିଡିପିକୁ ବଢାଇବ, ବିଦେଶକୁ ନେଇଯିବାର ଆଶଙ୍କା ନାହିଁ। (ଏବକାର ୨୦ ଲକ୍ଷ କୋଟି ଟଙ୍କା ତ ଖାଉ–ଲୋକଙ୍କ ଭିତରେ ବଣ୍ଟାବଣ୍ଟିରେ ସରିଯିବ।) କିନ୍ତୁ ଦେଶରେ ଖୁସିର ହାୱା ବହିବ ଓ ରାଜନୀତିରେ ଭ୍ରଷ୍ଟାଚାର (ଯଥା ଭୋଟକିଣା ଅର୍ଥରେ ମାଗଣା ଜିନିଷ ବାଣ୍ଟିବା) ପ୍ରାୟ ବନ୍ଦ ହୋଇଯିବ ତ ସରକାରୀ କର୍ମଚାରୀ ସଂଖ୍ୟା ବି କମିଯିବ।

sahadevasahoo@gmail.com

# ସାହିତ୍ୟ ଓ କରୋନା



ସୁଧାକର ଦାସ

ଏବେ ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ଖୋଲିଲେ ମାଲମାଲ ଆତ୍ମଘୋଷିତ କବି ଓ ଲେଖକ ଆଉ ତାଙ୍କ ସୃଷ୍ଟି ଓ କୃତି ଆଖି ଚମକେଇ ଦିଏ। ଆଜିକାଲି ତ, ଦିବସର ଅଭାବ ନହିଁ। ମାତୃ ଦିବସ, ବନ୍ଧୁ ଦିବସ, ପ୍ରେମ ଦିବସ... ଏମିତି କେତେ କ'ଣ। ଆଉ ଏଇ ଅବସରରେ ଜନ୍ମ ନେଉଛନ୍ତି ଅସଂଖ୍ୟ କବି ଓ ଲେଖକ। ଯିଏ ଯେମିତି ପାରିଲା, ଯା' ମୁଣ୍ଡକୁ ଯାହା ଆସିଲା ଆଠଦଶ ଧାଡି ଲେଖି ପକେଇଲା। ଏମିତିକି, ଏସବୁ ଲେଖାର ପ୍ରଥମ ଦୁଇଧାଡିରେ ଅତି କମ୍‌ରେ ଦୁଇ ତିନୋଟି ବନାନ ଅଶୁଦ୍ଧି ଦୃଷ୍ଟିରେ ପଡିବା ନିଶ୍ଚିତ। ଏତେ ଉଦ୍ଭଟ ଶବ୍ଦର ପ୍ରୟୋଗ ହୋଇଥାଏ ଯେ, ନା ସେଥିରୁ ବାହାରୁଥାଏ କିଛି ନିର୍ଦ୍ଦିଷ୍ଟ ଅର୍ଥ ନା ତାହା ପ୍ରକାଶ କରୁଥାଏ କିଛି ଭାବ। କେତେକେ ତ ନିଜ ଲେଖାକୁ ବଡ଼ ବଡ଼ ନାମଜାଦା କବି ବା ଲେଖକଙ୍କ ଶୈଳୀରେ ଲେଖିବାକୁ ଯାଇ କ'ଣ କ'ଣ ଲେଖୁଛନ୍ତି ତାହା ସେମାନେ ନିଜେ ବି ବୁଝନ୍ତିନି। କିନ୍ତୁ ପରିତାପର ବିଷୟ, ବିନା ସାଧନା ବିନା ଆହରଣ, ବିନା ନିଜସ୍ୱ ଶବ୍ଦକୋଷ ଓ ଜ୍ଞାନଗରିମାରେ ଏମାନେ ଯାହା ଲେଖୁଛନ୍ତି, ଥୋକେ ଲୋକ ସାଙ୍ଗେ ସାଙ୍ଗେ ତା'କୁ ଅପୂର୍ବ, ଅସାଧାରଣ, ଚମତ୍କାର ଭଳି ଶବ୍ଦରେ ଉତ୍ସାହିତ କରି ନିଜକୁ ସ୍ୱଳ୍ପ ଜ୍ଞାନୀ ଓ ମୂର୍ଖ ଆଖ୍ୟା ଦେବାକୁ ବି ଲଜ୍ଜାବୋଧ କରୁନାହାନ୍ତି। ଏହା ଆମ ସାହିତ୍ୟ ପ୍ରତି କେବଳ ଅବଜ୍ଞା ବା ଅବମାନନା ନୁହେଁ ବରଂ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଏକ ଭାଷା ପ୍ରତି ବିଦ୍ରୂପ ଓ ତିରସ୍କାର। ବେଳେବେଳେ ତ, ଏଭଳି ଅସାହିତ୍ୟ ସୃଷ୍ଟି କରି ସଂସ୍କୃତିକୁ ବିପନ୍ନ କରୁଥିବା ଅଜ୍ଞାନ–ଅବିବେକୀମାନଙ୍କୁ ଜାତିଦ୍ରୋହୀ ବୋଲି କହିବାକୁ ଇଚ୍ଛା ହୁଏ।

ସାହିତ୍ୟ କ'ଣ ଆଖିକୁ ଚମକେଇବା ଜିନିଷଟିଏ? ଯାହା ମନକୁ ଆନ୍ଦୋଳିତ, ହୃଦୟକୁ ଆଲୋଡିତ ନ କଲା, ଯାହାର ସୂକ୍ଷ୍ମ କଳ୍ପନାର ଭାବପୂର୍ଣ୍ଣ ବିନ୍ୟାସ ପାଠକକୁ ଲେଖକର ଭାବନା–ରାଜ୍ୟକୁ ସମ ତାଳଲୟରେ ଆକର୍ଷି ନ ନେଲା, ସେ ସର୍ଜନାର ମହତ୍ତ୍ୱ କ'ଣ? ପାଠକଟି ଯଦି ସେଇ ଲେଖା ଭିତରେ ନିଜକୁ, ନିଜର ହର୍ଷ, ବିଷାଦ, ପୁଲକ ଓ ମନସ୍ତାତ୍ତ୍ୱିକ ଅବେଗକୁ ଖୋଜି ନ ପାଇଲା ସେ ଲେଖା ବୃଥା। ଭାବନା ଓ ଚିନ୍ତନର ପରିପ୍ରକାଶ ଯଦି ସମୁଚିତ ଶବ୍ଦ ଓ ଶୈଳୀରେ ପରିସ୍ଫୁଟିତ ହୋଇ ନ ପାରିଲା ତେବେ ସେ ସାହିତ୍ୟ କେବଳ ଅବାନ୍ତର ଦୁର୍ବୋଧ ହୋଇ ରହିଯାଏ ସିନା, ସୁଖପାଠ୍ୟ ବା ପାଠ୍ୟ ଉପଯୋଗୀ କଦାପି ହୋଇପାରେ ନାହିଁ। ସାହିତ୍ୟ ଏକ ସାଧନା, ସାହିତ୍ୟ ଏକ ଦୀର୍ଘ ସମୟର ତପସ୍ୟା, ଏହା ଏକ ଗଭୀର ଅନ୍ୱେଷଣ, ସଞ୍ଚୟନ, ଆହରଣ ଓ ଉଦ୍ଗିରଣର ବ୍ୟାପାର। ଏଥିରେ ଥାଏ ଉପଯୁକ୍ତ ଭାବ, ଭାଷା, ଯୁକ୍ତି, ଛନ୍ଦ ଓ ଅନୁରଣନ। ଏ ସୃଷ୍ଟିରେ କୌଣସି କାଳଜୟୀ ସାହିତ୍ୟସ୍ରଷ୍ଟା ବିନା ସଞ୍ଚୟନ, ଆହରଣ ଓ ଅନ୍ୱେଷଣରେ କିଛି ଉଦ୍ଗାରିବାକୁ କେବେ ପ୍ରଚେଷ୍ଟା କରି ନାହାନ୍ତି କାରଣ ସାହିତ୍ୟ ପ୍ରତି ଥିଲା ଓ ରହିଛି ସେମାନଙ୍କର ପ୍ରଗାଢ଼ ଅନୁରକ୍ତି, ସମ୍ମାନ ଏବଂ ସଂଭ୍ରମତା। ସେ ବ୍ୟାସଦେବ, ବାଲ୍ମୀକି ହୁଅନ୍ତୁ, ସାରଳାଦାସ କି ଭୀମଭୋଇ ହୁଅନ୍ତୁ କିମ୍ବା ସାଂପ୍ରତିକ ସମାଜର ଯେ କେହି ପ୍ରଥିତଯଶା ସାରସ୍ୱତ ସାଧକ।

ତେବେ ଓଡିଆ ଭାଷା–ସାହିତ୍ୟକୁ ଅବମାନନା କେବଳ ଆଜି ସୋସିଆଲ ମିଡିଆରେ ସୀମିତ ହୋଇ ନାହିଁ। ମୁଦ୍ରଣ ଜଗତରେ ବି ଆଜି ଆମ ଭାଷା–ସାହିତ୍ୟ ଉପରେ ଚାଲିଛି ନିର୍ଲଜ୍ଜ ଉପଦ୍ରବ। ଯାହା ପାଖେ ପଇସା ଅଛି ସେ ଆଜି ଲେଖକ କି କବି। ମନଇଚ୍ଛା ନିଜ ଢଙ୍ଗରେ, ଏମିତି କିଛି ଗପ ଓ କବିତା ବହି ସବୁ ପ୍ରକାଶିତ ହେଉଛି ଯେଉଁଥିରେ ସ୍ଥାନିତ ଲେଖାକୁ ପଢିଲେ ଲାଗିବ ଯେମିତି ହାଇସ୍କୁଲ୍ ବାର୍ଷିକ ସ୍ମରଣିକାରେ ଅପରିପକ୍ୱ ଶୈଳୀରେ ଲେଖା ହୋଇଥିବା କଞ୍ଚା ଭାବନାର କିଛି ଗପ କି କବିତା। ଏମିତି ବହିର ଛପାସଂଖ୍ୟା ବି ଶହେ କି ଦୁଇଶହ, କେବଳ ନିଜ ବନ୍ଧୁପରିଜନ ଓ ଆତ୍ମୀୟଙ୍କୁ ବାଣ୍ଟିବା ପାଇଁ, ଆଉ ଜବରଦସ୍ତ ସେମାନଙ୍କ ମୁହଁରୁ ମିଛ ପ୍ରଶଂସା ଶୁଣିବା ପାଇଁ। ଏଇ ମାନସିକତା, ବିନା ସାଧନା, ବିନା ସୃଜନାତ୍ମକ ଆବେଗରେ ପ୍ରକାଶିତ ଏଭଳି ସାହିତ୍ୟ କୌଣସି ସଭ୍ୟ ସଂସ୍କୃତିସମ୍ପନ୍ନ ସମାଜ ପାଇଁ କେତେ ହିତକାରୀ? ପାଠକ ହାତରେ ଯେତେବେଳେ ଏହିଭଳି ବହି କିଛି ପଡୁଛି, ସେ ସାହିତ୍ୟ ଉପରୁ ଆସ୍ଥା ହରାଉଛି। ଏହାଦ୍ୱାରା କିଛି ତରୁଣ, ଯୁବ ଲେଖକ ଲେଖିକା ଯୋଉମାନେ ବାସ୍ତବରେ ପ୍ରତିଭାସମ୍ପନ୍ନ, ବହୁ କଷ୍ଟରେ କିଛି ଅର୍ଥ ଯୋଗାଡ କରି ନିଜର ବହିଟିଏ ଛାପୁଛନ୍ତି, ପ୍ରକାରାନ୍ତରେ ସେମାନେ ବୀତସ୍ପୃହ ପାଠକର ରୋଷର ଶିକାର ହୋଇ ଆଦ୍ୟ ସାରସ୍ୱତ ଜୀବନକୁ ଜଳାଞ୍ଜଳି ଦେଉଛନ୍ତି।

ସମୟ ସହିତ ତାଳଦେଇ ସାହିତ୍ୟର ରୂପରେଖ ବଦଳିବା କିଛି ଅସ୍ୱାଭାବିକ ନୁହେଁ। ସେମିତି ଭାଷାର ପ୍ରୟୋଗ ଓ ନୂଆ ନୂଆ ଶୈଳୀରେ ପରିପ୍ରକାଶକୁ ନେଇ ପରୀକ୍ଷା ନିରୀକ୍ଷା ସବୁବେଳେ ସ୍ୱାଗତଯୋଗ୍ୟ। କିଛି ଆଧୁନିକ ସ୍ରଷ୍ଟା ତ ସେମାନଙ୍କ ନିଜସ୍ୱ ଶୈଳୀ ଆଉ ଶବ୍ଦକୁ ନେଇ କଳାକାରିଗରୀ ପାଇଁ ପାଠକ ମହଲରେ ବେଶ୍ ଆଦୃତ। କିନ୍ତୁ ଅର୍ଥବଳରେ ସାରସ୍ୱତ ସାମ୍ରାଜ୍ୟକୁ ପ୍ରବେଶ କରି ଭାଷା ଓ ସୃଜନୀକୁ କଦାକାର କରୁଥିବା ଉଚ୍ଚାକାଂକ୍ଷୀ ବ୍ୟକ୍ତିବିଶେଷ ସେମାନଙ୍କ ଅପଚେଷ୍ଟାରୁ ବିରତ ରହିବା ସମାଜ ପାଇ ମଙ୍ଗଳକାରୀ ନୁହେଁ କି?

ଏବେ ଦିନେ, ଏଇ ଲକ୍‌ଡାଉନ୍ ସମୟରେ ଏହି ବିଷୟରେ ବେଶ୍ ଗଭୀରଭାବେ ଅନୁଶୀଳନ କଲାବେଳେ ମନକୁ ଗୋଟେ କଥା ଆସିଲା। କଥାଟି ହେଲା, ଆମ ସାହିତ୍ୟ ଥରେ ଏଇଭଳି କରୋନାର ଶିକାର ହୁଅନ୍ତାନି! ଶୁଣିଛି, ଯାହାର ରୋଗପ୍ରତିରୋଧକ ଶକ୍ତି ଅଧିକ କରୋନା ତା'ର କିଛି କ୍ଷତି କରି ପାରିବନି, ଆଉ ଯାହାର ଦୁର୍ବଳ ସେ ଶିକାର ହେବାର ସମ୍ଭାବନା ସହ ମୃତ୍ୟୁବରଣ କରିବାର ଆଶଙ୍କା ଅଧିକ। ଆମ ସାହିତ୍ୟଜଗତକୁ ବି ସେମିତି କରୋନା ଭଳି କିଛି ମହାମାରୀ ଆସନ୍ତା, ଆଉ ଯାହାର ଆହରଣ, ଅନ୍ୱେଷଣ, ସଞ୍ଚୟନ ଶକ୍ତି ଦୁର୍ବଳ ସେମାନଙ୍କର ସମୂଳେ ବିନାଶ ଘଟନ୍ତା ଏବଂ ବାସ୍ତବ ସ୍ରଷ୍ଟାମାନଙ୍କ ଅମୂଲ୍ୟ ଅବଦାନରେ ଆମ ଭାଷା, ସାହିତ୍ୟ ହୋଇଉଠନ୍ତା ଆହୁରି ଜାଜ୍ୱଲ୍ୟମାନ, ଆହୁରି ହୃଦୟଗ୍ରାହୀ!!

ସ୍ୱାହା, କେନାଲ ରୋଡ୍, ଛତ୍ର ବଜାର, କଟକ, ମୋ– ୯୪୩୭୨୭୪୮୫୭

## ଏଇ ଭାରତରେ

ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମରେ ରାସ୍ତା, ପାର୍କ, ପ୍ରକଳ୍ପ କିମ୍ବା ଭବନର ନାମକରଣ ହେବା ଏକ ସାଧାରଣ କଥା, କିନ୍ତୁ ଜଣେ ଆଇଏଏସ୍ ଅଧିକାରୀଙ୍କ ନାମରେ ଏକ ଗାଁ ନାଁ ରଖାଯିବା କେବେ ଶୁଣିଛନ୍ତି କି? ଏମିତି ଏକ ଘଟଣା ସାମ୍ନାକୁ ଆସିଛି ତେଲଙ୍ଗାନାରେ। ୨୦୧୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଦିବ୍ୟା ଦେବରାଜନ ଅଦିଲାବାଦ ଜିଲାପାଳ ଭାବେ ନିଯୁକ୍ତି ପାଇବା ପରେ ଜିଲାର ଗୋଣ୍ଡ (ଆଦିବାସୀ ସମ୍ପ୍ରଦାୟ)ବହୁଳ ଗାଁଗୁଡିକରେ ଏଭଳି କାର୍ଯ୍ୟ କରିଛନ୍ତି ଯେ ସେଠାକାର ବାସିନ୍ଦା ତାଙ୍କୁ ସମ୍ମାନ ଜଣାଇବା ଲାଗି ଏକ ଗାଁର ନାମ ରଖିଛନ୍ତି ଦିବ୍ୟାଗୁଡା। ଆଦିଲାବାଦରେ ଗୋଣ୍ଡ ସମ୍ପ୍ରଦାୟ ବହୁ ସମୟରେ ସେ ଅଞ୍ଚଳରେ ରହୁଥିବା ଅନ୍ୟ ସମ୍ପ୍ରଦାୟଗୁଡ଼ିକ ସହ ହିଂସାରେ ଲିପ୍ତ ରହନ୍ତି। କିନ୍ତୁ ଦିବ୍ୟା ଜିଲାପାଳ ଭାବେ ନିଯୁକ୍ତି ପାଇବା ପରେ ମାତ୍ର ତିନିମାସ ମଧ୍ୟରେ ଗୋଣ୍ଡି ଭାଷା ଶିଖି ସେମାନଙ୍କ ସହ କଥା ହୋଇ ଅନେକ ସମସ୍ୟାର ସମାଧାନ କରିପାରିଥିଲେ। ଚିକିତ୍ସା ସୁବିଧା ପାଇଁ ସରକାରୀ ଡାକ୍ତରଖାନାରେ ସେମାନଙ୍କ ଭାଷା ବୁଝିବାକୁ ଜଣେ ଗୋଣ୍ଡି ଭାଷା ଅନୁବାଦକଙ୍କୁ ନିଯୁକ୍ତି ଦେଇଛନ୍ତି, ଯାହାଦ୍ୱାରା ସେମାନଙ୍କ ଚିକିତ୍ସା ସହଜ ହୋଇପାରୁଛି। ଚିକିତ୍ସା ପାଇଁ ଆର୍ଥିକ ସହାୟତା ଓ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ କରାଯାଇଛି। ଖୁବ୍ କମ୍ ଦିନରେ ଗୋଣ୍ଡମାନଙ୍କ ଜୀବନଶୈଳୀ ପରିବର୍ତ୍ତନ କରିବା ସହ ଜଳସେଚନ, ବେକାରି ସମସ୍ୟା ଓ ନିରକ୍ଷରତା ହାରରେ ବି ଉନ୍ନତି ଆଣିପାରିଛନ୍ତି। ସେ ଚଳିତବର୍ଷ ଫେବୃୟାରୀରେ ତେଲଙ୍ଗାନା ମହିଳା, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ବିଭାଗର ସଚିବ ଓ କମିଶନର ଭାବେ ନିଯୁକ୍ତି ପାଇଥିଲେ ବି ଏ ଅଞ୍ଚଳର ବିକାଶକୁ ନେଇ ଖୁସି ଅଛନ୍ତି ବୋଲି କହନ୍ତି ଦିବ୍ୟା।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୫

- ୟୁକ୍ରେନରୁ ଇରାକକୁ ୭ ଟନ୍ ଓଜନର ଆଣବିକ ସାମଗ୍ରୀ ଚୋରା ଚାଲାଣ ହେଉଥିବା ବେଳେ ଆମେରିକୀୟ ଏଜେଣ୍ଟମାନଙ୍କ ଦ୍ୱାରା ଏହାକୁ ଜବତ କରାଯାଇଛି।
- ସେନାବାହିନୀ ଚାକିରି ଛାଡ଼ି ଚାଲିଯାଇଥିବା ଶ୍ରୀଲଙ୍କାର ୨୫ ହଜାର ସାମରିକ କର୍ମଚାରୀଙ୍କୁ ସରକାର ସର୍ବକ୍ଷମା ପ୍ରଦାନ କରିବା ସହ ପୁନଃ ଚାକିରିରେ ନିଯୁକ୍ତି ଦେବା ପାଇଁ ସରକାରଙ୍କ ପକ୍ଷରୁ ଏକ ଅଭିଯାନ ଆରମ୍ଭ କରାଯାଇଛି।
- ବିରୋଧୀ ଦଳ ନେପାଳୀ କଂଗ୍ରେସ ପକ୍ଷରୁ ବାରମ୍ବାର ଚାପର ଶିକାର ହୋଇ ଶେଷରେ ନେପାଳର ପ୍ରଧାନମନ୍ତ୍ରୀ ମନମୋହନ ଅଧିକାରୀ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 3 | 1 | | 6 | | | | E | | | | A | | |
| | 6 | | 7 | | 1 | | D | | 3 | | | | | 9 |
| | 2 | 0 | | | | | | | 4 | | | E | D | B |
| | | | 2 | | | | | 3 | | | | | C | |
| | | | | | | | | | E | A | | 5 | 2 | |
| | | | | 0 | | | | | 7 | 1 | | 3 | A | |
| 6 | | | D | | | | | | | E | | | | 5 |
| 5 | B | | 4 | 3 | | | | | D | | 0 | 2 | | 7 |
| 9 | A | 3 | B | | | 4 | | | | | | | | |
| D | | 8 | E | | | | 2 | 5 | | | | B | 0 | C |
| | | | 5 | | 9 | | 0 | | 2 | 4 | | | | |
| | 7 | 5 | 3 | | 0 | | 6 | | | | D | C | E | |
| | E | | | | | | A | C | 0 | | 8 | 9 | | |
| 4 | | A | | D | | | B | | | | 9 | | | |
| | | | | | 8 | 2 | 4 | 1 | | | | | 3 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | C | 3 | 0 | 8 | 6 | D | E | B | 7 | 9 | 1 | 5 | A | 2 |
| D | 1 | 5 | 9 | 2 | 7 | A | 4 | 0 | 3 | 8 | B | 6 | C | E |
| 8 | A | 0 | C | B | D | 9 | 2 | 1 | 6 | E | 5 | 4 | 7 | 3 |
| 7 | E | 6 | 5 | A | 1 | C | 3 | 8 | 2 | D | 4 | B | 9 | 0 |
| B | 9 | 2 | 3 | 4 | E | 6 | 7 | 5 | 0 | C | A | D | 8 | 1 |
| 5 | 2 | B | E | D | A | 7 | 9 | C | 4 | 1 | 0 | 8 | 3 | 6 |
| C | 3 | 8 | 1 | 5 | 2 | B | 0 | A | E | 6 | 7 | 9 | D | 4 |
| A | 6 | 4 | 8 | C | B | 5 | 1 | D | 9 | 3 | 2 | E | 0 | 7 |
| 9 | 7 | E | 6 | 0 | 3 | 2 | 8 | 4 | A | B | D | C | 1 | 5 |
| 0 | D | 1 | 4 | 7 | 9 | E | 6 | 3 | 8 | 5 | C | 2 | B | A |
| 2 | 4 | C | A | 1 | 8 | 3 | 5 | 9 | B | 7 | 6 | 0 | E | D |
| 1 | B | 7 | D | E | 4 | 0 | C | 2 | 5 | A | 8 | 3 | 6 | 9 |
| 3 | 8 | 9 | 2 | 6 | 5 | 1 | D | 7 | C | 0 | E | A | 4 | B |
| E | 5 | A | 7 | 9 | 0 | 8 | B | 6 | D | 4 | 3 | 1 | 2 | C |
| 6 | 0 | D | B | 3 | C | 4 | A | E | 1 | 2 | 9 | 7 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅମାନିଆ ସାବାଡ଼

ମହାଶୟ,

କରୋନା କବଳରୁ ରକ୍ଷା ପାଇବା ପାଇଁ ସରକାର ଲୋକଙ୍କୁ ସତର୍କ କରୁଛନ୍ତି। ସାମାଜିକ ଦୂରତା ଓ ସଙ୍ଗରୋଧ ରକ୍ଷା କଲେ ଏହି ବିପତ୍ତିକୁ ଏଡ଼ାଇ ହେବ। ମାସ୍କ ପିନ୍ଧିବା, ବାହାରୁ ଘରକୁ ଫେରିଲେ ହାତଗୋଡ଼ ଧୋଇବା, ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା ଆଦି ସତର୍କତା ସମ୍ପର୍କରେ ସରକାର ସଚେତନ କରୁଛନ୍ତି। କିଛି ଅମାନିଆ ଲୋକ ବାରଣ ସତ୍ତ୍ୱେ ବାରମ୍ବାର ପଦାରେ ବୁଲାବୁଲି କରି ରୋଗକୁ ଆମନ୍ତ୍ରଣ କରୁଛନ୍ତି। ଶେଷରେ ପୋଲିସ ଏକ ଅଭିନବ ଉପାୟ ଆପଣେଇଲା। ଏକ ଜନଗହଳି ସ୍ଥାନରେ ଆମ୍ବୁଲାନ୍ସ ମଧ୍ୟରେ ଜଣେ ପୋଲିସ ବାବୁଙ୍କୁ କରୋନା ରୋଗୀ ସଜାଇ ରଖିଲା। ଅମାନିଆ ଲୋକ ହାବୁଡ଼େ ପଡ଼ିଲେ ତାକୁ ଧରି ଆମ୍ବୁଲାନ୍ସ ମଧ୍ୟରେ ଛାଡ଼ି କବାଟ ବନ୍ଦ କରିଦେଲା। କରୋନା ରୋଗୀ ବେଶଧାରୀ ପୋଲିସ ଆମନିଆଙ୍କୁ ଛୁଇଁବାର ଅଭିନୟ ଆରମ୍ଭ କରନ୍ତେ ବିଚରା ଅମାନିଆର ହାଲୁକ ଶୁଖିଗଲା। ତା'ପରେ ପୋଲିସ ତାକୁ ଆମ୍ବୁଲାନ୍ସରୁ ବାହାର କରି ଛାଡ଼ିଦେଲା। ପୋଲିସବାବୁଙ୍କ ଅମାନିଆଙ୍କୁ ସାବାଡ଼ କରିବାର ଏପରି ଉପାୟ ସ୍ୱାଗତଯୋଗ୍ୟ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### କଲଭର୍ଟ ନିର୍ମାଣ ହେଉ

କଟକ ସଦର ଅନ୍ତର୍ଗତ ଆୟତପୁରଠାରେ ମା' ସିଦ୍ଧେଶ୍ୱରୀ ଏବଂ ଶିବମନ୍ଦିର ବିଲ ମଧ୍ୟରେ ପୂଜା ପାଇ ଆସୁଛନ୍ତି। ମୁଖ୍ୟ ରାସ୍ତାରୁ ପାରି ହେବାକୁ ତାଳଦଣ୍ଡାର ଶାଖା କେନାଲ ରହିଛି। ସେଠାରେ ଯାତାୟାତ ପାଇଁ କଲଭର୍ଟ ବସାଗଲେ ସ୍ଥାନୀୟ ଅଞ୍ଚଳବାସୀଙ୍କର ବହୁଦିନର ସମସ୍ୟା ସୁଧୁରିପାରନ୍ତା। କେନାଲବନ୍ଧ ବର୍ଷାଦିନ ପୂର୍ବରୁ ମରାମତି କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଜଲ ଗୀତ ସମ ଗତିର ଚମକ
ବାଜଇ ତାଳେ ତାଳେ ଯତିର ଜମକ
ମରଣ ଚିତା ଉଠେ ମରମେ ଜଳି ଗୋ
ଦାରୁଣ ବ୍ୟଥା ବାଜେ ଜୀବନ ଦଳି ଗୋ
ଚାହିଁଲେ ଚାରୁ ତବ ପେଲେଲେବ ପଲକ
ଗଜଲ ଗୀତ ସମ ଗତିର ଝଲକ। (ସୁଦୂର ଗାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଆଜି ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବୋଧିତ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୂର୍ବାହ୍ନ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହିତ ବୈଷୟିକ କର୍ମଶାଳାରେ ଯୋଗଦେଇ ସମ୍ବୋଧିତ କରିବେ। ଏହି କର୍ମଶାଳାରେ କୋଭିଡ୍-୧୯ ପରିଚାଳନାରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବ। ବେଞ୍ଚ୍ ମାର୍କିଂ ସୁରକ୍ଷା ବ୍ୟବସ୍ଥା ଉପରେ ଆଧାର କରି ସର୍ବଶେଷ ଅନୁସନ୍ଧାନ ଏବଂ ସୂକ୍ଷ୍ମ ଟ୍ୟୁନିଂ ସୁରକ୍ଷା ପ୍ରୋଟୋକଲ ଉପରେ ଆଲୋଚନା କରାଯିବ। ଏଥିରେ ସମସ୍ତ ଜିଲା ଚିକିତ୍ସାଧିକାରୀ, ମେଡିକାଲ କଲେଜ କର୍ମଚାରୀ ଏବଂ ଅନ୍ୟାନ୍ୟ କୋଭିଡ ହସ୍ପିଟାଲର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ସପ୍ତାହକୁ ୫ଦିନ ଶଟ୍‌ଡାଉନ୍ ଖବର ଗୁଜବ

**ଭୁବନେଶ୍ୱର, ୯।୬(ବ୍ୟୁରୋ):** ରାଜ୍ୟର ୧୧ଟି ଜିଲାରେ ସପ୍ତାହକୁ ୫ଦିନ ଶଟ୍‌ଡାଉନ ହେବା ନେଇ ଏକ ଖବର ଚାରିଆଡ଼େ ବ୍ୟାପିବାରେ ଲାଗିଛି। କିନ୍ତୁ ଏହି ଖବର ଗୁଜବ ବୋଲି ଏସ୍‌ଆର୍‌ସି ପ୍ରଦୀପ ଜେନା ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଯେଉଁ ନିୟମ ରହିଥିଲା, ତାହା ରହିବ। ୧୧ଜିଲାରେ କେବଳ ଶନିବାର ଓ ରବିବାର ଶଟ୍‌ଡାଉନ୍ ହେବ। ଏହା ଛଡ଼ା ଆଉ କେଉଁ ଦିନ ବି ଶଟ୍‌ଡାଉନ୍ ହେବାର ନାହିଁ। ଗୁଜବକୁ ବିଶ୍ୱାସ ନ କରିବାକୁ ପ୍ରଦୀପ ଟୁଇଟ୍ ଯୋଗେ ପରାମର୍ଶ ଦେଇଛନ୍ତି।

### ବଜ୍ରପାତରେ ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୯।୬ :** ୧୬ନଂ. ଜାତୀୟ ରାଜପଥ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁରର ରାମକୃଷ୍ଣ ଦାସ। ରାମକୃଷ୍ଣ ଭୁବନେଶ୍ୱର ସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ଅପରାହ୍ନରେ ରାମକୃଷ୍ଣ ବାଇକ୍‌ରେ କାର୍ଯ୍ୟ ସାରି ବ୍ରହ୍ମପୁର ଯାଉଥିଲେ। ବାଇପାସ ଛକରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଖୋର୍ଦ୍ଧା ଟାଉନ ପୋଲିସ ପହଞ୍ଚି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

# ପରଲୋକରେ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ସନାତନ ରଥ

କଟକ ଅଫିସ,୯।୬

ଓଡ଼ିଶା ପାଇଁ ସେ ଥିଲେ ଆଧୁନିକ ସ୍ନାୟୁଶଲ୍ୟ ଚିକିତ୍ସା ବିଜ୍ଞାନର ମାର୍ଗଦର୍ଶକ। ତାଙ୍କ ଶିକ୍ଷାଦାନରୁ ରାଜ୍ୟରେ ଅନେକ ସ୍ନାୟୁଶଲ୍ୟ ବିଶେଷଜ୍ଞ ସୃଷ୍ଟି ହେଇଛନ୍ତି। ଗରିବ ଓ ସାଧାରଣ ରୋଗୀ ପାଇଁ ସେ ଥିଲେ ଦେବଦୂତ ତୁଲ୍ୟ। ଏଭଳି ପ୍ରସିଦ୍ଧ ପାଇଥିବା ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର ସନାତନ ରଥଙ୍କ ମଙ୍ଗଳବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ବ୍ୟାଧି ଓ ମୁଖ ଗହ୍ୱର କର୍କଟ ଯୋଗୁ ମଙ୍ଗଳବାର ସକାଳ ୧୦ଟା ୪ରେ ୮୬ ବର୍ଷ ବୟସରେ କଟକ କନିକା ଛକସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ, ବୋହୂ, ଝିଅ, ନାତୁଣୀ ଓ ଅନ୍ୟ ବନ୍ଧୁପରିଜନ ଉପସ୍ଥିତ ଥିଲେ। ସେହିପରି ତାଙ୍କ ପରଲୋକ ଖବର ପାଇବା ପରେ ଡାକ୍ତର ରଥଙ୍କ ଜନ୍ମସ୍ଥାନ ନରସିଂହପୁରର ଆଟେଣ୍ଡା ଗ୍ରାମର ଶତାଧିକ ଗ୍ରାମବାସୀ ଛୁଟି ଆସିଥିଲେ ତାଙ୍କ କଟକ ବାସଭବନ। ଅପରାହ୍ନରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


ଡା. ସନାତନ ରଥ (ଫାଇଲ ଫଟୋ )


ଡା. ରଥଙ୍କ ପରଲୋକରେ ଶୋକସନ୍ତପ୍ତ ପରିବାରବର୍ଗ।

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଡା. ରଥଙ୍କ ମୃତ୍ୟୁ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ଟୁଇଟ୍ କରି ଶୋକ ପ୍ରକାଶ କରିଛନ୍ତି। ସେହିପରି ଏସ୍‌ସିବି ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ନ୍ୟୁରୋ ସର୍ଜରୀ ବିଭାଗୀୟ ମୁଖ୍ୟ ଡା. ସୁଧାଂଶୁ ଶେଖର ମିଶ୍ର, ନ୍ୟୁରୋ ମେଡିସିନ ବିଭାଗର ମୁଖ୍ୟ ଡା. ଅଶୋକ କୁମାର ମଲ୍ଲିକ, ଉଭୟ ଏମ୍‌ସିଏଚ୍ ଓ ଡିଏମ୍ ଛାତ୍ରୀଛାତ୍ର ଶୋକବ୍ୟକ୍ତ କରିଛନ୍ତି।

### ସେ ଥିଲେ ଓଡ଼ିଶାର ପ୍ରଥମ ସ୍ନାୟୁଶଲ୍ୟ ଚିକିତ୍ସକ

ଡା. ସନାତନ ରଥ ୧୭ ସେପ୍ଟେମ୍ବର ୧୯୩୪ରେ ନରସିଂହପୁରର ଆଟେଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ନରସିଂହପୁରରୁ ସ୍କୁଲ ଶିକ୍ଷା ଓ କଟକ ରେଭେନ୍ସା ମହାବିଦ୍ୟାଳୟରୁ ଆଇଏସ୍‌ସି ପାସ୍ କରିଥଲେ। ୧୯୫୭ରେ ଏସ୍‌ସିବିରୁ ଏମ୍‌ବିବିଏସ୍ ପାସ୍ କରିବା ପରେ ପାଟନା ୟୁନିଭର୍ସିଟିରେ ଶଲ୍ୟ ଚିକିତ୍ସା ବିଭାଗରେ ସ୍ନାତକୋତ୍ତର ପଢ଼ିଥିଲେ। ୧୯୬୨ରେ ସ୍ନାତକୋତ୍ତର ସରିବା ପରେ ୧୯୬୫ରେ ସିଏମ୍‌ସି ଭେଲୋରରେ ସ୍ନାୟୁଶଲ୍ୟ ଚିକିତ୍ସା ବିଭାଗରେ ସ୍ନାତକୋତ୍ତର କରିଥିଲେ। ସେଠାରୁ ଶିକ୍ଷାପ୍ରାପ୍ତ ହେବା ପରେ ଓଡ଼ିଶା ମାଟିର ସେବା ପାଇଁ ଏସ୍‌ସିବିର ଶଲ୍ୟ ବିଭାଗରେ ଆସୋସିଏଟ୍ ପ୍ରଫେସର ଭାବେ ଯୋଗଦେଲେ। ସେ ଓଡ଼ିଶାର ପ୍ରଥମ ସ୍ନାୟୁଶଲ୍ୟ ଚିକିତ୍ସକ। ସେତେବେଳେ ଓଡ଼ିଶାରେ ସ୍ୱତନ୍ତ୍ର ଭାବେ ସ୍ନାୟୁଶଲ୍ୟ ବିଭାଗ ନ ଥିଲା। ତାଙ୍କରି ପ୍ରଚେଷ୍ଟାରେ ପ୍ରଥମେ ସ୍ୱତନ୍ତ୍ର ଭାବେ ସ୍ନାୟୁଶଲ୍ୟ ବିଭାଗ ଖୋଲାଯିବା ସହ ୧୯୮୧ରେ ଉକ୍ତ ବିଭାଗରେ ଏମ୍‌ସିଏଚ୍ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ସେବେଠାରୁ ସେ ଦୀର୍ଘ ବର୍ଷ ସେହି ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ଡିଏମ୍‌ଇଟି ପଦୋନ୍ନତି ଦିଆଯାଇଥିଲା। ପରେ ସେ କିଛି ବର୍ଷ ରାଜ୍ୟ ସରକାରଙ୍କ ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଏହାବ୍ୟତୀତ ସେ ୧୯୯୪ରେ ଭାରତୀୟ ସ୍ନାୟୁଶଲ୍ୟ ଚିକିତ୍ସକ ସୋସାଇଟିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଲିଖିତ ଶତାଧିକ ଗବେଷଣାତ୍ମକ ନିବନ୍ଧ ବିଶ୍ୱରେ ଆଦୃତ ହୋଇଥିଲା। କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗାବଳିଆଙ୍କ ଯୋଡ଼ାମୁଣ୍ଡ ଅଲଗା କରିବାରେ ତାଙ୍କ ମାର୍ଗଦର୍ଶନ ଅନେକ ସହାୟକ ହୋଇଥିଲା। ୧୯୮୧ରେ ସେ ଓଡ଼ିଶାରେ ପ୍ରଥମେ ସିଟି ସ୍କାନ୍ ମେଶିନ ଦ୍ୱାରା ଚିକିତ୍ସା ପଦ୍ଧତି ଆରମ୍ଭ କରିଥିଲେ। ଜୀବନକାଳରେ ସେ ଅନେକ ଗରିବ ଓ ସଧାରଣ ରୋଗୀଙ୍କୁ ମାଗଣାରେ ଚିକିତ୍ସା ଦେଇ ଆରୋଗ୍ୟ କରାଇଛନ୍ତି। ତାଙ୍କ ବିୟୋଗରେ ସବୁ ମହଲରୁ ଶୋକ ପ୍ରକାଶ ପାଇଛି।

## ଓଡ଼ିଶା ଫେରିବେ ବିଜୟ ମହାନ୍ତି

ଭୁବନେଶ୍ୱର,୯।୬(ବ୍ୟୁରୋ)

ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ବିଜୟ ମହାନ୍ତି ଓଡ଼ିଶା ଫେରିବେ। ସମ୍ପୂର୍ଣ୍ଣଭାବେ ସୁସ୍ଥ ହୋଇ ନ ଥିଲେ ମଧ୍ୟ ସେ ନିଜ ଜନ୍ମମାଟିକୁ ଆସିବାକୁ ଚାହୁଁଛନ୍ତି। ତେଣୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ବୁଧବାର ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ଭୁବନେଶ୍ୱର ଫେରିବା ପାଇଁ ସେ ଗତକିଛିଦିନ ହେଲା ଚାହୁଁଥିଲେ ମଧ୍ୟ କରୋନା କଟକଣା ପାଇଁ ସମ୍ଭବ ନ ଥିଲା। ଏନେଇ ପରିବାରବର୍ଗ ଏବଂ ସିନେ କଳାକାରମାନେ ସହାୟତା ପାଇଁ ଭୁବନେଶ୍ୱର ଏମ୍‌ପିଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଏଠାରେ ପହଞ୍ଚିବା ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତକିଛିବର୍ଷ ହେଲା ପରିବାର ସହ ହାଇଦ୍ରାବାଦରେ ରହୁଥିବା ମହାନ୍ତି ମେ' ୨୬ରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ମଧୁମେହରେ ଆକ୍ରାନ୍ତ ଅଛନ୍ତି।

# ପ୍ରତି ସୋମବାର ପଞ୍ଚାୟତକୁ ଯିବେ କୃଷି ଅଧିକାରୀ

ଭୁବନେଶ୍ୱର, ୯।୬(ବ୍ୟୁରୋ)

- ଏଥର ୬୨ ଲକ୍ଷ ହେକ୍ଟରରେ ଚାଷ ହେବ
- ୯୬ ଲକ୍ଷ ଟନ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟ
- ପନିପରିବା, ଡାଲି ଓ ମସଲାଜାତୀୟ ଚାଷକୁ ଗୁରୁତ୍ୱ

ରାଜ୍ୟ ସରକାର ଖରିଫ ଚାଷକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ୬୨ ଲକ୍ଷ ହେକ୍ଟରରେ ଚାଷ ହେବ। ଏଥିରୁ ୯୬ ଲକ୍ଷ ଟନ ଖାଦ୍ୟଶସ୍ୟ ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୌରଭ ଗର୍ଗ କହିଛନ୍ତି ଯେ, ରାଜ୍ୟ ସରକାର ଅଧିକ ଧାନ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ପନିପରିବା, ଡାଲି ଓ ମସଲାଜାତୀୟ ଚାଷକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। କୃଷି ଅଧିକାରୀମାନେ ସପ୍ତାହରେ ଥରେ ପଞ୍ଚାୟତକୁ ଯାଇ ଚାଷୀଙ୍କୁ ପରାମର୍ଶ ଦେବେ। ସୋମବାର ଦିନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପଞ୍ଚାୟତରେ ରହି ଚାଷୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେବେ। ଚାଷର ଉନ୍ନତି ପାଇଁ ଭିଏଲ୍‌ଡବ୍ଲ୍ୟୁ, ଏଲ୍‌ଆଇ, ସଏଲ୍ କଞ୍ଜର୍ଭେଶନ ଅଧିକାରୀ, ଉଦ୍ୟାନ ଅଧିକାରୀ ମଧ୍ୟ ଚାଷୀମାନଙ୍କୁ ପରାମର୍ଶ ଦେବେ। ଏହାଛଡ଼ା 'ଆମ କୃଷି' କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନେ ହେଲ୍ପଲାଇନ ନଂ.୧୮୦୦୧୦୨୫୧୬୬ରେ ଯୋଗାଯୋଗ କରି ଚାଷ ସମ୍ପର୍କିତ ତଥ୍ୟ ହାସଲ କରିପାରିବେ।

ଚଳିତବର୍ଷ ଚାଷୀଙ୍କୁ ୫ ଲକ୍ଷ କୁଇଣ୍ଟାଲ ବିହନ ଦେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୨ ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବିହନ ଯୋଗାଇ ଦିଆଯାଇଛି। ସେହିପରି ୯ଲକ୍ଷ ଟନ୍ ସାର ଯୋଗାଣର ଲକ୍ଷ୍ୟ ରହିଥିବାବେଳେ ଏଯାଏ ସାଢ଼େ ୩ ଲକ୍ଷ ମେଟ୍ରିକ ଟନ ପଠାଯାଇଛି। ତେବେ ଫସଲ ବୀମା ଯୋଜନାରେ ୩୦ ଲକ୍ଷ ଚାଷୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛୁ। ଗତ ବର୍ଷ ୭ ଲକ୍ଷ ଚାଷୀ ଫସଲ ବୀମା ଯୋଜନାରୁ ଲାଭ ପାଇଥିଲେ। ଏଥର ୧୦ଲକ୍ଷ ଚାଷୀ ଲାଭ ପାଇପାରିବେ ବୋଲି ସୌରଭ ଗର୍ଗ କହିଛନ୍ତି। ଗତବର୍ଷ ରାଜ୍ୟର ୩କୃଷି ମହାବିଦ୍ୟାଳୟରୁ ପ୍ରାୟ ୫୦୦ ଛାତ୍ରୀଛାତ୍ର ବିଭିନ୍ନ ବ୍ଲକର କ୍ଷେତ୍ର ପରିଦର୍ଶନ କରି ଚାଷ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏବର୍ଷ ମଧ୍ୟ ଉଭୟ ସରକାରୀ ଓ ବେସରକାରୀ ୪ ବିଶ୍ୱବିଦ୍ୟାଳୟରୁ ପାଖାପାଖି ୬୦୦ ଛାତ୍ରୀଛାତ୍ର କ୍ଷେତ୍ରସ୍ଥଳକୁ ଯିବେ। ସେହିପରି କୃଷି ଉଦ୍ୟୋଗପତିଙ୍କୁ ମଧ୍ୟ ପ୍ରୋତ୍ସାହନ ଦେଉଛୁ। ଆଗକୁ ୭୫୦ କୃଷି ଉଦ୍ୟୋଗପତି କାର୍ଯ୍ୟକ୍ରମ ହେବାର ଅଛି। ଗାଁରେ ଥିବା ଚାଷୀ ହେଉ କିମ୍ବା କୌଣସି ଯୁବପିଢ଼ି କୃଷି କ୍ଷେତ୍ରରେ କିଛି କରିବା ପାଇଁ ଚାହୁଁଥିଲେ ଏହାର ସୁଯୋଗ ନେବା ପାଇଁ ସେ ଅନୁରୋଧ କରିଛନ୍ତି।

ସମବାୟ ଶାସନ ସଚିବ ବୀରବିକ୍ରମ ଯାଦବ କହିଲେ, ଗତବର୍ଷ ତୁଳନାରେ ସରକାର ଚଳିତ ବର୍ଷ ୧୧୭ ପ୍ରତିଶତ ଅଧିକ ଋଣ ଅର୍ଥାତ୍ ୨୬୪୯ କୋଟି ଟଙ୍କାର ଋଣ ଯୋଗାଇ ଦେଇଛନ୍ତି। ଏପର୍ଯ୍ୟନ୍ତ ୨ ଲକ୍ଷ ୫୭ ହଜାର ଚାଷୀଙ୍କ ନାମ ପଞ୍ଜୀକରଣ କରିଛୁ। ୧୦ଲକ୍ଷ ୯୧ହଜାର ମେଟ୍ରିକ ଟନ ଧାନ କିଣିସାରିଛୁ। ଜୁନ ୩୦ ଯାଏ ଧାନକିଣା ଚାଲିବ। ଚଳିତ ବର୍ଷ ଚାଷୀଙ୍କ ନିକଟ ୧୪୧୨ ସୋସାଇଟିରେ ସାର ପହଞ୍ଚାଇସାରିଛୁ। କୋଭିଡ-୧୯ ସମୟରେ ଚାଷୀ ଯେପରି ସହଜରେ ସାର ଓ ବିହନ ପାଇପାରିବେ ସେଥିପାଇଁ ପଦକ୍ଷେପ ନିଆଯାଉଛି। ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ଧାନ କିଣାଯାଉଛି ବୋଲି ବୀରବିକ୍ରମ କହିଛନ୍ତି।




### ଭୂଇଁରେ କଇଁଚି ବାଡ଼ିଆ ଚାଲିଛି

**ପୁରୀ ଅଫିସ, ୯।୬:** ରଥଖଳାରେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ କାମ ଶେଷ ହେଲାଣି। ମଙ୍ଗଳବାର ତିନିରଥର ବଡ଼ଧରା ପୋଟଳ ଫିଟିଂ କରାଯାଇଛି। ସେହିପରି ତିନିରଥର ମୂଳ ଭୂଇଁରେ କଇଁଚି ବାଡ଼ିଆ ସହ ମଝି ଭୂଇଁରେ ଅନ୍ଧାରୀ ତାଗ ଓ ଅଗ ଭୂଇଁରେ କଇଁଚି ବାଡ଼ିଆ କାମ ଚାଲିଛି। ଭୂଇଁରେ କଇଁଚି ବାଡ଼ିଆ ସରିବା ପରେ ବଡ଼ଧରା ପୋଟଳ ଉପରେ ଆଉ ପାଞ୍ଚ ପରସ୍ତ ଫିଟିଂ ହେବ। ଏହାପରେ ପାରାଭାଡ଼ି ଉଠିବ। ଅନ୍ୟପକ୍ଷରେ ରୂପକାର ସେବକମାନେ ଚାରପରିଛା ଏବଂ ନାଟଗୋଡ଼ରେ ରାହୁରୂପ ଓ ଡାଳିଲତା ଖୋଦେଇ କରୁଛନ୍ତି। ଖୋଦେଇ ସରିଥିବା ନାଟଗୋଡ଼ଗୁଡ଼ିକୁ ରଙ୍ଗ ପାଇଁ ଚିତ୍ରକର ସେବକଙ୍କ ପାଖକୁ ପଠାଇଛନ୍ତି।

# ଦାରୁବିଗ୍ରହଙ୍କ ବିକୃତ କାର୍ଟୁନ୍‌କୁ ବିରୋଧ

ପୁରୀ ଅଫିସ,୯।୬

### ସିଂହଦ୍ୱାର ଥାନାରେ ଏତଲା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିକୃତ କରି କାର୍ଟୁନ ଚିତ୍ର ପ୍ରକାଶ କରିଥିବା ଏକ ସଂସ୍ଥା ବିରୋଧରେ ପୁରୀ ସିଂହଦ୍ୱାର ଥାନାରେ ଏତଲା ହୋଇଛି। ଏବେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଅଣସର ଘରେ ଥିବାବେଳେ ଏହାକୁ କ୍ୱାରାଣ୍ଟାଇନ ବୋଲି ଦର୍ଶାଇ 'ପତ୍ରିକା ଡଟ୍ କମ୍' ନାମକ ସଂସ୍ଥା ପୋଷ୍ଟ କରିଥିବା କାର୍ଟୁନ ଚିତ୍ରକୁ ନେଇ ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀ ଆପତ୍ତି ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଏଭଳି କାର୍ଟୁନ ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେବା ସହ ମହାପ୍ରଭୁ ଏବେ କ୍ୱାରାଣ୍ଟାଇନରେ ରହିଥିବା କୁହାଯିବା ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ। ତେଣୁ ଉକ୍ତ କାର୍ଟୁନ ପ୍ରସ୍ତୁତ ଓ ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୀୟୂଷ ଦାବି କରିଛନ୍ତି। ପୂର୍ବରୁ ସେବାୟତ, ସଂସ୍କୃତି ଗବେଷକ ଓ ଭକ୍ତ ମହଲରେ ମଧ୍ୟ ଏହାକୁ ନେଇ ଆପତ୍ତି ଉଠିଥିଲା। ସେହିପରି କେହି ଜଣେ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଠାକୁର ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିକୃତ କାର୍ଟୁନ କରି ପୋଷ୍ଟ କରିଛନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପୀୟୂଷ ଏତଲାରେ ନିବେଦନ କରିଛନ୍ତି। ଯଦି ୪୮ ଘଣ୍ଟା ମଧ୍ୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ସେ ଶ୍ରୀମନ୍ଦିର ସମ୍ମୁଖରେ ଅନଶନରେ ବସିବେ ବୋଲି କହିଛନ୍ତି। ଏହି ଏତଲା ଦେବାବେଳେ ସେବାୟତ ତଥା ଅଭିନେତା ଶମ୍ଭୁନାଥ ଖୁଣ୍ଟିଆ ଉପସ୍ଥିତ ଥିଲେ।

# ପିଭିଟିଜିରେ ଅନ୍ତର୍ଭୁକ୍ତ ହେଲା ରାଜ୍ୟର ୮୮୮ ଗାଁ

ଭୁବନେଶ୍ୱର,୯।୬(ବ୍ୟୁରୋ)

- ଉପକୃତ ହେବେ ୧.୬୦ଲକ୍ଷ ଜନଜାତି
- ୩ ଜିଲାରେ ନୂତନ ମାଇକ୍ରୋ ପ୍ରୋଜେକ୍ଟ ପ୍ରତିଷ୍ଠା

ଚିହ୍ନଟ ହୋଇଥିବା ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ୮୮୮ଟି ଗ୍ରାମକୁ ନୂତନ ପିଭିଟିଜି (ଦୁର୍ବଳ ତଥା ଅନୁନ୍ନତ ଶ୍ରେଣୀର ଜନଜାତି ଗୋଷ୍ଠୀ) ଗ୍ରାମଭାବେ ରାଜ୍ୟ ସରକାର ସ୍ୱୀକୃତି ଦେଇଛନ୍ତି। ଏହାସହ ପ୍ରାଚୀନ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝରଠାରେ ୩ଟି ନୂତନ ମାଇକ୍ରୋ ପ୍ରୋଜେକ୍ଟ ପ୍ରତିଷ୍ଠା କରାଯାଇଛି।

ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ପ୍ରାଚୀନ ଜନଜାତି ଗୋଷ୍ଠୀ ଆର୍ଥିକ ଏବଂ ସାମାଜିକଭାବେ ଅନୁନ୍ନତ ତଥା ଦୁର୍ବଳ ଶ୍ରେଣୀରେ ରହିଛନ୍ତି। ଭାରତରେ ଚିହ୍ନଟ ୭୫ ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ୧୩ ପିଭିଟିଜି ଓଡ଼ିଶାର ୧୨ଟି ଜିଲାରେ ବସବାସ କରିଥାନ୍ତି। ସେମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଓଡ଼ିଶାରେ ୧୭ଟି ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ପ୍ରତିଷ୍ଠା କରାଯାଇଥିଲା। ଏହାଦ୍ୱାରା ୫୪୧ଟି ଗ୍ରାମ୍ୟବସତିର ୯୦ ହଜାର ପିଭିଟିଜି ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଉପାଦେ ଆଗକୁ ନେଇ ରାଜ୍ୟ ସରକାର ଆହୁରି ୧ ଲକ୍ଷ ୫ ହଜାର ପିଭିଟିଜିକୁ ଚିହ୍ନଟ କରି ସ୍ୱୀକୃତି ପ୍ରଦାନ କରିଛନ୍ତି। ଏମାନେ ୧୧ ଜିଲାର ୨୯ଟି ବ୍ଲକ ଅନ୍ତର୍ଗତ ୮୮୮ଟି ଅତିରିକ୍ତ ଗ୍ରାମ ବା ବସତିରେ ବସବାସ କରୁଛନ୍ତି। ସେହି ଗ୍ରାମଗୁଡ଼ିକୁ ରାଜ୍ୟ ସରକାର ଚିହ୍ନଟକରି ପିଭିଟିଜିରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହାବ୍ୟତୀତ ବୀରହୋର, ଜୁଆଙ୍ଗ ଓ ପାଉଡି ଭୂୟାଁ ଭଳି ୩ଟି ପ୍ରାଚୀନ ଜନଜାତି ଗୋଷ୍ଠୀର ୫୫ ହଜାର ଜନଜାତି ୩ ଜିଲାର ୭୬ଟି ଗ୍ରାମପଞ୍ଚାୟତର ୨୫୦ ଗ୍ରାମରେ ବସବାସ କରୁଛନ୍ତି। ଏମାନଙ୍କ ପାଇଁ ଏବେ ୩ଟି ନୂତନ ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ପ୍ରତିଷ୍ଠା କରାଯାଇଛି। ଯାଜପୁର ଜିଲା ସୁକିନ୍ଦାରେ ବୀରହୋର୍ ଓ ଜୁଆଙ୍ଗ ଉନ୍ନୟନ ଏଜେନ୍ସି, ଢେଙ୍କାନାଳରେ ଜୁଆଙ୍ଗ ଉନ୍ନୟନ ଏଜେନ୍ସି ଏବଂ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କାର୍ଯ୍ୟାଳୟରେ ପାଉଡି ଭୂୟାଁ ଉନ୍ନୟନ ଏଜେନ୍ସି ପ୍ରତିଷ୍ଠା ହୋଇଛି। ପିଭିଟିଜି ଗ୍ରାମଭାବେ ସ୍ୱୀକୃତି ମିଳିବା ପରେ ଏବଂ ନୂତନ ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ଗଠିତ ହୋଇଥିବା ଅଞ୍ଚଳର ୧୩ଟି ପ୍ରାଚୀନ ଜନଜାତି ଗୋଷ୍ଠୀର ୧ଲକ୍ଷ ୬୦ହଜାର ଜନଜାତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଦ୍ୱାରା ଉପକୃତ ହେବେ। ଫଳରେ ଏସବୁ ଯୋଜନାରେ ଉପକୃତ ପ୍ରାଚୀନ ଜନଜାତି ସଂଖ୍ୟା ୨ ଲକ୍ଷ ୫ ହଜାରରେ ପହଞ୍ଚିଥିବା ସରକାରୀ ସୂଚନା ରହିଛି।

# ଜେଲରେ ବ୍ୟାପୁଛି କରୋନା

କଟକ ଅଫିସ,୯।୬

### ସବୁ କଏଦୀଙ୍କ ହେବ ସ୍ୱାସ୍ଥ୍ୟ ପରୀକ୍ଷା

ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏପିରିକି ଜେଲ୍‌ରେ ମଧ୍ୟ ସଂକ୍ରମଣ ବ୍ୟାପୁଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ୨ ଓ ରାଉରକେଲା ଉପ କାରାଗାରରେ ୬ ଜଣ ବିଚାରାଧୀନ କଏଦୀ କରୋନା ଆକ୍ରାନ୍ତ ହୋଇଛନ୍ତି। ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକ ବସିଛି। ଏଥିରେ ଗୃହ ବିଭାଗ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଓ ମହାନିର୍ଦ୍ଦେଶକ (କାରାଗାର) ସନ୍ତୋଷ ଉପାଧ୍ୟାୟ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି କ୍ରମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ରାଜ୍ୟରେ ଥିବା ପ୍ରତ୍ୟେକ ଜିଲା କାରାଗାର ଓ ଉପକାରାଗାରରେ ଥିବା ବିଚାରାଧୀନ କଏଦୀଙ୍କ କରୋନା ପରୀକ୍ଷଣ କରାଇବେ। ଆବଶ୍ୟକସ୍ଥଳେ ଜେଲ୍ ବିଭାଗ ନିର୍ଦ୍ଦେଶକଙ୍କ ସହାୟତାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ମୁତାବକ ନିଆଯାଇଥିବା ପଦକ୍ଷେପର ସବିଶେଷ ବିବରଣୀ ଏକ ସପ୍ତାହ ମଧ୍ୟରେ ଉଚ୍ଚସ୍ତରୀୟ କମିଟିକୁ ଦିଆଯିବ। ଗୃହ ବିଭାଗ ମୁଖ୍ୟ ଶାସନ ସଚିବ, ଡିଜିପି ଓ ସମସ୍ତ ହିତାଧିକାରୀଙ୍କ ନିକଟରେ ଅର୍ନେଶ କୁମାର ଭର୍ସେସ ଷ୍ଟେଟ ଅଫ ବିହାର, (୨୦୧୪)୮ ଏସ୍‌ସିସି ୨୭୩ କେସ୍‌ର ପୁନଃ ଆଲୋଚନା କରାଯାଇ ଏହାର ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ୩ହଜାର ଆକ୍ରାନ୍ତ, ୨ହଜାରରୁ ଊର୍ଦ୍ଧ୍ୱ ସୁସ୍ଥ

ଭୁବନେଶ୍ୱର, ୯।୬(ବ୍ୟୁରୋ)

- ୧୪୬ ନୂଆ ପଜିଟିଭ୍ ଚିହ୍ନଟ, ଆଉ ୧୪୦ ସୁସ୍ଥ ହେଲେ
- ମାତ୍ର ୮ଦିନରେ ଆକ୍ରାନ୍ତ ହୋଇଛନ୍ତି ୧ ହଜାର
- ରାଜଧାନୀକୁ କରୋନା ଫେରିବା ପରେ ଚିନ୍ତା ବଢ଼ିଲା

ଥମିବାର ନାଁ ନେଉନି କରୋନା। ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଥିବାବେଳେ ମଙ୍ଗଳବାର ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ଅତିକ୍ରମ କରିଛି। ତେବେ ସଂକ୍ରମଣ ହାରକୁ ଦେଖିଲେ ବଡ଼ ବିପଦ ସାମ୍ନାକୁ ଆସୁଛି। ଓଡ଼ିଶାରେ ମାର୍ଚ୍ଚରେ ପ୍ରଥମ ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ଏହାପରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଛୁଇଁବା ପାଇଁ ୬୪ ଦିନ ଲାଗିଥିଲା। ପରବର୍ତ୍ତୀ ସମୟରେ ମାତ୍ର ୧୨ ଦିନରେ ଆଉ ହଜାରେ କରୋନା ପଜିଟିଭ୍ ବାହାରିଥିଲେ ଅର୍ଥାତ୍ ୭୬ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ହଜାରରେ ପହଞ୍ଚିଥିଲା। କିନ୍ତୁ ଏବେ ଏହି ସଂଖ୍ୟା ତିନିହଜାର ଡେଇଁଛି। ଶେଷ ହଜାରେ ପଜିଟିଭ୍ ମାତ୍ର ୮ଦିନରେ ଚିହ୍ନଟ ହୋଇଛନ୍ତି। ହିସାବକୁ ନେଲେ ପ୍ରତିଦିନ ପ୍ରାୟ ୧୦୦ ଉପରେ ପଜିଟିଭ୍‌ଙ୍କ ସଂଖ୍ୟା ବଢୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୪୬ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଫଳରେ ସଂକ୍ରମିତଙ୍କ ସଂଖ୍ୟା ୩୧୪୦କୁ ବୃଦ୍ଧି ପାଇଛି।

ନୂଆ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ୧୨୭ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବା ବେଳେ ୧୯ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୧୯ଜଣ ଥିବାବେଳେ ଗଞ୍ଜାମରୁ ୧୮, ଜଗତ୍‌ସିଂହପୁରରୁ ୮, ସୁନ୍ଦରଗଡ଼ ଓ ବାଲେଶ୍ୱରରୁ ୭ଜଣ ଲେଖାଏ ରହିଛନ୍ତି। ସେହିପରି ଦେବଗଡ଼ରୁ ୫ଜଣ, ନୟାଗଡ଼, ମୟୂରଭଞ୍ଜ, କଳାହାଣ୍ଡିରୁ ୩ଜଣ ଲେଖାଏ, କେନ୍ଦୁଝର, କଟକ, କନ୍ଧମାଳ, କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ ଏବଂ ଯାଜପୁର, ଢେଙ୍କାନାଳ, ମାଲକାନଗିରି ଓ ବଲାଙ୍ଗୀରରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ୍‌ର ୬୧ଜଣ ଯବାନ କରୋନା ସଂକ୍ରମିତ ହୋଇଛନ୍ତି।

ସେପଟେ ରାଜଧାନୀକୁ ପୁଣି କରୋନା ଫେରିବା ପରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖୋର୍ଦ୍ଧାରୁ ଚିହ୍ନଟ ୧୯ଜଣଙ୍କ ମଧ୍ୟରୁ ଭୁବନେଶ୍ୱରର ୪ଜଣ ରହିଛନ୍ତି। ବିଏମ୍‌ସି ସୂତ୍ରରୁ ମିଳିଥିବା ସୂଚନାନୁସାରେ, ୪ଜଣ ଆକ୍ରାନ୍ତ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତ ଜଣକ ୨୮ବର୍ଷୀୟ ଯୁବକ ଏବଂ ସେ ହାଇଦ୍ରାବାଦରୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ସେହିପରି ତୁମୁଡୁମା ଅଞ୍ଚଳର ୨୯ବର୍ଷୀୟ ଯୁବକଙ୍କ ଠାରେ କୋଭିଡ୍-୧୯ ଭୂତାଣୁ ମିଳିଛି। ସେ ଦିଲ୍ଲୀରୁ ଫେରିଥିବା ସୂଚନା ରହିଛି। ସେହିପରି ପଟିଆ ଅଞ୍ଚଳରୁ ଚିହ୍ନଟ ଦୁଇଜଣ ୩୪ବର୍ଷୀୟ ପୁରୁଷ ଓ ୨୬ବର୍ଷୀୟ ମହିଳା ଗୋଟିଏ ପରିବାରର। ସେମାନେ ଦିଲ୍ଲୀରୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ।

ଅନ୍ୟପକ୍ଷରେ ରାଜ୍ୟରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକରୁ ଅଧିକ ସୁସ୍ଥ ହେବାରେ ଲାଗିଛନ୍ତି। ଫଳରେ ଏବେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨ହଜାର ଟପିଛି। ମଙ୍ଗଳବାର ୧୪୦ଜଣ କରୋନାରୁ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବାରୁ ଏବେ ଏମାନଙ୍କ ସଂଖ୍ୟା ୨୧୩୩ରେ ପହଞ୍ଚିଛି। ସୁସ୍ଥ ହୋଇଥିବା ୧୪୦ଜଣଙ୍କ ମଧ୍ୟରୁ କଟକରେ ସର୍ବାଧିକ ୨୪ଜଣ ରହିଛନ୍ତି। ଗଞ୍ଜାମରେ ୨୨, ନୂଆପଡ଼ାରେ ୨୧, ଯାଜପୁର, ଜଗତ୍‌ସିଂହପୁର ଓ ଖୋର୍ଦ୍ଧାରେ ୧୧ଜଣ ଲେଖାଏ ସୁସ୍ଥ ହୋଇଥିବାବେଳେ ସୁନ୍ଦରଗଡ଼ରେ ୮, ବଲାଙ୍ଗୀର ଓ ଭଦ୍ରକରେ ୭ଜଣ ଲେଖାଏ ସୁସ୍ଥ ରୋଗୀ ରହିଛନ୍ତି। ସେହିପରି ଢେଙ୍କାନାଳରୁ ୫ଜଣ ସୁସ୍ଥ ହୋଇଥିବାବେଳେ ବରଗଡ଼, କେନ୍ଦ୍ରାପଡ଼ା ଓ ସମ୍ବଲପୁରରୁ ୩ଜଣ ଲେଖାଏ ଏବଂ ବାଲେଶ୍ୱର ଓ ପୁରୀରୁ ୨ଜଣ ଲେଖାଏ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ୩୧୪୦ଜଣ ଆକ୍ରାନ୍ତ ହୋଇଥିବାବେଳେ ୨୧୩୩ଜଣ ସୁସ୍ଥ ହୋଇଥିବାରୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୯୬କୁ ଖସି ଆସିଛି। ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ସରକାରୀ ତଥ୍ୟ କହୁଛି।

## ସଂକ୍ଷେପରେ

### ଛାଡ଼ ହେବ ବିଳମ୍ବ ଶୁଳ୍କ, ସୁଧ

କଟକ ଅଫିସ,୯।୬: ଲକ୍‌ଡାଉନ କାରଣରୁ ଅନେକ ଟିକସଦାତା ଫେବୃୟାରୀ, ମାର୍ଚ୍ଚ ଓ ଏପ୍ରିଲ ମାସର ଟିକସ ଅବଧି ପାଇଁ ଧାର୍ଯ୍ୟ ସମୟରେ ରିଟର୍ନ ଦାଖଲ କରିନାହାନ୍ତି। ଟିକସଦାତା ଓ ଟିକସ ପ୍ରଫେସନାଲଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତଙ୍କ କାର୍ଯ୍ୟାଳୟ ମଙ୍ଗଳବାର ପ୍ରେସ ବିବୃତ୍ତି ଜାରି କରିଛି। ୫ କୋଟି ଟଙ୍କା ପର୍ଯ୍ୟନ୍ତ ଟର୍ନଓଭର ଥିବା ଟିକସଦାତାଙ୍କ ପାଇଁ ବିଳମ୍ବ ଶୁଳ୍କ ଛାଡ଼ ସହ ଜୁନ ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପୈଠ ହେବାକୁ ଥିବା ଟିକସ ଉପରେ ମଧ ସୁଧ ଛାଡ଼ କରାଯାଇଛି ବୋଲି ଏଥିରେ ଉଲ୍ଲେଖ ରହିଛି। ଯେଉଁ ଟିକସଦାତାଙ୍କ ଟର୍ନଓଭର ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନଙ୍କ କ୍ଷେତ୍ରରେ ପ୍ରଥମ ୧୫ ଦିନର ବିଳମ୍ବ ଦାଖଲ ପାଇଁ ସୁଧ ଛାଡ଼ କରାଯାଇଥିବା ବେଳେ ପରବର୍ତ୍ତୀ ବିଳମ୍ବ ସମୟ ପାଇଁ ସୁଧହାର ୯ ପ୍ରତିଶତ ଧାର୍ଯ୍ୟ ହୋଇଛି। ଯେଉଁ ଟିକସଦାତାଙ୍କ ଟର୍ନଓଭର ୫ କୋଟି ଟଙ୍କାରୁ ଅଧିକ, ସେମାନଙ୍କୁ ଫେବୃୟାରୀ, ମାର୍ଚ୍ଚ ଓ ଏପ୍ରିଲର ରିଟର୍ନ ଜୁନ ୨୪ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ଦେଢ଼କୋଟିରୁ ୫ କୋଟି ଟଙ୍କା ମଧ୍ୟରେ ଟର୍ନଓଭର ଥିବା ଟିକସଦାତାଙ୍କୁ ଫେବୃୟାରୀ ଓ ମାର୍ଚ୍ଚ ପାଇଁ ଜୁନ ୨୯ ଓ ଏପ୍ରିଲ ମାସ ପାଇଁ ଜୁନ ୩୦ ମଧ୍ୟରେ ରିଟର୍ନ ଦାଖଲ କରିବାକୁ ହେବ। ଦେଢ଼କୋଟି ଟଙ୍କା ପର୍ଯ୍ୟନ୍ତ ଟର୍ନଓଭର ଥିବା ଟିକସଦାତା ଫେବୃୟାରୀର ରିଟର୍ଣ୍ଣ ଜୁନ ୩୦ ମଧ୍ୟରେ, ମାର୍ଚ୍ଚର ରିଟର୍ନ ଜୁଲାଇ ୩ ଏବଂ ଏପ୍ରିଲର ରିଟର୍ନ ଜୁଲାଇ ୬ ମଧ୍ୟରେ ଦାଖଲ କରିପାରିବେ। ମେ' ମାସ ପାଇଁ ରିଟର୍ନ ଦାଖଲ ଧାର୍ଯ୍ୟ ସମୟସୀମା ମଧ୍ୟରେ କରିବାକୁ ପଡ଼ିବ। ତାହା ଭିତରେ ଟିକସଦାତାମାନେ ଯଦି ସେମାନଙ୍କର ବକେୟା ରିଟର୍ନ ଦାଖଲ କରି ନ ପାରନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼, ସୁଧ ଛାଡ଼ କିମ୍ବା ରିହାତି ହାରରେ ସୁଧ ପୈଠ ସୁବିଧାରୁ ବଞ୍ଚିତ ହେବେ। ବକେୟା ରିଟର୍ନ ଦାଖଲ ପ୍ରକ୍ରିୟାକୁ ସୁଗମ କରିବାକୁ ଟିକସଦାତାଙ୍କ ପାଇଁ ଏସ୍‌ଏମ୍‌ଏସ୍‌ରେ ନିଲ୍ ରିଟର୍ନ ଦାଖଲ କରିବାର ନୂଆ ବ୍ୟବସ୍ଥା ହୋଇଥିବା ଆୟୁକ୍ତ କହିଛନ୍ତି।

# ଜନ୍ମମାଟିରେ ଅର୍ଜୁନ ସେଠୀଙ୍କ ଶେଷକୃତ୍ୟ

ଭଦ୍ରକ ଅଫିସ/ବନ୍ତ, ୯।୬(ଡି.ଏନ୍.ଏ./ସ୍ୱ.ପ୍ର.)

- ଭଦ୍ରକ ରାଜରାସ୍ତା ହେଲା ଲୋକାରଣ୍ୟ
- ଶେଷ ଦର୍ଶନ କଲେ ନେତା, ଜନତା

ଭଦ୍ରକ ମାଟିର ବର୍ଷିୟାନ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ଶେଷକୃତ୍ୟ ମଙ୍ଗଳବାର ଜନ୍ମମାଟି ବନ୍ତ ବ୍ଲକ ଓଡ଼ଙ୍ଗଠାରେ ସମ୍ପନ୍ନ ହୋଇଛି। ମରଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଅଣାଯାଇଥିଲା। ଭଦ୍ରକ ସହର ପରିକ୍ରମା କରାଯାଇ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବାସଭବନ ଓ ଭାଜପା କାର୍ଯ୍ୟାଳୟକୁ ନିଆଯାଇଥିଲା। ସହର ପରିକ୍ରମା ସମୟରେ ଉଭୟପାର୍ଶ୍ୱ ଲୋକାରଣ୍ୟ ହୋଇଉଠିଥିଲା। ଏହି ସମୟରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାନସଭାର ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ଏମ୍‌ପି ମଞ୍ଜୁଳତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ,



ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାଲେଶ୍ୱର-ଭଦ୍ରକ ସମବାୟ ସମିତି ସଭାପତି ରଘୁନାଥ ଲେଙ୍କା, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଭାଜପା ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ଡ. ପ୍ରଦୀପ ନାୟକଙ୍କ ସମେତ ବିଜେଡ଼ି ଓ ଭାଜପାର ବହୁ ନେତୃବୃନ୍ଦ ଶେଷ ଦର୍ଶନ କରିଥିଲେ। ଏହାପରେ ତାଙ୍କ ଜନ୍ମମାଟି ତଥା ଓଡ଼ଙ୍ଗ ଗ୍ରାମକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା। ଶୋଭାଯାତ୍ରା ଓଡ଼ଙ୍ଗ ଓ ସରମରା ପରିକ୍ରମା କରିବା ପରେ ତାଙ୍କ ବାସଭବନଠାରେ ପହଞ୍ଚିଥିଲା। ଶବାଧାର ନିକଟରେ ଜ୍ୟେଷ୍ଠ ପୁତ୍ର ଅଭିମନ୍ୟୁ ସେଠୀ ଉପସ୍ଥିତ ଥିଲେ। ଶେଷ ଦର୍ଶନ ପାଇଁ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନ ମୋହନ ସାମଲ, ପ୍ରତାପ ଧଳ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା, ଉପାଧ୍ୟକ୍ଷା ମଞ୍ଜୁଳତା ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ଅଧ୍ୟାପକ ଡ.ସୁଧାଂଶୁ ନାୟକ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଭାଜପା ନେତ୍ରୀ ପଙ୍କଜିନୀ ଲେଙ୍କା, ବରିଷ୍ଠ ନେତା ଦେବେନ୍ଦ୍ର ତ୍ରିପାଠୀ, ଶିକ୍ଷକ ରମାକାନ୍ତ ରାଉତଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅର୍ଜୁନଙ୍କ ପରଲୋକ ଘଟିଥିଲା।

# 'ସମସ୍ତଙ୍କ ଘରକୁ ପାନୀୟ ଜଳ ଯୋଗାଯିବ'

ଭୁବନେଶ୍ୱର,୯।୬(ବ୍ୟୁରୋ)

**ଚଳିତବର୍ଷ ଖର୍ଚ୍ଚ ହେବ ୧୦ ହଜାର କୋଟି**

ଚଳିତବର୍ଷ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ମଙ୍ଗଳବାର ପାନୀୟ ଜଳ ସମ୍ପର୍କିତ ସମୀକ୍ଷା ବୈଠକ ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ରାଜ୍ୟରେ ୬୬ ବୃହତ୍ ପାନୀୟ ଜଳ ପ୍ରକଳ୍ପ, ୬ ହଜାର ପାଇପ୍ ଜଳ ଯୋଜନା କାର୍ଯ୍ୟକାରୀ ହୋଇଛି। ଏ ବାବଦରେ ପ୍ରାୟ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। କରୋନା ସଂକ୍ରମଣ ଆଶଙ୍କାରେ ଗତ ୨ମାସ ହେବ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଥିଲା। ଏହି ପ୍ରକଳ୍ପଗୁଡ଼ିକ ପୁଣି ତ୍ୱରାନ୍ୱିତ କିରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସମସ୍ତଙ୍କ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି ଯେ, କାର୍ଯ୍ୟକାରୀ ହେଉଥିବା ୬୬ଟି ମେଗା ପ୍ରକଳ୍ପ ଲାଗି ୧୩,୧୮୦କୋଟି ୯୬ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ସହିତ ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ବିକାଶ ନିଗମ (ଓମ୍ୱାଡକ), ଗ୍ରାମାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆରଆଇଡିଏଫ୍), ଜଳ ଜୀବନ ମିଶନ(ଜେଜେଏମ୍), ବସୁଧା, ଜିଲା ଖଣିଜ ପାଣ୍ଠି ଆଦିରୁ ଉକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଅର୍ଥ ପ୍ରଦାନ କରାଯିବ। ସେହିପରି ୩୫୯୭କୋଟି ୪୮ଲକ୍ଷ ଟଙ୍କା ବ୍ୟୟରେ ଆଉ ୨୧ଟି ମେଗା ପ୍ରକଳ୍ପ ଲାଗି ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ। ଅନ୍ୟପକ୍ଷରେ ୫୮୬୧ଟି ପାଇପ ଯୋଗେ ପାନୀୟଜଳ ପ୍ରକଳ୍ପ ପାଇଁ ୨୪,୨୪୪କୋଟି ୬୩ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୫୭୭୪ଟି ଗ୍ରାମ ପାଇଁ ୭୪୨୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏବେ ସୁଦ୍ଧା ୧୮୩୯ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟରେ ୨୧୩୯ କ୍ଷୁଦ୍ର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବୈଠକରେ ପାନୀୟଜଳ ଯୋଗାଣ ନିର୍ଦ୍ଦେଶକ ବି.ପରମେଶ୍ୱରନ, ସର୍ବୋଚ୍ଚ ଯନ୍ତ୍ରୀ ଅଭୟ ବିଶ୍ୱାଳଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବିମାନ ଦୁର୍ଘଟଣା ଘଟଣା: ବୀରାଶାଳରେ ଡିଜିସିଏ ଟିମ୍

କାମାକ୍ଷାନଗର, ୯।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଘଟିଥିବା ବିମାନ ଦୁର୍ଘଟଣା ଘଟଣାର ତଦନ୍ତ କରିବାକୁ ମଙ୍ଗଳବାର ଅପରାହ୍ନରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଦୁଇଜଣିଆ ଟିମ୍ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଡିଜିସିଏର ଡେପୁଟି ଡାଇରେକ୍ଟର ଯଶବୀର ସିଂ ଲାହାର୍ଗା ଏବଂ ଏୟାର ସେଫ୍ଟି ଅଫିସର ଦୀନେଶ କୁମାର।

ଅଧିକାରୀମାନେ ନୂଆଦିଲ୍ଲୀରୁ ବାହାରି ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଢେଙ୍କାନାଳରେ ପହଞ୍ଚିଥିଲେ। ସର୍କିଟ ହାଉସ୍‌ରେ ମଧ୍ୟାହ୍ନ ଭୋଜନ କରିବା ପରେ ଅଧିକାରୀମାନେ ବୀରାଶାଳ ଏୟାରଷ୍ଟ୍ରିପ୍ ଅଭିମୁଖେ ବାହାରିଥିଲେ।


ଅଧିକାରୀମାନେ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ତଦନ୍ତ କରୁଛନ୍ତି।

ଅପରାହ୍ନରେ ଅଧିକାରୀମାନେ ଦୁର୍ଘଟଣା ଘଟିଥିବା ସ୍ଥାନ ପରିଦର୍ଶନ କରିବା ସହ ସେଠାରେ ଉପସ୍ଥିତ ଅଧିକାରୀଙ୍କୁ ପଚରାଉଚୁରା କରିଛନ୍ତି। ଅଧିକାରୀମାନେ ବୁଧବାର ପୁଣିଥରେ ଛାନ୍‌ଭିନ୍ କରିବେ। ଏଥିଲାଗି ସେମାନେ କାମାକ୍ଷାନଗରସ୍ଥିତ ପୂର୍ତ୍ତ ବିଭାଗ ବଙ୍ଗଳାରେ ରାତ୍ରିଯାପନ କରିଛନ୍ତି। ତଦନ୍ତ ପରେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତଦନ୍ତ ସମୟରେ ସିଭିଲ୍ ଆଭିଏଶନର ଅଧିକାରୀ ଜଇ ସୀମ୍‌ହା, ମୁଖ୍ୟଯନ୍ତ୍ରୀ ମୁକେଶ କୁମାର, ଯନ୍ତ୍ରୀ ଟି. ଟୁଡୁ, ସହକାରୀ ଯନ୍ତ୍ରୀ ଗଗନବିହାରୀ ନନ୍ଦ, ତହସିଲଦାର ସ୍ମୃତିରଞ୍ଜନ ମହାପାତ୍ର, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ସୋମବାର ସକାଳ ୬ଟା ୪୦ରେ ପ୍ରଶିକ୍ଷଣ ସମୟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ମୁଖ୍ୟ ପ୍ରଶିକ୍ଷକ (ପାଇଲଟ ଟ୍ରେନର) କ୍ୟାପଟେନ୍ ସଞ୍ଜୀବ କୁମାର ଝା ଏବଂ ଟ୍ରେନି ପାଇଲଟ ଅନିଶ ଫାତିମାଙ୍କ ମୃତ୍ୟୁ ଘଟିଥିଲା।

# ୪୮ ଘଣ୍ଟା ଲାଗି ୩ ଗ୍ରାମ ଶଟ୍‌ଡାଉନ

ଜଟଣୀ,୯।୬(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଞ୍ଚଳରେ ଜଣେ ଦୋକାନୀ କରୋନା ସଂକ୍ରମିତ ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ ଶଟ୍‌ଡାଉନ୍ ଓ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଚିହ୍ନଟ ବ୍ୟକ୍ତିଙ୍କ ଘର ଏହି ବ୍ଲକ ପଦନପୁର ପଞ୍ଚାୟତର ବଡ଼ତୋଟା ଗ୍ରାମରେ ହୋଇଥିବାବେଳେ ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ସୀତାରାମ ଛକରେ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସରେ ତାଙ୍କର ଏକ ଗ୍ରସେରି ଦୋକାନ ରହିଛି। କିଛିଦିନ ତଳେ ସେ ଅସୁସ୍ଥ ହେବାରୁ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରିବା ସହ ସ୍ୱାବ ଟେଷ୍ଟ କରିଥିଲେ। ଟେଷ୍ଟରୁ ପଜିଟିଭ ବାହାରିବାରୁ ତାଙ୍କୁ ଭୁବନେଶ୍ୱରର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ପରେ ପଞ୍ଚାୟତର ବଡ଼ତୋଟା, ବେଲପଡ଼ା ଓ ଖୋଲାଦ୍ୱାର ଗ୍ରାମକୁ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ କରାଯାଇଥିବା ସରପଞ୍ଚ ସୁକାନ୍ତ ପରିଡ଼ା କହିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ଦୋକାନକୁ ୭ ଦିନ ଏବଂ କମ୍ପ୍ଲେକ୍ସର ଅନ୍ୟ ଦୋକାନଗୁଡ଼ିକୁ ୪୮ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସୀତାରାମ ଛକରୁ ବଡ଼ ବଜାର ପର୍ଯ୍ୟନ୍ତ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ୪୮ଘଣ୍ଟା ପର୍ଯ୍ୟନ୍ତ ଶଟଡାଉନ ଘୋଷଣା କରାଯାଇଥିବା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କହିଛନ୍ତି।

# ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଣ: ୨ ପୋଲିସ ଗିରଫ

ମାଲକାନଗିରି, ୯।୬(ଡି.ଏନ୍.ଏ.)

- ୪ ମାଓବାଦୀଙ୍କ ନିକଟରୁ ୧୧ଶହ ଅଫୁଟା ଗୁଳି, ବନ୍ଧୁକ ଜବତ
- ଅସ୍ତ୍ରାଗାର ଦାୟିତ୍ୱରେ ଥିବା ଏଏସ୍‌ଆଇ, କନଷ୍ଟେବଲ ଗିରଫ

ମାଓବାଦୀଙ୍କୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ବିଭିନ୍ନ ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥାଏ। ହେଲେ ପୋଲିସ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଭଳି ଘଟଣା ସାମ୍ନାକୁ ଆସିଛି। ମାଓବାଦୀଙ୍କୁ ବନ୍ଧୁକ ଓ ଗୁଳି ଯୋଗାଇବା ଘଟଣାରେ ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମାର ୨ ପୋଲିସ କର୍ମଚାରୀଙ୍କୁ ଗିରଫ କରିଥିବା ଏସ୍‌ପି ସଲଭ ସିହ୍ନା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୁନ୍ ୪ରେ ପୋଲିସ ୨ମାଓବାଦୀଙ୍କୁ କାବୁକରିବା ସହ ତାଙ୍କ ନିକଟରୁ ବହୁ ଅଫୁଟା ଗୁଳି ଓ ବନ୍ଧୁକ ଜବତ କରିଥିଲା। ସେହିପରି କାଙ୍କେର ଜିଲାରେ ମଧ ୨ମାଓବାଦୀଙ୍କୁ ଗିରଫ କରାଯିବା ସହ ଉଭୟଙ୍କ ନିକଟରୁ ବହୁ ଅଫୁଟା ଗୁଳି ଓ ବନ୍ଧୁକ ଜବତ ହୋଇଥିଲା। ଦୁଇ ଗୋଷ୍ଠୀଙ୍କ ନିକଟରୁ ପ୍ରାୟ ୧୧ଶହରୁ ଊର୍ଦ୍ଧ୍ୱ ଅଫୁଟା ଗୁଳି ଜବତ ହେବାପରେ



ଗିରଫ ଏଏସ୍‌ଆଇ ଓ କନଷ୍ଟେବଲ।

ମାଓବାଦୀଙ୍କ ନିକଟକୁ ଏତେ ପରିମାଣରେ ଅସ୍ତ୍ରଶସ୍ତ୍ର କେଉଁଠାରୁ ଆସୁଛି, ତାହାର ତଦନ୍ତ ଚାଲିଥିଲା। ମାଓବାଦୀଙ୍କୁ ପଚରାଉଚରା କରାଯିବା ସମୟରେ ସୁକ୍‌ମା ଅସ୍ତ୍ରାଗାର ଦାୟିତ୍ୱରେ ଥିବା ପୋଲିସ ଏଏସ୍‌ଆଇ ଆନନ୍ଦ ଦାଠବ ଏବଂ କନଷ୍ଟେବଲ ସୁବାସ ସିଂ ସେମାନଙ୍କୁ ଗୁଳି ଓ ବନ୍ଧୁକ ଯୋଗାଉଥିବା ଜଣାପଡ଼ିଥିଲା। ପରେ ସମ୍ପୃକ୍ତ ୨ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯିବା ସହ ଅନ୍ୟ କେଉଁ ମାଓବାଦୀ ସଙ୍ଗଠନକୁ ସେମାନେ ଅସ୍ତ୍ରଶସ୍ତ୍ର ଯୋଗାଇଛନ୍ତି କି ନାହିଁ ତଦନ୍ତ କରାଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମିଳିଲା ସାଢେ ୪ଲକ୍ଷରୁ ଅଧିକ ଟଙ୍କା

ଭୁବନେଶ୍ୱର,୯।୬(ବ୍ୟୁରୋ)

କରୋନା ମହାମାରୀ ମୁକାବିଲା ଲାଗି ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭିନ୍ନ ସଂସ୍ଥା, ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମଧ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଯଥା ସମ୍ଭବ ଅର୍ଥ ପ୍ରଦାନ କରୁଛନ୍ତି। ସେହି ଅନୁଯାୟୀ, ଭିନ୍ନଭିନ୍ନ ସଂସ୍ଥା ପକ୍ଷରୁ ମୁଖ୍ୟ ସାସନ ସଚିବ ଅସୀତ ତ୍ରିପାଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ କରାଯାଇଛି। ଓଡିଶା ଭୁତାତ୍ତ୍ୱିକ ସଂଘ ରାଜ୍ୟ ସଭ୍ୟମାନେ ସେମାନଙ୍କ ଗୋଟିଏ ଦିନର ଦରମା ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୨୫ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୀମିତ ସଂଖ୍ୟାରେ ସଭ୍ୟ ଥିବାରୁ ଏହି କ୍ଷୁଦ୍ର ରାଶି ପ୍ରଦାନ କରାଯାଇଛି ବୋଲି ସେମାନେ କହିଛନ୍ତି। ସେହିପରି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏବଂ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ କରୋନା ଲଢେଇର ସହଯୋଗ ରାଶି ସ୍ୱରୂପ ରିଲିଫ ପାଣ୍ଠିକୁ ୨ଲକ୍ଷ ୯ହଜାର ଟଙ୍କା ପ୍ରଦାନ କରିଛନ୍ତି।ଏହି ଅବସରରେ ଆଠମଲ୍ଲିକ ବିଧାୟକ କହିଛନ୍ତି, ପୂର୍ବରୁ ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମପଞ୍ଚାୟତ ଗୁଡିକ ମିଳିତଭାବେ ରିଲିଫ ପାଣ୍ଠିରୁ ଲକ୍ଷେ ୪୦ହଜାର ଟଙ୍କା ଦେଇଛନ୍ତି। ସମାନଭାବେ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଅନୁସୂଚିତ ଜନଜାତି ଉନ୍ନୟନ ସମବାୟ ନିଗମ ଲିଃ କର୍ମଚାରୀମାନେ ସେମାନଙ୍କ ଦିନକର ଦରମା ୧ଲକ୍ଷ୩୭ହଜାର ଟଙ୍କା ପ୍ରଦାନ କରିଛନ୍ତି।

**CUTTACK MUNICIPAL CORPORATION**
"e" PROCUREMENT NOTICE
Tender ID : 2020_ORULB_61375
Bid Reference No. MC(CMC)CTC_Div-I_No18/2020-21
Short Tender Call Notice No. 2165 (PW) Date.09.06.2020
Name of Works : Civil Works
No of Works : 03 Nos
Bid Value : Rs. 11.02 Lakh to Rs. 36.43 Lakh
Period of Completion : Ten Days
Date and Time schedule :

| Start | End | Opening |
|---|---|---|
| 3.00 PM on dt. 10.06.2020 | 5.00 PM on dt.17.06.2020 | 11.00 A.M. on dt. 19.06.2020 |

Tender Details : can be seen from the procurement portal : www.tendersorissa.gov.in
Executive Engineer, City Division-I

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

NATIONAL Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
7839626709

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

ଭରସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କସିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**PARADIP PORT TRUST**
e-TENDER NOTICE
Name of the work: Construction of Ladies Hostel at new CISF complex at Paradip. Estimated Cost put to tender Rs. 60,22,731.06. Date of available of tender for online bidding: 29.05.2020 to 18.06.2020 upto 17:00 Hrs. For details of the tender for on-line bidding is available in the website : https://eprocure.gov.in/eprocure/app.
Executive Engineer
Building Construction Division
PPT/PR/71/20-21 Dt. 09.06.2020

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2020-04, ତା: 04.06.2020
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ 50000(RV-25 & RV-158) ରୁ ଅଧିକ ଟ୍ରେନ୍ ଭେଇକିଲ୍ ୟୁନିଟ୍ (TVU) ର ଜଗୁଆଳି ଥିବା ଲେଭେଲ କ୍ରସିଙ୍ଗ୍ ଫାଟକଗୁଡ଼ିକର ଇଣ୍ଟରଲକିଙ୍ଗ୍।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 60,63,776/-, EMD (ଟଙ୍କାରେ) : 1,21,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2020ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-89/L/20-21

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553
NOTICE INVITING TENDER
Sealed Tenders are invited by the undersigned from registered contractors having valid License, I.T PAN No & GST Registration Certificate for Different R/M Works of 132kv TL S/D, Jayanagar. **Cost of Tender Papers** are of Rs.672.00 (non-refundable) in shape of Cash & **EMD** @1% of quoted amount in the shape of DD/Cash. **Sale of Tender Documents** from Dt.09.06.2020 to upto 12:00 Noon of Dt.19.06.2020. **Last Date of Submission of Tender** on or before Dt.19.06.2020 upto 04:00PM. **Tenders Will be Opened** on Dt.19.06.2020 at 04:30 PM.
**Corrigendum if any will be published in the website only.** Sd/- GM (Ele.)
Please connect us: optcl.odisha optcl_odisha energyodisha

**ODISHA STATE ROAD TRANSPORT CORPORATION, BHUBANESWAR**
No. 5935/OSRTC, Bhubaneswar Dated 09.06.20
TENDER NOTICE
Sealed tenders are invited from Suppliers/Stockist/Registered Suppliers having valid GST and PAN Number for supply of Office Stationeries to OSRTC for the year 2020-21.
The details can be downloaded from the OSRTC website **www.osrtc.in**. "Tender & Advertisement".
The tender paper can be procured from 10.06.2020 to 25.06.2020 during office hour from Corporate Office. The cost of tender paper is Rs.500/- + GST @ 12%. The sealed tender paper will be received by the undersigned in Person/Regd. Post/Speed Post upto 3.00 P.M. of 25.06.2020 at Corporate Office, OSRTC, Bhubaneswawr and will be opened on the same day at 4.00 P.M.
The amount of Rs.5000/- only as EMD in shape of Bank Draft in any Scheduled Bank in favour of Accounts Officer, OSRTC payable at Bhubaneswar should be attached with EOI, failing which the same will be liable for rejection.
The Chairman-cum-Managing Director, OSRTC, reserves the right to reject any/all tenders without assigning any reason thereof.
Sd./- General Manager (Admn.)
OSRTC, Bhubaneswar

**ZILLA SWASTHYA SAMITI, NUAPADA**
**OFFICE OF THE CHIEF DISTRICT MEDICAL OFFICER, NUAPADA**
**(CORPUS FUND)**
E-mail:nhmnuapada@gmail.com, Phone: (06678) 223346
Adv. No.: 1932/-DPMU/NHM/2020 Date:9.6.2020
**REQUIREMENT OF SPECIALIST DOCTORS**
In
Pulmonary Medicine/Specialist-Critical Care/ Medicine/Anesthesia/Radiologist
Zilla Swasthya Samity, Nuapada invites applications from interested specialist doctors on Full Time basis under Corpus Fund for management of COVID-19 pandemic. Interested specialist doctors can download the application format & vacancy details from www.nuapada.nic.in and can attend in the office of the undersigned application along with all certificates in any working day from 9th June 2020 to 20th June 2020. For detailed enquiry interested specialist doctors can contact in 9439989988/9439989500. The remuneration for all the above category of post is provisionally fixed as Rs.2,50,000/- which is negotiable. The maximum age limit is 70 years.
Sd./- CDM & PHO, Nuapada



ବଲିଉଡ୍‌ର ଖିଲାଡି ବୟ ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ବେଲ ବଟମ'ର ଶୁଟିଂ ବନ୍ଦ ଥିବା ବେଳେ ଏବେ ମହାରାଷ୍ଟ୍ର ସରକାର ଉକ୍ତ ଫିଲ୍ମର ଶୁଟିଂ ଜୁନ୍ ୧୫ ତାରିଖ ପରେ ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ତେଣୁ ବାକିଥିବା କାମକୁ ଶୀଘ୍ର ପୁରା କରିବାକୁ ଏବେ ଅକ୍ଷୟ ପୁରା ଦମ୍‌ରେ ଲାଗି ପଡିଛନ୍ତି। ଏଥିପାଇଁ ଅକ୍ଷୟ ଜୁଲାଇ ମାସରେ ଲଣ୍ଡନ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। କାରଣ ଫିଲ୍ମର ବାକିଥିବା କିଛି ସିନ୍ ଲଣ୍ଡନରେ ହିଁ ଶୁଟିଂ କରାଯିବ।

# ତରଭୁଜ ପାଇଁ ଗଡ଼ିଥିଲା ହଜାରେ ମୁଣ୍ଡ



**ରାଜସ୍ଥାନ**

ସାମ୍ରାଜ୍ୟବାଦୀ ଚିନ୍ତାଧାରା ପାଇଁ ଲଢ଼ାଯାଇଛି ଅନେକ ଯୁଦ୍ଧ। ଇତିହାସ ପୃଷ୍ଠାକୁ ଲେଉଟାଇଲେ ଏହାର ଅନେକ ପ୍ରମାଣ ସହଜରେ ମିଳିଯିବ। ହେଲେ ଭାରତରେ ସାଧାରଣ ତରଭୁଜ ପାଇଁ ହୋଇଥିଲା ଏକ ଭୟଙ୍କର ଯୁଦ୍ଧ। ଯେଉଁଥିରେ ଦୁଇପକ୍ଷରୁ ଉଠିଥିବା ତରବାରି ନେଇଥିଲା ୧୦୦୦ ସୈନିକଙ୍କ ଜୀବନ। ରାଜସ୍ଥାନର ବିକାନେର ଏବଂ ନାଗୌର ମଧ୍ୟରେ ହୋଇଥିବା ଏହି ଯୁଦ୍ଧକୁ ୧୩୭୬ ବର୍ଷ ବିତିଗଲାଣି। ତଥାପି ଏହି ଯୁଦ୍ଧର ବିଭୀଷିକାକୁ ଏବେ ବି ମନେ ପକାଉଛନ୍ତି ରାଜସ୍ଥାନବାସୀ।

**ଏମିତି ବି ହୋଇଥିଲା ଯୁଦ୍ଧ**

ଷୋଡ଼ଶ ଶତାବ୍ଦୀରେ ବିକାନେରର ସୀମାକୁ ଲାଗି ରହିଥିଲା ନାଗୌର। ବିକାନେରର ସିଲଓ୍ବା ଏବଂ ନାଗୌରର ଜାଖାଣିୟାଁ ଗ୍ରାମ ଦୁଇ ପ୍ରଦେଶ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରୁଥିଲେ। ୧୬୪୪ରେ ବିକାନେର ସାମ୍ରାଜ୍ୟର ସୀମାନ୍ତ ଗ୍ରାମରେ ଲଗାଯାଇଥିବା ଏକ ତରଭୁଜ ଗଛ ସୀମାରେଖା ପାର କରି ଅପରପାର୍ଶ୍ୱ ଯାଏ ମାଡ଼ି ଯାଇଥିଲା। ଗଛରେ ଫଳିଥିବା ତରଭୁଜ ପାଚିବା ପରେ ଏହା ଉପରେ ହକ୍ ଜାହିର କରିଥିଲେ ଦୁଇ ରାଜ୍ୟର ଚାଷୀ। ଏହାକୁ ନେଇ ଝଗଡ଼ା ବଢ଼ିବାରେ ଲାଗିଲା। ତରଭୁଜ କାଳେ କିଏ ନେଇଯିବ ସେହି ଆଶଙ୍କାରେ ସୀମାବର୍ତ୍ତୀ ଅଞ୍ଚଳବାସୀ ରାତିଦିନ ଉଜାଗର ରହି ଜଗିରହିଲେ। ଦିନ ଗଡ଼ିବା ସହିତ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଉଠିଲା। କଥା ଯାଇ ପହଞ୍ଚିଲା ସେତେବେଳର ଶାସକଙ୍କ ନିକଟତମ ଲୋକଙ୍କ ପାଖରେ। ଆଉ ପରବର୍ତ୍ତୀ ସମୟରେ ଏହି ଘଟଣା ଯୁଦ୍ଧର ରୂପ ନେଲା। ଏଥିରେ ବିକାନେର ପକ୍ଷରୁ ରାମଚନ୍ଦ୍ର ମୁଖିଆ ଏବଂ ନାଗୌର ତରଫରୁ ସିଂଘବୀ ସୁଖମଲ୍ଲ ନେତୃତ୍ୱ ନେଇଥିଲେ। ସବୁଠାରୁ ବଡ଼ କଥା ତରଭୁଜ ପାଇଁ ଯୁଦ୍ଧ ଲଢ଼ାଯାଉଥିବା ସମ୍ପର୍କରେ ଉଭୟ ସାମ୍ରାଜ୍ୟର ରାଜାଙ୍କ ନିକଟରେ ସାମାନ୍ୟତମ ସୂଚନା ନ ଥିଲା। କାରଣ ସେ ସମୟରେ ବିକାନେର ରାଜା କରଣସିଂ ରାଜ୍ୟ ବାହାରେ ଥିଲେ। ନାଗୌର ସମ୍ରାଟ ରାଓ ଅମରସିଂ ରାଠୋର ମୋଗଲଙ୍କ ସପକ୍ଷରେ ଅଭିଯାନ ଚଳାଇଥିଲେ। ସେହି ସମୟରେ ଦୁଇ ସାମ୍ରାଜ୍ୟ ମୋଗଲଙ୍କ ବଶତା ସ୍ୱୀକାର କରିସାରିଥିଲେ।

ଯଦିଓ ଇତିହାସରେ ଏହି ଯୁଦ୍ଧ ବିଷୟରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ନାହିଁ, ତଥାପି ଏବେ ରାଜସ୍ଥାନୀ ପରିବାରରେ ଏହି ଯୁଦ୍ଧର କାହାଣୀ ଶୁଣିବାକୁ ମିଳେ।

ରାଜା ଅମରସିଂ ରାଠୋର ଫେରିବା ପରେ ଯୁଦ୍ଧ ସମ୍ପର୍କରେ ଜାଣିବାକୁ ପାଇଥିଲେ ଏବଂ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ମୋଗଲ ସମ୍ରାଟଙ୍କୁ ନିବେଦନ କରିଥିଲେ। ହେଲେ ସେତେବେଳକୁ ୧୦୦୦ ସୈନିକଙ୍କ ମୃତ୍ୟୁ ହୋଇସାରିଥିଲା। ଯୁଦ୍ଧରେ ନାଗୌର ସୈନିକଙ୍କ ଶୋଚନୀୟ ପରାଜୟ ହୋଇଥିଲା ଏବଂ ଶେଷରେ ବିକାନେର ହାତରେ ଲାଗିଥିଲା ତରଭୁଜ।

## ମଦରୁ ମହାସମର

କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ବୁଝାମଣା ଅଭାବରୁ ଏପରି ଯୁଦ୍ଧ ହୋଇଛି। ଘଟଣାଟି ୧୭୮୮ ମସିହାର। ଏହି ବର୍ଷ ୟୁରୋପ୍‌ର କରନ୍ସେବେସ ସହର ହାତେଇବାକୁ ଅଷ୍ଟ୍ରିଆ ପକ୍ଷରୁ ଆରମ୍ଭ ହୋଇଥିଲା ଅଭିଯାନ। ହେଲେ ମଦନିଶା ଏବଂ ଭାଷାଗତ ସମସ୍ୟାରୁ ଅଷ୍ଟ୍ରିଆର ସୈନ୍ୟବାହିନୀ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ୧୦,୦୦୦ ଯୋଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ତତ୍କାଳୀନ ସମୟରେ ଅଷ୍ଟ୍ରିଆର ମିଳିତ ସେନା ଥିଲା। ହବ୍ସବର୍ଗ ସାମ୍ରାଜ୍ୟ ନାମରେ ପରିଚିତ ଏହି ସୈନ୍ୟବାହିନୀରେ ଫ୍ରାନ୍ସ, ଜର୍ମାନୀ, ପୋଲାଣ୍ଡ, ଚେକ୍ ଗଣରାଜ୍ୟ, ରୋମାନିଆ, ସର୍ବିଆ ପ୍ରମୁଖ ଦେଶ ସାମିଲ ଥିଲେ। ତେବେ ଅଲଗା ଅଲଗା ଭାଷା ଯୋଗୁ ସେମାନଙ୍କ ମଧ୍ୟରେ ତାଳମେଳର ଅଭାବ ରହୁଥିଲା। ଏପରିକି ଯୁଦ୍ଧ ରଣନୀତି ସମସ୍ତଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚାଇବା ବି କଷ୍ଟକର ହୋଇପଡୁଥିଲା। ଅଭିଯାନ ସମୟରେ ୧୭ ଡିସେମ୍ବର ରାତିରେ ଡାନ୍ୟୁବ୍ ନଦୀ କୂଳରେ ଅଷ୍ଟ୍ରିଆ ସୈନିକମାନେ ରାତ୍ରି ଯାପନ କରିଥିଲେ। ଏହି ସମୟରେ ମଦ୍ୟପାନରେ ଲିପ୍ତ ରୋମାନିଆର ସୈନିକ ସେମାନଙ୍କୁ ସୁରାପାନ କରିବାକୁ ନିମନ୍ତ୍ରଣ ଦେଇଥିଲେ। ଏତିକିବେଳେ ଅଷ୍ଟ୍ରିଆର ଅନ୍ୟ କେତେଜଣ ସୈନିକ ଆସି ମଦ ମାଗିଥିଲେ। ହେଲେ ସେତେବେଳକୁ ମାତ୍ର ଗୋଟିଏ ବୋତଲ ମଦ ବଞ୍ଚିଥିଲା। ଏହାକୁ ନେଇ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଥିଲା। ମଦ ପିଇବାରୁ ବଞ୍ଚିତ ସୈନିକ ଅଭିଯାନରେ ସାମିଲ ଥିବା ନିଜ ସାଥୀଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ନଦୀର ଅପରପାର୍ଶ୍ୱରେ ମଧ୍ୟ ଅଷ୍ଟ୍ରିଆ ସେନା ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲା। ଗୁଳି ଚାଳନା ଶବ୍ଦ ଶୁଣି ସେମାନେ ଶତ୍ରୁପକ୍ଷ ଅତର୍କିତ ଆକ୍ରମଣ କରିଥିବା ଭାବିଥିଲେ ଏବଂ ନଦୀର ଅପରପାର୍ଶ୍ୱରେ ରହି ଅଜାଣତରେ ନିଜ ସୈନିକଙ୍କ ଉପରକୁ ପ୍ରଚଣ୍ଡ ଆକ୍ରମଣ କଲେ। ରାତି ପାହିବା ବେଳକୁ ରକ୍ତରଞ୍ଜିତ ହୋଇସାରିଥିଲା ଡାନ୍ୟୁବ୍ ନଦୀ। ବୁଝାମଣା ଅଭାବରୁ ଅକାଳରେ ଝଡ଼ିପଡ଼ିଥିଲା ଅଷ୍ଟ୍ରିଆ ସେନାର ୧୦,୦୦୦ ଯୋଦ୍ଧାଙ୍କ ଜୀବନ।

# ଡେବ୍ୟୁ କରିବେ ମାନୁଷୀ

ମୁମ୍ବାଇ : ୨୦୧୭ର ବିଶ୍ୱ ସୁନ୍ଦରୀ ମାନୁଷୀ ଛିଲର ଖୁବ ଶୀଘ୍ର ବଲିଉଡ୍ ଜଗତରେ ପାଦ ଦେବାକୁ ଯାଉଛନ୍ତି। ମାନୁଷୀ ନିର୍ଦ୍ଦେଶକ ଫରାହ ଖାନ୍‌ଙ୍କ ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବେ। ମାନୁଷୀଙ୍କ ପୂର୍ବରୁ ଫରାହ ଫିଲ୍ମ 'ଓମ୍ ଶାନ୍ତି ଓମ୍' ଜରିଆରେ ଦୀପିକା ପାଦୁକୋନଙ୍କୁ ଲଞ୍ଚ କରିଥିଲେ। ଏହା ପରେ ଦୀପିକା ନିଜ ଫିଲ୍ମ କ୍ୟାରିୟରେ ଖୁବ ସଫଳତା ହାସଲ କରିଛନ୍ତି। ସେ ନିଜ ଅଭିନୟ ମାଧ୍ୟମରେ ଖୁବ ଲୋକପ୍ରିୟ ହୋଇ ପାରିଛନ୍ତି। ତେବେ ଦୀପିକାଙ୍କ ପରେ ଏବେ ମାନୁଷୀଙ୍କୁ ଲଞ୍ଚ କରିବାକୁ ଯାଉଛନ୍ତି ଫରାହ। ସୂଚନା ଅନୁସାରେ ଫିଲ୍ମକୁ ନେଇ ମାନୁଷୀ ଏବଂ ଫରାହଙ୍କ ମଧ୍ୟରେ ଆଲୋଚନା ମଧ୍ୟ ସରିଯାଇଛି । କେବଳ ସେତିକି ନୁହେଁ ମାନୁଷୀ ଫିଲ୍ମର ସ୍କ୍ରିପ୍ଟକୁ ନେଇ କାମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ତେବେ ଏହା ପୂର୍ବରୁ ଚର୍ଚ୍ଚା ହେଉଥିଲା ଯେ, ମାନୁଷୀ ଧର୍ମା ପ୍ରଡକ୍ସନ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବେ। ସୂଚନା ଯୋଗ୍ୟ ଯେ, ମାନୁଷୀ ଜଣେ ମେଡିକାଲ ଛାତ୍ରୀ ଅଟନ୍ତି ଏବଂ ୨୦୧୭ ନଭେମ୍ବରରେ ସେ ବିଶ୍ୱ ସୁନ୍ଦରୀର ମୁକୁଟ ନିଜ ନାମରେ କରିବାରେ ସକ୍ଷମ ହୋଇ ପାରିଥିଲେ।



ମାନୁଷୀ ଛିଲର

# ମଧ୍ୟପ୍ରଦେଶର ଗ୍ରୀନ୍ ଜେଲ

**ନରସିଂହପୁର(ମଧ୍ୟପ୍ରଦେଶ)**

ଜେଲ ପରିସରରେ ଛୋଟ ବଗିଚା ରହିଥିବା ଏବଂ ଏଥିରେ ଅନ୍ତେବାସୀମାନେ କାମ କରୁଥିବା ଶୁଣିଥିବେ। ହେଲେ ଏକର ଏକର ଅନୁର୍ବର ଜମି ଏବଂ ସମ୍ପୂର୍ଣ୍ଣ ଜେଲ ପରିସର ସବୁଜ କ୍ଷେତରେ ପରିଣତ ହୋଇଥିବା ଦେଖି ନ ଥିବେ। ତେବେ ମଧ୍ୟପ୍ରଦେଶର ନରସିଂହପୁରସ୍ଥିତ ସେଣ୍ଟ୍ରାଲ ଜେଲରେ ଦେଖିବାକୁ ପାଇବେ ଏପରି ଦୃଶ୍ୟ। ଜେଲର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶିଲ୍ପା ଛଉରଙ୍କ ନିଷ୍ଠାପର ଉଦ୍ୟମରେ ଏହି ଜେଲ ଗ୍ରୀନ୍ ଜେଲ ଭାବେ ପରିଚୟ ପାଇଛି। ଶିଲ୍ପା ହିମାଚଳ ପ୍ରଦେଶର ପାଲନପୁଟ କୃଷି ବିଶ୍ୱବିଦ୍ୟାଳୟରୁ କୃଷିବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବାବେଳେ ୨୦୧୮ ସେପ୍ଟେମ୍ବରରେ ମଧ୍ୟପ୍ରଦେଶ ଜେଲ ସେବାରେ ପ୍ରଥମ ନିଯୁକ୍ତି ପାଇଥିଲେ। ମାତ୍ର ୨୦ମାସ ତଳେ ସେ ଏହି ଜେଲରେ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟରେ ଯୋଗଦେବା ପରେ ଜେଲ ଅଧୀକ୍ଷକ ଶେଫାଳି ତିଓ୍ବାରୀ ଶିଲ୍ପାଙ୍କୁ ତାଙ୍କ କୃଷିବିଦ୍ୟା ଜେଲ ପରିସରରେ ଉପଯୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଏଥିରୁ ଶିଲ୍ପା ପ୍ରେରିତ ହୋଇଥିଲେ। ସେ ଅର୍ଜନ କରିଥିବା କୃଷି ଓ ଉଦ୍ୟାନ ବିଦ୍ୟାର ପ୍ରୟୋଗକରି ଜେଲ ପରିସରରେ ପୂର୍ବରୁ ଥିବା କିଛିଗଛ ପାଇଁ ଜୈବିକ କୀଟନାଶକ ପ୍ରସ୍ତୁତ କରିଥିଲେ। ପରେ ସେ ଏକର ଏକର ଜମିରେ ଫୁଲ, ଫଳ ଓ ପନିପରିବା ଚାଷ କରି ଜେଲ ପରିସରକୁ ସବୁଜ କ୍ଷେତରେ ପରିଣତ କରି ଅନ୍ତେବାସୀଙ୍କ ପାଇଁ ଏକ ଭିନ୍ନ ପରିବେଶ ଏବଂ ପରିଚୟ ସୃଷ୍ଟି କରିଛନ୍ତି। ଆରମ୍ଭରେ ସଜନା ଓ ନିମ୍ବ ଗଛ ଚାରା ଲଗାଇଥିବାବେଳେ ଧୀରେ ଧୀରେ ସେ ବିଭିନ୍ନ ପନିପରିବା, ଫୁଲ ଏବଂ ଫଳ ଚାରା ଲଗାଇଥିଲେ। ଚାଷ କାର୍ଯ୍ୟରେ ଅଭିଜ୍ଞତା ଥିବା ଜେଲର କେତେଜଣ ଅନ୍ତେବାସୀ ଶିଲ୍ପାଙ୍କୁ କାର୍ଯ୍ୟରେ ସହଯୋଗ କରିଥିଲେ। କେବଳ ଏତିକି ନୁହେଁ, ଏହା ପରିସରରେ ସେ ଏକ 'ହ୍ୟାଙ୍ଗିଙ୍ଗ୍ ଗାର୍ଡେନ' ମଧ୍ୟ ସୃଷ୍ଟି କରିଛନ୍ତି। ସେଥିରେ ସ୍ନାପ୍ ଡ୍ରାଗନ୍, ଲିଲି, ମ୍ୟାରିଗୋଲ୍ଡ ଭଳି ଅନେକ ପ୍ରକାର ଫୁଲଗଛ ଲାଗିଛି। ଏହା ଅନ୍ତେବାସୀଙ୍କ ମନରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇବାରେ ସହାୟକ ହୋଇଛି। ଏହା ବ୍ୟତୀତ ଜେଲ ମଧ୍ୟରେ ପରିବାଚାଷ ଆରମ୍ଭ ହୋଇଥିବାବେଳେ ଆଗକୁ ଏକ ସୁନ୍ଦର ବଗିଚା କରିବାର ଯୋଜନା ରହିଥିବା ଶିଲ୍ପା କହିଛନ୍ତି। ସେହିପରି ଜେଲ ପରିସର ଗୁହାଳରେ ଥିବା ଗାଈମାନଙ୍କ କ୍ଷୀର ବୃଦ୍ଧି ପାଇଁ କ୍ୟାମ୍ପସ ମଧ୍ୟରେ ନେପିୟର ଘାସ ମଧ୍ୟ ବଢ଼ାଇଥିବା କହିଛନ୍ତି। ଶିଲ୍ପାଙ୍କ ଉଦ୍ୟମକୁ କିଛି ମାସ ତଳେ ରାଜ୍ୟ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଶଂସା କରାଯିବା ସହ ନୂତନଭାବେ ରାଜ୍ୟରେ ନିଯୁକ୍ତି ପାଉଥିବା ଜେଲ ଗାର୍ଡମାନଙ୍କୁ କୃଷି କାର୍ଯ୍ୟରେ ତାଲିମ ଦେବାପାଇଁ ତାଙ୍କୁ ଚୟନ କରାଯାଇଛି। ଅନ୍ୟପକ୍ଷରେ ୨ବର୍ଷରୁ କମ୍ ସମୟ ମଧ୍ୟରେ ଶିଲ୍ପାଙ୍କ ଉଦ୍ୟମକୁ ଜେଲ ଅଧୀକ୍ଷକ ମଧ୍ୟ ପ୍ରଶଂସା କରିବା ସହ ଏକର ଏକର ଜମିରେ ବିଭିନ୍ନ ଫସଲ ଆଦାୟ ଯୋଗୁ ଲକ୍‌ଡାଉନ୍ ସମୟରେ ମଧ୍ୟ ପରିବା ଅଭାବ ପଡ଼ି ନ ଥିବା କୁହନ୍ତି।

**ଜେଲ ପରିସରରେ କୃଷିବିଦ୍ୟା ପ୍ରୟୋଗ କଲେ ଅଧିକାରୀ**





# ହ୍ରିତିକ୍‌ଙ୍କୁ ପ୍ରପୋଜ୍ କଲେ ତାପସୀ

ମୁମ୍ବାଇ: ଖୁବ୍ କମ୍ ସମୟ ମଧ୍ୟରେ ବଲିଉଡ୍‌ରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ସାଉଥ୍‌ର ଫେମସ୍ ଅଭିନେତ୍ରୀ ତାପସୀ ପାନ୍ନୁ। ବର୍ତ୍ତମାନ ତାପସୀ ନିଜର ଏକ ପୋଷ୍ଟ ଲାଗି ଖୁବ୍ ଚର୍ଚ୍ଚାରେ। ନିକଟରେ ତାପସୀ ସୋସିଆଲ ମିଡିଆରେ ଖୁଲମ୍‌ଖୁଲା ସମସ୍ତଙ୍କ ସାମ୍ନାରେ ସୁପର୍‌ଷ୍ଟାର ହ୍ରିତିକ ରୋଶନଙ୍କୁ ପ୍ରପୋଜ୍ କରିଛନ୍ତି। ଆଉ ଯେତେବେଳେ ତାପସୀଙ୍କ ଏହି ମେସେଜ୍ ହ୍ରିତିକଙ୍କ ନିକଟରେ ପହଞ୍ଚିଥିଲା, ସେ ମଧ୍ୟ ଏହାର ଉତ୍ତର ଦେବାକୁ ପଛାଇ ନାହାନ୍ତି। ବର୍ତ୍ତମାନ ଉଭୟଙ୍କ ଚାଟିଂକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ସୂଚନା ଅନୁସାରେ, ଲକ୍‌ଡାଉନ୍ ସମୟରେ ତାପସୀ ନିଜ ଭଉଣୀ ଶଗୁନଙ୍କ ସହିତ ମିଶି ହ୍ରିତିକ ରୋଶନଙ୍କ ଫିଲ୍ମ 'କହୋ ନା ପ୍ୟାର ହେ' ଦେଖୁଥିଲେ। ଏହାସହିତ ସେ କହିଛନ୍ତି ଯେ, ମୁଁ ହ୍ରିତିକଙ୍କ ବହୁତ ବଡ଼ ଫ୍ୟାନ୍। ମୋତେ ଏହି ମୁଭି ବହୁତ ପସନ୍ଦ। ଯାହାପରେ ଦୁଇ ଭଉଣୀ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ଦୁଇଟି ଫଟୋ ରଖିବା ସହ ହ୍ରିତିକଙ୍କୁ ପ୍ରପୋଜ୍ କରିଥିଲେ। ତେବେ ହ୍ରିତିକ ମଧ୍ୟ ମଜାଳିଆ ଢଙ୍ଗରେ ଏହାର ଉତ୍ତର ଦେଇଛନ୍ତି। ଏହାପରେ ତାପସୀଙ୍କ ଫଟୋ ନିଜ ଓ୍ବାଲ୍‌ରେ ଲଗାଇ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସୂଚନାଥାଉ କି, ତାପସୀ ପାନ୍ନୁ ବକ୍ସ ଅଫିସ୍‌ରେ ଗତ ୧ ବର୍ଷ ମଧ୍ୟରେ ସବୁଠାରୁ ସଫଳ ଅଭିନେତ୍ରୀ ଭାବେ ପରିଚୟ ହାସଲ କରିଛନ୍ତି। ଏହି ଗୋଟିଏ ବର୍ଷ ମଧ୍ୟରେ ତାଙ୍କର ୫ଟି ଫିଲ୍ମ ରିଲିଜ୍ ହେବା ସହ ତାହା ୩୫୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ କରିଛି।



ତାପସୀ ପାନ୍ନୁ

# କରୋନା ସହ ଲଢ଼ିବ 'ଇମ୍ୟୁନିଟି ସନ୍ଦେଶ'

କୋଲକାତା: କରୋନା ଭାଇରସ୍ ସଂକ୍ରମଣ ଦେଶରେ ଦ୍ରୁତ ଗତିରେ ବଢି ଚାଲିଥିବା ବେଳେ ଏପର୍ଯ୍ୟନ୍ତ ଏହାର କୌଣସି ଭ୍ୟାକ୍ସିନ ମଧ୍ୟ ଆସିପାରି ନାହିଁ। ତେବେ କୋଲକାତାର ଏକ ମିଠା ଦୋକାନୀ ୧୫ ପ୍ରକାର ଜଡିବୁଟିର ମିଶ୍ରଣରୁ ଏକ ମିଠା ପ୍ରସ୍ତୁତ କରିଛନ୍ତି। ଆଉ ଏହାକୁ ନେଇ ସେ ଦାବି କରିଛନ୍ତି ଯେ, ଏହାକୁ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ। ପଶ୍ଚିମବଙ୍ଗର ବହୁ ପୁରୁଣା ତଥା ପ୍ରସିଦ୍ଧ ମିଠା ବ୍ୟବସାୟୀ ବାଲାରାମ ଓ ରାଧାରମଣ ମୁଲ୍ଲିକ କହିଛନ୍ତି, ୧୫ ପ୍ରକାର ଜଡିବୁଟିକୁ ନେଇ ତିଆରି ହୋଇଥିବା ଏହି ମିଠାର ନାମ ସେ 'ଇମ୍ୟୁନିଟି ସନ୍ଦେଶ' ରଖିଛନ୍ତି। ଦୋକାନ ମାଲିକ କହିଛନ୍ତି, ଉକ୍ତ ମିଠାରେ ତୁଳସୀ, ହଳଦୀ, ଛୋଟ ଗୁଜରାତି, ଜଷ୍ଟିମଧୁ, ଜାଇଫଳ, ଅଦା, ପିପଳି, ଗୋଲ ମରିଚ, ତେଜପତ୍ର ଆଦି ମିଶ୍ରଣ କରାଯାଇଛି। ଏହାପରେ ଏଥିରେ ଛେନା ଓ ଡ୍ରାଏ ଫ୍ରୁଟ୍ସ ମିଶାଇ ମିଠା ପ୍ରସ୍ତୁତ କରାଯାଇଛି ବୋଲି ଉକ୍ତ ବ୍ୟବସାୟୀ କହିଛନ୍ତି। ଏଥିରେ ଗୁଡ଼ ଅବା ଚିନି ସ୍ଥାନରେ ହିମାଳୟ ମହୁ ବ୍ୟବହାର କରାଯାଇଛି। କାରଣ ଏଥିରେ ଔଷଧୀୟ ଗୁଣ ନଷ୍ଟ ହେବନାହିଁ ବୋଲି କୁହାଯାଇଛି। ମିଠା ବ୍ୟବସାୟୀ କହିଛନ୍ତି , କରୋନା ସଂକ୍ରମଣ ସମୟରେ ଏହି ମିଠା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇପାରିବ। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।



# ଟିକେଟ ପାଇଁ ଟଙ୍କା ନ ଥିଲା

ନୂଆଦିଲ୍ଲୀ: ଗୁଗଲ ସିଇଓ ସୁନ୍ଦର ପିଚାଇ ଦିନେ ବିମାନ ଯାତ୍ରା କରିବା ପାଇଁ ବାପାଙ୍କ ବର୍ଷକର ଦରମା ଖର୍ଚ୍ଚ କରିଥିଲେ। ଆମେରିକା ଗ୍ରାଜୁଏଟ୍ ସ୍କୁଲ ଯିବା ପୂର୍ବରୁ ତାଙ୍କ ନିଜର କମ୍ପ୍ୟୁଟର କିମ୍ବା ଲାପଟପ୍‌ଟିଏ ନ ଥିଲା। ଖାଲି ସେତିକି ନୁହେଁ, ତାଙ୍କୁ ୧୦ ବର୍ଷ ହେବା ପୂର୍ବରୁ ଘରେ ସେ ଫୋନ୍ ଦେଖି ନ ଥିଲେ। ଏମିତିକି ତାଙ୍କ ଘରେ ଯେଉଁ ଟିଭି ଥିଲା, ସେଥିରେ କେବଳ ଗୋଟିଏ ମାତ୍ର ଚ୍ୟାନେଲ ଥିଲା। ସୁନ୍ଦରଙ୍କ ବିଷୟରେ ଏସବୁ କଥା ସେ ନିଜେ କହିଛନ୍ତି।



ୟୁଟ୍ୟୁବ୍ ଚ୍ୟାନେଲର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ନାତକ କରୁଥିବା ପିଲାମାନଙ୍କୁ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେବା ଅବସରରେ ସେ ଏହା କହିଛନ୍ତି। ଛାତ୍ରମାନଙ୍କୁ ସବୁବେଳେ ଖୋଲା ସ୍ୱଭାବ, ଧୈର୍ଯ୍ୟଶୀଳ ହେବା ସହିତ ଆଶାବାଦୀ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ୟୁଟ୍ୟୁବ୍‌ର ଡିୟର କ୍ଲାସେସ୍ ଅଫ୍ ୨୦୨୦ ଅବସରରେ ସେ ବିଶ୍ୱର ସବୁ ଛାତ୍ରମାନଙ୍କୁ ସମ୍ବୋଧନ କରି ଏହା କହିଛନ୍ତି। ଛାତ୍ରମାନଙ୍କୁ ସକାରାତ୍ମକ ମନୋଭାବ ରଖିବା ପାଇଁ ପରାମର୍ଶ ଦେଇ ସେ ନିଜ ଜୀବନର ଉଦାହରଣ ଦେଇଛନ୍ତି। ପିଚାଇ ଯେତେବେଳେ ଆମେରିକାର ଷ୍ଟାନ୍‌ଫୋର୍ଡରେ ପଢ଼ିବା ପାଇଁ ଯାଇଥିଲେ, ସେତେବେଳେ ସେ ପ୍ରଥମ ଥର ପାଇଁ ବିମାନ ଯାତ୍ରା କରିଥିଲେ । ଏଥିପାଇଁ ତାଙ୍କ ବାପାଙ୍କୁ ତାଙ୍କର ବର୍ଷକର ଦରମା ଖର୍ଚ୍ଚ କରିବାକୁ ପଡ଼ିଥିଲା, ଯାହାକି ତାଙ୍କ ମନରେ ସେତେବେଳେ ଗଭୀର ପ୍ରଭାବ ପକାଇଥିଲା। ସେ ସମୟରେ ଫୋନ୍‌ରେ ତାଙ୍କ ବାପାଙ୍କ ସହ କଥା ହେବାପାଇଁ ତାଙ୍କୁ ୨ ଡଲାର ଖର୍ଚ୍ଚ କରିବାକୁ ପଡୁଥିଲା, ଯାହାକୁ ତାଙ୍କ ବାପା ଅତି କଷ୍ଟରେ ଯୋଗାଡ଼ କରି ଦେଉଥିଲେ। ଜୀବନର ଏଭଳି ଏକ ମୋଡ଼ ଅତିକ୍ରମ କରିଥିବା ପିଚାଇ ଏବେ ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତି। ଚେନ୍ନାଇରେ ଜନ୍ମ ହୋଇଥିବା ପିଚାଇ ପ୍ରଥମେ ଇଞ୍ଜିନିୟରଭାବେ କାମ ଆରମ୍ଭ କରି ୨୦୦୪ରେ ଗୁଗଲରେ ଯୋଗ ଦେଇଥିଲେ। ୨୦୧୫ରେ ସେ ଗୁଗଲ କମ୍ପାନୀର ସିଇଓ ହୋଇପାରିଥିଲେ।

ମନେ ପଡ଼ନ୍ତି
ଶ୍ରଦ୍ଧାଞ୍ଜଳି



୰ ଭଗବାନ ଗଡତ୍ୟା
ଆବିର୍ଭାବ– ୦୯.୦୬.୧୯୬୧
ତିରୋଧାନ– ୩୧.୦୫.୨୦୨୦
ଗ୍ରାମ– ଗମ୍ଭାରୀ
ଦେଖୁ ଦେଖୁ ଦଶ ଦିନ ଚାଲିଗଲା । ଆରପାରିରେ ଥିଲେ ମଧ୍ୟ ତୁମ ସ୍ମୃତି ଅପାଶୋରା ଏବଂ ଏବେ ବି ମନ ହୃଦୟରେ ସତେଜ ଓ ଜୀବିତ ହୋଇ ରହିଛି । ପ୍ରତିଟି ମୁହୂର୍ତ୍ତରେ ବହୁତ ମନେ ପଡୁଛ । ତୁମର ଅମର ଆତ୍ମାର ସଦ୍‌ଗତି ହେଉ । ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ।
–: ଶୋକସନ୍ତପ୍ତ:–
ଗଡତ୍ୟା ପରିବାର ଓ ବନ୍ଧୁବର୍ଗ ।
ଧ–୧୭୪୬୧

# ସେବତୀ ଫୁଲ



ସେବତୀ ଫୁଲ ଲଗାଇବାର ଉପଯୁକ୍ତ ସମୟ ହେଉଛି ଜୁନ୍-ଜୁଲାଇ ମାସ। ଏହାର ତିନି ପ୍ରକାର କିସମ ରହିଛି। ହଳଦିଆ ସେବତୀ ଫୁଲର ଉନ୍ନତ କିସମ-ଚନ୍ଦ୍ରମା, କିକୁ ବିଓରୀ, ସୁପର ଜାଏଣ୍ଟ ଏବଂ ଇଭିନିଂଷ୍ଟାର। ଧଳା ସେବତୀ ଫୁଲର ଉନ୍ନତ କିସମ -ବିଉଟି, ସ୍ନୋବଲ, ଇନୋସେନସ ଏବଂ ପ୍ରିମିୟର। ଲାଲ ସେବତୀ ଫୁଲ କିସମ-ବ୍ରାଭେ, ରଷ୍ଟିକ୍, ଆଲଫ୍ରେଡ୍, ୱିଲସନ୍। ଏହି ଫୁଲର ଉନ୍ନତ କିସମ ଚୟନ ସମୟରେ ଉପରୋକ୍ତ କିସମ ପ୍ରତି ଧ୍ୟାନ ଦିଅନ୍ତୁ। ସେବତୀ ଫୁଲ ଲଗାଇବା ପୂର୍ବରୁ ଏକର ପ୍ରତି ୧୦ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ। ବୁଣିବା ପରେ ଅନୁମୋଦିତ ସାର(ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ ଓ ୧୬ କିଗ୍ରା ପଟାସ) ପ୍ରୟୋଗ କରନ୍ତୁ। ଚେର ହୋଇଥିବା ଗଛଖଣ୍ଡ ବା ପୁଆ ବିହନ ଆକାରରେ ଲଗାଯାଇଥାଏ ଧାଡିକୁ ଧାଡି ୩୦ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ଲଗାନ୍ତୁ।

# ଫଳ ଚାଷ ପୂର୍ବରୁ..



ଆମ ରାଜ୍ୟର ଜଳବାୟୁରେ ବିଭିନ୍ନ ପ୍ରକାରର ଲାଭଜନକ ଫଳଚାଷ- ଆମ୍ବ, ନଡିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଆଦି କରାଯାଇପାରିବ। ଉଚ୍ଚା ଗଡାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ କରାଯାଇପାରିବ। ଏଥିପାଇଁ ପ୍ରଥମେ ଜମିକୁ ଭଲ ଭାବରେ ପରିଷ୍କାର କରି ୨-୩ ଓଡ଼ ଚାଷ କରିଦିଅନ୍ତୁ। ଯଦି ବର୍ଷା ଋତୁ ଆରମ୍ଭରେ ଗଛ ଲଗାଇବାର ଅଛି ତେବେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡିଆ, ପିଜୁଳି, ପଣସ, ଲିଚୁ ଆଦି ଫଳଚାଷ କରୁଥିଲେ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ ଖୋଳନ୍ତୁ। କଦଳୀ, ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଖୋଳନ୍ତୁ। ସପୁରି ପାଇଁ ୩୦ ସେମି ଚଉଡା ଓ ୧୫ ସେମି ଗଭୀରର ନାଳୀ ଖୋଳାଯାଏ।

# ଛାତ ଉପରେ ବଗିଚା

## କିପରି କରିବେ ପୋକ ଦମନ

ଡ. ବିଷ୍ଣୁଚରଣ ଜେନା

ଗ୍ରାମାଞ୍ଚଳରେ ଚାଷୀଭାଇମାନେ ପ୍ରାୟତଃ ନିଜ ଜମିରେ ବିଭିନ୍ନ ପ୍ରକାରର ଫସଲ ଚାଷ କରନ୍ତି ଓ ସେଥିରୁ ଉପାର୍ଜିତ ଅର୍ଥରେ ପରିବାର ଚଳାନ୍ତି। କିନ୍ତୁ ସହରାଞ୍ଚଳରେ ବସବାସ କରୁଥିବା ସରକାରୀ ଓ ବେସରକାରୀ କର୍ମଚାରୀ ଏବଂ ବ୍ୟବସାୟୀମାନେ ନିଜ ନିଜ ଛାତ ଉପରେ କୁଣ୍ଡ ଓ ପଲିଥିନ ମାଧ୍ୟମରେ କଞ୍ଚାଲଙ୍କା, ବାଇଗଣ, ଭେଣ୍ଡି, ଝୁଡଙ୍ଗ, ଜହ୍ନି, କାକୁଡି ଓ ଶିମ୍ବଜାତୀୟ ପନିପରିବା ସହିତ ଗୋଲାପ, ଗେଣ୍ଡୁ, ଭିନ୍ନ ଭିନ୍ନ ପ୍ରଜାତିର ମନ୍ଦାର, ଟଗର, ତରାଟ, ସୁଗନ୍ଧରାଜ ଓ ଡାଲିଆ ଆଦି ଫୁଲଗଛ ଲଗାନ୍ତି। ଦେବଦେବୀଙ୍କ ପୂଜାର୍ଚ୍ଚନାରେ ଫୁଲ ବ୍ୟବହାର କରନ୍ତି ଓ ବଳକାକୁ କେତେକ ବ୍ୟକ୍ତି ମନ୍ଦିର ସମ୍ମୁଖରେ ବିକ୍ରି କରନ୍ତି। ସେହିପରି କେତେକେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ କରି ବଳକା ପନିପରିବାକୁ ବଜାରରେ ବିକ୍ରି କରନ୍ତି ଓ ଆତ୍ମସନ୍ତୋଷ ଲାଭ କରନ୍ତି। କିନ୍ତୁ ସେହିସବୁ ପନିପରିବା ଓ ଫୁଲଗଛରେ ଥିବା ଫୁଲଗୁଡିକୁ ବିଭିନ୍ନ ପ୍ରଜାତିର ପୋକ ଆକ୍ରମଣ କରନ୍ତି। ଏଭଳି ପରିସ୍ଥିତିରେ ଫସଲକୁ ପୋକ ଦାଉରୁ ରକ୍ଷା କରିବା ପାଇଁ କୀଟତତ୍ତ୍ୱବିତଙ୍କର ପରାମର୍ଶ ଲୋଡନ୍ତି। ସମୟେ ସମୟେ ସେମାନେ ଠିକ୍ ସମୟରେ ପରାମର୍ଶ ପାଇ ପାରନ୍ତି ନାହିଁ। ଉକ୍ତ ନିବନ୍ଧ ମାଧ୍ୟମରେ ହାନିକାରକ ପୋକଗଡ଼ିକୁ ଦମନ କରିବା ସକାଶେ କେତେକ ଉପାୟ ସମ୍ବନ୍ଧରେ ଆଲୋକପାତ କରାଯାଉଛି।



ଗୋଲାପ ଫୁଲ ଓ କଞ୍ଚା ଲଙ୍କାକୁ ପତ୍ର ଉକୁଣି ନାମକ ଏକ ପୋକ ଆକ୍ରମଣ କରେ। ଏହି ପୋକଟି ଏକ ଶୋଷକଜାତୀୟ ପୋକ। ଏମାନେ ଫୁଲ ଏବଂ ପତ୍ରରୁ ରସ ଶୋଷି ଦିଅନ୍ତି। ଗୋଲାପ ପାଖୁଡାଗୁଡିକ ଶୁଖିଲା ହୋଇ ଝରିପଡେ। କଞ୍ଚାଲଙ୍କା ଗଛର ବୃଦ୍ଧି ଭଲ ଭାବରେ ହୋଇପାରେ ନାହିଁ। ଅଗ୍ରଭାଗର ପତ୍ରଗୁଡିକ ମୋଡି ମୋଡି ହୋଇ ଲୋଚାକୋଚା ହୋଇଯାଏ। ଗଛଟି ରୁଗଣ ହୋଇଯାଏ ଓ ଫଳ ଧରିବା ଶକ୍ତି ହରାଏ। ଉଭୟ ଫସଲରେ ଏହି ପତ୍ର ଉକୁଣିଆ ପୋକକୁ ମାରିବା ପାଇଁ ଏକ ଲିଟର ପାଣିରେ ୦୨ ମିଲିଲିଟର ରୋଗର (ଡିମେଥୋଏଟ୍) ମିଶାଇ ଗଛକୁ ସମ୍ପୂର୍ଣ୍ଣ ଭାବରେ ସିଞ୍ଚନ କରନ୍ତୁ। ୧୦ଦିନ ଅନ୍ତରରେ ପୁଣି ଥରେ ଗଛକୁ ସିଞ୍ଚନ କରନ୍ତୁ। ଝୁଡଙ୍ଗ ଓ ଶିମ୍ବ ଗଛ ଲଗାଇଥିଲେ ସେଥିରେ ଜଉ ପୋକ ଲାଗିବାର ଆଶଙ୍କା ଥାଏ । ମନ୍ଦାର, ଟଗର ଓ ତରାଟ ଗଛରେ ଚୂର୍ଣ୍ଣପୃଷ୍ଠ ପୋକ ଲାଗନ୍ତି। ଏଗୁଡ଼ିକ ସବୁ ଶୋଷକଜାତୀୟ ପୋକ, ଗଛରୁ ରସ ଶୋଷି ଦିଅନ୍ତି। ଏହି ପୋକଙ୍କ ପିଠିରେ ଚୂର୍ଣ୍ଣ ବର୍ଣ୍ଣର ଏକ ଆବରଣ ଥାଏ। ଏହିସବୁ ଶୋଷକଜାତୀୟ ପୋକଗୁଡ଼ିକୁ ଦମନ କରିବା ପାଇଁ ସେହି ରୋଗର କୀଟନାଶକକୁ ସେହି ପରିମାଣରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆବଶ୍ୟକ ପଡିଲେ ପୁଣି ଥରେ ୧୦ଦିନ ପରେ ପୋକ ଆକ୍ରମିତ ଗଛଗୁଡିକୁ ସିଞ୍ଚନ କରନ୍ତୁ। ବାଇଗଣ ଗଛ ଲଗାଇଥିଲେ ସେଥିରେ ଫଳ ଏବଂ କାଣ୍ଡବିନ୍ଧା ପୋକ ପ୍ରଚୁର ପରିମାଣରେ ଫଳ ଓ କାଣ୍ଡକୁ ନଷ୍ଟ କରେ। କାଙ୍କେଡିଆ ପୋକ ପତ୍ରରେ ସବୁଜ କଣାଗୁଡିକୁ ଖାଇ ଜାଲ ସୃଷ୍ଟି କରେ। ଫଳ ଏବଂ କାଣ୍ଡ ବିନ୍ଧା ପୋକର ଦମନ ନିମନ୍ତେ ଏକ ଲିଟର ପାଣିରେ ଏକ ଗ୍ରାମ ପାଦାନ (କାଇଟାପ୍ ହାଇଡ୍ରୋକ୍ଲୋରାଇଡ୍) ମିଶାଇ ଗଛରେ ସିଞ୍ଚନ କରନ୍ତୁ। ଆବଶ୍ୟକ ପଡିଲେ ସାତଦିନ ଅନ୍ତରରେ ୨-୩ଥର ସିଞ୍ଚନ କରନ୍ତୁ। କାଙ୍କେଡିଆ ପୋକର ଦମନ ନିମନ୍ତେ କାର୍ବାରିଲ ୫୦ ପ୍ରତିଶତ ସେଚିତ ଗୁଣ୍ଡକୁ ଏକ ଲିଟର ପାଣିରେ ୪-୫ ଗ୍ରାମ ମିଶାଇ ଆକ୍ରାନ୍ତ ଗଛକୁ ୧୦ ଦିନ ଅନ୍ତରରେ ଦୁଇ ଥର ସିଞ୍ଚନ କରନ୍ତୁ।

ଗେଣ୍ଡୁଫୁଲରେ ଫୁଲ ଏବଂ ପତ୍ରଖିଆ ପୋକ ଆକ୍ରମଣ କରେ। ଏହାକୁ ଦମନ କରିବା ପାଇଁ ରୋଗର କୀଟନାଶକକୁ ଗେଣ୍ଡୁଫୁଲରେ ସିଞ୍ଚନ କରନ୍ତୁ। କାକୁଡି, ଜହ୍ନି, କଲରା, ଛଚିନ୍ଦ୍ରା ଓ କଖାରୁ ଲଗାଇଥିଲେ ସେଥିରେ ଫଳବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯାଏ। ଏହି ପୋକକୁ ଦମନ କରିବା ଲାଗି ମାଲାଥିୟନ ୫୦ ପ୍ରତିଶତ ତରଳ ବିଷକୁ ଗୋଟିଏ ଲିଟର ପାଣିରେ ମିଶାଇ ଫସଲକୁ ସିଞ୍ଚନ କରନ୍ତୁ। ଆବଶ୍ୟକ ପଡିଲେ ୧୦ଦିନ ପରେ ପୁଣି ଥରେ ଫସଲରେ ସିଞ୍ଚନ କରନ୍ତୁ। ଗଛ ଲଗାଯାଇଥିବା କୁଣ୍ଡଗୁଡିକୁ ସଫା ରଖନ୍ତୁ। ଆକ୍ରାନ୍ତ ଫଳ ଯଥା ପୋକରା ବାଇଗଣ ଓ ଆକ୍ରାନ୍ତ କାଣ୍ଡଗୁଡିକୁ ପ୍ରଥମାବସ୍ଥାରେ ସଂଗ୍ରହ କରି ପୋଡି ଦିଅନ୍ତୁ। ସେହିପରି ଫଳବିନ୍ଧା ମାଛି ଦ୍ୱାରା ଆକ୍ରମିତ ଜହ୍ନି, କଲରା, କାକୁଡି, ଛଚିନ୍ଦ୍ରା ଓ କଖାରୁଗୁଡିକୁ ଆକ୍ରମଣର ପ୍ରଥମାବସ୍ଥାରେ ସଂଗ୍ରହ କରି ପୋଡି ଦିଅନ୍ତୁ। ସର୍ବୋପରି ପ୍ରତ୍ୟେକ ଦିନ ଛାତ ଉପରକୁ ଯାଇ ପନିପରିବା ଓ ଫୁଲଗଛଗୁଡିକୁ ପର୍ଯ୍ୟବେକ୍ଷଣ କରି ପୋକମାନଙ୍କୁ ଦମନ କରିବା ପାଇଁ ପଦକ୍ଷେପ ନିଅନ୍ତୁ।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର, ମୋ:୯୭୭୬୪୦୪୪୦୬*

# ଉନ୍ନତ ଭେଣ୍ଡି ଚାଷ

ଡ. ପରେଶ କୁମାର ପଣ୍ଡା

ପନିପରିବା ମଧ୍ୟରେ ଭେଣ୍ଡି ନିଶ୍ଚିତ ରୂପେ ଏକ ସୁସ୍ୱାଦ, ପୁଷ୍ଟିସାର ଓ ତନ୍ତୁ ବହୁଳତା ଥାଇ ଦୈନନ୍ଦିନ ବ୍ୟବହୃତ ହେଉଥିବା ଏକ ଲୋକପ୍ରିୟ ପରିବା। ଆମ ରାଜ୍ୟର ଜଳବାୟୁ ଭେଣ୍ଡି ଚାଷ ପାଇଁ ବର୍ଷ ସାରା ବେଶ୍ ଅନୁକୂଳ। ସବୁ ଜିଲାରେ ଏହାର ଚାଷ କରାଯାଏ। ନିଗିଡା, ଉର୍ବର, ଦୋରସା ମାଟିରେ ଭେଣ୍ଡି ଭଲ ବଢ଼ିଥାଏ। ଉନ୍ନତ, ଅଧିକ ଅମଳକ୍ଷମ ଭେଣ୍ଡି କିସମ ମଧ୍ୟରେ-ପାର୍ବଣୀ, କ୍ରାନ୍ତି, ଉତ୍କଳ ଗୌରବ (ବି.ଓ.-୨), ଆର୍କା, ଅଭୟ, ସିଲେକସନ-୭, ଆର୍କା ଅନାମିକା, ବର୍ଷା ଉପହାର, ପୁଷ୍ପା ଏ-୪, ପୁଷା ସାୱନି, କାଶୀ ପ୍ରଗତି ହିସାର ଉନ୍ନତ ଓ ହିସାର ନବୀନ ଅନ୍ୟତମ। ସଙ୍କର ଭେଣ୍ଡି ମଧ୍ୟରେ ବର୍ଷା, ବିଶାଳ, ବିଜୟ, ତାରା, ଆଧୁନିକ, ସୁପ୍ରିୟ, ଉପହାର, ଏଚ୍.ବି.ଏଚ-୧୪୨, ମାହିକୋ-୭, ମାହିକୋ-୧୦, ମାହିକୋ-୫୫, ଅନ୍ତରା, ହାଇବ୍ରିଡ-୧୫୨, ମଖମଲ୍ଲୀ, ସାଗରିକା, ୧୩୭ ଚାଷ କରାଯାଏ।

ଏକର ପ୍ରତି ୩-୪ କିଗ୍ରା (ବର୍ଷାଦିନିଆ) ଓ ୮ କିଗ୍ରା (ଖରାଦିନିଆ) ବିହନ ଏବଂ ସଙ୍କର ଚାଷ ପାଇଁ ୨ କିଗ୍ରା ବିହନ ଦରକାର ହୋଇଥାଏ। ଭଲ ଭାବେ ଗୁଣ୍ଡ ଚାଷ ହୋଇଥିବା ମାଟିରେ ବର୍ଷାଦିନେ ୬୦ସେମିx୩୦ସେମି ଓ ଖରାଦିନେ ୪୫ସେମିx୨୦ସେମି (ଉନ୍ନତ କିସମ ପାଇଁ) ଏବଂ ବର୍ଷାଦିନେ ଓ ଖରାଦିନେ ୯୦ସେମିx୪୫ସେମି ଏବଂ ସଙ୍କର ଭେଣ୍ଡି ପାଇଁ ଦୂରତା ରଖି ଚାଷ କରାଯାଏ। ବିହନକୁ ବିଶୋଧନ କରି ବତୁରାଇ ଗାଲି ଫାଟିଥିବା ବା ଗଜା ହୋଇଥିବା ମଞ୍ଜିକୁ ନିର୍ଦ୍ଦିଷ୍ଟ ଦୂରତାରେ ବୁଣାଯାଏ। ଜୁନ୍-ଜୁଲାଇ ମାସରେ (ବର୍ଷାଦିନେ), ସେପ୍ଟେମ୍ବର-ଅକ୍ଟୋବର (ଶୀତଦିନେ) ଏବଂ ଫେବୃୟାରୀ-ମାର୍ଚ୍ଚ (ଖରାଦିନେ) ଏହାର ଚାଷ ପାଇଁ ବୁଣିବା ଆବଶ୍ୟକ। ଏକର ପ୍ରତି ୬୦-୮୦ କୁଇଣ୍ଟାଲ ଶଢ଼ା ଖତ ସହ ୪୫:୩୦:୩୦ କିଗ୍ରା ଏନ.ପି.କେ. (ଅର୍ଥାତ୍ ଡିଏପି ୬୫ କିଗ୍ରା, ୟୁରିୟା ୭୨ କିଗ୍ରା ସହ ପଟାସ ସାର ୫୦ କିଗ୍ରା) ଦରକାର ପଡିଥାଏ। ଅଧା ପରିମାଣର ଯବକ୍ଷାରଜାନ ଗଛ ଉଠିବାର ୩ ସପ୍ତାହ ବେଳକୁ ଦିଆଯାଏ। ମାତ୍ର ମୂଳସାର ଭାବେ ଅଧା ଯବକ୍ଷାରଜାନ + ସମୁଦାୟ ପଟାସକୁ ପ୍ରୟୋଗ କରାଯାଏ। କିନ୍ତୁ ସଙ୍କର ଭେଣ୍ଡି ଫସଲ ପାଇଁ ଏକର ପ୍ରତି ୮୦:୪୦:୪୦ ଯବକ୍ଷାରଜାନ : ଫସଫରସ : ପଟାସ ପ୍ରୟୋଗ ହେଲେ ଭଲ।

ବର୍ଷାଦିନେ ଜଳ ନିଷ୍କାସନର ବ୍ୟବସ୍ଥା ରଖିବା ଜରୁରୀ। ଫୁଲ ଓ ଫଳ ଧରିବା ସମୟରେ ଜଳ କ୍ଲିଷ୍ଟତା ନ ରହିବା ଆବଶ୍ୟକ। ଜଳାଭାବ ଏହି ସମୟରେ ରହିଲେ ଉତ୍ପାଦନ ତଥା ଗୁଣବତ୍ତାରେ ହ୍ରାସ ପରିଲକ୍ଷିତ ହୋଇଥାଏ। ସିଞ୍ଚନ/ବୁନ୍ଦା ଜଳସେଚନ ଫସଲ ପାଇଁ ଉପଯୋଗୀ। ହାଲୁକା ଜଳସେଚନ ମାଟିର ବତର ଦେଖି ଦିଆଯାଏ। ଘାସ ନିୟନ୍ତ୍ରଣ ପାଇଁ ମଞ୍ଜି ବୁଣିବାର ୩ ସପ୍ତାହ ଓ ୭ ସପ୍ତାହ ବେଳକୁ କୋଡାଖୁସା କରି ଘାସ ବାଛି ଦିଆଯାଏ। ନଚେତ୍ ରାସାୟନିକ ତୃଣନାଶକ ଯଥା-ପେଣ୍ଡିମେଥାଲିନ୍/ ଆଭାକ୍ଲୋର/ ବାସଲିନ୍‌ର ୧ କିଗ୍ରା ଏକର ପ୍ରତି ମଞ୍ଜି ବୁଣିବା ସମୟରେ ଓଦା ମାଟି ଉପରେ ୨୦୦ ଲିଟର ପ୍ରତି ସିଞ୍ଚନ କରାଯାଏ।

ବିଭିନ୍ନ ପୋକ ଯଥା-ଜଉ, ପତ୍ର ଉକୁଣି, ପତ୍ରଡିଆଁ ଓ ଧଳାମାଛି ନିୟନ୍ତ୍ରଣ ପାଇଁ-ଆସେଟାମିପ୍ରିଡ ୨୦ ପ୍ରତିଶତ ଏସ.ପି.ର. ୧.୫ ଗ୍ରାମ/ଇମିଡାକ୍ଲୋପ୍ରିଡ ୧୭.୮ ପ୍ରତିଶତ,ଏସ.ଏଲ.ର. ୨ ମିଲି ; ଫଳ ବିନ୍ଧା ଓ ଅଷ୍ଟପଦୀ ପୋକ ପାଇଁ- ଫେନ୍ନପ୍ରୋପାଥ୍ରିନ୍ ୩୦ ପ୍ରତିଶତ, ଇ.ସି.ର. ୫-୭ ମିଲି ; ଚିତ୍ରିତ ବଙ୍କରାପୋକ ଦମନ ପାଇଁ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ପ୍ରତିଶତ, ଏସ.ଜି.ର. ୨.୭ରୁ ୩.୪ ଗ୍ରାମ ; ନାଲି ବୁଢ଼ିଆଣୀ ଅଷ୍ଟପଦୀ ପାଇଁ ଫେନାଜାକୁଇନ୍ ୧୦ ପ୍ରତିଶତ, ଇ.ସି.ର. ୨୫ ମିଲିକୁ ୧୦ ଲିଟର ପାଣି ସହିତ ମିଶାଇ ଫସଲରେ ସିଞ୍ଚନ କରାଯାଏ।



ବିଭିନ୍ନ ରୋଗ ଯଥା-ପାଉଁଶିଆ/ ପ୍ରତପୋଡା ରୋଗ ଦେଖାଦେଲେ ମାନକୋଜେବ ୩୦ ଗ୍ରାମ/କାର୍ବେଣ୍ଡାଜିମ ୫୦ ପ୍ରତିଶତ ଡବ୍ଲୁ.ପି.ର. ୨୦ ଗ୍ରାମକୁ ୧୦ଲିଟର ପାଣି ପ୍ରତି ମିଶାଇ ଫସଲରେ ସିଞ୍ଚନ କରନ୍ତୁ। ଏତଦ୍‌ବ୍ୟତୀତ ଖର୍ଚ୍ଚ କମ୍ କରିବା ଓ ପରିବେଶକୁ ସୁସ୍ଥ ରଖିବା ନିମନ୍ତେ ଫଳବିନ୍ଧା ପୋକ ପାଇଁ ଏକର ପ୍ରତି ୧୦ଟି ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ୍) ଓ ତଥା ଶୋଷକ ପୋକ ନିୟନ୍ତ୍ରଣ ଲାଗି୧୦ଟି ହଳଦିଆ ଅଠାଳିଆ ଯନ୍ତା କ୍ଷେତରେ ବସାଯାଏ। ସାହେବୀ ରୋଗ ନ ବ୍ୟାପିବା ଲାଗି ଫସଲର ଆରମ୍ଭରୁ ନିମ୍ବ ଔଷଧ, ହାଣ୍ଡି ଖତର ସିଞ୍ଚନ ଓ ଧଳା ମାଛିକୁ ନିୟନ୍ତ୍ରଣ କରାଯାଏ। ଶୀତଦିନରେ ଗଛ ବଢୁଥିଲେ ଧଳା ମାଛିର ପ୍ରାଦୁର୍ଭାବ କମ୍ ହୋଇ ସାହେବୀ ରୋଗର ଆଶଙ୍କା ପ୍ରାୟ ନ ଥାଏ। ସାହେବୀ ଗଛ ଦେଖିଲେ ତୁରନ୍ତ ଉପାଡି ପୋତି ଦିଅନ୍ତୁ/ ନଷ୍ଟ କରି ଦଅନ୍ତୁ।

ପ୍ରଥମ ଅମଳ ଗଛ ଉଠିବାର ପ୍ରାୟ ୫୦ ଦିନର ବେଳକୁ ଆରମ୍ଭ ହୋଇ ୨-୩ଦିନ ଅନ୍ତରାଳରେ ୩-୪ ମାସ ମଧ୍ୟରେ ୬୦-୮୦ କୁଇଣ୍ଟାଲ ଏକର ପ୍ରତି ଭେଣ୍ଡି ଅମଳ ମିଳିଥାଏ। ଭେଣ୍ଡିକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ କାଟି ତୋଳିଲେ ଭଲ। ଡେରିରେ ଅମଳ କଲେ ଭେଣ୍ଡି ବୁଢ଼ା ହୋଇଯାଏ। ଭେଣ୍ଡିକୁ ଝୋଟ ବ୍ୟାଗ୍ କିମ୍ବା ପ୍ଲାଷ୍ଟିକ କ୍ରେଟ୍‌ରେ ପରିବହନ କରାଯାଏ। ସେ ସମୟରେ ଭେଣ୍ଡିରେ ସାମାନ୍ୟ ପାଣି ସିଞ୍ଚନ କଲେ ଭେଣ୍ଡି ସତେଜ ରହିଥାଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

# ଏ ମାସର କୃଷି ସୂଚନା

**ଧାନ :** ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।

- ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ ।
- ସଅଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ ।
- ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ ।
- ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ ।
- ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟି ଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଗଜା ଫିଟିଥିବା ବିହନ ବୁଣନ୍ତୁ ।
- ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇ ପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ ।
- ତଳି ଗଜା ହୋଇଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ ।
-ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମିଲିମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ ।
-ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷ କରି ଡିପ ଜମିରେ ଘାସମରା ଔଷଧ ବ୍ୟବହାର କରି ଘାସ ଦମନ କରନ୍ତୁ । ଏଥିପାଇଁ ଡିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ ।
-ରୋଇବା ଲାଗିଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମି ଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ ।
-ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।
-ଫସଲକୁ ବିହନଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ ।
-ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣି ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

## ମାଛଚାଷ ସମ୍ପର୍କରେ...

ଚଳିତବର୍ଷ ମାଛଚାଷ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇ ମାନେ ପୋଖରୀକୁ ମେ ମାସ ଶେଷ ସୁଦ୍ଧା ଶୁଖାଇ ପାରି ନାହାନ୍ତି ସେମାନେ ଶୀଘ୍ର ପୋଖରୀରୁ ପାଣି ବାହାର କରି ଶୁଖାଇ ଦିଅନ୍ତୁ । ଶୁଖିଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ



କରନ୍ତୁ । ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବର କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ । ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୭୫୧୦୦୩*

# ବର୍ଷାଦିନିଆ ପନିପରିବା ଚାଷ

- ବର୍ଷାଦିନେ ସାଧାରଣତଃ ବାଇଗଣ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ସମେତ ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ ଆଦି ପନିପରିବା ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ ।



-ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଡାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

## ଅଟୋ-ବାଇକ୍ ଧକ୍କା: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବ୍ରହ୍ମଗିରି,(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଠୁଆଆରେଡି ଛକ ନିକଟରେ ମଙ୍ଗଳବାର ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଖଜୁରିଆ ଡିଅରପାରି ଗ୍ରାମର ସୁରେଖା ପରିଡ଼ାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ବନବିହାରୀ ଗୁରୁତର ହୋଇଛନ୍ତି। ବନବିହାରୀ ଓ ତାଙ୍କ ସ୍ତ୍ରୀ ବାଇକ୍‌ରେ ପୁରୀ ଯାଉଥିଲେ। କାଠୁଆଆରେଡି ଛକ ନିକଟରେ ଆଗରୁ ଆସୁଥିବା ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୁରେଖାଙ୍କୁ ମୃତ ଘୋଷଣା କରିଥିଲେ। ବ୍ରହ୍ମଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### କରୋନା ପାଇଁ ନର୍ସିଂ ଶିକ୍ଷକ ସଂଘ ୱେବିନାର

**କଟକ ଅଫିସ,୯।୬:** କରୋନାର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ସୁପରିଚାଳନା ପାଇଁ ସର୍ବଭାରତୀୟ ନର୍ସିଂ ଶିକ୍ଷକ ସଂଘ ଦ୍ୱାରା ଗତ ୮ ତାରିଖରୁ ଚାରିଦିନିଆ ୱେବିନାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମଙ୍ଗଳବାର ସ୍ପିକର ଭାବେ ଏସ୍‌ସିବି ବିଏସ୍‌ସି ନର୍ସିଂ କଲେଜର ଅଧାପିକା ତଥା ଓଡ଼ିଶା ଶାଖା ନର୍ସିଂ ଶିକ୍ଷକ ସଂଘର ସଭାପତି ବିଜୟଲକ୍ଷ୍ମୀ ଦାସ ଉପସ୍ଥିତ ଥିଲେ। ସେ ଗ୍ରାମାଞ୍ଚଳରେ କରୋନାର ଚିକିତ୍ସା ଓ ସଚେତନତା ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

### ଶେଷ ସେମିଷ୍ଟର ପରୀକ୍ଷା ବାତିଲ ପାଇଁ ଦାବିପତ୍ର

**କଟକ ଅଫିସ,୯।୬:** ସରକାରଙ୍କ ନିର୍ଦ୍ଦେଶକ୍ରମେ ପରୀକ୍ଷା ଲାଗି ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଅନ୍ୟପଟେ ଶେଷ ସେମିଷ୍ଟର ବାତିଲ ଦାବି ହେଉଛି। ମଙ୍ଗଳବାର ଜେକେବିକେ ମହାବିଦ୍ୟାଳୟର ଶେଷବର୍ଷର ବିଦ୍ୟାର୍ଥୀମାନେ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସେହିପରି ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଶେଷବର୍ଷର ବିଦ୍ୟାର୍ଥୀମାନେ ଅଧକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା ସଂକ୍ରମଣର ଭୟ ସମ୍ପୂର୍ଣ୍ଣ ଯାଇ ନ ଥିବାବେଳେ ଏଭଳି ପରିସ୍ଥିତିରେ ସରକାର ବିକଳ୍ପ ବ୍ୟବସ୍ଥା କରନ୍ତୁ, ନଚେତ ପରୀକ୍ଷା ବାତିଲ କରିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

### କଟକରେ ୨୦ ପଜିଟିଭ ଚିହ୍ନଟ

**କଟକ ଅଫିସ,୯।୬:** କଟକ ଜିଲାରେ କରୋନା ବ୍ୟାପିବାରେ ଲାଗିଛି । ମଙ୍ଗଳବାର ୨୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ କଟକ ସଦର ଓ ଆଠଗଡ଼ ବ୍ଲକର ଜଣେ ଲେଖାଏ ରହିଥିବା ବେଳେ ଚୌଦ୍ୱାର ୨, ନିଶ୍ଚିନ୍ତକୋଇଲି ୨, ନରସିଂହପୁର ବ୍ଲକର ୧୪ ଜଣ ପଜିଟିଭ ରହିଛନ୍ତି। ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୫୫ରେ ପହଞ୍ଚିଥିବା ପ୍ରଶାସନ ସୂଚନା ଦେଇଛି। ମଙ୍ଗଳବାର ଜିଲାର ୨୪ଜଣ ସୁସ୍ଥ ହେବା ପରେ ମେଡିକାଲ୍‌ରୁ ଡିସ୍‌ଚାର୍ଜ ହୋଇଛନ୍ତି ।

### ୧୪ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୯।୬:** ଖୋର୍ଦ୍ଧା ଉପଖଣ୍ଡରେ ମଙ୍ଗଳବାର ପୁଣି ୧୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବୋଲଗଡ ବ୍ଲକରୁ ୭, ବେଗୁନିଆର ୪ ଏବଂ ବାଲୁଗାଁରୁ ୩ଜଣ ରହିଛନ୍ତି। ସମସ୍ତ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସମସ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି ।

### ବେଗୁନିଆ: ପଜିଟିଭ୍‌ଙ୍କ ସଂଖ୍ୟା ୨୪ ଛୁଇଁଲା

**ବେଗୁନିଆ,୯।୬(ଡି.ଏନ୍.ଏ.):** ମଙ୍ଗଳବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୪ଜଣଙ୍କ ପଜିଟିଭ୍ ବାହାରିଛି। ସମସ୍ତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ୧୨ ପଞ୍ଚାୟତରୁ ମୋଟ୍ ୨୪ଜଣଙ୍କ ପଜିଟିଭ୍ ବାହାରିଛି। ସେଥିମଧ୍ୟରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ଜଣ ସୁସ୍ଥ ହୋଇ ଫେରିଛନ୍ତି। ଚିକିତ୍ସାଧୀନ ୧୨ଜଣଙ୍କ ମଧ୍ୟରେ ଜଣେ ୩ବର୍ଷର ଶିଶୁ ଏବଂ ୨ଜଣ ମହିଳା ରହିଛନ୍ତି। ସମୁଦାୟ ସଂକ୍ରମିତଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରେ ନ ଥିବା ୫ଜଣଙ୍କ ପଜିଟିଭ୍ ଚିହ୍ନଟ ହୋଇଥିବା ବିଡିଓ ରଶ୍ମିରେଖା ଦାସ କହିଛନ୍ତି।

### ବନ୍ଦ କୋଠରିରୁ ମୃତଦେହ ଉଦ୍ଧାର

**କଟକ ରୋଡ,୯।୬(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ପୋଲିସ ମଙ୍ଗଳବାର ଏକ ବନ୍ଦ କୋଠରିରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଜୟଦୁର୍ଗା ନଗର ଅଞ୍ଚଳରେ ରହୁଥିବା ସୁବାସ ପ୍ରଧାନ। ସୋମବାର ରାତିରେ କୌଣସି କାରଣକୁ ନେଇ ସୁବାସ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହା ପରେ ସେ ଭିତରୁ ଘର କବାଟ ବନ୍ଦ କରିଦେଇଥିଲେ। ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ଏକ ଲୁହା ଆଙ୍ଗଲରେ ଝୁଲୁଥିବା ନେଇ ଥାନାକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ମାମଲା (ନଂ.୨୯/୨୦)ରୁଜୁ ହୋଇଛି।

# କମିଶନରେଟ ପୋଲିସରେ ଅଦଳବଦଳ



- ବଦଳିଲେ ୩୧ ଏସ୍‌ଆଇ
- ପୋଲିସ ସେବା ଭବନରୁ ୧୮ ଗଲେ ଥାନା

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

କମିଶନରେଟ ପୋଲିସର ଏସ୍‌ଆଇ ସ୍ତରରେ ମଙ୍ଗଳବାର ଅଦଳବଦଳ କରାଯାଇଛି। ବିଶେଷକରି ସିପି ମୁଖ୍ୟାଳୟ ଅର୍ଥାତ୍ ପୋଲିସ ସେବା ଭବନରେ ଥିବା ୧୮ଜଣ ଏସ୍‌ଆଇଙ୍କୁ ଏଥର ଥାନାକୁ ବଦଳି କରାଯାଇଛି। ପ୍ରଫୁଲ୍ଲ କୁମାର ପାତ୍ରଙ୍କୁ କଟକ ବାଦାମବାଡ଼ି ଥାନା, ବାଦଲ କୁମାର ବରାଳଙ୍କୁ ଖଣ୍ଡଗିରି ଥାନା, ମମ୍‌ତାଜ୍ ଅଲ୍ଲୀ ଖାଁଙ୍କୁ ବାଲକାଟି ଫାଣ୍ଡି ଇନ୍‌ଚାର୍ଜ, ଦେବେନ୍ଦ୍ରନାଥ ନାୟକଙ୍କୁ ପୁରୀଘାଟ ଥାନା, ହାଡ଼ିବନ୍ଧୁ ସାହୁଙ୍କୁ ବିଡାନାସୀ ଥାନା, ସୁଶାନ୍ତ କୁମାର ପାତ୍ରଙ୍କୁ ବାରଙ୍ଗ ଥାନା, ରାଧାକାନ୍ତ ସେଠୀଙ୍କୁ କନ୍ଦରପୁର ଥାନା, କାର୍ତ୍ତିକ ବରାଳଙ୍କୁ ଭୁବନେଶ୍ୱର ଟ୍ରାଫିକ ଥାନା, ପଙ୍କଜିନୀ ମିଶ୍ରଙ୍କୁ ସିଏସ୍‌ଆଇ ଭୁବନେଶ୍ୱର କୋର୍ଟ, ରାଘବେନ୍ଦ୍ର ସାମଲଙ୍କୁ ନୟାପଲ୍ଲୀ ଥାନା, ଅଭୟ କୁମାର ସାହୁଙ୍କୁ ଭୁବନେଶ୍ୱର ଏସ୍‌ଆରପିସି, କାହ୍ନୁଚରଣ ମଲିକଙ୍କୁ ଚନ୍ଦ୍ରଶେଖରପୁର ଟ୍ରାଫିକ ଥାନା, ବିଜୟ କୁମାର ସାହୁଙ୍କୁ ଏଜି ଛକ ଟ୍ରାଫିକ ଥାନା, ବିଭୂତି ଭୂଷଣ ଦାଶଙ୍କୁ ଶହୀଦନଗର ଥାନା, ନରେନ୍ଦ୍ର କୁମାର ପରିଡ଼ାଙ୍କୁ ମହାନଦୀବିହାର ଫାଣ୍ଡି, ହିରଣ୍ୟ କେଶରୀ ସାହୁ ସିଡିଏ ଫେଜ୍-୨, କାଶୀନାଥ ବେହେରାଙ୍କୁ ଜଗତପୁର ଥାନା, ପଦ୍ମନାଭ ବଳିୟାର ସିଂଙ୍କୁ ଭୁବନେଶ୍ୱର କ୍ରାଇମ୍ ସେକ୍ସନ୍‌କୁ ବଦଳି କରାଯାଇଛି।

ସେହିପରି ମହାନଦୀବିହାର ଫାଣ୍ଡିରେ ଥିବା ଲକ୍ଷ୍ମୀପ୍ରସାଦ ଶତପଥୀଙ୍କୁ କ୍ୟାପିଟାଲ ଥାନା, ଚୌଦ୍ୱାର ଥାନାରେ ଥିବା ବିପିନ ବିହାରୀ ହୋତାଙ୍କୁ କ୍ୟାପିଟାଲ ଥାନା, ଜଗତପୁର ଥାନାରେ ଥିବା ଜ୍ୟୋସ୍ନାମୟୀ ବରାଳଙ୍କୁ ଲିଙ୍ଗରାଜ ଥାନା, ବାଲିଅନ୍ତା ଥାନାରେ ଥିବା ରାକେଶ ଚନ୍ଦ୍ର ସାମନ୍ତରାୟଙ୍କୁ ଲକ୍ଷ୍ମୀସାଗର ଥାନା, ବାଦାମବାଡ଼ି ଥାନାରେ ଥିବା ପୁଷ୍ପଲତା ରାଉତରାୟଙ୍କୁ ବାଲିପାଟଣା ଥାନା, କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ଥିବା ମନ୍ଦାକିନୀ ବିଶୋଇଙ୍କୁ ନନ୍ଦନକାନନ ଥାନା, ବିଡାନାସୀ ଥାନାରେ ଥିବା ଶର୍ମିଷ୍ଠା ସାହୁଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, ଶହୀଦନଗର ଥାନାରେ ଥିବା ପ୍ରମୋଦ କୁମାର ଲେଙ୍କାଙ୍କୁ ବିଡ଼ାନାସୀ ଥାନା, ବାଲିପାଟଣା ଥାନାରେ ଥିବା ନୟନା ବେହେରାଙ୍କୁ କଟକ ମହିଳା ଥାନା, ଇନ୍‌ଫୋସିଟି ଥାନାରେ ଥିବା ପ୍ରଦୀପ୍ତ କୁମାର ଦାଶଙ୍କୁ ମଙ୍ଗଳାବାଗ ଥାନା, ବନମାଳୀପୁର ଫାଣ୍ଡିରେ ଥିବା ପ୍ରକାଶ ଚନ୍ଦ୍ର ପୃଷ୍ଟିଙ୍କୁ ଚାଉଳିଆଗଞ୍ଜ ଥାନା, ଖଣ୍ଡଗିରି ଥାନାରେ ଥିବା ଗଙ୍ଗାଧର ପାଣିଗ୍ରାହୀଙ୍କୁ ଦରଘାବଜାର ଥାନା, ଲିଙ୍ଗରାଜ ଥାନାରେ ଥିବା ପ୍ରଫୁଲ୍ଲ କୁମାର ଦାଶଙ୍କୁ କଟକ ଟ୍ରାଫିକ ଥାନାକୁ ବଦଳି କରାଯାଇଛି।



ପୁରୀ ସାନଛତା ମଠ ପରିସରସ୍ଥ ବ୍ୟବସାୟିକ ପ୍ରତିଷ୍ଠାନକୁ ମଙ୍ଗଳବାର ଉଚ୍ଛେଦ କରାଯାଉଛି।

# ସରିଲା ଶ୍ରୀଅଙ୍ଗ ଫିଟା ନୀତି

**ଆଜି ଫୁଲୁରି ତେଲ ଲାଗି**

**ପୁରୀ ଅଫିସ, ୯।୬**

ସ୍ନାନପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ଅଣସର ସମୟରେ ଠାକୁରଙ୍କ ଉପଚାର ବିଧି ସମ୍ପର୍କରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ମଙ୍ଗଳବାର ଅଣସରର ପଞ୍ଚମ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରି, ମୁହଁରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ମୁହଁରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରିକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ରାଜନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ବୁଧବାର ଠାକୁର କିଭଳି ସୁସ୍ଥ ହେବେ ସେଥିପାଇଁ ଶ୍ରୀଅଙ୍ଗରେ ଲାଗି ହେବ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଫୁଲୁରି ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ଏହି ଫୁଲୁରି ତେଲ ବଡ଼ ଓଡ଼ିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏ ବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରି ତେଲ ଲାଗି କରିବେ।

# ଅସହାୟ ମହିଳାଙ୍କୁ ସାହାହେଲେ ସବ୍ୟସାଚୀ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ପୁଣିଥରେ ମାନବିକତାର ପରିଚୟ ଦେଇ ହୃଦୟ ଜିତିଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର। ସେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର୍‌ରେ ଫସିଥିବା ଜଣେ ଅସହାୟ ମହିଳାଙ୍କୁ ସହଯୋଗର ହାତ ବଢାଇଛନ୍ତି। ଜଗତ୍‌ସିଂହପୁର ତିର୍ତ୍ତୋଲର ସସ୍ମିତା ବେହେରା ସେଠାକାର ଏକ ଫ୍ୟାକ୍ଟ୍ରିରେ କାମ କରୁଥିବାବେଳେ ଲକ୍‌ଡାଉନ ଯୋଗୁ ୪ବର୍ଷର ପୁଅ ସହ ଫସି ରହିଥିଲେ। ସେ ଫ୍ୟାକ୍ଟ୍ରି ମାଲିକଙ୍କ ଘରେ ରହୁଥିଲେ। ଲକ୍‌ଡାଉନ୍ ପରେ ସମ୍ପୃକ୍ତ ମାଲିକ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହ ଘରୁ ବାହାରିଯିବାକୁ କହୁଥିଲେ। ଏନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାପରେ ସହାୟତା ପାଇଁ ସେ ଲେଖିଥିବା ଏକ ଚିଠି ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏହା ସବ୍ୟସାଚୀଙ୍କ ନଜରକୁ ଆସିବା ପରେ ତୁରନ୍ତ ତାଙ୍କ ଫେରିବାର ବ୍ୟବସ୍ଥା କରିଥିଲେ। ଜୁନ୍ ୧୬କୁ ଟ୍ରେନ୍‌ରେ ତାଙ୍କର ଟିକେଟ୍ କରାଯାଇଥିଲେ ମଧ୍ୟ ୩ଦିନ ତଳେ ଘରମାଲିକ ଘରୁ ବାହାର କରିଦେବାସହ ସମସ୍ତ ସାମଗ୍ରୀ ଫୋପାଡ଼ି ଦେଇଥିଲେ।



ଏଥିସହ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏପଟେ ବୋଝ ଉପରେ ନଳିତା ବିଡ଼ା ଭଳି ଓଡ଼ିଶାରେ ତାଙ୍କ ବାପଘରେ ରହୁଥିବା ୭ବର୍ଷର ଝିଅକୁ ସାପ କାମୁଡ଼ି ଦେଇଥିଲା। ଏଭଳିସ୍ଥଳେ ମହିଳା ଜଣକ ଏ ସମ୍ପର୍କରେ ଜଣାଇ ଫୋନ୍‌କରି ନେହୁରା ହେବାରୁ ସବ୍ୟସାଚୀ ନିଜ ଡ୍ରାଇଭର ସହ ଏକ କାର୍ ଭଡ଼ା କରି ପଠାଇଥିଲେ। ଏବେ ଓଡ଼ିଶା ଫେରି ଆସିଥିବା ଏହି ମହିଳା ତିର୍ତ୍ତୋଲ କ୍ୱାରେଣ୍ଟାଇନ ସେଣ୍ଟରରେ ୪ବର୍ଷର ପୁଅ ସହ ରହୁଛନ୍ତି। ସବ୍ୟସାଚୀଙ୍କ ପାଇଁ ଏକ ନୂଆ ଜୀବନ ପାଇଥିବା ସେ କହିଛନ୍ତି। ତେବେ ଝିଅ ୭ବର୍ଷର ହୋଇଥିଲେ ମଧ୍ୟ ଅର୍ଥାଭାବରୁ ଏପର୍ଯ୍ୟନ୍ତ ତାଙ୍କ ପଢା ଆରମ୍ଭ କରିପାରୁନାହାନ୍ତି। ପିଲାଙ୍କର ଆଧାରକାର୍ଡ କି ଜନ୍ମ ସାର୍ଟିଫିକେଟ୍ ନାହିଁ। ସେହିଭଳି ପୁଅର ପାଠପଢା ମଧ୍ୟ କେମିତି କରିବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବାରୁ ପେଟ ପୋଷିବା ପାଇଁ ରାଜ୍ୟ ବାହାରକୁ ଯାଇ କାମ କରୁଥିଲେ ବୋଲି ସବ୍ୟସାଚୀ କହିଛନ୍ତି। ପିଲାଙ୍କ ପାଠପଢ଼ା ପାଇଁ ସରକାରୀ କିମ୍ବା ବେସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

## ଅମ୍ଫନ ଲାଗି କେଏମ୍‌ସି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଶଂସାପତ୍ର

**ଭୁବନେଶ୍ୱର,୯।୬ (ବ୍ୟୁରୋ):** ଅମ୍ଫନ ପ୍ରଭାବରେ ପଶ୍ଚିମବଙ୍ଗ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ

**ହସ୍ତାନ୍ତର କଲେ ଅଗ୍ନିଶମ ବିଭାଗ ଡିଜି**

୩୦୦ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ପଶ୍ଚିମବଙ୍ଗ ଯାଇଥିଲେ। ସେଠାରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏ ନେଇ କୋଲକାତା ମ୍ୟୁନିସିପାଲଟି କର୍ପୋରେଶନ (କେଏମସି) ପକ୍ଷରୁ ରାଜ୍ୟ ଅଗ୍ନିଶମ ବିଭାଗକୁ ସେ ପ୍ରଶଂସା କରିଥିଲେ। ଏଥିସହ କେଏମସି ପକ୍ଷରୁ ଏକ ମାନପତ୍ର ରାଜ୍ୟ ମୁଖ୍ୟ ସଚିବଙ୍କ ନିକଟକୁ ପଠାଇଥିଲେ। ଅଗ୍ନିଶମ ବିଭାଗ ଡିଜି ସତ୍ୟଜିତ ମହାନ୍ତି ଉକ୍ତ ମାନପତ୍ରକୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ହସ୍ତାନ୍ତର କରିଛନ୍ତି।

## ଏଥର ରଥ ଉପରେ ହେବନି ହରିଶୟନ ନୀତି

**ପୁରୀ ଅଫିସ,୯।୬:** ଏଥର ହରିଶୟନ ଏକାଦଶୀ ତିଥିରେ ବ୍ୟତିକ୍ରମ ଘଟିଛି। ଫଳରେ ଚଳିତବର୍ଷ ବାହୁଡା ପରଦିନ ରଥ ଉପରେ ହରିଶୟନ ନୀତି ହେବ ନାହିଁ। ପ୍ରାୟ ଏକ ମାସ ବିଳମ୍ବରେ ଶୟନ ଯିବେ ହରି (ଶ୍ରୀଜଗନ୍ନାଥ)। ରତ୍ନସିଂହାସନରେ ଏହି ନୀତି କରାଯିବ। ସାଧାରଣତଃ ପ୍ରତିବର୍ଷ ବାହୁଡ଼ା ପରଦିନ ସୁନାବେଶ ବା ହରିଶୟନ ଏକାଦଶୀ ପଡ଼ିଥାଏ। ରଥ ଉପରେ ଏହି ନୀତି କରାଯାଏ। ସେହିଦିନଠାରୁ ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ନିଦ୍ରା ଯାଇଥାନ୍ତି ଏବଂ ଅଶୁଭ ବେଳା ଆରମ୍ଭ ହୁଏ। ଏହି ସମୟରେ ବିବାହ, ବ୍ରତ ଆଦି ଶୁଭ କର୍ମ ହୋଇ ନ ଥାଏ। ହେଲେ ଏ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି। ଜୁଲାଇ ୧ରେ ବାହୁଡ଼ା ରହିଥିବା ବେଳେ ୨ ତାରିଖରେ ପଡୁଛି ସୁନାବେଶ। କିନ୍ତୁ ସେହିଦିନ ହରିଶୟନ ଏକାଦଶୀ ନୁହେଁ। ଜୁଲାଇ ୩୦ରେ ଏଥର ହରିଶୟନ ଏକାଦଶୀ ପଡୁଛି।

# ମଇଁଷାଖାଲ ବସ୍ତିରେ ଘର ଭଙ୍ଗାକୁ ବିରୋଧ

- ନବୀନ ନିବାସ ଘେରାଉ ଉଦ୍ୟମ ବେଳେ ପୋଲିସ ରୋକିଲା
- ପୋଲିସ ମାଡ଼ ମାରିଥିବା ବସ୍ତିବାସିନ୍ଦାଙ୍କ ଅଭିଯୋଗ

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ମଇଁଷାଖାଲ ବସ୍ତିରେ ମଙ୍ଗଳବାର ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ଉଚ୍ଛେଦ ହେଉଥିଲା। ବିରୋଧ ସତ୍ତ୍ୱେ ପୋଲିସ ବଳରେ ଏକାଧିକ ଘର ଭଙ୍ଗାଯାଇଥିଲା। ଏହାର ପ୍ରତିବାଦ କରି ମଇଁଷାଖାଲ ବସ୍ତିର ୪୦ ଜଣ ପରିବାର ରାସ୍ତାକୁ ଓହ୍ଲାଇଥିଲେ। ଉଚ୍ଛେଦକୁ ବନ୍ଦ ଦାବିରେ ନବୀନ ବିବାସ ଘେରାଉ କରିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ଶିଶୁଭବନ ଛକ ଦେଇ ଚାଲିଚାଲି ଯିବା ସମୟରେ ବାଟରେ ପୋଲିସ ସେମାନଙ୍କୁ ଅଟକାଇ ବହୁ ସମୟ ଧରି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଶେଷରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ପହଞ୍ଚି ରାଜୀବ ଆବାସରେ ଘର ମିଳିଥିବା ୩୨ ପରିବାରର ଘର ଭଙ୍ଗାଯାଉଛି। ତେଣୁ ବିରୋଧ କରିବାର ଆବଶ୍ୟକ ନାହିଁ। ହେଲେ ଉକ୍ତ ଅଧିକାରୀଙ୍କ କଥାକୁ କେହି ଶୁଣି ନ ଥିଲେ। ବସ୍ତି ଲୋକେ ଅଭିଯୋଗ କରିଥିଲେ କି, ଯେଉଁମାନଙ୍କୁ ଘର ମିଳିନାହିଁ ସେମାନଙ୍କ ଘର ବି ଭଙ୍ଗାଯାଉଛି। ଉଚ୍ଛେଦ କାର୍ଯ୍ୟ ବନ୍ଦ ନ ହେବା ପର୍ଯ୍ୟନ୍ତ ସେମାନେ ନବୀନ ନିବାସ ଯିବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ କରାଗଲା ବୋଲି ପ୍ରତିଶ୍ରୁତି ମିଳିବାପରେ ଲୋକେ ଶାନ୍ତ ପଡ଼ିଥିଲେ। ତେବେ ପୋଲିସ ଅଟକାଇଥିବାବେଳେ ମାଡ଼ ମାରିଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି।

## କୋଭିଡ୍ କିଟ୍ କିଣା ଦୁର୍ନୀତି: ଥାନାରେ ଏତଲା

**ଭୁବନେଶ୍ୱର,୯।୬ (ବ୍ୟୁରୋ)**

କୋଭିଡ୍ କିଟ୍ କିଣା ଦୁର୍ନୀତିକୁ ନେଇ ଓଡିଶା ସୂଚନା ଅଧିକାର ଅଭିଯାନ ସଂଘ ପକ୍ଷରୁ କ୍ୟାପିଟାଲ ଥାନାରେ ସୋମବାର ଏତଲା ଦିଆଯାଇଛି। କରୋନା ମୁକାବିଲା ପାଇଁ ଜରୁରୀ ଆବଶ୍ୟକ ପିପିଇ କିଟ୍, ମାସ୍କ ଓ ସାନିଟାଇଜର ଆଦି କିଣା ଦୁର୍ନୀତିରେ ଦାୟିତ୍ୱରେ ଥିବା ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କ ସମେତ ତୃତୀୟ ମହଲାର କେତେଜଣ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ସଂଘ ଅଭିଯୋଗ କରିଛି। ଏତଲାରେ ଦର୍ଶାଯାଇଛିଯେ, ୩୦ ଲକ୍ଷ ମାସ୍କ କେବଳ ୧୦ ଟଙ୍କାରେ କିଣିବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଥିଲା। ହେଲେ ୨ ଗୁଣା ଦରରେ ମାସ୍କ କିଣା ଯାଇଥିବାବେଳେ ସରକାରୀ ଟଙ୍କାକୁ ବାଟମାରଣା କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ସଦସ୍ୟ ତଥା ଆଇନଜୀବୀ ସୁଧିର ମହାନ୍ତି ଦାବ କରିଛନ୍ତି। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ସଂଘ ତରଫରୁ ଅଭିଯୋଗ ପାଇବା ପରେ ପୋଲିସ ଷ୍ଟେଶନ ଡାଏରୀ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ଭାଇ

**କଣ୍ଟାପଡା,୯।୬(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ସୁଦସାଇଲୋ ଗ୍ରାମର ଜଣେ ଯୁବକଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ପୂର୍ବ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ମୃତ ଯୁବକଙ୍କ ଦାଦା ପୁଅ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକ ହେଲେ ବ୍ରଜକିଶୋର ଭୋଇ। ପୋଲିସ ଏ ନେଇ ଅପମୃତ୍ୟ ମାମଲା ନଂ. ୨/୨୦ ରୁଜୁ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତକଙ୍କ ଦାଦାପୁଅ ଭାଇ ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ ସୋମବାର ରାତିପ୍ରାୟ ୩ଟାବେଳେ ଘରେ ବ୍ରଜ ନ ଥିବା ଦେଖି ପରିବାର ଲୋକ ଖୋଜାଖୋଜି କରିଥିଲେ। ବ୍ରଜ ତାଙ୍କ ପଡୋଶୀ ବିଶ୍ୱମ୍ଭର ଭୋଇଙ୍କ ଚଢ଼ଁରା ଉପରେ ପଡିଥିବାର ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବରୁ ବ୍ରଜଙ୍କ ସହ ସ୍ଥାନୀୟ କେତେଜଣ ଲୋକଙ୍କ ସହ ଶତ୍ରୁତା ଥିଲା। ଏହି ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାରଲୋକ ସନ୍ଦେହ କରିଛନ୍ତି।

# ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ମିଳିବ ଋଣ

**କଟକ ଅଫିସ,୯।୬**

ଲକ୍‌ଡାଉନ୍ ଯୋଗୁ କଟକ ଜିଲାକୁ ପ୍ରାୟ ୨୦ ହଜାର ପ୍ରବାସୀ ଶ୍ରମିକ ଫେରିଲେଣି। ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନ ଯୋଜନା ଚଳାଇଛି। ଏହି କ୍ରମରେ ଅଗ୍ରଣୀ ବ୍ୟାଙ୍କ (ୟୁକୋ ବ୍ୟାଙ୍କ) କଟକ ଆନୁକୂଲ୍ୟରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରବାସୀ ଶ୍ରମିକଙ୍କୁ ଅଗ୍ରଣୀ ବ୍ୟାଙ୍କମାନେ ଚଳିତବର୍ଷ କୃଷି, ଶିଳ୍ପ, ଶିକ୍ଷା, ଗୃହନିର୍ମାଣ, ସ୍ୱୟଂ ସହାୟକ ଗୋଷ୍ଠୀ ଉନ୍ନୟନ ପାଇଁ ଆବଶ୍ୟକ ଋଣ ଯୋଗାଇଦେବାକୁ ଜିଲାପାଳ ଚୟନୀ ପରାମର୍ଶ ଦେଇଛନ୍ତି। ଋଣ ନେବା ପାଇଁ ଆସୁଥିବା ଦରଖାସ୍ତଗୁଡ଼ିକୁ ତୁରନ୍ତ ବିଚାର କରି ଏକ ମାସ ମଧ୍ୟରେ ସେମାନଙ୍କୁ ଋଣ ଯୋଗାଇଦେବାକୁ ବ୍ୟାଙ୍କମାନେ ପଦକ୍ଷେପ ନେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ ଅଖତର ପରାମର୍ଶ ଦେଇଥିଲେ। ନାବାର୍ଡର ସହକାରୀ ସାଧାରଣ ପରିଚାଳକ ସିଦ୍ଧାର୍ଥ ଶଙ୍କର ପଣ୍ଡା ଜିଲାରେ ୨୦୧୯-୨୦ ଆର୍ଥିକବର୍ଷରେ ବିଭିନ୍ନ କ୍ଷେତ୍ରରେ ଦିଆଯାଇଥିବା ଋଣ ପ୍ରଦାନର ବିବରଣୀ ଓ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କୃଷିର ବିକାଶ ଓ କୃଷକର ଆୟକୁ ଦ୍ୱିଗୁଣିତ କରିବା ପାଇଁ ନାବାର୍ଡ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପିଏମ୍‌ଇଜିପି, ଡାଏରି, ବୁଣାକାର, ମତ୍ସ୍ୟଚାଷ, କ୍ଷୁଦ୍ର ଶିଳ୍ପ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଦିଆଯାଇ ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୧୯-୨୦ ଆର୍ଥିକବର୍ଷରେ ଜିଲାରେ କୃଷିର ବିକାଶ ପାଇଁ ୧୭୭୯ କୋଟି, ଫସଲ ଋଣ ୧୧୮୭ କୋଟି, ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣ ୩୩୬୯ କୋଟି ଓ ୧୭ ହଜାର ୯୫୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୨୪ କୋଟି ଟଙ୍କା ଋଣ ଦିଆଯାଇଛି। ଚଳିତବର୍ଷ ପାଇଁ ଋଣ ପ୍ରଦାନରେ ଯଥେଷ୍ଟ ଆର୍ଥିକ ରାଶି ବୃଦ୍ଧି କରାଯାଇଛି।

## ଟେଣ୍ଟ ହାଉସ୍ ମାଲିକଙ୍କ ସ୍ମାରକପତ୍ର ପ୍ରଦାନ

**ପୁରୀ ଅଫିସ,୯।୬:** କରୋନା ପାଇଁ ପ୍ରାୟ ତିନିମାସ ହେବ ହାତବାନ୍ଧି ବସିଛନ୍ତି ଟେଣ୍ଟ ହାଉସ୍ ଏବଂ ସପ୍ଲାୟର ମାଲିକ। ବର୍ତ୍ତମାନ ଦୋକାନ ବଜାର ଓ ହୋଟେଲ ଖୋଲିବାକୁ ଅନୁମତି ମିଳିଲାଣି। ତେଣୁ ସେମାନଙ୍କ ପ୍ରତି ବିଚାର କରିବା ଲାଗି ପୁରୀ ଜିଲା ଟେଣ୍ଟ ହାଉସ୍ ଏବଂ ସପ୍ଲାୟର ମାଲିକ ସଂଘ ମଙ୍ଗଳବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବିବାହରେ ଅତି କମ୍‌ରେ ୨୦୦ ଲୋକଙ୍କୁ ଅନୁମତି ଦିଆଯାଉ। ଏକାଥରକେ ଯେପରି ୫୦ ଲୋକରୁ ଊର୍ଦ୍ଧ୍ୱ ନ ଆସିବେ ଓ ଗୋଟିଏ ଜାଗାରେ ୨୦୦ ଲୋକ ଏକତ୍ର ନ ହେବେ ସେଥିଲାଗି ସଂଘ ନଜର ରଖିବ। ମଣ୍ଡପକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଯିବ। ଲୋକଙ୍କୁ ପ୍ରବେଶ ବେଳେ ସାନିଟାଇଜର ଓ ମାସ୍କ ଦିଆଯିବ। ୩ ମାସ ହେବ କର୍ମଚାରୀ, ଲାଇଟମ୍ୟାନ୍, ଫୁଲ ସଜାଳି, ବ୍ୟାଣ୍ଡପାର୍ଟିର ପ୍ରାୟ ୨୦ହଜାର ଲୋକ କାମ ହରାଇଲେଣି। ତେଣୁ ସରକାରୀ ସହାୟତା ଦେବାକୁ ମାଲିକମାନେ ନିବେଦନ କରିଛନ୍ତି।

# ସେବାୟତଙ୍କୁ ଦିଆଗଲା ହୋମିଓପାଥି ଔଷଧ

**ବଢିବ ରୋଗ ପ୍ରତିଷେଧ ଶକ୍ତି**

**ପୁରୀ ଅଫିସ, ୯।୬**

କୋଭିଡ୍-୧୯କୁ ନଜରରେ ରଖି ସେବାୟତଙ୍କ ମଧ୍ୟରେ କିପରି ରୋଗ ପ୍ରତିଷେଧ ଶକ୍ତି ବୃଦ୍ଧି ପାଇବ ସେ ନେଇ ଯୋଜନା କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିଲାଗି ସେବାୟତଙ୍କୁ ହୋମିଓପାଥି ଔଷଧ ପ୍ରଦାନ ଲାଗି ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ମଙ୍ଗଳବାର ସେବାୟତଙ୍କୁ ହୋମିଓପାଥି ଔଷଧ ଦିଆଯାଇଛି। ୯ରୁ ୧୩ ତାରିଖ ମଧ୍ୟରେ ପର୍ଯ୍ୟାୟକ୍ରମେ ବିଭିନ୍ନ ସେବାୟତ ନିଯୋଗକୁ ହୋମିଓପାଥି ବଣ୍ଟନ ପାଇଁ ମଙ୍ଗଳବାରଠାରୁ ନୀଳାଦ୍ରି ଭକ୍ତ ନିବାସ ପରିସରରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ପ୍ରଥମ ଦିନରେ ଦଇତାପତି ନିଯୋଗର ୬୦ ପରିବାରର ସଦସ୍ୟଙ୍କୁ ଔଷଧ ଦିଆଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସନ ଅଜୟ କୁମାର ଜେନା କହିଛନ୍ତି। ଏତଦ୍‌ବ୍ୟତୀତ ରଥ ନିର୍ମାଣରେ ସମ୍ପୃକ୍ତ ୧୬୫ ପରିବାରକୁ ମଧ୍ୟ ଔଷଧ ବଣ୍ଟାଯାଇଥିବା ଜେନା ସୂଚନା ଦେଇଛନ୍ତି।

ଆଞ୍ଚଳିକ ହୋମିଓପାଥିକ ଗବେଷଣା ପ୍ରତିଷ୍ଠାନର ରିସର୍ଚ୍ଚ ଅଫିସର ଡା. ଉମାକାନ୍ତ ପୃଷ୍ଟି ଏବଂ ଡା. ଅଜୟ କୁମାର ପୃଷ୍ଟି ଏହି ଔଷଧର ଗୁଣାବଳୀ, ବ୍ୟବହାର ପ୍ରଣାଳି ତଥା ସତର୍କତା ସମ୍ପର୍କରେ କହିଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଶିବିର ପରିଚାଳନାରେ ଶ୍ରୀମନ୍ଦିର ସେବାୟତ କଲ୍ୟାଣ ହୋମିଓପାଥି ଚିକିତ୍ସାଧିକାରୀ ଡା. ପଞ୍ଚାନନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଅଭିଲେଖାଗାରର ନଥି ଆମପାଇଁ ଗୁପ୍ତଧନ

**ସିସିଟିଭି କ୍ୟାମେରା, ଅଗ୍ନିନିର୍ବାପକ ବ୍ୟବସ୍ଥାର ଶୁଭାରମ୍ଭ**

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଅଭିଲେଖାଗାରର ନଥି ବା ଦଲିଲ କେବଳ ଐତିହାସିକ କି ଗବେଷକଙ୍କ ପାଇଁ ନୁହେଁ, ଏହା ସମଗ୍ର ବିଶ୍ୱ ଓ ମାନବବାଦ ପାଇଁ ଜରୁରୀ। ତେଣୁ ଏହାର ସଂରକ୍ଷଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଦଲିଲ୍ ଆମପାଇଁ ଗୁପ୍ତଧନ ତଥା ହିଡେନ୍ ଟ୍ରେଜର୍ ବୋଲି ଜାତୀୟ ସୂଚନା କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ପ୍ରଥମଥର ପାଇଁ ଅଭିଲେଖ ଦିବସ ଉତ୍ସବକୁ ମଙ୍ଗଳବାର ଡିଜିଟାଲ ପ୍ଲାଟଫର୍ମର



ପାଳନ କରାଯାଇଥିଲା। 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଡିଜିଟାଲ ସଂରକ୍ଷଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା' ଉପରେ ବକ୍ତବ୍ୟ ରଖି ବେହେରା ଡିଜିଟାଲ ପ୍ରୋସେସ୍, ଇମେଜ୍ କ୍ୱାଲିଟି, ମେଟା ଡାଟା, ଡିଜିଟାଲାଇଜେଶନ୍ ଏବଂ ସ୍କାନିଂ ଆଦିରେ ଥିବା ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ।

ପର୍ଯ୍ୟଟନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଲେ, ଅଭିଲେଖାଗାର ହେଉଛି ଏକ ସମାଜ ଏବଂ ସଭ୍ୟତାର ଦର୍ପଣ ସ୍ୱରୂପ। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଭିଲେଖାଗାରର ସଂରକ୍ଷଣ ଓ ସୁରକ୍ଷା ପାଇଁ ସିସି ଟିଭି କ୍ୟାମେରା ଏବଂ ଅଗ୍ନିନିର୍ବାପକ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନସଚିବ ବିଜୟ କୁମାର ନାୟକ ୩୦ବର୍ଷର ପୁରୁଣା ଝଙ୍କାର ପତ୍ରିକା ସହ ପ୍ରାୟ ଏକ ହଜାର ଦୁଷ୍ପ୍ରାପ୍ୟ ପତ୍ରପତ୍ରିକା ଅଭିଲେଖାଗାରକୁ ଦାନ କରିଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ପରିଚାଳନା କରିଥିଲେ।

## ନୟାଗଡ଼ରେ ଆଉ ୩ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୯।୬: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଡାକ୍ତର ଓ ଜଣେ ଷ୍ଟାଫ୍‌ନର୍ସ କରୋନା ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଛନ୍ତି। ସେହିଭଳି ରଣପୁର ବ୍ଲକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନ୍ୟ ଜଣେ ଗୁଜରାଟ ଫେରନ୍ତା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୯୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୬୯ ସୁସ୍ଥ ହୋଇଥିବାବେଳେ ୨୭ ଚିକିତ୍ସିତ ହେଉଛନ୍ତି। ମେଡିକାଲରୁ ୨ ଷ୍ଟାଫ୍ ଚିହ୍ନଟ ପରେ ଡାକ୍ତରଙ୍କ ପରିବାରର ୨, ଷ୍ଟାଫନର୍ସଙ୍କ ପରିବାରର ୪, ଅନ୍ୟ ୫ ଏପରି ୧୧ ଜଣଙ୍କୁ କ୍ୱାରାଣ୍ଟାଇନ୍‌କୁ ପଠାଯାଇଛି ବୋଲି ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀଙ୍କଠାରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଯାଜପୁର ଜିଲାରେ ଜଣେ କରୋନା ସଂକ୍ରମିତ

#### ୩୨୬କୁ ଛୁଇଁଲା ଆକ୍ରାନ୍ତ ସଂଖ୍ୟା

ଯାଜପୁର ଅଫିସ, ୯।୬: ଯାଜପୁର ଜିଲାରେ ମଙ୍ଗଳବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ କରୋନା ସଂକ୍ରମିତ ଜଣକ ବିଞ୍ଝାରପୁର ବ୍ଲକ ମାଲିଆ ଗ୍ରାମର ବୋଲି ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୨ରେ ପହଞ୍ଚିଛି। ଏହାସହ ମଙ୍ଗଳବାର ୧୧ଜଣ ସୁସ୍ଥ ହୋଇଥିବା ବେଳେ ମୋଟ ୨୮୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ଯାଏ ଜିଲାକୁ ୧୭,୮୧୦ ଜଣ ପ୍ରବାସୀ ଫେରିଥିବା ଜଣାପଡିଛି।

### ସୌଦିରୁ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ସୋଲେମାଙ୍କ ନିବେଦନ

ତିର୍ତ୍ତୋଲ, ୯।୬ (ଡି.ଏନ୍.ଏ.): ପରିବାର ପ୍ରତିପୋଷଣ ପାଇଁ ଦିପଇସା ରୋଜଗାର ସକାଶେ ବାହାର ଦେଶକୁ ଯାଇଥିବା ଅନେକ ଲୋକ ମହାମରୀ କରୋନା ପାଇଁ ରୋଜଗାର ହରାଇଥିବା ବେଳେ ଲକ୍‌ଡାଉନ୍ ଯୋଗୁ ସେଠାରେ ଫସି ରହିଛନ୍ତି। ବହୁ ଚେଷ୍ଟା ପରେ ବି ନିଜ ଦେଶକୁ ଫେରି ନ ପାରି ସେଠାରେ ଭୋକ ଉପାସରେ କାଳ କାଟୁଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଞ୍ଚଳରୁ ଏଭଳି ଏକ ଖବର ଆସିଛି। ୨ବର୍ଷ ତଳେ ସୌଦିଆରବ (ରିୟାଦ)କୁ ଯାଇଥିବା ବ୍ଲକ ଅଧୀନ ରସୁଲପୁର ପଞ୍ଚାୟତର ବିରିତୋଳ ଗ୍ରାମର ରାଜ ଅହମ୍ମଦ ଖାନ୍ ସେଠାରେ ଫସି ରହିଛନ୍ତି। ସେ କାମ କରୁଥିବା ହୋଟେଲ ବନ୍ଦ ଥିବା ବେଳେ ପାଖରେ ଯାହା ଟଙ୍କା ଥିଲା ତାହା ମଧ୍ୟ ସରିଗଲାଣି। ଘରକୁ ଫେରିବା ପାଇଁ ସେଠାକାର ଏମ୍ବାସି ସହ ବହୁବାର ଯୋଗାଯୋଗ କରୁଥିଲେ ବି କିଛି ସୁବିଧା ମିଳିପାରୁନି। ତେବେ ତାଙ୍କୁ ଓଡ଼ିଶା ଫେରାଇ ଆଣିବା ସକାଶେ ରାଜ ଅହମ୍ମଦଙ୍କ ସ୍ତ୍ରୀ ସୋଲେମା ଫିରଦୋଶ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ତିର୍ତ୍ତୋଲ ତହସିଲଦାର ସୁଜାତା ପାତ୍ର କହିଛନ୍ତି, ଏ ନେଇ ସୋଲେମା ଜିଲାପାଳ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

### ଅପହୃତା ୨ ନାବାଳିକା ଉଦ୍ଧାର

ଧର୍ମଶାଳା, ୯।୬ (ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅଞ୍ଚଳର ୨ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଧର୍ମଶାଳା ଥାନା ଅଧୀନ ପାଖର ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ଗତ ମେ ୨୫ରେ ଅପହୃତ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ୨୦୧/୨୦ ନଂ.ରେ ମାମଲା ରୁଜୁ ହୋଇଥିଲା। ସେହିପରି ବ୍ଲକ ଅଧୀନ ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ମାମୁ ଗତ ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୬୦/୨୦ନଂ.ରେ ମାମଲା

### ୨ କରୋନା ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ, ୯।୬: କେନ୍ଦ୍ରାପଡ଼ା ଜିଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬୯ରେ ପହଞ୍ଚିଛି। ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଇତିମଧ୍ୟରେ ଜିଲାର ୧୫୩ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।

### ପ୍ରବାସୀ ଶ୍ରମିକଙ୍କ ପାଇଁ ଅଭିଯୋଗ ପ୍ରକୋଷ୍ଠ

ନୟାଗଡ଼ ଅଫିସ,୯।୬: ପ୍ରବାସୀମାନଙ୍କ ଆପତ୍ତି, ଅଭିଯୋଗ, ଆଇନଗତ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏକ ଅଭିଯୋଗ ପ୍ରକୋଷ୍ଠ ନୟାଗଡ ପୁରୁଣା ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ଖୋଲିଛି। ଏହାକୁ ଆଇନସେବା ପ୍ରାଧିକରଣ ତଥା ଜିଲା ଜଜ୍ ରୂପଶ୍ରୀ ଚୌଧୁରୀ ଉଦ୍‌ଘାଟନ କରିଛନ୍ତି। ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିରେ ପରିବାର ଅଦାଲତ ଜଜ୍ ପ୍ରଶାନ୍ତ କୁମାର ମିଶ୍ରଙ୍କ ପ୍ରମୁଖ ଯୋଗ ଦେଇଥିଲେ ।

# ପୂରା ହୋଇପାରୁନି ଶହେ କୋଟିର ପ୍ରକଳ୍ପ

ବରୀ, ୯।୬ (ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ତହସିଲ ଅଞ୍ଚଳରେ ଜମି ଅଧିଗ୍ରହଣ ବିବାଦ ଯୋଗୁ ଦୀର୍ଘ ୯ ବର୍ଷ ହେଲା ପ୍ରାୟ ଶହେ କୋଟିର ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଜମିହରାଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଛି। ଦିନକୁ ଦିନ ପ୍ରକଳ୍ପର ବ୍ୟୟ ଅଟକଳ ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଜମି ଅଧିଗ୍ରହଣ ପାଇଁ ତହସିଲ ଜମାଖାତାରେ ପଡ଼ି ରହିଥିବା ୪,୩୬,୯୨, ୩୬୦ ଟଙ୍କା ତୁରନ୍ତ ଜମି ମାଲିକଙ୍କୁ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ବ୍ରାହ୍ମଣୀ, ବିରୁପା, କେଲୁଅ ସୁରକ୍ଷା ପରିଷଦ ପକ୍ଷରୁ ସଭାପତି ଭଜହରି ମହାପାତ୍ର, ସମ୍ପାଦକ ଲୋକନାଥ ଦାସ ଚେତାବନୀ ଦେଇଛନ୍ତି।

୨୦୧୧-୧୨ ମସିହାରେ ବ୍ରାହ୍ମଣୀ, ବିରୁପା, କେଲୁଅ ବନ୍ୟା ନିୟନ୍ତ୍ରଣ ଯୋଜନାରେ ଜାରକା ଜଳସମ୍ପଦ ଡିଭିଜନ୍ ଓ ବରୀ ସବ୍‌ଡିଭିଜନ ଅଧୀନରେ ୮୪ କିଲୋମିଟର ଘେରିବନ୍ଧ ପାଇଁ ୬୨କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ୨୦୧୫ରେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଥିଲାବେଳେ ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ଏହା ଏ ପର୍ଯ୍ୟନ୍ତ ଅଧାପନ୍ତରିଆ ହୋଇ ରହିଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଜମି ମାଲିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ୨୦୧୯ ଜୁନ୍ ୨୨ରେ ଜିଲାପାଳ ଅଫିସ୍ (ଚିଠି ନଂ. ୨୯୫) ଓ ଆର୍‌ଡିସି କାର୍ଯ୍ୟାଳୟରୁ ବରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହାକୁ ତହସିଲ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଜମି ହରାଇଥିବା ନୀଳାପଦା, ଚନ୍ଦନପୁର, ମିର୍ଜାପୁର, କଳାଖଣ୍ଡ, ମାଟିଆପଡ଼ା, ଶେରପୁର, ଗମ୍ଭ, ଅରୁଆଳ, ସାହୁପଡ଼ା ଆଦି ଗ୍ରାମବାସୀ ଅଧିଗ୍ରହଣ ବାବଦ ଟଙ୍କା ପାଇବା ପାଇଁ ବରୀ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ବର୍ଷକୁ ବର୍ଷ ଉକ୍ତ ପ୍ରକଳ୍ପର ବ୍ୟୟ ଅଟକଳ ବଢୁଥିବାରୁ ଏବେ ସୁଦ୍ଧା ଏହା ପ୍ରାୟ ଶହେ କୋଟିରେ ପହଞ୍ଚିଲାଣି। ଏ ସଂକ୍ରାନ୍ତରେ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ କୋଭିଡ୍-୧୯ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅଧିଗ୍ରହଣ ଅର୍ଥ ବଣ୍ଟନ କରାଯାଇପାରିନାହିଁ ବୋଲି କହିଛନ୍ତି।

ଅପରପକ୍ଷେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଉକ୍ତ ନଦୀ ବନ୍ଧର ଜନକ ପାଖରୁ ନୀଳାପଦା-ବରପଦା ଦେଇ ଇନ୍ଦୁପୁରୁ ପର୍ଯ୍ୟନ୍ତ ୧୬ କି.ମି ରାସ୍ତା ସୁଦୃଢୀକରଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। କିନ୍ତୁ ଜମି ଅଧିଗ୍ରହଣ ବିବାଦ ଯୋଗୁ ତାହା ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ହେଲେ ଜମି ଅଧିଗ୍ରହଣ ବାବଦରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୧୪।୩।୨୦୧୧୦ରୁ ୨୬।୩।୨୦୧୧ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ତହସିଲ ଜମାଖାତାରେ ଟଙ୍କା ଜମା କରାଯାଇଛି। କିନ୍ତୁ ସେହି ଅର୍ଥ କାମରେ ଲାଗି ପାରୁନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀ କୁହନ୍ତି, ଜମି ଅଧିଗ୍ରହଣ ଅର୍ଥ ବଣ୍ଟା ହୋଇପାରୁ ନ ଥିବାରୁ ବନ୍ଧ କାମ ସମ୍ପୂର୍ଣ୍ଣ ହୋଇପାରୁନି।

**ଜମି ଅଧିଗ୍ରହଣ ବିବାଦ**



- ୮୪ କି.ମି. ଘେରିବନ୍ଧ ପାଇଁ ବ୍ୟୟ ବରାଦ ହୋଇଥିଲା ୬୨ କୋଟି
- ଜମି ଅଧିଗ୍ରହଣ ବିବାଦ ଯୋଗୁ ୯ ବର୍ଷ ହେଲା ପ୍ରକଳ୍ପ ଅଧାପନ୍ତରିଆ
- ଜିଲାପାଳ, ଆର୍‌ଡିସି କାର୍ଯ୍ୟାଳୟ ନିର୍ଦ୍ଦେଶକୁ ତହସିଲ କର୍ତ୍ତୃପକ୍ଷଙ୍କ ବେଖାତିର
- ଜମିହରାଙ୍କୁ ପ୍ରାପ୍ୟ ମିଳୁ ନ ଥିବାରୁ ଅସନ୍ତୋଷ: ଆନ୍ଦୋଳନ ଚେତାବନୀ

# ଜଗତ୍‌ସିଂହପୁରରେ ସଂକ୍ରମିତ ସଂଖ୍ୟା ୯୭ ଛୁଇଁଲା

**ଜଗତ୍‌ସିଂହପୁର ଅଫିସ,୯।୬:** ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ୮୯ ଥିବାବେଳେ ପୁଣି ୮ବଢି ଏହି ସଂଖ୍ୟା ୯୭ ଛୁଇଁଛି। ସେମାନଙ୍କ ମଧ୍ୟରୁ ୫୭ ଜଣ ସୁସ୍ଥ ହୋଇ ଫେରିଥିବାବେଳେ ଅବଶିଷ୍ଟ ୪୦ ଜଣ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ମିଳିଥିବା ସୂଚନା ଅନୁଯାୟୀ, ଜିଲାର ବିରିଡ଼ି ବ୍ଲକ ଅଞ୍ଚଳର ୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ଅଳକା ଉଚ୍ଚ ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ର ୩, ଅଡ଼ଙ୍ଗ ମଜୁରାଇ ପଞ୍ଚାୟତ ନଳିନୀଦେବୀ ବିଦ୍ୟାପୀଠ ଟିଏମ୍‌ସିର ଜଣେ। ସେମାନେ ଗୁଜରାଟ ଫେରନ୍ତା ବୋଲି ଜଣାଯାଇଛି। ଅନ୍ୟ ଜଣକ ମହାରାଷ୍ଟ୍ର ଫେରନ୍ତା ଓ ସେ ଅଡ଼ଙ୍ଗଗଡ଼ ପଞ୍ଚାୟତ ଯଶୋବନ୍ତ ବିଦ୍ୟାପୀଠ ଟିଏମ୍‌ସିରେ ରହୁଥିଲେ। ସେହିପରି ତିର୍ତ୍ତୋଲ ବ୍ଲକର ଜଗନ୍ନାଥ ହାଇସ୍କୁଲ କୋଲର ଓ କ୍ରୀଷ୍ଣାନନ୍ଦପୁର ହାଇସ୍କୁଲ ଟିଏମ୍‌ସିରେ ରହୁଥିବା ୨ ଜଣଙ୍କ ସମେତ ରଘୁନାଥପୁର ବ୍ଲକର ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନେ ମହାରାଷ୍ଟ୍ର ଫେରନ୍ତା। ସମସ୍ତ ୮ ଜଣଙ୍କୁ ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲ ପଠାଯିବା ବ୍ୟବସ୍ଥା କରାଯାଇଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି। ବ୍ଲକ ଅନୁଯାୟୀ ପରିସଂଖ୍ୟାନ ଦେଖିଲେ ଜଣାଯାଏ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୧ ସୁସ୍ଥ ହୋଇଛନ୍ତି। ସେହିପରି ତିର୍ତ୍ତୋଲ ବ୍ଲକର ୧୮ ପଜିଟିଭ୍ ମଧ୍ୟରୁ ୧୧, ବାଲିକୁଦା ବ୍ଲକର ୧୫ ପଜିଟିଭ୍ ମଧ୍ୟରୁ ୮, କୁଜଙ୍ଗର ୧୪ ପଜିଟିଭ୍ ମଧ୍ୟରୁ ୨ ସୁସ୍ଥ, ଏରସମାର ୬ ପଜିଟିଭ୍ ମଧ୍ୟରୁ ୪ ସୁସ୍ଥ ଓ ବିରିଡ଼ି ବ୍ଲକର ୭ ପଜିଟିଭ୍ ମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି। ରଘୁନାଥପୁର ବ୍ଲକର ୨ ଓ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର ଜଣେ କରୋନା ପଜିଟିଭ୍ ଚିକିତ୍ସାଧୀନ ଅଛନ୍ତି।

# ଖାଉଟି ସାମଗ୍ରୀ ଯୋଗାଣରେ ଅନିୟମିତତା

## ଡିଲରଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ

ରାହାମା,୯।୬(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଇ ପଞ୍ଚାୟତର ରେପୁରୁପାଟଣା ଗ୍ରାମରେ ଖାଉଟି ସାମଗ୍ରୀ ଯୋଗାଣରେ ଅନିୟମିତତା ହୋଇଛି। ନିଯୁକ୍ତ ଡିଲର ହିତାଧିକାରୀଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ, ଉପଜିଲାପାଳ, କୁଜଙ୍ଗ ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କ ନିକଟକୁ ପଠାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର କେତେଜଣ ପରିବାର ପୂର୍ବରୁ ନିଜ ଝିଅ ନାମରେ ରାଶନ ସାମଗ୍ରୀ ନେଉଥିଲେ। ଝିଅ ବିବାହ ପରେ ସମ୍ପୃକ୍ତ ପରିବାରକୁ ରାଶନ ସାମଗ୍ରୀ ମିଳୁ ନାହିଁ। ମାତ୍ର ଝିଅ ନାମରେ ଏସବୁ ସାମଗ୍ରୀ ସମ୍ପୃକ୍ତ ଡିଲର ଆତ୍ମସାତ୍ କରୁଛନ୍ତି। ସେହିପରି ରାଶନକାର୍ଡଧାରୀ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାରକୁ ରାଶନ ସାମଗ୍ରୀ ମିଳୁ ନାହିଁ। ଅପରପକ୍ଷେ ମୃତକଙ୍କ ନାମ କଟା ନ ଯାଇ ସାମଗ୍ରୀ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରି ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନୋରଞ୍ଜନ ଦାସ, ସୁବ୍ରତ ସାହୁ, ପ୍ରମିଳା ସ୍ୱାଇଁ, ଧନୁଚନ୍ଦ୍ର ସାହୁ ଓ ଅଜୟ ବେହେରା ପ୍ରମୁଖ ଦାବି କରିଛନ୍ତି। ଏସବୁ ଅଭିଯୋଗକୁ ସମ୍ପୃକ୍ତ ଡିଲର ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ପ୍ରତି ମାସରେ ରାଶନ କାର୍ଡଧାରୀଙ୍କ ଆଧାରକାର୍ଡ ଯାଞ୍ଚ କରାଯାଏ। ଯାଞ୍ଚ ପରେ ଯେଉଁ ପରିବାରଙ୍କ ଆଧାରକାର୍ଡ ତାଙ୍କୁ ଦିଆଯାଏ, ସେମାନଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଏ।

# ଡିଏଚ୍‌ଏଚ୍‌ରୁ ମୁହଁ ମୋଡ଼ିଲେ ରୋଗୀ

ନୟାଗଡ଼ ଅଫିସ,୯।୬

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରୁ ୨ଜଣ ଷ୍ଟାଫ୍‌ନର୍ସ ଓ ଜଣେ ଡାକ୍ତର କରୋନା ଆକ୍ରାନ୍ତ ଚିହ୍ନଟ ପରେ ଭୟର ବାତାବରଣ ଦେଖା ଦେଇଛି। ରୋଗୀମାନେ ଡିଏଚ୍‌ଏଚ୍‌କୁ ନ ଯାଇ ବେସରକାରୀ ଚିକିତ୍ସାଳୟ କିମ୍ବା କଟକ ଓ ଭୁବନେଶ୍ୱର ଯିବାକୁ ଉଚିତ ମନେ କଲେଣି। ମଙ୍ଗଳବାର ସ୍ଥିତିକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡୁଥିଲା। ଜୁନ ୩ ତାରିଖରେ ପ୍ରଥମେ ଡିଏଚ୍‌ଏଚ୍‌ର ଜଣେ ଷ୍ଟାଫ୍‌ନର୍ସ କରୋନା ଚିହ୍ନଟ ହୋଇଥିଲେ। ଏହାର ୫ଦିନ ପରେ ଜଣେ ଡାକ୍ତର ଓ ଅନ୍ୟ ଜଣେ ଷ୍ଟାଫ୍‌ନର୍ସ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଥମ ଆକ୍ରାନ୍ତ ଷ୍ଟାଫନର୍ସଙ୍କ ସଂକ୍ରମଣ କେଉଁଠାରୁ ଆସିଲା ସେ ନେଇ ପ୍ରଶାସନ ଏଯାବତ ଜାଣିପାରି ନାହିଁ। ଏଭଳିସ୍ଥଳେ ଆଉ ୨ଜଣ ଚିହ୍ନଟ ହୋଇ ସାରିଲେଣି। ରୋଗୀଙ୍କ ଅଭିଯୋଗ ଅନୁସାରେ ଡାକ୍ତର କରୋନା କଟକଣା ଉପରେ ପ୍ରସ୍ତୁତ ଡ୍ରେସ ନ ପିନ୍ଧି ଚିକିତ୍ସା କରୁଛନ୍ତି। ପଚାରିଲେ କହୁଛନ୍ତି ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ। ଆମେ ଆମର ସୁରକ୍ଷା କ'ଣ ଜାଣିଛୁ। ଅନ୍ୟପକ୍ଷେ ସର୍ଜରି ସ୍ପେଶାଲିଷ୍ଟ ଅଥବା କ୍ୟାନସର ଚିକିତ୍ସକ ନିଜ ବିଭାଗର ଡ୍ୟୁଟି କରୁଥିବାବେଳେ ଅନେକ ଥର ଆଉଟଡୋରରେ ରୋଗୀ ଦେଖିଛନ୍ତି। ପ୍ରଶାସନ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ କରିବା ସହଜ ନୁହେଁ। କାରଣ କେଉଁ ରୋଗୀ ସମ୍ପୃକ୍ତ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହେଉଥିଲେ ତାହା ଜାଣିବା ସମ୍ଭବ ନୁହେଁ। ଏ ନେଇ ଖଣ୍ଡପଡାର ବାସନ୍ତୀ ଦେଇ କୁହନ୍ତି, ଗର୍ଭବତୀ ମହିଳା, ନବଜାତ ଶିଶୁଙ୍କୁ ଚିକିତ୍ସାଳୟରେ ରଖିବାକୁ ଭୟ ଲାଗୁଛି। ଯେଉଁମାନଙ୍କର ପ୍ରସୂତି ହେବାର ଅଛି ସେମାନେ ଆଉ ଆସୁନାହାନ୍ତି। ପୁଣି ଯେଉଁମାନଙ୍କର ପିଲା ଜନ୍ମ ହୋଇ ସାରିଛି ସେମାନେ ଶୀଘ୍ର ଚିକିତ୍ସାଳୟ ଛାଡିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି।

**୨ ନର୍ସ ଓ ଜଣେ ଡାକ୍ତରଙ୍କୁ କରୋନା ପରେ ବଢ଼ିଲା ଭୟ**

## କାମରେ ଲାଗୁନି କୋଭିଡ୍ ହେଲ୍‌ଥ ସେଣ୍ଟର

କରୋନା ଆକ୍ରାନ୍ତଙ୍କ ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ରଣପୁର ବ୍ଲକର ଚାନ୍ଦପୁରଠାରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲ୍‌ଥ ସେଣ୍ଟର ଗତ ଏପ୍ରିଲ ୧୬ରେ କାର୍ଯ୍ୟକ୍ଷମ ହୋଇଥିଲା। ଏହାକୁ ଜିଲାପାଳ ପୋମା ଟୁଡୁ କାର୍ଯ୍ୟକ୍ଷମ କରାଇଥିଲେ। ୫-ଟି ସଚିବ ମଧ୍ୟ ପରିଦର୍ଶନରେ ଆସିଥିଲେ। ହେଲେ ଜିଲାର ୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ଏଠାରେ କୌଣସି ରୋଗୀଙ୍କୁ ରଖାଯାଉନି। ନୟାଗଡଠାରୁ ୪୦କି.ମି. ଦୂର ଚାନ୍ଦପୁର କୋଭିଡ୍ ହେଲ୍‌ଥ ସେଣ୍ଟରକୁ ରୋଗୀ ନ ପଠାଇ ୧୦୦କି.ମି. ଦୂର ଭୁବନେଶ୍ୱରକୁ ରୋଗୀ ପଠାଇବାର କାରଣ ବୁଝାପଡୁନି। ଯଦି ଭୁବନେଶ୍ୱର ରୋଗୀ ଯାଉଛନ୍ତି ତେବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କୋଭିଡ୍ ହେଲ୍‌ଥ ସେଣ୍ଟର ଚାନ୍ଦପୁରରେ କାହିଁକି ନିର୍ମାଣ କରାଗଲା। ଏ ନେଇ ଜିଲାପାଳ ଟୁଡୁ କୁହନ୍ତି, ସୁବିଧା ଦୃଷ୍ଟିରୁ ଆମେ କରୋନା ରୋଗୀଙ୍କୁ ଭୁବନେଶ୍ୱର ପଠାଉଛୁ। ଚାନ୍ଦପୁରରେ ଖୁବ୍‌ଶୀଘ୍ର ରୋଗୀଙ୍କୁ ଚିକିତ୍ସା କରାଯିବ। ଅନ୍ୟପକ୍ଷେ ଡାକ୍ତର ଓ ନର୍ସ କରୋନା ଆକ୍ରାନ୍ତ ପରେ ରୋଗୀ ସେବାରେ ଅସୁବିଧା ନାହିଁ। ରୋଗୀମାନେ ଭୟ ନ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସନ୍ତୁ ବୋଲି ସେ କହିଛନ୍ତି। ଯେଉଁମାନଙ୍କର କାମ ନାହିଁ ସେମାନେ ଚିକିତ୍ସାଳୟକୁ ନ ଆସନ୍ତୁ ବୋଲି ଜିଲାପାଳ ଏକ ଖବରଦାତା ସମ୍ମିଳନୀ କରି ଜିଲାବାସୀଙ୍କୁ ନିବେଦନ କରିଛନ୍ତି।




ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଖାଁ ଖାଁ।

# କନ୍‌ଷ୍ଟେବଲଙ୍କୁ ଆକ୍ରମଣ: ଜଣେ ଗିରଫ

ଧର୍ମଶାଳା,୯।୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନାର ଜଣେ କନ୍‌ଷ୍ଟେବଲଙ୍କୁ ଡ୍ୟୁଟି ସମୟରେ ସୋମବାର ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେ ହେଲେ ବ୍ଲକ ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ଲୋକନାଥ ତରେଇ (୨୮)। ଏନେଇ ଥାନାରେ ମାମଲା (ନଂ.୧୬୪/୨୦) ରୁଜୁ ହୋଇଛି। ଅପରାହ୍ନରେ କବାଟବନ୍ଧ ଛକରେ କନ୍‌ଷ୍ଟେବଲ ଶୈଳେନ୍ଦ୍ର ମୋହନ ପଲାଇ ଓ ପ୍ରତାପ ମଲିକ ଡ୍ୟୁଟି କରୁଥିଲେ। ଏହି ସମୟରେ ବାଇକ୍‌ରେ ମର୍ଜିତାପୁରର ଗ୍ରାମର ଲୋକନାଥ ଏବଂ ସାଗର ତରେଇ ଦ୍ରୁତ ବେଗରେ ଆସି କବାଟବନ୍ଧ ଛକରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଦ୍ରୁତ ଗତିରେ ଗାଡ଼ି ଚାଳନା ପାଇଁ ଉଭୟ କନ୍‌ଷ୍ଟେବଲ ସେମାନଙ୍କୁ ତାଗିଦ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲୋକନାଥ ଓ ସାଗର ମିଳିତ ଭାବେ ଶୈଳେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ମାତ୍ର ଉଭୟ କନ୍‌ଷ୍ଟେବଲ ଲୋକନାଥଙ୍କୁ କାବୁ କରିବାରେ ସକ୍ଷମରେ ହୋଇଥିଲେ। ଏହାଦେଖି ସାଗର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସେଠାରେ ପହଞ୍ଚି ଅଭିଯୁକ୍ତ ଲୋକନାଥଙ୍କୁ ଗିରଫ କରିଥିଲେ।

# ଟ୍ରକ୍ ଧକ୍କାରେ ମହିଳା ମୃତ

**ତିର୍ତ୍ତୋଲ,୯।୬(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଧୀନ କୋଟପୁର ନିକଟରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଇବ୍ରିସିଂ ପଞ୍ଚାୟତ ବଡ଼ମଠ ଗ୍ରାମର ହାରୁନ ଶାହାଙ୍କ ସ୍ତ୍ରୀ ମଦିନା ବିବି। ସେ ଘରୁ କୋଟପୁର ଯାଉଥିଲେ। ଏହି ସମୟରେ ମଣିଜଙ୍ଗା ଆଡୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସଙ୍ଗରୋଧ କେନ୍ଦ୍ରରୁ ଫେରିଥିବା ଯୁବକ ପଜିଟିଭ

ରଘୁନାଥପୁର,୯।୬(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଅଧୀନ ଚିକିଣିଆ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ଫେରିଥିବା ଜଣେ ଯୁବକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲ ପଠାଯାଇଛି। ସମ୍ପୃକ୍ତ ଯୁବକ ମହାରାଷ୍ଟ୍ରରୁ ଆସି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସେଠାରୁ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ୧୪ ଦିନ ଭିତରେ ରିପୋର୍ଟ ନ ଆସିବାରୁ ତାଙ୍କୁ ସୋମବାର ଘରକୁ ପଠାଇ ଦିଆଯାଇଥିଲା। ତେବେ ତାଙ୍କ ରିପୋର୍ଟ ପିଜିଟିଭ ଆସିବା ପରେ ସେଠାକାର ସରପଞ୍ଚ, ତାଙ୍କ ସ୍ୱାମୀ ଓ ଆଶାକର୍ମୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ କୁହାଯାଇଛି। ସମ୍ପୃକ୍ତ ଯୁବକଙ୍କ ପରିବାରକୁ ସଙ୍ଗରୋଧରେ ରଖାଯାଇଛି। ସେହିପରି ସମ୍ପୃକ୍ତ ଯୁବକ ପ୍ରାୟ ୪୦ ଜଣଙ୍କ ସଂସ୍ପର୍ଶରେ ଆସିଥିବାରୁ ସମସ୍ତ ୪୦ ଜଣଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଭାସ ସ୍ୱାଇଁ ସୂଚନା ଦେଇଛନ୍ତି।

# ହୋଟେଲ ବନ୍ଦ କଲା ପ୍ରଶାସନ

ନୟାଗଡ଼ ଅଫିସ,୯।୬

କରୋନା କଟକଣାକୁ ନୟାଗଡ ସହରରେ ଅଣଦେଖା କରାଯାଉଛି। ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାର ନିୟମ ଥିଲେ ମଧ୍ୟ ରାତି ୧୦ଟା ପର୍ଯ୍ୟନ୍ତ ଅଧିକାଂଶ ଦୋକାନ ଖୋଲା ରହୁଛି । ପୁଣି ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ମଧ୍ୟ ଠିକ୍ ଭାବେ ହେଉ ନାହିଁ। ମଲ, ହୋଟେଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଖୋଲା ହେଉଛି। ଏଭଳିସ୍ଥଳେ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ୧୯ର ଜିଲା ନୋଡାଲ ଅଫିସର ତଥା ଡିଏଫଓ ଧନରାଜ ଏଚ୍‌ଡି, ଉପଜିଲାପାଳ ଲଗ୍ନଜିତ ରାଉତ, ତହସିଲଦାର ଭିକାରୀ ସାହୁ ପ୍ରମୁଖ ଚଢାଉ କରି ଖୋଲାହୋଇଥିବା ହୋଟେଲ ବନ୍ଦ କରିଥିଲେ।

# ଡ୍ରେନ୍ ଅବରୋଧ, ରାସ୍ତାରେ ଜମୁଛି ଅପରିଷ୍କାର ପାଣି

ରତ୍ନଗିରି, ୯।୬ (ଡି.ଏନ.ଏ)

ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମରାସ୍ତା କଡ଼ରେ ନିର୍ମିତ ଡ୍ରେନ୍ ଅବରୋଧ କରାଯାଇଥିବାରୁ ରାସ୍ତା ଉପରେ ବର୍ଷାଜଳ ଓ ଡ୍ରେନ୍ ପାଣି ଦୀର୍ଘ ଦିନ ଧରି ଜମି ରହୁଛି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ଏହି ରାସ୍ତା ଦେଇ ଯା'ଆସ କରୁଥିବା ଲୋକମାନେ ଅସୁବିଧା ଭୋଗୁଛନ୍ତି। ଗ୍ରାମର କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଡ୍ରେନ ଅବରୋଧ କରିଥିବା ବେଳେ ହଜାର ହଜାର ଲୋକ ଅସୁବିଧା ଭୋଗୁଛନ୍ତି। ଏ ଦିଗରେ ଦୃଷ୍ଟି ଦେବାକୁ ଭାଜପା ରାଷ୍ଟ୍ରୀୟ ଓବିସି କାର୍ଯ୍ୟକାରିଣୀ ସଦସ୍ୟ ଆଶୁତୋଷ ପରିଡା, ସସ୍ମିତା ପରିଡା, ତପନ କୁମାର ଜେନା, ନନ୍ଦ କିଶୋର ସାହୁ ବରୀ ତହସିଲଦାରଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

ଗ୍ରାମବାସୀଙ୍କ କହିବା ମୁତାବକ, ୨୦୧୭-୧୮ ଆର୍ଥିକ ବର୍ଷରେ ୫ଲକ୍ଷ ବ୍ୟୟ କରାଯାଇ ଉକ୍ତ ଡ୍ରେନ୍ ନିର୍ମାଣ କରାଯାଇଥିଲା। ଏହାର କିଛି ଦିନ ପରେ ଗ୍ରାମର ଶେଷମୁଣ୍ଡରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଡ୍ରେନ୍ ଅବରୋଧ କରିଦେବା ଯୋଗୁ ଗ୍ରାମରାସ୍ତା ଉପରେ ଡ୍ରେନ୍ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ଅରୁଆଳ, ବାଇଁଶିରିଆ, ମହମ୍ମଦପୁର, ବାଲିଆପାଳ, ମାଟିଆପଡା ପ୍ରଭୃତି ଗ୍ରାମବାସୀ ଦୈନିକ ବ୍ଲକ କାର୍ଯ୍ୟାଳୟ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବରୀ ଥାନା, ତହସିଲ ଓ ପ୍ରାଣୀଧନ ଚିକିତ୍ସାଳୟକୁ ଯାଉଥିବା ବେଳେ ସେମାନଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ବିଷୟରେ ବରୀ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରେ ଲିଖିତ ଅଭିଯୋଗ ମିଳିଛି। ତୁରନ୍ତ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ମାଙ୍କେଡ଼ିଆଙ୍କ ଗୃହନିର୍ମାଣ ନିମ୍ନମାନର

କାଳିଆପାଣି, ୯।୬ (ଡି.ଏନ୍.ଏ.)

ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଖର୍ଚ୍ଚ କରାଯାଇ ସୁକିନ୍ଦା ବ୍ଲକ ଅଧୀନ ରାଁସୋଳ ପଞ୍ଚାୟତର କୁସୁମୁଡ଼ିଆଠାରେ ମାଙ୍କେଡ଼ିଆ ସମ୍ପ୍ରଦାୟର ଲୋକଙ୍କ ପାଇଁ ଗୃହ ନିର୍ମାଣ କାର୍ଯ୍ୟ କରାଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୬ରୁ ଉକ୍ତ ସମ୍ପ୍ରଦାୟର ୮୭ ପରିବାରକୁ ଜମି ପଟ୍ଟା ଦିଆଯିବା ସହ ଆବାସ ଯୋଜନାରେ ଗୃହ ଓ ପାନୀୟ ଜଳ ଯୋଗାଇଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଇତିମଧ୍ୟରେ ୪ବର୍ଷ ବିତି ଯାଇଥିଲେ ବି ଗୃହ ନିର୍ମାଣ ସରି ନ ଥିବା ବେଳେ ନିମ୍ନମାନର ସାମଗ୍ରୀରେ କାର୍ଯ୍ୟ କରାଯାଉଥିବା କୁସୁମୁଡ଼ିଆ ଓ ମହୁଲଖାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କୁସୁମୁଡ଼ିଆ ଓ ମହୁଲଖାଲ ଗ୍ରାମର ମାଙ୍କେଡିଆ ପରିବାର ପାଇଁ ଗୃହ ନିର୍ମାଣ କରାଯାଉଛି। ଏଥିପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ହେଲେ ଦାୟିତ୍ୱରେ ଥିବା ଠିକାଦାର ଆରମ୍ଭରୁ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଲୋକେ ଓ ଜନ ପ୍ରତିନିଧି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରୁଥିଲେ ବି କିଛି ସୁଫଳ ମିଳୁନି। ଏବେ ସୁଦ୍ଧା ୯୦ ପ୍ରତିଶତ ଗୃହ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏଥିରେ ଇଟା, ସିମେଣ୍ଟ ଓ ରଡ୍ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଇଛି। ଗ୍ରାମବାସୀଙ୍କ କହିବା ମୁତାବକ, ଠିକାଦାର ଜଣକ ସ୍ୱତନ୍ତ୍ର ଭାବେ ବରାଦ ଦେଇ ନିମ୍ନମାନର ଇଟା ଆଣୁଥିବା ବେଳେ ଅନୁମୋଦନ ନ ଥିବା ସିମେଣ୍ଟ ନିର୍ମାଣ କାର୍ଯ୍ୟରେ ଲଗାଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତୁରନ୍ତ ବିଭାଗୀୟ ଅଧିକାରୀମାନେ ଏହାର ତଦନ୍ତ କରିବେ ବୋଲି ବିଡିଓ କହିଛନ୍ତି।

**ଜିଲା ଖଣିଜ ପାଣ୍ଠି ଲୁଟୁଛନ୍ତି ଠିକାଦାର**



- ବରାଦ ଦିଆଯାଇ ଅଣାଯାଉଛି ନିମ୍ନମାନର ଇଟା
- ଅନୁମୋଦନ ନ ଥିବା ସିମେଣ୍ଟ ବ୍ୟବହାର କରାଯାଉଥିବା ଅଭିଯୋଗ
- ତଦନ୍ତ ଦାବିକଲେ କୁସୁମୁଡ଼ିଆ ଓ ମହୁଲଖାଲ ଗ୍ରାମବାସୀ

## ସଂକ୍ଷେପରେ

### ଛାତ୍ରୀନିବାସରୁ ଫ୍ୟାନ୍ ଚୋରି, ୬ ଗିରଫ

ପାଟଣା,୯।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ମୁଖ୍ୟାଳୟ ସ୍ଥିତ କୁନ୍ତଳା କୁମାରୀ ଆଦିବାସୀ ବାଳିକା ହଷ୍ଟେଲରୁ ଜୁନ୍ ୨ ତାରିଖ ରାତିରେ ୧୦ଟି ଫ୍ୟାନ୍ ଚୋରି ହୋଇଥିବାର ମାଟ୍ରନ ଫୁଲମଣି ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଥିଲେ। କରୋନା ପାଇଁ ଲକ୍‌ଡାଉନ ଥିବାରୁ ଛାତ୍ରୀ ଓ କର୍ମଚାରୀମାନେ ଘରକୁ ଚାଲି ଯାଇଥିବାର ସୁଯୋଗରେ ୧୦ଟି କାନ୍ଥ ଫ୍ୟାନ୍‌କୁ ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଅଭିଯୋଗକୁ ଭିତ୍ତିକରି ପାଟଣା ପୋଲିସ ଏ ନେଇ ଏକ ମାମଲା (ନଂ.୮୫/୨୦) ରୁଜୁ କରି ମଙ୍ଗଳବାର ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସାହାରପଡା ପଞ୍ଚାୟତ ଗୋରାଣ୍ଡି ଯୋଡି ଗ୍ରାମର ପିଣ୍ଟୁ ବେହେରା, କୁନା ବେହେରା, ଜଗନ୍ନାଥ ବେହେରା, ରାଜା ବେହେରା, ସନ୍ତୋଷ ବେହେରା ଓ ମନୋଜ ବେହେରା।

### ନାଳରେ ବୁଡ଼ି ଜୀବନ ଗଲା

କେନ୍ଦୁଝର,୯।୬(ସ୍ୱ.ପ୍ର.): ନାଳକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଂଶପାଳ ବ୍ଲକ ତରମାକାନ୍ତ ଗ୍ରାମ ଝିରିଗାଡ଼ସାହିର ନିରଞ୍ଜନ ନାଏକ(୪୦)। ସୋମବାର ଅପରାହ୍ନ ୩ଟାବେଳେ ନିରଞ୍ଜନ ନିକଟ ନାଳକୁ ଗାଧୋଇବାକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ଫେରି ନଥିଲେ। ପରେ ତାଙ୍କ ସାନ ଭାଇ ସୁଶାନ୍ତ ନାଏକ ନାଳକୁ ଯାଇ ଖୋଜିବାରୁ ପାଣିରେ ନିରଞ୍ଜନଙ୍କ ହାତ ଦେଖାଯାଉଥିଲା। ସେଠାରୁ ତାଙ୍କୁ ଉଦ୍ଧାର କରିବାବେଳକୁ ତାଙ୍କର ମତ୍ୟୁ ଘଟିସାରିଥିଲା। ନୟାକୋଟ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ପାଇଁ ପଠାଇ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ନିରଞ୍ଜନଙ୍କ ସ୍ତ୍ରୀ ଆଗରୁ ମୃତ୍ୟୁବରଣ କରିଥିଲେ। ବର୍ତ୍ତମାନ ତାଙ୍କର ୯ବର୍ଷର ଝିଅ ବାପା ମା' ଦୁହେଁ ମରିଯିବାପରେ ବେସାହାରା ହୋଇ ଯାଇଛି। ତେବେ ଜିଲା ପ୍ରଶାସନ କିଛି ସହାୟତା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମକୁ ବିରୋଧ

ବେତନଟୀ,୯।୬(ଡି.ଏନ୍.ଏ.): କରୋନା ପାଇଁ ଲକ୍‌ଡାଉନ୍ ଯୋଗୁ ଋଣ ଗ୍ରହୀତାମାନଙ୍କୁ ଅଗଷ୍ଟମାସ ପର୍ଯ୍ୟନ୍ତ ଋଣ କିସ୍ତି ପୈଠ ପାଇଁ ବାଧ କରାଯାଇ ପାରିବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହି ନିୟମକୁ କେତେକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଉଲ୍ଲଂଘନ କରୁଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବେତନଟୀ ପଞ୍ଚାୟତର ଇନ୍ଦିରା ନଗର ବସ୍ତିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଅର୍ଥ ଲଗାଣକାରୀ ସଂସ୍ଥାର ଏଭଳି ଜୁଲମ୍‌କୁ ମହିଳାମାନେ ବିରୋଧ କରିଛନ୍ତି। ବେତନଟୀ ଅଞ୍ଚଳରେ ବହୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ମହିଳାମାନଙ୍କୁ ଋଣ ପ୍ରଦାନ କରିଛନ୍ତି। କରୋନା ଲକ୍‌ଡାଉନ୍ ପାଇଁ ରୋଜଗାର ହରାଇବା କାରଣରୁ ଏହି ସମୟ ମଧ୍ୟରେ କିସ୍ତି ଦେବା ପାଇଁ ଋଣ ଗ୍ରହୀତାମାନେ ଅକ୍ଷମତା ପ୍ରକାଶ କରୁଛନ୍ତି। ସ୍ୱାଭାବିକ ଅବସ୍ଥା ଫେରିଲେ ପରବର୍ତ୍ତୀ ସମୟରେ କିସ୍ତି ପ୍ରଦାନ କରିବେ ବୋଲି ମହିଳାମାନେ କହୁଥିଲେ ମଧ ସଂସ୍ଥାର କର୍ମଚାରୀମାନେ ଏଥିପ୍ରତି କର୍ଣ୍ଣପାତ ନ କରି ଋଣ ଆଦାୟର ଚାପ ଦେଉଛନ୍ତି।

### ଜିଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନ

କେନ୍ଦୁଝର, ୯।୬(ଡି.ଏନ.ଏ.): ହାଟଡିହି ବ୍ଲକ ଶାଳଣିଆଁ ଗ୍ରାମ ପଞ୍ଚାୟତ ବିଷ୍ଣୁପୁର ଗ୍ରାମବାସୀ ବିଭିନ୍ନ ଦାବି ନେଇ ମଙ୍ଗଳବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ଏହି ଗ୍ରାମରେ ୧୧୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଜନସଂଖ୍ୟା ଦୃଷ୍ଟିରୁ ହାଟଡିହି ବ୍ଲକର ଏହି ଗ୍ରାମଟି ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାମ। ସମ୍ପୃକ୍ତ ଗ୍ରାମର ଗ୍ରାମବାସୀ ୨୦୧୧ ମସିହାଠାରୁ ବିଜୁ ପକ୍କା ଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଦତ୍ତ ଗୃହ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ବିଷ୍ଣୁପୁର ଗ୍ରାମବାସୀ ଉପଜିଲାପାଳଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସେଥିଲାଗି ସେମାନେ ଅନଶନରେ ବସିଥିଲେ। ଖବର ପାଇ କେନ୍ଦୁଝର ଟାଉନ ପୋଲିସ ବୁଝାଶୁଝା କରିବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# 'ମଡ୍ ଆର୍ଟ' ପ୍ରତି ବଢୁଛି ଆଗ୍ରହ

(ମାନସ ବିଶ୍ୱାଳ)
ବାଲେଶ୍ୱର ଅଫିସ,୯।୬


ମଡ୍ ଆର୍ଟରେ କଳାକାର



ପରିବର୍ତ୍ତନଶୀଳ ସମାଜରେ ଦିନକୁ ଦିନ କଳାକାରଙ୍କ ରୁଚି ବଦଳୁଛି। ଚିତ୍ରଶିଳ୍ପୀମାନେ ଭିନ୍ନ ଭିନ୍ନ ଆର୍ଟ ମାଧ୍ୟମରେ ନିଜର ସ୍ଥିତିକୁ ଜାହିର କରି ସଚେତନତାର ବାର୍ତ୍ତା ଦେବାରେ ଲାଗିପଡ଼ିଛନ୍ତି। ବିଶେଷ କରି ମଡ୍ ଆର୍ଟ ଜୀବନ୍ତ ଓ ହୃଦୟସ୍ପର୍ଶୀ ହୋଇଥିବାରୁ ଚିତ୍ରଶିଳ୍ପୀମାନେ ଏହାକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଯାହାକି ସେମାନଙ୍କୁ ଆଣି ଦେଉଛି ସ୍ୱତନ୍ତ୍ର ପରିଚିତି । ମଡ୍ ଆର୍ଟରେ ମଡ୍ ବା କାଦୁଅକୁ ସର୍ବାଙ୍ଗରେ ବୋଳି କଳାକାର ଅଭିନୟ କରନ୍ତି। ଏହାର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆ ମାଧ୍ୟମରେ ମନର ଅଭିବ୍ୟକ୍ତିକୁ

## ବଦଳୁଛି ଚିତ୍ରଶିଳ୍ପୀଙ୍କ ରୁଚି

ଲୋକଙ୍କ ପାଖରେ ପହଞ୍ଚାଇବାରେ ସହଜ ହେଉଛି। ଏହି କଳା ପ୍ରତି ଧୀରେ ଧୀରେ ଯୁବତୀଯୁବକମାନେ ଆଗ୍ରହ ପ୍ରକାଶ କରୁଛନ୍ତି।

ପଙ୍କରେ କରାଯାଇଥିବା କଳାକୁ 'ମଡ୍ ଆର୍ଟ' କୁହାଯାଏ। ଆବହମାନ କାଳରୁ ଲୋକମାନେ ଘର କାନ୍ଥରେ ପଙ୍କ ଲେସି ଭିନ୍ନ ଭିନ୍ନ ଚିତ୍ର କରୁଥିବା ଦେଖିବାକୁ ମିଳେ। ପରବର୍ତ୍ତୀ ସମୟରେ ଏହାକୁ ନୂଆ ରୂପ ଦିଆଯାଇ ଦେହରେ ବୋଳି ଅଭିନୟ କରାଯାଉଛି। ଭିଜୁଆଲ ପରଫର୍ମିଂ ନାମରେ ୬ମାସ ପୂର୍ବରୁ ସୋସିଆଲ ମିଡିଆରେ ପ୍ରଥମ କରି ଏହା ଜନ୍ମନେଇ ଜଣାଶୁଣା ହୋଇପାରିଛି। ଏହି ଆର୍ଟରେ ଗୀତ ମାଧ୍ୟମରେ ଅଭିନୟ ପରିବେଷଣ କରାଯାଉଥିବାରୁ ଦର୍ଶକମାନେ ଆକୃଷ୍ଟ ହେଉଛନ୍ତି। ସରକାରୀ ସହଯୋଗ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି କଳା ପ୍ରଦର୍ଶନ ହେଲେ କଳାକାରମାନେ ଦେଶବିଦେଶରେ ସୁନାମ ଅର୍ଜନ କରିପାରନ୍ତେ ବୋଲି ଆଶା ରଖିଛନ୍ତି। ଏହାକୁ ନେଇ କର୍ମଶାଳା ଅନୁଷ୍ଠିତ ହେଉଛି। ଉକ୍ତ କର୍ମଶାଳାର ଦୃଶ୍ୟମାନକୁ ନେଇ ଏକ ଡକ୍ୟୁମେଣ୍ଟାରୀ କରାଯିବାର ଯୋଜନା କରାଯାଇଛି ବୋଲି ବିଶିଷ୍ଟ ଶିଳ୍ପୀ କେଶୁ ଦାସ କହିଛନ୍ତି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ କୋଶମ୍ୟନଗରରେ ଶିଳ୍ପୀ କେଶୁ ଦାସଙ୍କ ନିର୍ଦ୍ଦେଶନାରେ 'କନ୍ୟା ଅନମୋଲ ହେଁ' ଅନୁଷ୍ଠାନ ଦ୍ୱାରା ଏକଦିନିଆ 'ମଡ୍ ଆର୍ଟ' କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଜଣ ବାଳକ ଓ ପୁରୁଷ ଏବଂ ୮ଜଣ ବାଳିକା ଓ ମହିଳା ଅଂଶଗ୍ରହଣ କରିଥିଲେ। କଳାକାରମାନଙ୍କ କହିବାନୁସାରେ ପୁରାତନ ବିଷୟବସ୍ତୁ ଉପରେ କୌଣସି 'ମଡ୍ ଆର୍ଟ' ପ୍ରସ୍ତୁତ କରାଯାଇ କ୍ୟାମେରାରେ ଫଟୋ ଉତ୍ତୋଳନ ପରେ ଦର୍ଶକମାନେ ଆଖି ଫେରାଇ ପାରନ୍ତି ନାହିଁ। ଯାହା ଜଣେ କଳାକାରଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିଥାଏ ବୋଲି କ୍ୟାମେରା ନିର୍ଦ୍ଦେଶକ ପ୍ରୀତମ ନାୟକ ପ୍ରକାଶ କରିଛନ୍ତି। ଲକ୍‌ଡାଉନ୍ ସମୟରେ ଉକ୍ତ କଳାକୁ ଅନଲାଇନ୍ ଭିଡିଓ କନ୍‌ଫରେନ୍ସ ଯୋଗେ ଭୁବନେଶ୍ୱରର ଉତ୍କଳ ହାଇଟସ୍‌ରୁ କନ୍ୟା ଅନମୋଲର ମୁଖ୍ୟ ସରୋଜ ଦାଶ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବାକୁ ମଧ୍ୟ ଭୁଲି ନ ଥିଲେ। ଅନ୍ୟପକ୍ଷରେ 'ମଡ୍ ଆର୍ଟ' ସଂଜ୍ଞାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ମାଟିରେ ତିଆରି ହୋଇଥିବା ବିଭିନ୍ନ କଳାକୃତିକୁ 'ମଡ୍ ଆର୍ଟ' ବୋଲି କୁହାଯାଉଥିବା ବେଳେ ଦେହରେ କାଦୁଅ ବୋଳି ହୋଇ ଜୀବନ୍ତ ମଣିଷମାନେ କୌଣସି ବିଷୟକୁ ନେଇ ପ୍ରଦର୍ଶନ କରୁଥିବା କଳାକୁ ମଡ୍ ଥେରାପି ବୋଲି ମତ ରଖିଛନ୍ତି।

ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ କହନ୍ତି, 'ମଡ୍ ଆର୍ଟ' ଭିଜୁଆଲ ଆର୍ଟର ଅଂଶବିଶେଷ। ଏଥିପାଇଁ ବିଭାଗୀୟ ସ୍ୱତନ୍ତ୍ରତା କିଛି ନାହିଁ। ଲୋକମାନେ ଦେହରେ କାଦୁଅ ବୋଳି ହୋଇ ଦେଖାଉଥିବା କଳାକୁ ମଡ୍ ଥେରାପି ବୋଲି କୁହାଯାଇପାରେ। ଜିଲାରେ ଏଭଳି କଳାର ପ୍ରସାରକୁ ଆଖିଆଗରେ ରଖି ଜିଲାପାଳଙ୍କ ସହ ଆଲୋଚନା କରି ସଂସ୍କୃତି ବିଭାଗକୁ ଏହାର ସ୍ୱତନ୍ତ୍ରତା ନିମନ୍ତେ ରିପୋର୍ଟ କରିବେ ବୋଲି ପ୍ରକାଶ କରିଛନ୍ତି।

## ଉତ୍ତର ଓଡ଼ିଶାରେ ୧୨ କରୋନା ପଜିଟିଭ୍ ଚିହ୍ନଟ

ବାରିପଦା ଅଫିସ/ କେନ୍ଦୁଝର /ପାଟଣା/ ବାଲେଶ୍ୱର ଅଫିସ, ୯।୬(ସ୍ୱ.ପ୍ର./ଡି.ଏନ୍.ଏ.)

ଉତ୍ତର ଓଡ଼ିଶାରେ ମଙ୍ଗଳବାର ଆଉ ୧୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ମୟୂରଭଞ୍ଜରେ ୩, କେନ୍ଦୁଝର ୨ ଓ ବାଲେଶ୍ୱର ଜିଲାରେ ୭ ଆକ୍ରାନ୍ତ ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ମୟୂରଭଞ୍ଜ ଜିଲାରେ ୩ ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି। ଚିହ୍ନଟ ହୋଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣ ଯଶିପୁର ବ୍ଲକର ହୋଇଥିବା ବେଳେ ଜଣେ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର। ଜଣେ ମହାରାଷ୍ଟ୍ର ଓ ୨ ଜଣ ଉତ୍ତରପ୍ରଦେଶରୁ ଫେରି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ବାଙ୍କିଶୋଲସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେନ୍ଦୁଝର ଜିଲାରେ ଆଉ ୨ ପଜିଟିଭ୍ ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୪୫ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ଦ୍ୱୟ ସାହାରପଡ଼ା ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳର। ଜଣେ ମହାରାଷ୍ଟ୍ର ଓ ଅନ୍ୟ ଜଣେ ଗୁଜରାଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝରସ୍ଥିତ କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ପରିବାର ଲୋକେ ହିଁ ହତ୍ୟାକାରୀ

ଔପଦା, ୯।୬(ଡି.ଏନ.ଏ.)

**ଘର ମଧ୍ୟରୁ ଅଧାପୋଡା ମୃତଦେହ ଉଦ୍ଧାର ଘଟଣା**

**ପୋଲିସ ଆଗରେ ମାନିଲେ ଦୋଷ**

ବାଲେଶ୍ୱର ଜିଲା ଔପଦା ଥାନା ବିରିହା ଗ୍ରାମର ମୁମ୍ବାଇ ଫେରନ୍ତା ମଙ୍ଗୁଳି ଚରଣ ଦଳାଇ (୪୫)ଙ୍କର ଅଧାପୋଡା ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ହତ୍ୟାକାଣ୍ଡରେ ତାଙ୍କ ସ୍ତ୍ରୀ, ପୁଅ ଓ ନାବାଳକ ଝିଅ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ପୋଲିସ ଆଗରେ ଦୋଷ ସ୍ୱୀକାର କରିଛନ୍ତି। ପୋଲିସ ମଙ୍ଗୁଳିଙ୍କ ସ୍ତ୍ରୀ ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ନାବାଳକ ଝିଅଙ୍କୁ ଅଟକ ରଖି ଜୁଭେନାଇଲ ଜଷ୍ଟିସ ହୋମକୁ ପଠାଇଛି। ମୃତଦେହ ଉଦ୍ଧାର ଘଟଣା ନେଇ ଥାନାରେ କରାଯାଇଥିବା ଅପମୃତ୍ୟୁ ମାମଲା ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି।

ଗତ ୭ ତାରିଖ ରାତିରେ ମଙ୍ଗୁଳିଙ୍କ ଅଧାପୋଡା ମୃତଦେହ ତାଙ୍କ ଘର ଭିତରୁ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ତାଙ୍କ ପୁଅ ପଦ୍ମଲୋଚନ ଥାନାରେ ଜଣାଇଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମଙ୍ଗୁଳିଙ୍କ ମୁଣ୍ଡକୁ ଶକ୍ତ ଅଘାତ କରାଯାଇଥିବାରୁ ଅତ୍ୟଧିକ ରକ୍ତସ୍ରାବରେ ମୃତ୍ୟୁ ହୋଇଛି ବୋଲି ଜଣାପଡିଛି । ପ୍ରମାଣ ନଷ୍ଟ କରିବାକୁ ଯାଇ ଅଭିଯୁକ୍ତମାନେ ମଙ୍ଗୁଳିଙ୍କ ମୁଣ୍ଡରେ ଲୁଗା ପକାଇ କିରୋସିନ ଢାଳି ପୋଡି ଦେଇଥିବା ପୋଲିସ ଆଗରେ କହିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ. ୪୮/୨୦) ରୁଜୁ କରି ୩୦୨, ୨୦୧ ଓ ୩୪ ଆଇପିସି ଧାରା ଅନୁଯାୟୀ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମଙ୍ଗୁଳିଙ୍କୁ ହତ୍ୟା କରାଯାଇଛି ଓ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଛନ୍ତି ବୋଲି ଥାନା ଅଧିକାରିଣୀ ସୁଜାତା ଖମାରୀ କହିଛନ୍ତି।

## ବଜ୍ରପାତରେ ଫାଟିଲା ମନ୍ଦିର ଦଧିନଉତି



ଚମ୍ପୁଆ,୯।୬ (ଡି.ଏନ.ଏ.)

ଚଳିତ ବର୍ଷ ବଜ୍ରପାତ ଯୋଗୁ ନାହିଁ ନ ଥିବା କ୍ଷୟକ୍ଷତି ଘଟିବାରେ ଲାଗିଛି। କେତେବେଳେ ଜନଜୀବନ ନଷ୍ଟ ହେଉଛି ତ କେତେବେଳେ ଗୃହ ପାଳିତ ପ୍ରାଣୀଙ୍କ ଜୀବନ ଚାଲିଯାଉଛି। ନିୟମିତ ବ୍ୟବଧାନରେ ଅପରାହ୍ନରେ ବର୍ଷା ସହ ଏହି ବଜ୍ରପାତ ଲୋକଙ୍କୁ ଆତଙ୍କିତ କରିରଖିଛି। ସେହିପରି ଗତ ସୋମବାର ଅପରାହ୍ନରେ ଚମ୍ପୁଆ ନିକଟବର୍ତ୍ତୀ ଝାଡ଼ଖଣ୍ଡ ସୀମାରେ ପ୍ରସିଦ୍ଧ ରାମତୀର୍ଥଠାରେ ରାମେଶ୍ୱର ମହାଦେବ ମନ୍ଦିରର ଦଧିନଉତି ବଜ୍ରପାତରେ ଫାଟିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗତ ସୋମବାର ଅପରାହ୍ନରେ ପ୍ରଚଣ୍ଡ ଶବ୍ଦ କରି ମନ୍ଦିରରେ ବଜ୍ରପାତ ଘଟିଥିଲା। ଏହି ବଜ୍ରପାତ ଫଳରେ ମୁଖ୍ୟ ମନ୍ଦିରର ଦଧିନଉତି ନଷ୍ଟ ହୋଇଥିବା ବେଳେ ଜଗନ୍ନାଥ ମନ୍ଦିର ମଧ ବ୍ୟାପକ କ୍ଷତି ଘଟିଛି। ଖବର ପାଇ ମନ୍ଦିର କମିଟି ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି। ଏ ନେଇ ମନ୍ଦିର କମିଟି ଅଧ୍ୟକ୍ଷ ସନତ ପ୍ରଧାନ କହିଛନ୍ତି ଯେ, ମନ୍ଦିରର କ୍ଷୟକ୍ଷତି ସମ୍ବନ୍ଧରେ ପ୍ରଶାସନକୁ ସୂଚନା ଦେଇସାରିଛୁ। ପ୍ରଶାସନ ଆସି ଏହାର ତଦାରଖ କରିବା ପରେ ମନ୍ଦିର କମିଟି ପକ୍ଷରୁ ବୈଠକ ଡକାଯିବ ଏବଂ ମନ୍ଦିରରେ ବିଜୁଳି ପ୍ରତିରୋଧକ ଲଗାଇବା ପାଇଁ ବ୍ୟବସ୍ଥା କରାଯିବ ।

# ୧୧ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ

ବାଲେଶ୍ୱର ଅଫିସ, ୯।୬


ସ' ମିଲ୍‌ରେ ଭିଜିଲାନ୍ସ ଓ ବନବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

ବାଲେଶ୍ୱର ଜିଲା ବନବିଭାଗ ଓ ଭିଜିଲାନ୍ସ ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ପୂର୍ବାହ୍ନରେ ସାରଗାଁ ଓ ଜୟଦେବକସବା ଅଞ୍ଚଳର ଦୁଇଟି ସ' ମିଲ୍ ଉପରେ ଚଢ଼ାଉ କରାଯାଇ ୧୧ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଏନେଇ ବାଲେଶ୍ୱର ସଦର ବନବିଭାଗ କାର୍ଯ୍ୟାଳୟରେ ମାମଲା (ନଂ. ୬ ଓ ୭/୨୦୨୦-୨୧) ରୁଜୁ କରାଯାଇଛି।

ଉକ୍ତ ଅଞ୍ଚଳରେ ଚୋରାକାଠ କାରବାର ବଢିଚାଲିଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ପୂର୍ବ ଯୋଜନା ଅନୁସାରେ ବିଭାଗୀୟ ଭିଜିଲାନ୍ସ ଏସ୍‌ପି ସନ୍ତୋଷ କୁମାର ମିଶ୍ର ଓ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ପୂର୍ବାହ୍ନରେ ଉଭୟ ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ସାରଗାଁସ୍ଥିତ ମନୋରଞ୍ଜନ ପଣ୍ଡାଙ୍କ ସ'ମିଲ୍‌ରୁ ଯନ୍ତ୍ରାଂଶ ସମେତ ଅର୍ଜୁନ, ନିମ୍ବ, ଆକାଶିଆ, ଝାଉଁ,

## ସ' ମିଲ୍‌ରେ ଚଢ଼ାଉ

ଆମ୍ବ ଭଳି ୬୫ସିଏଫ୍‌ଟି କାଠ (ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା) ଜବତ କରାଯାଇଥିଲା। ସେହିପରି ଜୟଦେବକସବା ଅଞ୍ଚଳର ରବୀନ୍ଦ୍ର ପୋଇଙ୍କ ସ' ମିଲ୍ ଉପରେ ଚଢ଼ାଉ କରାଯାଇ ବିଭିନ୍ନ ଦାମୀ ୪୯ ସିଏଫ୍‌ଟି କାଠ ଓ ବ୍ୟବହୃତ ଯନ୍ତ୍ରାଂଶ (ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା) ଜବତ କରାଯାଇଥିବା ସଦର ଫରେଷ୍ଟର ବିବେକାନନ୍ଦ ଜେନା ପ୍ରକାଶ କରିଛନ୍ତି। ସଦର ଥାନା ପୋଲିସ ଓ ୧ ପ୍ଲାଟୁନ ଏପିଆର୍ ଫୋର୍ସ ସହାୟତା କରିଥିବା ବେଳେ ଚଢ଼ାଉରେ ଚାନ୍ଦିପୁର ରେଞ୍ଜର କ୍ଷୀରାବ୍ଧି ପ୍ରଧାନ, ଭିଜିଲାନ୍ସ ଡିଏସ୍‌ପି ଦକ୍ଷିଣଚନ୍ଦ୍ର ମୁର୍ମୁ, ରେଞ୍ଜର ଶ୍ୟାମ ସିଂ, ଇନ୍ସପେକ୍ଟର ସୁଲୋଚନା ନାୟକ ଓ ଲକ୍ଷ୍ମୀନାରାୟଣ ମୁଖୀ, ଫରେଷ୍ଟଗାର୍ଡ ଶଶାଙ୍କ ଜେନା ଓ ଶଶିଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ମାସ୍କଧାରୀଙ୍କଠାରୁ ଜରିମାନା ଆଦାୟ

ଖଇରା, ୯।୬(ଡି.ଏନ.ଏ.)


ବାଇକ ଆରୋହୀଙ୍କ ନିକଟରୁ ଜରିମାନା ଆଦାୟ କରାଯାଉଛି।

ଖଇରା ପୋଲିସ ମଙ୍ଗଳବାର ସୋର-କୁପାରୀ ରାସ୍ତାର ବିଭିନ୍ନ ସ୍ଥାନରେ ଚଢାଉ କରି ବିନା ମାସ୍କଧାରୀଙ୍କଠାରୁ ଜରିମାନା ଆଦାୟ କରିଛି। ବାଇକ, ବୋଲେରୋ ଓ ଟ୍ରକଗୁଡିକଠାରୁ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଛି। ଖଇରା ଥାନା ଏସ୍‌ଆଇ ସୁଜାତା ମଲ୍ଲିକ ଓ ଏଏସ୍‌ଆଇ ବାସୁଦେବ ରାଉତଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଦୂରରୁ ପୋଲିସକୁ ଦେଖି କେତେଜଣ ବାଇକ ଆରୋହୀ ଡରରେ ଫେରି ପଳାଇଯାଉଥିବା ଦେଖିବାକୁ ମିଳିଥିଲା।

# ବାଇପାସ୍ ଛକରେ ସ୍ଥାପନ ହେବ କାନ୍ତକବିଙ୍କ ପ୍ରତିମୂର୍ତ୍ତି ଓ ଉଦ୍ୟାନ


କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନସ୍ଥଳ ଅନୁଧାନ କରାଯାଉଛି।

ଭଦ୍ରକ ଅଫିସ, ୯।୬

ଭଦ୍ରକ ମାଟିର ମହକ ତଥା ଓଡ଼ିଶାର ଗର୍ବ ଓ ଗୌରବ, ରାଜ୍ୟ ସଂଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଙ୍ଗଳବାର ସ୍ଥାନ ପରିଦର୍ଶନ କରିଛନ୍ତି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ। ୧୦ ଦିନରେ କାମ ଆରମ୍ଭ ହୋଇ ଯଥାଶୀଘ୍ର ନୂତନ ପ୍ରତିମୂର୍ତ୍ତି ସ୍ଥାପନ ସହ ପାର୍କ ଓ ଏଲିଡି ଲାଇଟରେ ବ୍ୟବସ୍ଥା କରାଯିବା ସହ ସାତ ଦିନ ମଧ୍ୟରେ ୩ ଡି ହୋର୍ଡିଂ ଲାଗିବ ବୋଲି କହିଛନ୍ତି ବିଧାୟକ। କଟକର ଏକ ଆର୍କିଟେକ ସଂସ୍ଥାର ଯନ୍ତ୍ରୀଙ୍କ ଉପସ୍ଥିତିରେ ଭଦ୍ରକ ସହରର ବାଇପାସ ଛକରେ ସ୍ଥାନ ପରିଦର୍ଶନ କରିବା ସହ କାନ୍ତକବିଙ୍କ ପ୍ରତମୂର୍ତ୍ତି ସ୍ଥାପନ ନେଇ ଆଲୋଚନା କରିଥିଲେ ବିଧାୟକ। ଏହି ସମୟରେ ଭଦ୍ରକ ତହସିଲଦାର, ପୌରପାଳିକା ନିର୍ବାହୀଯନ୍ତ୍ରୀ, ପ୍ରତିମୂର୍ତ୍ତି ସ୍ଥାପନା ଦାବି ଉଠାଇଥିବା କାନ୍ତକବି ମଞ୍ଚ ଆବାହକ ଲକ୍ଷ୍ମୀଧର ବିଶ୍ୱାଳ, ସଂଯୋଜକ ସୁଦାମ ଭୂଇଁ, ପ୍ରକାଶ ସ୍ୱାଇଁ ଓ କାନ୍ତକବିଙ୍କ ନାତି ଉମାକଲ୍ୟାଣ ମହାପାତ୍ର ଓ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନିରୂପଣ ସ୍ଥାନର ୩ଡି ମ୍ୟାପ ପ୍ରସ୍ତୁତ କରାଯାଇ ଖୁବଶୀଘ୍ର କାନ୍ତକବିଙ୍କୁ ଯଥୋଚିତ ସମ୍ମାନ ଦେବାର ବ୍ୟବସ୍ଥା ହେବ । ବିଧାୟକ ଓ ଜିଲା ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ପ୍ରତିମୂର୍ତ୍ତି କାର୍ଯ୍ୟ ସାରିବାକୁ କାନ୍ତକବି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ରାସ୍ତା ସମ୍ପ୍ରସାରଣ ନାମରେ ଦୀର୍ଘ ଦୁଇ ବର୍ଷ ହେବ କାନ୍ତକବିଙ୍କ ପ୍ରତିମୂର୍ତ୍ତିକୁ ହଟାଯାଇ ପୁନଃ ପ୍ରତିଷ୍ଠା କରାଯାଇ ନ ଥିଲା। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବାଇପାସ ଛକରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ବୁଲି ଦେଖିବା ଅବସରରେ ମଞ୍ଚ ପକ୍ଷରୁ ଦାବି ପ୍ରଦାନ ସହ ଅନ୍ୟ ଦାବିକୁ ଦୋହରାଯାଇଥିଲା ।

# 'ଲୁଟ୍ ହେଉଛି ଲଘୁଖଣିଜ ସମ୍ପଦ'

ବାରିପଦା ଅଫିସ,୯।୬


ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

- ଜିଲାପାଳଙ୍କୁ ଭେଟିଲା ଭାଜପା
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଲଘୁ ଖଣିଜ ସମ୍ପଦ ଭରପୁର ଥିବା ବେଳେ ଏହାର ଠିକ୍ ଭାବରେ ଉପଯୋଗ କରା ନ ଯିବାରୁ ମାଫିଆମାନେ ଲୁଟ କରି ଚାଲିଛନ୍ତି। ଜିଲାର ୨୬ଟି ତହସିଲ ରହିଥିବା ବେଳେ ରାସଗୋବିନ୍ଦପୁର, ମୋରଡ଼ା, ଶୁଳିଆପଦା,ସାରସକଣା, ବାଙ୍ଗିରିପୋଷି, ଶ୍ୟାମାଖୁଣ୍ଟା, ବେତନଟୀ ଓ ବଡ଼ସାହି ତହସିଲ ଅଧୀନରେ ଥିବା ବାଲି ସୈରାତ, ମୋରମ ଖାଦାନ ଏବଂ ଚିପସ୍ ଶାସକ ଦଳର ମାଫିଆମାନଙ୍କ ଦ୍ୱାରା ଲୁଟ୍ କରାଯାଇ ପଶ୍ଚିମବଙ୍ଗ ଏବଂ ପଡ଼ୋଶୀ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଏହିଭଳି ଚୋରା ଚାଲାଣ ଦ୍ୱାରା କୋଟି କୋଟି ଟଙ୍କା ରାଜସ୍ୱହାନି ହେଉଥିବା ନେଇ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ମଙ୍ଗଳବାର ଭାଜପାର ଏକ ପ୍ରତିନିଧି ଦଳ ଭେଟି ଜଣାଇଛନ୍ତି। ଭାଜପା ପକ୍ଷରୁ କୁହାଯାଇଛି ଯେ, ମୟୂରଭଞ୍ଜ ରାଜସ୍ୱ ମନ୍ତ୍ରୀଙ୍କ ଜିଲା ହୋଇଥିବା ବେଳେ ପ୍ରଶାସନକୁ ହାତବାରସି କରି ସାରା ଜିଲାରେ ମାଫିଆମାନେ ଏହିଭଳି ଲୁଟ୍ କରୁଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେଇ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଦାବି କରିଛି। ଯଦି କାର୍ଯ୍ୟାନୁଷ୍ଠାନ ନ ହୁଏ ତାହେଲେ ଆଗାମୀ ଦିନରେ ଭାଜପା ଜିଲାବ୍ୟାପୀ ଜନ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଜିଲା ସଭାପତି କାନ୍ଦ୍ରା ସୋରେନ୍‌ଙ୍କ ନେତୃତ୍ୱରେ ଭାଜପାର ଏହି ପ୍ରତିନିଧି ଦଳରେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ, ପୂର୍ବତନ ଜିଲା ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସାରସକଣା ବିଧାୟକ ଡା, ବୁଢାନ ମୁର୍ମୁ, ସଞ୍ଜୀବ ମହାନ୍ତି, ପ୍ରଦୀପ କୁମାର ମହାନ୍ତ, ତପନ କୁମାର ହାବେଡ଼, ଦିନଶେ ଦାସଙ୍କ ସମେତ ଏକାଧିକ ଭାଜପା ନେତା ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

## ସଂକ୍ଷେପରେ

### କୃଷ୍ଣସାର ମୃଗଶାବକ ଉଦ୍ଧାର



ବୁଗୁଡ଼ା,୯।୬(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକ ତାଲଶାକର ଗ୍ରାମରୁ ସୋମବାର ରାତିରେ ବନ ବିଭାଗ ଏକ କୃଷ୍ଣସାର ମୃଗ ଶାବକ ଉଦ୍ଧାର କରିଛି। ରାତିରେ ତାଲଶାକର ଗ୍ରାମ ଭିତରକୁ ଶାବକଟି ପଶି ଆସିଥିବାବେଳେ ଲୋକେ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କର୍ମଚାରୀଙ୍କ ସହ ପହଞ୍ଚି ମୃଗ ଶାବକଟିକୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଏହାର ବୟସ ପ୍ରାୟ ଦେଢ଼ ବର୍ଷ ହେବ, ସୁସ୍ଥ ଥିବାରୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।

### ଟ୍ରକ୍-ଆମ୍ବୁଲାନ୍ସ ଧକ୍କା, ଚାଳକ ଗୁରୁତର

ବୁଗୁଡ଼ା,୯।୬(ଡି.ଏନ୍.ଏ.)- ବୁଗୁଡ଼ା ଥାନା ଶାଳବଣି ମୁଖ୍ୟ ସଡ଼କରେ ସୋମବାର ରାତିରେ ଏକ ମାଲ୍‌ବୋଝେଇ ଟ୍ରକ ସହ ଘରୋଇ ଆମ୍ବୁଲାନ୍ସ ଧକ୍କା ହେବାରୁ ଆମ୍ବୁଲାନ୍ସ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ରାଜେନ୍ଦ୍ର ସାହୁ। ରାତି ପ୍ରାୟ ୧୦ଟାରେ ବୁଗୁଡ଼ାରୁ କରସିଙ୍ଗି ଅଭିମୁଖେ ଯାଉଥିବା ଏକ ମାଲ୍ ବୋଝେଇ ଟ୍ରକ ବିପରୀତ ଦିଗରୁ ଆସୁଥିବା ଆମ୍ବୁଲାନ୍ସ ସହ ଧକ୍କା ହୋଇଥିଲା। ଗ୍ରାମବାସୀ ଚାଳକଙ୍କୁ ଉଦ୍ଧାର କରିଥିବାବେଳେ ବିଡିଓ ତନ୍ମୟ ପାତ୍ର ପହଞ୍ଚି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ରାଜେନ୍ଦ୍ରଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଆମ୍ବୁଲାନ୍ସଟି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଜଣେ ରୋଗୀଙ୍କୁ ନୟାଗଡ଼ରେ ଛାଡ଼ି ଆସିକା ଅଭିମୁଖେ ଯାଉଥିଲେ। ପୋଲିସ ଟ୍ରକ ଓ ଆମ୍ବୁଲାନ୍ସକୁ ଜବତ କରିଛି।

### ୩୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ

ଦିଗପହଣ୍ଡି,୯।୬(ଡି.ଏନ.ଏ.): ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମୁଖ୍ୟ ଦପ୍ତର ଛାଡିଥିବା ଦିଗପହଣ୍ଡି ବ୍ଲକର ୩୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ ଜାରି କାରାଯାଇଥିଲା। ନୋଟିସ ପାଇବା ପରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ନୋଟିସର ଉତ୍ତର ପାଇବା ପରେ ୨୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଚଳିତ ମାସର ଦରମା ଦିଆଯାଇଥିବା ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଅଧିକାରୀ ବସନ୍ତ କୁମାର ପଣ୍ଡା କହିଛନ୍ତି।

### ପୋଲିସ ଏସ୍ଆଇସ୍ତରରେ ଅଦଳବଦଳ

ବ୍ରହ୍ମପୁର ଅଫିସ,୯।୬: ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ପୋଲିସ ସବ୍‌ଇନ୍ସପେକ୍ଟର(ଏସ୍ଆଇ) ସ୍ତରରେ ମଙ୍ଗଳବାର ଅଦଳବଦଳ କରାଯାଇଛି। ଏନେଇ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦ ଏସ୍ଆଇଙ୍କୁ ଗୋଟିଏ ଥାନାରୁ ଅନ୍ୟ ଥାନାକୁ ବଦଳି ହୋଇଛି। ସେଥିମଧ୍ୟରୁ ୧୦ ଜଣ ନୂତନ କରି ଏସ୍ଆଇ ତାଲିମପ୍ରାପ୍ତ ହୋଇ ବ୍ରହ୍ମପୁର ଆମ୍ବପୁଆ ପୋଲିସ ହେଡ୍‌କ୍ୱାର୍ଟରରେ ଥିବାବେଳେ ଜିଲା ପୋଲିସ ବୋର୍ଡ଼ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ବିଭିନ୍ନ ଥାନାକୁ ବଦଳି କରାଯାଇଛି। ସେହିପରି ୮ ବିଭିନ୍ନ ଥାନାରେ କାର୍ଯ୍ୟରତ ଥିବା ବେଳେ ସେମାନଙ୍କୁ ମଧ ଗୋଟିଏ ଥାନାରୁ ଅନ୍ୟ ଥାନାକୁ ବଦଳି କରାଯାଇଛି। ସେହିପରି ୨ ଏସ୍ଆଇ ଭାବେ ସିଧାସଳଖ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କୁ ମଧ ଗୋଳନ୍ଥରା ଓ ଦିଗପହଣ୍ଡି ଥାନାକୁ ବଦଳି କରାଯାଇଛି ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

### ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ

ବ୍ରହ୍ମପୁର ଅଫିସ,୯।୬: ଟାଉନ ଥାନା ଖାଲାସି ସାହିରେ ଥିବା ଏକ ୩ ମହଲା ଘର ଉପର ମହଲାରେ ସୋମବାର ରାତି ପ୍ରାୟ ୩ ଟା ବେଳେ ଅଗ୍ନିକାଣ୍ଡ ଘଟିଛି। ଗୃହକର୍ତ୍ତାଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏଥିରେ ଘର ଭିତରେ ଥିବା ବିଭିନ୍ନ ସରଞ୍ଜାମ ପୋଡିଯାଇଛି। ବିଦ୍ୟୁତ୍ ଶର୍ଟଶର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି।

# ମହାସିଙ୍ଗିବାସୀଙ୍କ ଭରସା ଚୁଆପାଣି

ବାଲିଗୁଡା,୯।୬(ଡି.ଏନ୍.ଏ.)

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ କନ୍ଧମାଳ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମସ୍ୟା ଦେଖିବାକୁ ମିଳିଛି ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ମହାସିଙ୍ଗି ପଞ୍ଚାୟତରେ। ମହାସିଙ୍ଗିର ୩ଟି ୱାର୍ଡ ମାଠିଆଖୋଲାସାହି, ବେହେର୍ଦ୍ଦଲାଇ ସାହି, ପୁରୁଣାସାହିର ଲୋକେ ପାଣି ପାଇଁ ଚୁଆ ଉପରେ ଭରସା କରୁଛନ୍ତି। ନିକଟସ୍ଥ ଖଡ୍‌ଗନଦୀରେ ଚୁଆ ଖୋଳି ଘଣ୍ଟା ଘଣ୍ଟା ଅପେକ୍ଷା କରି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଗାଁରେ ପାଣିଟାଙ୍କି ଅଛି କିନ୍ତୁ



ମହିଳାମାନେ ଚୁଆରୁ ପାଣି ସଂଗ୍ରହ କରୁଛନ୍ତି।

ଅଧିକାଂଶ ସମୟରେ ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁନି। ସ୍ଥାନୀୟ ଲୋକ କ.ନୂଆଗାଁ ବିଡିଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କଲେ ମଧ ସମସ୍ୟାର ସମାଧାନ ହେଉନାହିଁ। ତେଣୁ ବାଧ ହୋଇ ଲୋକେ ନଦୀ ଓ ଚୁଆ ଜଳ ପିଉଛନ୍ତି। ଏଥିଯୋଗୁ ବିଭିନ୍ନ ସମୟରେ ଝାଡାବାନ୍ତି ମଧ ବ୍ୟାପୁଛି। ଏଠାରେ ସୋଲାର ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ୧୧ ନମ୍ବର ୱାର୍ଡ ସଭ୍ୟ ପରମାନନ୍ଦ ବେହେର୍ଦ୍ଦଲାଇ, ମହିଳା ମହାସଂଘ ସଭାନେତ୍ରୀ ସୁଷମା ବେହେର୍ଦ୍ଦଲାଇ ଓ ଗୌରାଙ୍ଗ ପାତ୍ରଙ୍କ ସମେତ ମହାସିଙ୍ଗି ପଞ୍ଚାୟତବାସୀ ଦାବି କରିଛନ୍ତି। ତୁରନ୍ତ ପାନୀୟଜଳ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗଞ୍ଜାମରେ ପୁଣି ୧୮ ପଜିଟିଭ୍

ଛତ୍ରପୁର,୯।୬(ଡି.ଏନ.ଏ)

ଗଞ୍ଜାମ ଜିଲାରେ ମଙ୍ଗଳବାର ପୁଣି ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଏହି ସଂକ୍ରମିତଙ୍କୁ ମିଶାଇଲେ ଜିଲାରେ ଏବେ ପଜିଟିଭ୍‌ଙ୍କ ସଂଖ୍ୟା ୬୪୯ରେ ପହଞ୍ଚିଛି । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୪୧ ଜଣ ସୁସ୍ଥ ହୋଇସାରିଲେଣି। ୨୦୪ ପଜିଟିଭ୍ ସକ୍ରିୟ ଅଛନ୍ତି। ଜିଲାରେ ୪ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## କନ୍ଧମାଳରେ ଆଉ ୨ ପଜିଟିଭ୍ ଚିହ୍ନଟ

ଫୁଲବାଣୀ ଅଫିସ, ୯।୬

କନ୍ଧମାଳ ଜିଲାରେ ମଙ୍ଗଳବାର ଆଉ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ହୋଇଥିବା ୨୨ ଓ ୪୨ ବର୍ଷୀୟ ଏହି ପୁରୁଷ ୨ ଜଣଙ୍କ ମଧ୍ୟରୁ ଜଣେ ତାମିଲନାଡୁ ଓ ଅନ୍ୟ ଜଣକ କର୍ନାଟକରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ଏମାନଙ୍କୁ ମିଶାଇଲେ ଜିଲାରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ୩୭ରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ଜିଲାରେ ମଙ୍ଗଳବାର ସୁଦ୍ଧା ୨୨ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୧୫ଜଣ ଚିକିତ୍ସାଧୀନ ଅଛନ୍ତି। ସୋମବାର ସୁଦ୍ଧା ୭୧୧୧ ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୨୫୦୯ ଜଣ କ୍ୱାରାଣ୍ଟାଇନ ଅବଧି ସାରି ଘରକୁ ଫେରିଥିବାବେଳେ ୪୬୦୨ ଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଛନ୍ତି। ପରୀକ୍ଷା ପାଇଁ ଯାଇଥିବା ୧୮୦୮ ସ୍ୱାବ ନମୁନାରୁ ୧୬୧୧ଟିର ରିପୋର୍ଟ ହସ୍ତଗତ ହୋଇଛି। ୩୭ଟି ପଜିଟିଭ ଥିବା ବେଳେ ୧୫୭୪ଟି ନେଗେଟିଭ ରହିଛି।

# ୨ ଗୋଦାମରୁ ଖଇନି ପ୍ରସ୍ତୁତ କଞ୍ଚାମାଲ ଜବତ

ଆସିକା,୯।୬(ଡି.ଏନ୍.ଏ.)

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଗାଙ୍ଗପୁର ଥାନା ଅନ୍ତର୍ଗତ ବିଞ୍ଚଣା ଓ ନିମିନା ଠାରେ ଥିବା ୨ ଗୋଦାମ ଉପରେ ମଙ୍ଗଳବାର ପୋଲିସ ଚଢାଉ କରି ଖଇନି ପ୍ରସ୍ତୁତିରେ ବ୍ୟବହାର ହେବାକୁ ଥିବା ବିପୁଳ ପରିମାଣର କଞ୍ଚାମାଲ, ମାଦକଦ୍ରବ୍ୟ ଜବତ କରାଯାଇଛି । ଜବତ ସାମଗ୍ରୀର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗାଙ୍ଗପୁର ଥାନାଧିକାରୀ ଧିରେଶ କୁମାର ଦାସ କହିଛନ୍ତି ।

ଗଞ୍ଜାମ ଏସପି ବ୍ରିଜେଶ କୁମାର ରୟଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ପୋଲିସ ମଙ୍ଗଳବାର ବିଞ୍ଚଣା ମୁଖ୍ୟରାସ୍ତା କଡରେ ଥିବା ଏକ ଗୋଦାମରେ ଚଢାଉ କରିଥିଲା । ସେଠାରୁ ୨୭୫ ବସ୍ତା ଧୂଆଁପତ୍ର, ଚୂନ, ୨୦ ଲିଟର କମଳା ଏସେନ୍ସ ସହ ବହୁ ପରିମାଣର ପ୍ୟାକିଂ ଜରି ଜବତ କରାଯାଇଥିଲା । ସେହିପରି ନିମିନା ମୁଖ୍ୟରାସ୍ତା କଡରେ ଥିବା ଏକ ପରିତ୍ୟକ୍ତ ଗୃହରୁ ୭୫ ବସ୍ତା ଧୂଆଁ ପତ୍ର ଜବତ କରାଯାଇଛି । ଉଭୟ ଘଟଣାରେ କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ତେବେ ଗୋଦାମ ୨ଟି ଗତ ଶୁକ୍ରବାର ଗାଙ୍ଗପୁରଠାରେ ପୋଲିସ ପକ୍ଷରୁ ଚଢାଉ କରାଯାଇଥିବା ଖଇନି ପ୍ରସ୍ତୁତି କାରଖାନାର ମାଲିକଙ୍କ ବୋଲି ପୋଲିସ କହିଛି। ବିଞ୍ଚଣା ଠାରେ ଥିବା ଗୋଦାମ ଗୃହ ଭଞ୍ଜନଗର ଆରଏମସିର ବୋଲି ଜଣାପଡିଥିଲା ବେଳେ ଏହା କାହା ନାମରେ ରହିଛି ତାହା ତଦନ୍ତ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଜୁଆ ଆଡ୍ଡାରୁ ୧୧ ଗିରଫ

ଆସିକା,୯।୬(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ଭେଟନଈ କଙ୍କଣଦେବୀ ମନ୍ଦିର ନିକଟରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ମଙ୍ଗଳବାର ଚଢାଉ କରି ୧୧ଜଣଙ୍କୁ ଗିରଫ କରିଛି। ଏଥିସହ ସେଠାରୁ ୬୨,୮୦୦ଟଙ୍କା, ୪ ବାଇକ ଓ ୧୧ ମୋବାଇଲ ଫୋନ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ଆସିକା ଥାନା ଅନ୍ତର୍ଗତ ବାଦଗଡ, ବାବନପୁର, ମୁକୁନ୍ଦପୁର, କମାଗଡ, ଜଗଦଳପୁର, ସାନଖୋଲି ଗ୍ରାମର। ଏ ନେଇ ନଂ.୩୧୯/୨୦ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ଲୁଟ୍ ୧୨.୬୦ଲକ୍ଷ ଟଙ୍କା ବ୍ୟବସାୟୀଙ୍କୁ ଫେରାଇଲା ପୋଲିସ



ଧରାକୋଟ,୯।୬(ଡି.ଏନ୍.ଏ.)

ଧରାକୋଟ ଅଞ୍ଚଳର ବି.ବାୟା ପାତ୍ର, ଏ. ଗଣେଶ ପାତ୍ର, ଏସ୍. ତ୍ରିପତି ପାତ୍ର ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରେ ଛେଳି ବିକି ୧୨ଲକ୍ଷ ୮୦ହଜାର ଟଙ୍କା ଧରି ଗତ ୨୭ ତାରିଖରେ ଫେରୁଥିଲେ। ଗିରିସୋଲାରୁ ଏକ ଅଟୋରେ ଫେରୁଥିବାବେଳେ ବିଳମ୍ବିତ ରାତିରେ ଧରାକୋଟ ଥାନା ବାଦଗଡ଼ ଗ୍ରାମ ରାସ୍ତାରେ ଦୁର୍ବୃତ୍ତମାନେ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ। ବି.ବାୟା ପାତ୍ରଙ୍କ ଅଭିଯୋଗକ୍ରମେ ଧରାକୋଟ ଥାନାରେ ନଂ.୮୩/୨୦ରେ ମାମଲା ରୁଜୁ କରାଯାଇଥିଲା। ଜୁନ ୨ରେ ମାଷ୍ଟର ମାଇଣ୍ଡ ଅଟୋ ଚାଳକ ଓ ହେଲ୍‌ପରଙ୍କ ସମେତ ୧୧ଜଣଙ୍କୁ ପୋଲିସ ଗିରଫ କରିବା ସହ ୧୨ଲକ୍ଷ ୬୦ହଜାର ଟଙ୍କା ଜବତ କରିଥିବା ଏସ୍‌ପି ବ୍ରିଜେଶ କୁମାର ରଏ ବଡଗଡ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଧରାକୋଟ ଥାନାଧିକାରୀ ସହଦେବ ମହାପାତ୍ର ଏତଲା ଦେଇଥିବା ବି. ବାୟା ପାତ୍ରଙ୍କୁ ମଙ୍ଗଳବାର ଜବତ ୧୨ ଲକ୍ଷ ୬୦ ହଜାର ଟଙ୍କା ଥାନାରେ ଫେରାଇଛନ୍ତି।

# ମାସ୍କ, ପିପିଇ କିଣାରେ ଦୁର୍ନୀତିର ତଦନ୍ତ ଦାବି

ବ୍ରହ୍ମପୁର ଅଫିସ,୯।୬

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର କିଣିଥିବା ମାସ୍କ ଓ ପିପିଇ କିଣାରେ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଏହାର ସିବିଆଇ ତଦନ୍ତ ଦାବିକରି ମଙ୍ଗଳବାର ଗଞ୍ଜାମ ଜିଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ରହ୍ମପୁର କଂଗ୍ରେସ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ଦୁର୍ନୀତିର ସିବିଆଇ ତଦନ୍ତ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସାଧାରଣ ଲୋକେ କୋଟି କୋଟି ଟଙ୍କା ଦାନ କରୁଥିବା ବେଳେ ମାସ୍କ ଓ ପିପିଇ କିଣା ନାମରେ ହରିଲୁଟ କରାଯାଉଥିବା କଂଗ୍ରେସ କହିଛି। ଛଅ ଟଙ୍କାର ମାସ୍କକୁ ଷୋଳ ଟଙ୍କାରେ କିଣାଯାଇଥିବା ନେଇ କଂଗ୍ରେସ ଦାବିପତ୍ରରେ ଉଲ୍ଲେଖ କରିଛି। ଏହାକୁ ଗୁରୁତ୍ୱ ଦେଇ ଗ୍ରହଣ କରିବା ସହ ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ଯୁବ କଂଗ୍ରେସ ଦାବି କରିଛି। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ଜିଲା ସଭାପତି ସିଦ୍ଧାନ୍ତ କୁମାର ସାହୁଙ୍କ ସମେତ ନାରାୟଣ ନାହାକ, ଏସ୍.ଦଣ୍ଡପଣି, ରାଜୀବ ଖୁଣ୍ଟିଆ, ଅନିରୁଦ୍ଧ ପାତ୍ର ଓ ବାବୁଲ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ।

## ପାଚିକା, ସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୯।୬

ଜାତୀୟ ରାଜପଥ ଦେଇ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ବେଳେ ପାଚିକା ଓ ସହାୟିକା ଗୋଷ୍ଠୀଙ୍କୁ ମଙ୍ଗଳବାର ଫୋରମ ଫର ଗଞ୍ଜାମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମାପଲିସ୍ଥିତ ସଂକଳ୍ପ ସ୍କୁଲରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଅଧିକାରୀ ଶ୍ୱେତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଫୋରମ ସଂଯୋଜକ ସୁଧୀର କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆବାହକ ଇ.ଟି. ରାଓ, ଶ୍ୟାମସୁନ୍ଦର ଖଡଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧିଙ୍କ ସମେତ ଫୋରମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମେ ୧୩ ରୁ ବ୍ରହ୍ମପୁର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଫୋରମ ଫର ଗଞ୍ଜାମ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଘର ବାହୁଡା ହେଉଥିବା ପ୍ରବାସୀ ଓଡ଼ିଆଙ୍କୁ ରାନ୍ଧଖାଦ୍ୟ ବଣ୍ଟନ କରାଯାଉଥିଲା। ଏହି ସମୟରେ ସଂକଳ୍ପ ସ୍କୁଲରେ ପାଚିକା ଓ ସହାୟିକା ଗୋଷ୍ଠୀଗୁଡିକ ରାନ୍ଧାଖାଦ୍ୟ ପ୍ରସ୍ତୁତ କରୁଥିଲେ।



ସମ୍ବର୍ଦ୍ଧିତ ପାଚିକା, ସହାୟିକାଙ୍କ ସହ ଫୋରମ୍ କର୍ମକର୍ତ୍ତା।

## ମଦ ସହ ବାଇକ୍ ଜବତ, ୧୩ ଗିରଫ

ବ୍ରହ୍ମପୁର ଅଫିସ/ ଛତ୍ରପୁର (ଡି.ଏନ୍.ଏ) ୯।୬-

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚଢାଉ କରାଯାଇ ଚୋରାମଦ ଜବତ କରାଯାଉଛି। ବ୍ରହ୍ମପୁର ଅବକାରୀ ଓ ଗୋଇନ୍ଦା ଟିମ୍ ମିଳିତ ଭାବେ ଟାମଣା, କଙ୍କିଆ, ଟିଙ୍କିଟି ଓ ଦିଗପହଣ୍ଡି ଆଦି ସ୍ଥାନରେ ବ୍ଲକିଂ କରିବା ସହ ଗାଡି ଯାଞ୍ଚ କରିଥିଲେ। ୪ ଜଣଙ୍କୁ ସନ୍ଦେହରେ ଅଟକ ରଖାଯାଇଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଜବତ ହୋଇଥିଲା। ଘଟଣାସ୍ଥଳରୁ ୧୮୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ୪ ଜଣଙ୍କୁ ବେଆଇନ ଭାବେ ମଦ ଚାଲାଣ ଅଭିଯୋଗରେ ଗିରଫ କରାଯାଇଛି। ମଦ ଚାଲାଣ ପାଇଁ ବ୍ୟବହାର କରାଯାଇଥିବା ୪ ବାଇକ୍ ମଧ ଜବତ କରାଯାଇଥିବା ସୂଚନା ଦିଆଯାଇଛି। ସେହିପରି ଛତ୍ରପୁର ଓ ପୁରୁଷୋତ୍ତମପୁର ଅବକାରୀ ଇନ୍ସପେକ୍ଟର ଓ ଷ୍ଟାଫ୍‌ମାନେ ଚଢ଼ାଉ କରି ୩୦୧ ଲିଟର ମଦ ଜବତ କରିବା ସହ ୯ ଜଣଙ୍କୁ ଗିରଫ କରିଛନ୍ତି। ମଦ କାରବାରରେ ବ୍ୟବହାର ହୋଇଥିବା ୩ ବାଇକ୍ ମଧ ପୋଲିସ ଜବତ କରିଛି ।

# ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧନା



ବିତରକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର ଅଫିସ, ୯।୬

କରୋନା ମହାମାରୀ ସମୟରେ ନିରନ୍ତର ଖବରକାଗଜ ବିତରଣ କରୁଥିବା ବ୍ରହ୍ମପୁର ସହରର ଖବରକାଗଜ ବିତରକଙ୍କୁ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ମୁଧୁସୂଦନ ପାଣିଗ୍ରାହୀଙ୍କ ୯୭ତମ ଜୟନ୍ତୀ ଅବସରରେ ବିତରକ ସଂଘର ସମସ୍ତ ସଦସ୍ୟଙ୍କୁ ସାନିଟାଇଜିଂ ସାମଗ୍ରୀ ସହ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଭାବାନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଧୁସୁଦନ ପାଣିଗ୍ରାହୀଙ୍କ ଜ୍ୟେଷ୍ଠ ପୁତ୍ର ଡାକ୍ତର ମିହିରକାନ୍ତ ପାଣିଗ୍ରାହୀ, ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ, ତ୍ରିପତିବାଲାଜିପାତ୍ର, ଭଗବାନ ମହାରଣା, କୃପାସିନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ବିତରକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିତରକ ସଂଘର ସଭାପତି ବି. ଆନନ୍ଦ ରାଓ, ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦୋରା, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ୮୦ ସଫେଇ କର୍ମଚାରୀଙ୍କୁ କରୋନା ଯୋଦ୍ଧା ସମ୍ମାନ

ବ୍ରହ୍ମପୁର ଅଫିସ,୯।୬

କରୋନା ମହାମାରୀ ସମୟରେ ନିରନ୍ତର ସେବା ଯୋଗାଇ ଆସୁଥିବା ସଫେଇ କର୍ମଚାରୀଙ୍କୁ ମଙ୍ଗଳବାର କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୪ ନଂ. ୱାର୍ଡ ଧାନମେରା ସାହିଠାରେ ପୂର୍ବତନ କର୍ପୋରେଟର ଅନିଲ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ ୮୦ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନିଲ ନାୟକ ସୋସିଆଲ ସର୍ଭିସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ମୁକୁନ୍ଦ ଗୌଡ଼, ଉପସଭାପତି ଆର୍. ମୁରଲୀ ମୋହନ, ସଞ୍ଜିତ ପାଣିଗ୍ରାହୀ, ଉଦୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆଂଶିକ ଲକ୍‌ଡାଉନ୍ ହେଲା ପୋଲରାଜପୁର

ପାତ୍ରପୁର,୯।୬(ଡି.ଏନ.ଏ.)

**ଗ୍ରାମବାସୀଙ୍କ ରାସ୍ତା ଅବରୋଧ**

ପାତ୍ରପୁର ବ୍ଲକ ପୋଲରାଜପୁର ଗ୍ରାମରେ ୨ଜଣ କରୋନା ପଜିଟିଭ ଚିହ୍ନଟ ପରେ ଗ୍ରାମବାସୀଙ୍କ ସମସ୍ୟା ବଢ଼ିଛି। ପ୍ରଶାସନ ପକ୍ଷରୁ ଘରଘର ବୁଲି ଥର୍ମାଲ ସ୍କ୍ରିନିଂ ସହ ଗ୍ରାମକୁ ଆଂଶିକ ଲକ୍‌ଡାଉନ୍ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଗ୍ରାମରୁ କେହି ବାହାରକୁ ଯିବା ବାହାର ଲୋକ ଗ୍ରାମକୁ ଆସିବାକୁ ବାରଣ କରାଯାଇଛି। ଖୁବ୍‌ଶୀଘ୍ର ଗାଁକୁ ସାନିଟାଇଜ୍ କରାଯିବ ବୋଲି ତହସିଲଦାରକହିଛନ୍ତି। ଏଥିସହ ନିକଟସ୍ଥ ଗ୍ରାମକୁ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଗାଁ ଲୋକେ ଯାଉଥିବାବେଳେ ସମ୍ପୃକ୍ତ ଗ୍ରାମର ଲୋକେ ବାରଣ କରିବାରୁ ମଙ୍ଗଳବାର ଗ୍ରାମବାସୀ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପ୍ରାୟ ୨ଘଣ୍ଟା ଅବରୋଧ ପରେ ସ୍ଥାନୀୟ ସରପଞ୍ଚ ଆସି ବୁଝାଶୁଝା କରିଥିଲେ। ମାତ୍ର ସେମାନେ ରାସ୍ତାରୁ ଉଠି ନ ଥିଲେ। ତହସିଲଦାର ଡା. ଶ୍ରୀନିବାସ ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଛତୁଆ, ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ

ଛତ୍ରପୁର,୯।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବଡଗୁମୁଳା ପଞ୍ଚାୟତ ଝଗଡାପଲ୍ଲୀ ଗାଁରେ ଶିଶୁଙ୍କ ପାଇଁ ଆସିଥିବା ଡ୍ରେସ, ଅଣ୍ଡା, ଛତୁଆ ଓ ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଗ୍ରାମର କେତେଜଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ଦିଗପହଣ୍ଡି ସିଡିପିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ବି କିଛି ସୁଫଳ ନ ମିଳିବାରୁ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଗତ ୨ ତାରିଖରେ ଶିଶୁଙ୍କ ପାଇଁ ଆସିଥିବା ଚାଉଳ ଅନ୍ୟ ଜଣକୁ ବିକ୍ରି କରାଯାଉଥିବା ସମୟରେ ଗ୍ରାମବାସୀ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଏହାର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଲୋକେ।

ଫଟୋ ସହ ସମସ୍ତ ପ୍ରମାଣପତ୍ର ଦିଗପହଣ୍ଡି ସିଡିପିଓଙ୍କୁ ଦେଇ ଅବଗତ କରିଥିଲେ ମଧ କିଛି ପଦକ୍ଷେପ ନିଆଯାଇନି । ତୁରନ୍ତ ଉକ୍ତ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବୁ ବୋଲି ସେମାନେ କହିଥିଲେ। ଏହି ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ରବୀନ୍ଦ୍ର ଗୌଡ, ମଞ୍ଜୁଳା ବିଷୋଇ, ସୁବାସିନୀ ଦଳେଇ, ସୀମାଞ୍ଚଳ ଗୌଡ, ଦୁଃଖୀଶ୍ୟାମ ପଣ୍ଡା, ବାଙ୍କ ବିଷୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ୨୯ ଖଣ୍ଡ ଚଉକାଠ ଜବତ: ୨ ଗିରଫ

ଲହୁଣୀପଡ଼ା,୯।୬(ଡି.ଏନ.ଏ.): ହୁଣୀପଡ଼ା ବ୍ଲକ କୁଲିପୋଷ ରେଞ୍ଜର ମହୁଲଡିହା ସେକ୍ସନର ଅଧୀନ ଫୁଲଝର ଅଞ୍ଚଳରୁ ରବିବାର ବିଳମ୍ବିତ ରାତ୍ରିରେ ଏକ ଗାଡ଼ି(ନଂ. ଓଆର୍ ୧୪ ୟୁ- ୫୫୫୧)ରେ ୨୯ଖଣ୍ଡ ଚଉକାଠ ଚୋରାଚାଲାଣ ହେଉଥିଲା। ବନ ବିଭାଗ କର୍ମଚାରୀମାନେ ସେହି କାଠକୁ ଜବତ କରିଛନ୍ତି । ଏହି ଘଟଣାରେ ବଣେଇ ଥାନା ଅନ୍ତର୍ଗତ କସଡା ପଞ୍ଚାୟତ ଟେଣ୍ଡେରା ଗ୍ରାମର ଯଶୋବନ୍ତ ସାହୁ (୨୫), ମୁରଲୀଧର ସାହୁ (୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ଘର ବାରଣ୍ଡାରୁ ମାଂସ ଦୋକାନୀଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୯।୬: ମଙ୍ଗଳବାର ସକାଳେ ସ୍ଥାନୀୟ ସାରନଗରୀ ବ୍ରିଟାନିଆ କଲୋନୀର ଏକ ଘର ବାରଣ୍ଡାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଶାରଳା ମାର୍କେଟର ମହମ୍ମଦ ଇସ୍ମାଇଲ(୩୫) । ତାଙ୍କର ସାରନଗରୀ ପାଣିଟାଙ୍କି ମାର୍କେଟ ନିକଟରେ ଏକ ମାଂସ ଦୋକାନ ରହିଛି । ଟାଙ୍ଗରପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତାଙ୍କୁ କେହି ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ତେବେ ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

## ଅଘୋଷିତ ବିଦ୍ୟୁତ୍‌କାଟକୁ ବିରୋଧ

ଝାରସୁଗୁଡ଼ା ଅଫିସ,୯।୬: ଝାରସୁଗୁଡ଼ା ସହରରେ କିଛିଦିନ ହେବ ଘନଘନ ବିଦ୍ୟୁତ୍‌କାଟ ହେଉଛି। ବିନା ଘୋଷଣାରେ ବିଦ୍ୟୁତ୍‌କାଟ ହେଉଥିବାରୁ ସହରବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସହରର କେତେକ ଜନସାଧାରଣ ମଙ୍ଗଳବାର ଏ ନେଇ ବିଦ୍ୟୁତ୍ ବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଆଶିଷ କୁମାର ପଣ୍ଡାଙ୍କୁ ସାକ୍ଷାତ୍ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଆବଶ୍ୟକତା ନ ଥିଲେ ବିନା ସୂଚନାରେ ବିଦ୍ୟୁତ୍ ନ କାଟିବାକୁ ସେମାନେ ଦାବି କରିଛନ୍ତି। ରୌଦ୍ରତାପ ଯୋଗୁ ପ୍ରବଳ ଗରମ ହେଉଥିବା ବେଳେ ବିଦ୍ୟୁତ୍‌କାଟ ଲୋକଙ୍କୁ ଅତିଷ୍ଠ କରୁଥିବା ସେମାନେ ଦର୍ଶାଇଛନ୍ତି। ଏ ନେଇ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଘୋଷିତ ବିଦ୍ୟୁତ୍‌କାଟ କରାଯାଉ ନାହିଁ। କୌଣସି ସ୍ଥାନରେ ମରାମତି ଆବଶ୍ୟକ ଥିଲେ ବିଦ୍ୟୁତ୍‌କାଟ କରି ମରାମତି ହେଉଥିବା କହିଛନ୍ତି।

## ଜିଲାପାଳଙ୍କୁ ଫେରାଦ ହେଲା ଏବିଭିପି

ବରଗଡ଼ ଅଫିସ୍,୯।୬: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ୮ଦଫା ଦାବି ନେଇ ମଙ୍ଗଳବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଏବିଭିପିର କାର୍ଯ୍ୟକର୍ତ୍ତାମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । କରୋନା ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ଜିଲାର ସମସ୍ତ କଲେଜ, ହଷ୍ଟେଲ ଏବଂ ଟ୍ୟାମ୍ପରର ଫି ଛାଡ଼ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଏବିଭିପିର ନଗର ସମ୍ପାଦକ ପାର୍ଥ ଜାନିଙ୍କ ସମେତ ଶୁଭମ ଭୋଇ, ହେମନ୍ତ ପ୍ରଧାନ, ନୂତନ ପ୍ରଧାନ, ବିଶ୍ୱଜିତ ନାୟକ, ଶ୍ୟାମସୁନ୍ଦର ଜାଲ, ମନୋରଞ୍ଜନ ସାହୁ, ପାଣ୍ଡବ ଭୋଇ, ଚନ୍ଦନ ପଶାୟତ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

# ପୁଅକୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଲେ ସରପଞ୍ଚ ମା'

କୋକସରା,୯।୬(ଡି.ଏନ.ଏ.)

ଦିଲ୍ଲୀର ଏକ କମ୍ପାନୀରେ ଚାକିରି କରୁଥିବା ପୁଅ ଗାଁକୁ ଫେରିଥିଲେ । ହେଲେ କରୋନା କଟକଣାକୁ ପାଳନ କରୁଥିବା ତାଙ୍କ ସରପଞ୍ଚ ମା' ପୁଅକୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତରେ ଏହି ଘଟଣା ଦେଖିବାକୁ ମିଳିଛି ।

ଗମ୍ଭାରୀଗୁଡା ସରପଞ୍ଚ ନନ୍ଦିତା ସାହୁ। ତାଙ୍କ ପୁଅ ଲୋକେଶ ଦିଲ୍ଲୀର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଥିଲେ । ଲକ୍‌ଡାଉନ ଯୋଗୁ ସେଠାକାର କମ୍ପାନୀ ବନ୍ଦ ହୋଇଯାଇଥିଲା । ତଥାପି ଫେରିବାର ଉପାୟ ନ ଥିବାରୁ ଲୋକେଶ ସେଠାରେ ବହୁଦିନ ଅଟକି ରହିଥିଲେ । କଟକଣା କୋହଳ ହେବା ପରେ ବିମାନ ଚଳାଚଳ ଆରମ୍ଭ ହୋଇଥିଲା । ଫଳରେ ଲୋକେଶ



କ୍ୱାରାଣ୍ଟାଇନ୍ ସେଣ୍ଟରରେ ପୁଅ ଲୋକେଶଙ୍କ ସହିତ ସରପଞ୍ଚ ମା' ନନ୍ଦିତା ।

ଦିଲ୍ଲୀରୁ ବିମାନରେ ଆସି ଝାରସୁଗୁଡ଼ା ବିମାନ ବନ୍ଦରରେ ସୋମବାର ପହଞ୍ଚିଥିଲେ । ସେଠାରୁ ଗାଡ଼ିରେ ନିଜ ଗାଁକୁ ଫେରିଥିଲେ । ହେଲେ ଏତେଦିନ ପରେ ପୁଅ ଘରକୁ ଫେରିଥିଲେ ମଧ୍ୟ ସରପଞ୍ଚ ମା' ନନ୍ଦିତା ତିଳେମାତ୍ର ଭାବବିହ୍ୱଳ ହୋଇ ନ ଥିଲେ । ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସେ ପାଳନ କରିଥିଲେ । ରାଜ୍ୟ ବାହାରକୁ ଆସୁଥିବା ପ୍ରବାସୀ ଶ୍ରମିକଙ୍କ ପରି ନିଜ ପୁଅ ଲୋକେଶଙ୍କୁ ସେ ଓଲମା ଗାଁରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖିବାକୁ ପରାମର୍ଶ ଦେଇଥିଲେ । ପୁଅ ଲୋକେଶ ବି ମା'ଙ୍କ କଥାକୁ ମାନି ଏବେ ପ୍ରବାସୀ ଶ୍ରମିକଙ୍କ ପରି ସେହି ସେଣ୍ଟରରେ ରହୁଛନ୍ତି । ସେଠାରେ ସମସ୍ତଙ୍କ ପାଇଁ ଯେଉଁ ଖାଦ୍ୟ ମିଳୁଛି ତାକୁ ଖାଉଛନ୍ତି । ଲୋକେଶଙ୍କ ସହିତ ଆସିଥିବା ତାଙ୍କର ୨ ଜଣ ସାଙ୍ଗ ମଧ୍ୟ ସେହି ସେଣ୍ଟରରେ ରହୁଛନ୍ତି । କ୍ୱାରାଣ୍ଟାଇନ ସେଣ୍ଟରର ଅବଧି ସରିବା ପରେ ସମସ୍ତେ ଘରକୁ ଫେରି ହୋମ୍‌କ୍ୱାରାଣ୍ଟାଇନରେ ରହିବେ ବୋଲି କହିଛନ୍ତି । ଏ ନେଇ ଲୋକେଶ କହିଛନ୍ତି, ମୋ ମା' ଜଣେ ସରପଞ୍ଚ ହିସାବରେ ଯେଉଁ ପଦକ୍ଷେପ ନେଇଛନ୍ତି ସେଥିପାଇଁ ମୁଁ ଗର୍ବିତ । କାରଣ ମୁଁ ମଧ ଦିଲ୍ଲୀରୁ ଆସିଛି । ନିୟମ ଅନୁସାରେ ସେ ମୋତେ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଛନ୍ତି । ରାଜ୍ୟ ସରକାର ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାକୁ ସମ୍ମାନ ଜଣେଇବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଛନ୍ତି ।



ଏସପିଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ବରଗଡ଼ ଅଫିସ୍,୯।୬

ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ସର୍ଗିବାହାଲ ଚମାରପଡ଼ାରେ ଜଣେ ମହିଳା ପୀରବତୀ ରାଉତିଆ ଏବଂ ପରିବାର ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଘଟଣାଟି ଗତମାସ ୨୯ତାରିଖରୁ ଘଟିଥିବାବେଳେ ଏ ନେଇ ପଦ୍ମପୁର ଥାନାରେ ମଧ୍ୟ ଏତଲା ହୋଇଛି। ମାତ୍ର ପୋଲିସ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ପୀରବତୀ ଏବଂ ପରିବାର ଲୋକେ ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିଲେ । ଏସପି ପଦ୍ମିନୀ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାଯର୍ୟାନୁଷ୍ଠାନ ନେବାକୁ ସେମାନେ ନିବେଦନ କରିଛନ୍ତି ।

## ମାଟି ବୋହିଲେ ଉପଜିଲାପାଳ

**ଶ୍ରମିକଙ୍କୁ ମିଳିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ**

ଲହୁଣୀପଡା,୯।୬(ଡି.ଏନ.ଏ.)

କରୋନା କଟକଣା ଯୋଗୁ କାମଧନ୍ଦା ପାଉ ନ ଥିବା ଗରିବ ଖଟିଖିଆ ଓ ପ୍ରବାସୀ ଶ୍ରମିକମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାମିଲ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ଏକ ସର୍ଭେ କରାଯାଇଥିଲା। ଏହି ଯୋଜନାରେ କେଉଁ ପରିବାର ସାମିଲ ହୋଇପାରିବେ ତାକୁ ଆଖିଆଗରେ ରଖି ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା । ଏଥିରେ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କନିଷ୍ଠ ଯନ୍ତ୍ରୀ ଜେନାମଣି ପାଣ୍ଡେ, ଏସ୍‌ଜିୟୁପି ନିର୍ଦ୍ଦେଶକ ଶ୍ୟାମସୁନ୍ଦର ରାଉତଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶଙ୍ଖପୋଷ ପଞ୍ଚାୟତର ରେଙ୍ଗାଲବେଡା, ଅର୍ଜୁନଚୁଆଁ ଭାଲିଆଡିହି ଗ୍ରାମର ୫୬ ପରିବାର ଏହି ଯୋଜନାରେ ସାମିଲ ହୋଇଥିଲେ। ଖୋଦ୍ ଉପଜିଲାପାଳ ପ୍ରଦୀପ ଡାଙ୍ଗ ମାଟି ବୋହି ଶ୍ରମିକମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଗୁରୁଣ୍ଡିଆ ବ୍ଲକର ସାପଲତା, ଜଗନ୍ନାଥପ୍ରସାଦ, ଯୋଡାଲୟ ଆଦି ଗ୍ରାମର ୬୫ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି ।

## ବଲାଙ୍ଗୀରରେ ୧୨୩ କରୋନା ସଂକ୍ରମିତ

ବଲାଙ୍ଗୀର ଅଫିସ, ୯।୬

ବଲାଙ୍ଗୀର ଜିଲାରେ ସୋମବାର ସୁଦ୍ଧା ୧୨୩ ଜଣ କରୋନା ସଂକ୍ରମିତ ବୋଲି ଚିହ୍ନଟ କରାଯାଇଛି । ସେଥିରୁ ୬୧ ଜଣ ସକ୍ରିୟ ରହିଥିବାବେଳେ ୬୨ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସୁସ୍ଥ ସଂଖ୍ୟା ମଧ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ସୋମବାର ଦିନ ଟିଟିଲାଗଡ ବ୍ଲକ୍‌ର ଡିଆଟନ ଠାରେ ମୁମ୍ବାଇ ଫେରନ୍ତା ଜଣେ ସଂକ୍ରମିତ ଓ ରବିବାର ସୁଦ୍ଧା ଆଗଲପୁର ବ୍ଲକ୍ ସାଲେଡୁଙ୍ଗୁରି ପଞ୍ଚାୟତର ଜଣେ ତାମିଲନାଡୁ ଫେରନ୍ତା ସଂକ୍ରମିତ ଚିହ୍ନଟ ହୋଇଥିଲେ ।

## ବିହନ ଦୋକାନରେ କୃଷି ବିଭାଗର ଚଢ଼ାଉ

ବରଗଡ଼ ଅଫିସ୍,୯।୬

ବରଗଡ଼ ଜିଲା କୃଷିବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ଼ ମଙ୍ଗଳବାର ବରଗଡ଼ର ୪ଟି ବିହନ ଦୋକାନ ଉମାଶଙ୍କର ଶୁକ୍ଲା, ଇଣ୍ଡିଆନ ସିଡ୍ସ, ବିଜୟା ଟ୍ରେଡର୍ସ ଏବଂ ଉତ୍ତମ ବିହନ ଭଣ୍ଡାର ଉପରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ କାଗଜପତ୍ରରେ ଅନିୟମିତତା ଧରାପଡ଼ିଥିଲା। ଚାଷୀଙ୍କୁ ବହିନ ବିକୁଥିଲେ ମଧ୍ୟ ୩ଦୋକାନୀମାନେ ରସିଦ ଦେଉ ନଥିବା ଏବଂ ଚାଷୀଙ୍କ ସ୍ୱାକ୍ଷର ନେଉ ନଥିବା ଜଣାପଡ଼ିଥିଲା। କେବଳ ଉତ୍ତମ ବିହନ ଭଣ୍ଡାର ରସିଦ ଦେଉଥିବା ଜଣାପଡ଼ିଥିଲା ବୋଲି କୃଷିବିଭାଗ ପକ୍ଷରୁ ସୂଚନା ମିଳିଛି। ଦୋକାନୀମାନଙ୍କଠାରୁ ୪ଟି କିସମର ବିହନ ନମୁନା ସଂଗ୍ରହ କରାଯାଇଥିଲା।



ବରଗଡ଼ର ଏକ ଦୋକାନରେ କୃଷି ବିଭାଗର ଟିମ୍ ଚଢ଼ାଉ କରୁଛନ୍ତି ।

ସେହି ନମୁନାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଛି ଏବଂ ସମ୍ପୃକ୍ତ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ଜଣାଇଛନ୍ତି । ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ କୃଷି ଅଧିକାରୀ ରବି ନାରାୟଣ ସେନାପତି ପ୍ରମୁଖ ସାମିଲ ଥିଲେ।

## ଇନପୁଟ୍ ସବସିଡି ସହାୟତା ଦାବିକଲେ ଚାଷୀ

ବରଗଡ଼ ଅଫିସ୍,୯।୬

କୁଆପଥର ବୃଷ୍ଟି ଯୋଗୁ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ଜୁଣ୍ଡା ରାଜସ୍ୱ ସର୍କଲ ଅଧିନରେ ରହିଥିବା ଗ୍ରାମରେ ରବି ଫସଲ ଉଜୁଡ଼ି ଯାଇଥିଲା । ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳର ଚାଷୀଙ୍କୁ କୌଣସି ସହାୟତା ମିଳିନାହିଁ । ସହାୟତା ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରାଯାଉଥିଲେ ସୁଦ୍ଧା ସେ ନେଇ ଉକ୍ତ ଗ୍ରାମର ଚାଷୀଙ୍କୁ କୌଣସି ସୂଚନା ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଏପରିକି ଚାଷୀମାନେ ଇନପୁଟ୍ ସବସିଡି ସହାୟତା ପାଇଁ ଆବେଦନ କରିବାକୁ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ଗଲେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସମୟସୀମା ସରି ଯାଇଥିବା ଏବଂ ଉଦ୍ଦିଷ୍ଟ ଆବେଦନ ଫର୍ମ ନଥିବା କହୁଥିବା ଚାଷୀମାନେ କହିଛନ୍ତି । ଏଭଳି ଅଭିଯୋଗ ଆଣି ମଙ୍ଗଳବାର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି ।

## ଗାଁ ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା,୯।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ କୁମର୍ଟରିଆ ପଞ୍ଚାୟତର ଲାସେ ଗାଁ ନାଳରୁ ସେହି ଗାଁର ଜଣେ ଯୁବକ ମୃତଦେହ ମିଳିଛି । ଏହି ଯୁବକ ଜଣକ ହେଲେ ଲାସେ ଗ୍ରାମର ଜୋନାସ୍ ସାଙ୍ଗେ ମିଞ୍ଜ (୪୪) । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୦) ରୁଜୁ ହୋଇଛି । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ସେ ଗାଁରେ ବୁଲାବୁଲି କରିବା ପରେ ରାତିରେ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳୁ ଗାଁ ଲୋକେ ଶୌଚ ହେବା ପାଇଁ ନାଳକୁ ଯିବା ବେଳେ ସେ ଭାସୁଥିବା ଦେଖିଥିଲେ।

## ଶାନ୍ତନୁ ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାଶ

ସୋନପୁର/ତରଭା, (ନି.ପ୍ର./ଡି.ଏନ.ଏ)୯।୬

ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ଶାନ୍ତନୁ ରାଉତ(୨୫)ଙ୍କ ଉପରେ ହୋଇଥିବା ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ କରିଛି। ଗୁଳିକାଣ୍ଡର କାରଣ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷର ପରିଣାମ ବୋଲି ଜଣାଯାଇଛି। ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳର ୯ରୁ ଉର୍ଦ୍ଧ୍ୱ ବ୍ୟକ୍ତି ରବିବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ । ଶାନ୍ତନୁଙ୍କ ଗୋଷ୍ଠୀ କଣ୍ଟାମାଳ ଥାନା ଅନ୍ତର୍ଗତ ସାଙ୍କୁଜ ଛକରେ ଭ୍ୟାନ୍‌କୁ ଅଟକାଇ ଟଙ୍କା ମାଗିଥିଲେ । ଏଥିଯୋଗୁ ଉଭୟ ପକ୍ଷଙ୍କ ମଧ୍ୟରେ ରବିବାର ବିଳମ୍ବିତ ରାତିରେ ସଂଘର୍ଷ ହୋଇଥିଲା । ଗଞ୍ଜେଇ ଚାଲାଣକାରୀ ଶାନ୍ତନୁଙ୍କୁ କାବୁ କରିବା ସହ ଅକର୍ମଣ୍ୟ କରିବା ଲକ୍ଷ୍ୟରେ ତାଙ୍କ ଗୋଡ଼କୁ ଲକ୍ଷ୍ୟ କରି ଗୁଳିମାଡ କରିଥିଲେ । ତରଭା ଆଇଆଇସି ଡୋଳାମଣି ଭୋଇ ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେହିପରି ଏହି ଘଟଣା କଣ୍ଟାମାଳ ଥାନା ଅଧୀନରେ ଘଟି ଥିବାରୁ ମାମଲା ସେଠାକୁ ସ୍ଥାନାନ୍ତର ହେବ ବୋଲି ଭୋଇ କହିଛନ୍ତି ।

ତରଭା ଥାନା ଅଧୀନ ବ୍ରାହ୍ମଣୀ ପଞ୍ଚାୟତ ଭରାଡ ଗ୍ରାମର ରାଜେନ୍ଦ୍ର ରାଉତ ସୋମବାର ଅଭିଯୋଗ କରିଥିଲେ, ତାଙ୍କ ପୁଅ ଶାନ୍ତନୁଙ୍କୁ ରମେଇ ପାହାଡ ପାଦ ଦେଶ ନିଛାଟିଆ ରାସ୍ତାରେ ସୋମବାର ସକାଳେ ଗୁଳିମାଡ଼ ହୋଇଛି । ଶାନ୍ତନୁ ଦୁବୁଲା ପଞ୍ଚାୟତର ପଣ୍ଡରାପିଠା ଗ୍ରାମସ୍ଥିତ ବଡଭଉଣୀ ଘରକୁ ଟଙ୍କା ଆଣିବା ପାଇଁ ଯାଇଥିଲେ । ସକାଳେ ବାଇକ୍‌ରେ ନିଜ ଘର ଭରାଡ ଅଭିମୁଖେ ଫେରୁଥିଲା ବେଳେ ଅଜଣା ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ । ଶାନ୍ତନୁ ପ୍ରତିବାଦ କରିବାରୁ ସେମାନେ ଦୁଇ ଗୋଡ଼କୁ ଗୁଳିମାଡ କରି ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଗୁରୁତର ଅବସ୍ଥାରେ ଶାନ୍ତନୁଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ରାଜେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ତରଭା ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ପୋଲିସର ତଦନ୍ତ ସମୟରେ ଗୁଳିକାଣ୍ଡର ମୋଡ଼ ବଦଳି ଥିଲା। ପୋଲିସର ସୂଚନା ଅନୁଯାୟୀ ଶାନ୍ତନୁ ଓ ଭରାଡ ପଞ୍ଚାୟତ ରୁଗୁଡିପାଲି ଗ୍ରାମର ବିକ୍ରମ କେଶରୀ ସାହୁ ରବିବାର ରାତିରେ ତେଲ ନଦୀ ଅପରପାର୍ଶ୍ୱ ବୌଦ୍ଧ ଜିଲା ଛେପାପାଲିକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ୫ ଜଣଙ୍କ ସହ ମିଶି ଭୋଜି କରିଥିଲେ। ରାତି ସାଢେ ୩ଟାରେ କଣ୍ଟାମାଳ ଥାନା ପିଣ୍ଡାପଦର(ସାଙ୍କୁଜ ଛକ)ରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଥିଲେ। ଟଙ୍କା ମାଗିବାକୁ କେନ୍ଦ୍ର କରି ଭ୍ୟାନ୍‌ରେ ଥିବା ୨ ଜଣ ଓ ଗଞ୍ଜେଇ ଭ୍ୟାନ୍‌କୁ ସୁରକ୍ଷା ଦେବା ପାଇଁ ୩ଟି ବାଇକ୍‌ରେ ଆସିଥିବା ୬ରୁ ୭ ଜଣ ଗଞ୍ଜେଇ ଚାଲାଣକାରୀଙ୍କ ସହିତ ସେମାନଙ୍କ ଝଗଡା ହୋଇଥିଲା। ଏହା ଉଗ୍ର ସମୟରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା । ତେବେ ଶାନ୍ତନୁଙ୍କ ସହଯୋଗୀ ବିକ୍ରମ ଓ ବାପା ରାଜେନ୍ଦ୍ର ଭିନ୍ନ ରୂପ ଦେବା ପାଇଁ ଉଦ୍ୟମ କରିଥିଲେ। ପୋଲିସ ତଦନ୍ତ ପରେ ସତ୍ୟତା ଜଣା ପଡିଛି । ପୋଲିସ ଏହି ଘଟଣାରେ ବିକ୍ରମଙ୍କୁ ଅଟକ ରଖିଛି ।

## ଚାଷ ଛାଡ଼ିବା ନିଷ୍ପତ୍ତିରେ ଚାଷୀଙ୍କ ବାଇକ୍ ରାଲି

ସରଣ୍ଡା,୯।୬(ଡି.ଏନ.ଏ)

କୃଷିକ୍ଷେତ୍ରରେ ଚାଷୀଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କୃଷି ଶ୍ରମିକ ଅଭାବ ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅମଳ ପରେ ଧାନ ମଧ୍ୟ ଠିକ୍‌ଭାବେ ବିକ୍ରି ହେଉନାହିଁ। ସେହିପରି ଅମଳ ଧାନର ସହାୟକ ମୂଲ୍ୟ ଯଥେଷ୍ଟ କମ୍ ରହୁଥିବା ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ଫଳରେ ଆସନ୍ତା ଖରିଫରୁ ଚାଷ କରିବେ ନାହିଁ ବୋଲି ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଚକୁଳିଫାର୍ମ, ଲରାସରା ଅଞ୍ଚଳର



ଚକୁଳିଫାର୍ମରୁ ଲରାସରା ପର୍ଯ୍ୟନ୍ତ ଚାଷୀଙ୍କ ବାଇକ୍ ରାଲି ।

ଚାଷୀମାନେ ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ନେବା ପରେ ଚାଷୀମାନେ ମଙ୍ଗଳବାର ଏକ ବାଇକ୍ ରାଲିରେ ଚକୁଳିଫାର୍ମରୁ ଲରାସରା ଗ୍ରାମ ପର୍ଯ୍ୟନ୍ତ ଯାଇଥିଲେ । ଲରାସରା ସରପଞ୍ଚ ରଣଜିତ ସାହୁ, ସାଙ୍ଗାକାର ରାଓ, ଯଦୁମଣି ସାହୁ, ଚନ୍ଦ୍ରଶେଖର ଭୋଇ ପ୍ରମୁଖ ଚାଷୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମିଳିନି ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି

ସମ୍ବଲପୁର, ୯।୬ (ବ୍ୟୁରୋ)

କରୋନା ସମୟରେ ଶିକ୍ଷକମାନେ ମାଟ୍ରିକ୍ ଖାତା ମୂଲ୍ୟାୟନ କରିଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦେବାକୁ ସରକାର ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା ମିଳିନାହିଁ । ତେଣୁ ସମ୍ବଲପୁର ଡେଲିଲୁଇସ ଗର୍ଲ୍ସ ହାଇସ୍କୁଲ ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାୟନ କରୁଥିବା ଶିକ୍ଷୟିତ୍ରୀଶିକ୍ଷକମାନେ କେନ୍ଦ୍ର ନିରୀକ୍ଷକ ଉଜାଗର ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ଜିଲାପାଳ, ବିଧାୟକଙ୍କୁ ଫେରାଦ ହେଲେ ଦୁଗ୍ଧ ଚାଷୀ

ସମ୍ବଲପୁର, ୯।୬ (ବ୍ୟୁରୋ)

ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘର ଚାଷୀମାନେ ମଙ୍ଗଳବାର ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ସାଧାରଣ ପରିଚାଳକ ନଗେନ୍ଦ୍ର ମିଶ୍ର ଅନିୟମିତତା କରିଥିବା ନେଇ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସାଧାରଣ ପରିଚାଳକ କରୋନା ସମୟରେ ଚାଷୀମାନଙ୍କର ଉତ୍ପାଦିତ ସମସ୍ତ ଦୁଗ୍ଧ କିଣିବାର ବ୍ୟବସ୍ଥା କରୁନାହାନ୍ତି। ବିନା ସର୍କୁଲାର ସୂଚନାରେ ଦୁଗ୍ଧ ସଂଗ୍ରହ ବନ୍ଦ କରି ଦେଇଛନ୍ତି । ଫଳରେ ଚାଷୀମାନେ ଉତ୍ପାଦିତ ଦୁଗ୍ଧ ବିକ୍ରି କରିବା କଷ୍ଟକର ହୋଇପଡିଛି ବୋଲି କହିଛନ୍ତି । ଏପରିକି ସେ ଗସ୍ତ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । ପୂର୍ବରୁ ମଧ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। କ୍ଷମତାର ଅପବ୍ୟବହାର କରି କିଛି ଲୋକମାନଙ୍କୁ ସୁହାଇଲା ଭଳି ସେ କାମ କରୁଛନ୍ତି । ଅନ୍ୟପଟେ ଆକ୍ରୋଶ ମୂଳକ ଭାବେ ସମବାୟ ସମିତିଗୁଡିକୁ ବିଭିନ୍ନ ସମୟରେ ହଇରାଣ ହରକତ କରୁଛନ୍ତି। ସଂଘ ନାମରେ ଥିବା ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଯାହାର ଏପର୍ଯ୍ୟନ୍ତ ହିସାବ ଦିଆଯାଉନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦୁଗ୍ଧ ଚାଷୀମାନେ ଦାବି କରିଛନ୍ତି। ଖରମୁଣ୍ଡା ଦୁଗ୍ଧ ଉତ୍ପାଦକ ସମବାୟ ସମିତି ସଭାପତି ଚିତ୍ତରଞ୍ଜନ ଭୋଇ, ଗାଇସୀମା ସଭାପତି ଚନ୍ଦ୍ରକାନ୍ତି ଷଡଙ୍ଗୀ, ଏସ. ରାମପୁର ରନ୍ତିଦେବ ପୂଜାହାରୀ, ଲରମ୍ଭା ସଭାପତି ଅମ୍ବିକା ପ୍ରସାଦ ପଣ୍ଡା, ବରପାଲି ସଭାପତି ଆନନ୍ଦ କୁମାର ସାହୁ, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ସମ୍ପର୍କରେ ବିଧାୟକ ମିଶ୍ର କହିଛନ୍ତି ଯେ, ଚାଷୀମାନଙ୍କୁ ହଇରାଣ ନ କରି କିଭଳି ତାଙ୍କର ଦୁଗ୍ଧ କିଣା ହେବ ଓ ସେମାନେ ସମସ୍ତ ସୁବିଧା ପାଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରିବା ଉଚିତ । ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ମଧ୍ୟ ତଦନ୍ତ କରାଯାଉ ବୋଲି ବିଧାୟକ ମିଶ୍ର ଦାବି କରିଥିଲେ । ତେବେ ଦୁଗ୍ଧଚାଷୀମାନଙ୍କ ଅଭିଯୋଗ ଉପରେ ସାଧାରଣ ପରିଚାଳକଙ୍କ ମତାମତ ମିଳିପାରିନାହିଁ ।

**ମନମାନି କରୁଛନ୍ତି ସାଧାରଣ ପରିଚାଳକ**



ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘର ଚାଷୀମାନେ ମଙ୍ଗଳବାର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି ।

## ଖୋଲା କୂଅ ନିର୍ମାଣରେ ଦୁର୍ନୀତି

ଜୁନାଗଡ,୯।୬(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଳ ଗାଁରେ ନିର୍ମିତ ଖୋଲା କୂଅ(ଓପନ୍ ୱେଲ୍) କାମରେ ଦୁର୍ନୀତି ଅଭିଯୋଗ ହୋଇଛି। ନିର୍ମାଣର କିଛିମାସ ପରେ କୂଅର ଗୋଟିଏ ପଟ ଦବିଯିବା ସହ ଫାଟ ହେବା ହିଁ ଏହା ପ୍ରମାଣ କରୁଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବସୁଧା ଯୋଜନାରେ ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁନ୍ଦେଲମାଳ ଗ୍ରାମର ଏହି ଖୋଲା କୂଅ ନିର୍ମାଣ କରାଯାଇଥିଲା। ହେଲେ କାମ ପାଇ ଥିବା ଠିକାଦାର ଅଟକଳ ଅନୁଯାୟୀ କାମ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଏହା ଦବିବା ସହ ଫାଟ ହୋଇଥିଲା। ଏହା ଜଣାପଡିବା ପରେ ଠିକାଦାର ତରବରିଆ ଭାବେ ଫାଟଗୁଡିକୁ ମରାମତି କରିଛନ୍ତି। ଫଳରେ କୂଅର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଜଣାପଡିବା ପରେ ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପରିଦର୍ଶନ କରି ନିଜ କାମ ସାରି ଦେଇଛନ୍ତି। ଏବେ ଏହି କୂଅ ଲୋକଙ୍କ କାମରେ ମଧ୍ୟ ଆସୁନାହିଁ। ହେଲେ କୂଅର କାନ୍ଥ ଦବି ନାହିଁ। ତାହା ଆରମ୍ଭରୁ ଏମିତି ଅଛି। ସେହିପରି କଂକ୍ରିଟ ଫାଟି ନାହିଁ, ବରଂ ପ୍ଲାଷ୍ଟର ଫାଟିଛି ବୋଲି ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ସିଂ ସଫେଇ ଦେଇଛନ୍ତି।

## ସଂକ୍ଷେପରେ

### ସରପଞ୍ଚଙ୍କ ସମେତ ୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

**ସୁନ୍ଦରଗଡ,୯।୬ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ପୁଣି ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସବ୍‌ଡେଗା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର (ଟିଏମ୍‌ସି )ରୁ ଏହି ଆକ୍ରାନ୍ତଙ୍କ ମଧ୍ୟରେ ୪ଜଣ ମହାରାଷ୍ଟ୍ର ଫେରନ୍ତା। ଅନ୍ୟ ୩ଜଣଙ୍କ ମଧ୍ୟରେ ଜଣେ ସରପଞ୍ଚ ଓ ୨ଜଣ ଜଗୁଆଳି ରହିଛନ୍ତି। ଏହି ୭ଜଣ ଆକ୍ରାନ୍ତଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଏହା ପରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡମକୁଡା ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିବା ଜିଲାପାଳ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି। ତେବେ ସରପଞ୍ଚଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ପରେ ସବଡେଗା ବ୍ଲକ କର୍ମଚାରୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ସକାଶେ ପଠାଯାଇଛି।

### ଦେବଗଡ଼ରେ ପୁଣି ୫ କରୋନା ପଜିଟିଭ ଚିହ୍ନଟ

**ଦେବଗଡ,୯।୬(ଡି.ଏନ.ଏ.):** ଦେବଗଡ ଜିଲାରେ ଆଉ ୫ କରୋନା ପଜିଟିଭ ଚିହ୍ନଟ ହୋଇଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪ ଜଣ ତାମିଲନାଡୁ ଫେରନ୍ତା ପ୍ରବାସୀ ଶ୍ରମିକ ରହିଥିବା ବେଳେ ଜଣେ ଓମାନ ଫେରନ୍ତା। ସମସ୍ତେ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ପଜିଟିଭ ରିପୋର୍ଟ ଆସିବା ପରେ ସମସ୍ତଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଦେବଗଡ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ତେବେ ବର୍ତ୍ତମାନ ସୁଦ୍ଧା ଦେବଗଡ ଜିଲାରେ କରୋନା ପଜିଟିଭ ଆକ୍ରାନ୍ତଙ୍କ ସଂଖ୍ୟା ମୋଟ ୩୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩୨ ଜଣ ସୁସ୍ଥ ହୋଇଛନ୍ତି।

### ଶ୍ୟାମ ମେଟାଲିକ୍ସରେ ପୁଣି ଜଣେ ଶ୍ରମିକଙ୍କ ଜୀବନ ଗଲା

**ରେଙ୍ଗାଲି, ୯।୬ (ଡି.ଏନ.ଏ):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାରେ କାରଖାନାରେ ସୋମବାର ବିଳମ୍ବିତ ରାତିରେ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କଦଳୀପିଠା ଗ୍ରାମର ଦଶରଥ ମିର୍ଦ୍ଧା (୩୧)। ସେ ଡବ୍ଲୁଆରଏମ ସାଇଡରେ କାମ କରୁଥିବା ବେଳେ ବେୟର ବେଲ୍ଟରେ ଲାଗି ଯାଇ ଛିଟିକି ପଡି ଏକ ଲୁହା ମେସିନରେ ପିଟି ହୋଇଥିଲେ । ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ପରେ ତାଙ୍କୁ ବରଗଡ ସ୍ଥିତ ବିକାଶ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବରଗଡରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀ ପକ୍ଷରୁ ଦଶରଥଙ୍କ ସ୍ତ୍ରୀଙ୍କୁ ଅନ୍ତେଷ୍ଟି କ୍ରିୟା ପାଇଁ ୫୦ ହଜାର ଟଙ୍କା ଓ ପରିବାର ଭରଣପୋଷଣ ପାଇଁ ୧୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି ।

# ଜବରଦଖଲ ଉଚ୍ଛେଦ କରା ନ ଯାଇ ଚାଲିଛି ଡ୍ରେନ୍ ନିର୍ମାଣ

**ସମ୍ବଲପୁର,୯।୬(ବ୍ୟୁରୋ)**

ଫାଟକ(ଓଭରବ୍ରିଜ୍)ରୁ କଟଧୁଆ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାମ ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଛି। ହେଲେ ଜବର ଦଖଲ ଉଚ୍ଛେଦ ନ କରି ଡ୍ରେନ୍ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି । ପ୍ରଥମେ ଜବରଦଖଲ ଉଚ୍ଛେଦ କରି ଡ୍ରେନ୍ ନିର୍ମାଣ କରିବାର ଆବଶ୍ୟକ ଥିଲା । ଯଦି ଡ୍ରେନ୍ ନିର୍ମାଣ ସରିଯିବ ତା'ହେଲେ ଜବରଦଖଲରେ ଥିବା ଦୋକାନ ବଜାର ଉଚ୍ଛେଦ ହୋଇପାରିବ ନାହିଁ । ଅନ୍ୟପକ୍ଷେ ଜବରଦଖଲ ଉଚ୍ଛେଦ କରା ନ ଗଲେ ରାସ୍ତା ସଙ୍କୁଚିତ ହୋଇଯିବ । ଲୋକମାନେ ପୂର୍ବରୁ ଯେପରି ସମସ୍ୟା ଭୋଗୁଥିଲେ ସେହି ଦୁଃଖ ଭୋଗିବେ । ସ୍ଥାନୀୟ ଲୋକେ କହିଛନ୍ତି, ଜବରଦଖଲ କରିଥିବା ବ୍ୟବସାୟୀମାନେ ଜମି ଛାଡିବାକୁ ରାଜି ହୋଇଥିଲେ । ହେଲେ ମହାନଗର ନିଗମ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ କରିଥିଲେ । ଏଭଳି କାମ ବନ୍ଦ କରାଯାଉ, ପ୍ରଥମେ ଉଚ୍ଛେଦ ପ୍ରକ୍ରିୟା ଶେଷ ହେଉ ବୋଲି ସହରବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ମହାନଗର ନିଗମ କମିଶନର ଯୁଗଳେଶ୍ୱରୀ ଦାସ କହିଛନ୍ତି, ଜବର ଦଖଲ ଉଚ୍ଛେଦର ଆବଶ୍ୟକତା ରହିଛି । ଏନେଇ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ।

ସୂଚନାଯୋଗ୍ୟ, ଅଳ୍ପ ବର୍ଷା ହେଲେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଥାଏ । ବହୁ ସମୟ ଧରି ବର୍ଷା ଜଳ ରାସ୍ତା ଉପରେ ଜମି ରୁହେ । ସହରରେ ଥିବା ଡ୍ରେନ୍‌ରେ ଆବର୍ଜନା ଜମି ରହିଥିବାରୁ ବର୍ଷାଜଳ ନିଷ୍କାସନରେ ସମୟ ଲାଗେ । ଅଧିକାଂଶ ଡ୍ରେନ୍ ଭାଙ୍ଗି ପଡିଛି । ଆଉ କେତେକ ସ୍ଥାନୀୟ ଲୋକମାନେ ଜବର ଦଖଲ କରିଛନ୍ତି । ଡ୍ରେନ୍ ଉପରେ ଦୋକାନ ବଜାର ଥିବାରୁ ସଫେଇରେ ବାଧା ସୃଷ୍ଟି ହୋଇଥାଏ । ହେଲେ ଏ ସଂକ୍ରାନ୍ତରେ ମହାନଗର ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଣେ ଜବରଦଖଲ ଉଚ୍ଛେଦ କରା ନ ଯାଇ ନାଳ ନିର୍ମାଣ ଆରମ୍ଭ କରାଯାଉଛି। ଯାହା ବର୍ଷା ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି ସ୍ପଷ୍ଟ ହୋଇଛି।

ଫାଟକ ଓଭରବ୍ରିଜ୍ ନିକଟରେ ଡ୍ରେନ କାମ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। କଟଧୁଆ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କରିବାକୁ ଯୋଜନା ରହିଛି । ଏଥିପାଇଁ ପ୍ରାୟ ୪୫ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ମହାନଗର ନିଗମ ପକ୍ଷରୁ କାମ ତଦାରଖ କରାଯାଉଛି ।


ସମ୍ବଲପୁର ଫାଟକ ଅଞ୍ଚଳରେ ଡ୍ରେନ କାମ ଆରମ୍ଭ ହୋଇଛି ।


ଜନନାୟିକା ନନ୍ଦିନୀ ଶତପଥୀଙ୍କ ୮୯ତମ ଜନ୍ମ ତିଥିରେ ମଙ୍ଗଳବାର ସମ୍ବଲପୁର ଧରିତ୍ରୀ ସିଟି ଅଫିସଠାରେ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ସଡ଼କ ଦୁର୍ଘଟଣାରେ ୨ ଠିକାଦାରଙ୍କ ମୃତ୍ୟୁ

**ସୋନପୁର,୯।୬(ନି.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା ଅଧୀନ କତଡା ନିକଟରେ ସୋମବାର ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସୁବର୍ଣ୍ଣପୁର ଜିଲାର ୨ ଠିକାଦାରଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ଦୁଇ ଠିକାଦାରଙ୍କ ଅନ୍ତିମ ସଂସ୍କାର ଜନ୍ମମାଟିରେ ଶୋକାକୁଳ ପରିବେଶରେ ସମ୍ପନ୍ନ ହୋଇଛି। ମୃତ ଠିକାଦାର ହେଲେ ତରଭା ଥାନା ବ୍ରାହ୍ମଣିପାଲି(ସାଗରତଳ)ର ଚନ୍ଦ୍ରଶେଖର ମହାପାତ୍ର(୫୨) ଓ ସୋନପୁର ସହର ଘୋଡାଘାଟପଡାର ଶ୍ରୀକାନ୍ତ ମହାନ୍ତି(୩୦)। ଚନ୍ଦ୍ରଶେଖର ଜିଲାର ଜଣେ ପ୍ରତିଷ୍ଠିତ ଠିକାଦାର ଥିଲେ। ସେହିଭଳି ଶ୍ରୀକାନ୍ତ ସୁବର୍ଣ୍ଣପୁର ଜିଲା ଠିକାଦାର ସଂଘର ସାଧାରଣ ସମ୍ପାଦକ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ପହଞ୍ଚିବା ପରେ ମହାନଦୀ କୂଳ ଗୋକର୍ଣ୍ଣେଶ୍ୱର ଘାଟ ଶ୍ମଶାନରେ ଶ୍ରୀକାନ୍ତଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେହିପରି ନିଜ ଗାଁ ଦେଉଳପଦର ପଞ୍ଚାୟତ ବ୍ରାହ୍ମଣିପାଲିସ୍ଥିତ ସୁକତେଲ ନଦୀ କୂଳ ଶ୍ମଶାନରେ ଚନ୍ଦ୍ରଶେଖରଙ୍କ ଅନ୍ତିମ ସଂସ୍କାର ହୋଇଛି। ପ୍ରକାଶ ଯେ, ମୃତ ଚନ୍ଦ୍ରଶେଖର ଓ ଶ୍ରୀକାନ୍ତ ସୋମବାର ସକାଳେ ଏକ କାର (ନଂ ଓଡି୦୩-ଇ-୦୦୩୩ )ଯୋଗେ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ । କାମ ସାରି ଅପରାହ୍ନରେ ଫେରୁଥିବା ବେଳେ ଅନୁଗୋଳ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥର କତଡା ନିକଟରେ କାର ସହ ମିକ୍ସଚର ମେଶିନ ବୋଝେଇ ଟ୍ରକ୍ (ଓଡି୧୯-୬୧୨୧ )ର ମୁହାଁମୁହିଁ ଧକ୍କା ହୋଇଥିଲା । ଅପରାହ୍ନ ସାଢେ ୪ଟାରେ ଘଟିଥିବା ଏହି ଦୁର୍ଘଟଣାରେ ଦୁଇ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଉଭୟ କାର ଓ ଟ୍ରକ୍ ରାସ୍ତା କଡକୁ ଓଲଟି ପଡିଥିଲା । କାର ଚାଳକ ଘୋଡାଘାଟପଡାର ସୁଶାନ୍ତ ମହାରଣା ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

**ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର**

## ବଜ୍ରପାତରେ ମତ୍ସ୍ୟଜୀବୀଙ୍କ ଜୀବନ ଗଲା

**ଦେବଗଡ,୯।୬,(ଡି.ଏନ.ଏ)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ବାଘମାରୀ ଗ୍ରାମ ନିକଟସ୍ଥ ରେଙ୍ଗାଳି ଡ୍ୟାମ୍ (ବ୍ରାହ୍ମଣୀ ନଦୀ)କୁ ମାଛ ମାରିବାକୁ ଯାଇଥିବା ବେଳେ ବଜ୍ରପାତରେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜିତୁ ଧିବର(୨୬)। ସେ ଫେରିବା ସମୟରେ ଏହି ଅଘଟଣ ଘଟିଛି। ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ସୂଚନା ପାଇ ଖଇରପାଲି ଫାଣ୍ଡି ପୋଲିସ ପହଞ୍ଚି ଜିତୁଙ୍କ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ପ୍ରବାସୀ ଶ୍ରମିକଙ୍କ ପାଇଁ ଆଇନ ସହାୟତା କେନ୍ଦ୍ର ସ୍ଥାପିତ

**ଝାରସୁଗୁଡ଼ା ଅଫିସ,୯।୬**

ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ପ୍ରଶାସନ ସହଯୋଗରେ ଆଇନ ସହାୟତା ଆବଶ୍ୟକ କରୁଥିବା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟ ପରିସରରେ ଏକ ଅସ୍ଥାୟୀ ଆଇନ ସହାୟତା କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଆଇନ ସେବା ପ୍ରାଧିକରଣର ରିଟେନର ଓ କର୍ମଚାରୀ ସେମାନଙ୍କୁ ଆଇନ ସହାୟତା ଯୋଗାଇବେ। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ଜାନକୀ ବିଶ୍ୱାଳ, ରିଟେନର ଅଶୋକ କୁମାର ପଟ୍ଟଯୋଶୀ, ଜିଲା ଶ୍ରମ ଅଧିକାରୀ କେ.ଏମ. ରାଉତ, ଆଇନଜୀବୀ ସାଜଦା ବେଗମ ଓ ରୁପାଲି ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟିଏମ୍‌ସିରେ ଦଳିତ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

# ଅଭିଯୁକ୍ତ ସରପଞ୍ଚଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା

**ଡୁଙ୍ଗୁରିପାଲି, ୯।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରିବାଞ୍ଜି ୟୁପି ସ୍କୁଲ(ଟିଏମସି-୨)ରେ ଜଣେ ପ୍ରବାସୀ ଦଳିତ ଯୁବତୀଙ୍କୁ ସରପଞ୍ଚ ବନମାଳୀ ସା ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଦୁଇଦିନ ପରେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପ୍ରତିବାଦରେ ଜିଲା ଭୀମ ଆର୍ମି ପକ୍ଷରୁ ମଙ୍ଗଳବାର ରାମପୁର ଥାନା ଆଗରେ ଧାରଣା ଦିଆଯାଇଥିଲା। ସମ୍ପାଦକ ସୁବାଷ ଚନ୍ଦ୍ର ସୁନା, ଜିଲା ସଭାପତି ସମ୍ରାଟ ସୁରଜ କୁଶଳ, ଲଙ୍କେଶ ରାବଣ, ମହେନ୍ଦ୍ର ସୁନା, ପ୍ରଦୀପ ଜାଲ, ଗରିବ ବାଗ, ଅଶୋକ ନାଏକ ପ୍ରମୁଖ ଧାରଣା ଦେଇଥିଲେ। ଖବର ପାଇ ସୋନପୁର ଅତିରିକ୍ତ ଏସ୍.ପି. ରମେଶ କୁମାର ପାଣିଗ୍ରାହୀ ଓ ଏସ୍‌ଡିପିଓ ମିହିର କୁମାର ପଣ୍ଡା ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ଧାରିବାଞ୍ଜି ପଞ୍ଚାୟତ କୁଲଥୁପାଲିର ଜଣେ ୧୮ ବର୍ଷୀୟ ଯୁବତୀ ତାମିଲନାଡୁରେ କାମ କରୁଥିଲେ। ଗତ ୧ ତାରିଖରେ ଫେରି ସେ ଟିଏମ୍‌ସିରେ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ସରପଞ୍ଚ ଟିଏମ୍‌ସିକୁ ଆସି ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ କରିବା ପରେ ଅତିଷ୍ଠ ହୋଇ ନ୍ୟାୟ ପାଇଁ ଭିଡିଓ ବାର୍ତ୍ତାରେ ସହାୟତା ଲୋଡିଥିଲେ। ଥାନାରେ ଏତଲା ପରେ ପୋଲିସ ମାମଲା ରୁଜୁ କରିଥିଲା। ଆଇଆଇସି ଭାନୁପ୍ରତାପ ଯାଦବ ସଙ୍ଗରୋଧ କେନ୍ଦ୍ରକୁ ଯାଇ ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ । ଜଣେ ପିଅନଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିଲା । ସୋମବାର ଜିଲା ଭୀମ ଆର୍ମି କର୍ମୀ ଥାନାକୁ ଯାଇ ୧୨ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ । କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ କର୍ମୀମାନେ ତହସିଲ କାର୍ଯ୍ୟାଳୟରୁ ଯାଇ ଥାନା ଆଗରେ ଧାରଣା ଦେଇଥିଲେ।


ଥାନା ଆଗରେ ଧାରଣା ଦିଆଯାଇଛି।

# ରାସ୍ତାକାମ ନ କରି ବିଲ୍ ଉଠାଣ
# କନିଷ୍ଠ ଯନ୍ତ୍ରୀ ବହିଷ୍କୃତ, ଏସ୍‌ଡିଓ ନିଲମ୍ବିତ

**ବରଗଡ଼ ଅଫିସ୍,୯।୬**


ତପନ ଦାଶ


ଗଗନ ବିହାରୀ ମିଶ୍ର

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଅଧୀନରେ ଥିବା ଭେଡ଼େନ ବ୍ଲକ ଅନ୍ତର୍ଗତ ଦବକା ଏବଂ ବଇପୁର ଛକରୁ ଆଖିଫୁଟା ରାସ୍ତା ପାଇଁ ମଞ୍ଜୁର ଟଙ୍କାକୁ ବିନା କାମରେ ବିଲ୍ ଉଠାଣ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ଘଟଣାରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ତପନ ଦାଶଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିବା ବେଳେ ଏସ୍‌ଡ଼ିଓ ଗଗନ ବିହାରୀ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି।

ସୂଚନା ଅନୁଯାୟୀ, ଦବକା ଏବଂ ବଇପୁର ଛକରୁ ଆଖିଫୁଟା ୨ଟି ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ଲକ୍ଷ ୬୧ହଜାର ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିଲା। ଏଥିରେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଘାସଲଟା ସଫା କରିବା ସହିତ ମୋରମ୍ ବିଛାଇବା କାମ ରହିଥିଲା। ଏହି ଦୁଇଟି ରାସ୍ତାରେ କିଛି କାମ ହୋଇ ନ ଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାର ସଲାସୁତୁରା କରି ସମୁଦାୟ ମଞ୍ଜୁର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବିଭାଗୀୟ ତଦନ୍ତ ହୋଇଥିଲା ଏବଂ ତଦନ୍ତରୁ ଅନିୟମିତତା ପଦାକୁ ଆସିଥିଲା। ଏହି ଅନିୟମିତତା ଘଟଣାକୁ ନେଇ ଏପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠନ ହୋଇ ନ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣା ଏବେ ଏଠାରେ ଚର୍ଚ୍ଚାରେ ବିଷୟ ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ମିଶ୍ରଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀ ବହିଷ୍କୃତ ଏବଂ ଏସଡ଼ିଓ ନିଲମ୍ବିତ ହୋଇଛନ୍ତି ଏବଂ ସମ୍ପୃକ୍ତ ଠିକାଦାରଙ୍କ ବିଷୟରେ ସରକାର ନିଷ୍ପତ୍ତି ନେବେ ବୋଲି କହିଥିଲେ। ଏହି ଘଟଣାରେ ଜଣେ ବିଭାଗୀୟ ଡ୍ରାଇଭରଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେବା ପରେ ତାଙ୍କୁ ପୂର୍ବରୁ ଅନ୍ୟତ୍ର ବଦଳି କରାଯାଇଛି।

# ଆର୍ଥିକ ସହାୟତା ଦାବିକଲେ ଦୁଲ୍‌ଦୁଲି କଳାକାର

**ବଲାଙ୍ଗୀର ଅଫିସ, ୯।୬**

କରୋନା ମହାମାରୀଜନିତ ଲକ୍‌ଡାଉନ ବଲାଙ୍ଗୀର ଜିଲାର ଦୁଲଦୁଲି ବାଜା ମାଲିକ ଓ କଳାକାରଙ୍କୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛି। ଆର୍ଥିକ ସହାୟତା ପାଇଁ ବାଜା ମାଲିକ ଓ କଳାକାର ସଂଘ କର୍ମକର୍ତ୍ତା ମଙ୍ଗଳବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋଭିଡ୍ କଟକଣା ଯୋଗୁ ଚଳିତବର୍ଷ କଳାକାରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିବାହ, ବ୍ରତ ଓ ଅନ୍ୟାନ୍ୟ ଉତ୍ସବ ଆଡ଼ମ୍ବର ସହକାରେ ହେଉ ନ ଥିବାରୁ ଦୁଲଦୁଲି ପରି ବାଦ୍ୟର ଉପଯୋଗ ହେଉନାହିଁ। ଏଥିଯୋଗୁ ଜିଲାର ପ୍ରାୟ ୫୦ଟି ବାଜା ପାର୍ଟିର ୨ହଜାର ପରିବାର ଭୋକ ଉପାସରେ ଦିନ କାଟୁଥିବା କଳାକାରମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ବର୍ଗର ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଏହି ପରିସ୍ଥିତିରେ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ସଂଘ ସଭାପତି ତ୍ରିନାଥ କଣ୍ଡେଲ, ସମ୍ପାଦକ ଘାସିରାମ ପଟେଲଙ୍କ ସମେତ ଜିଲ ଦୁଲଦୁଲି ମାଲିକ ସଂଘ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ବିନିକା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଧାରଣା

**ବିନିକା,୯।୬(ଡି.ଏନ୍.ଏ.):** ୩ ଦଫା ଦାବି ନେଇ ବିନିକା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା । ସଭାପତି ଲକ୍ଷ୍ମଣ ସାହୁଙ୍କ ନେତୃତ୍ୱରେ ୧୬ ପଞ୍ଚାୟତର ସରପଞ୍ଚ ଧାରଣାରେ ସାମିଲ ହୋଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୩ ଦଫା ଦାବି ମଧ୍ୟରେ ସରପଞ୍ଚ ଓ କର୍ମଚାରୀଙ୍କ ସୁରକ୍ଷା ଦାବି ରହିଛି ।

### ଦରମା ବିଲ୍ ପାସ୍ ପାଇଁ ୧୫ଶହ ଟଙ୍କା ଲାଞ୍ଚ

# ଜିଲାପାଳଙ୍କ ଅଫିସ କିରାଣି ଗିରଫ

**ସମ୍ବଲପୁର,୯।୬(ବ୍ୟୁରୋ)**

ଦରମା ବିଲ୍ ପାସ୍ କରିଦେବା ପାଇଁ ୧୫ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଜିଲାପାଳଙ୍କ ଅଫିସର କିରାଣି ଶିବରାମ ମହାରଣା ମଙ୍ଗଳବାର ଭିଜିଲାନ୍ସ ଅଧିକାରଙ୍କ ହାତରେ ଧରାପଡିଛନ୍ତି। ତାଙ୍କ ପାଖରୁ କେମିକାଲ ପ୍ରଲେପ ଦିଆ ୩ଟି ୫ଶହ ଟଙ୍କିଆ ନୋଟ୍ ଜବତ କରାଯାଇଛି । ସମ୍ବଲପୁର ଭିଜିଲାନ୍ସ ଅଫିସରେ ଏକ ମାମଲା ରୁଜୁ ହୋଇଛି। ଶିବରାମଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।

ଏକ ମାମଲାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଡ୍ରାଇଭର ଦେବେନ୍ଦ୍ର ରନବିଡା ଓ ଅନ୍ୟ ଜଣେ କର୍ମଚାରୀ ନିଲମ୍ବିତ ହୋଇଥିଲେ। ସେଥିପାଇଁ ସେମାନଙ୍କୁ ଦରମା ମିଳି ନ ଥିଲା । ରନବିଡା କିରାଣି ମହାରଣାଙ୍କ ପାଖକୁ ଆସି ଦରମା ବିଲ୍ ପାସ୍ କରିବାକୁ ଅନୁରୋଧ କରିଥିଲେ। ହେଲେ କିରାଣି ମହାରଣା ତାଙ୍କୁ ଲାଞ୍ଚ ମାଗିଥିଲେ । ରନବିଡା ତାଙ୍କୁ ଏକାଧିକବାର ୫ ଶହ ଟଙ୍କା ଲେଖାଏ ଦେଇଥିଲେ । ହେଲେ ୪ ହଜାର ଟଙ୍କା ନ ଦେଲେ ଦରମା ବିଲ୍ ପାସ୍ ହେବନି ବୋଲି ସେ କହିଥିଲେ । ଶେଷରେ ରନବିଡା ତାଙ୍କୁ ଆଉ ୧୫ଶହ ଟଙ୍କା ଦେବେ ବୋଲି କଥା ଛିଡିଥିଲା । ରନବିଡା ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ । ଭିଜିଲାନ୍ସର ଏକ ଟିମ୍ ଜିଲାପାଳ ଅଫିସରେ ଛପି ରହିଥିଲେ। କିରାଣି ମହାରଣା ରନବିଡାଙ୍କଠାରୁ ୧୫ଶହ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ।


ଶିବରାମ ମହାରଣା ।

## ସରପଞ୍ଚଙ୍କୁ ଗିରଫ ଦାବି କଲା ଓଡ଼ିଆ ଅଧ୍ୟାପକ ସମ୍ମିଳନୀ

**ବଲାଙ୍ଗୀର ଅଫିସ, ୯।୬**

ବଲାଙ୍ଗୀର ଜିଲା ଲାଠୋର ପଞ୍ଚାୟତ ଜୁନିଅର କଲେଜର ଓଡିଆ ଅଧ୍ୟାପକ ତଥା କଲେଜ ଅଧ୍ୟକ୍ଷ ଡ. ନାରାୟଣ ପ୍ରଧାନଙ୍କୁ ଲାଠୋର ପଞ୍ଚାୟତର ସରପଞ୍ଚ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଘଟଣାକୁ ବଲାଙ୍ଗୀର ଜିଲା ଓଡିଆ ଅଧ୍ୟାପକ ସମ୍ମିଳନୀ ତରଫରୁ ନିନ୍ଦା କରାଯାଇଛି। ଅଭିଯୁକ୍ତ ସରପଞ୍ଚଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହିତ ତାଙ୍କୁ ଗିରଫ କରିବାକୁ ଜିଲାପାଳ ଓ ଏସପିଙ୍କଠାରେ ନିବେଦନ କରାଯାଇଛି । ଅଭିଯୁକ୍ତ ସରପଞ୍ଚଙ୍କୁ ତୁରନ୍ତ ଗିରଫ ନ କଲେ ସମ୍ମିଳନୀର ଏକ ପ୍ରତିନିଧି ଜିଲାପାଳଙ୍କୁ ଓାକ୍ଷାତ କରିବେ ବୋଲି ସମ୍ମିଳନୀ ତରଫରୁ ପ୍ରାଧ୍ୟାପକ ପ୍ରସନ୍ନ କୁମାର କର୍ଣ୍ଣ, ଅଶୋକ କୁମାର ପଣ୍ଡା, ପରମେଶ୍ୱର ସିଂ, ବିମଳ କିଶୋର ସାହୁ, ସୁଜାତା ଗୁରୁ, ପ୍ରସନ୍ନ ସାହୁ, ଡ. ଜୟପ୍ରକାଶ ମିଶ୍ର, ନାରାୟଣ ସାହୁ, ଚାରୁଲତା ମିଶ୍ର, ଦାଶରଥି ପଟେଲ, ବାସୁଦେବ ଛତ୍ରିଆ, ରବୀନ୍ଦ୍ର ସେଠ୍ ଓ ଜୟକୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ସମ୍ପର୍କୀୟଙ୍କ ନାଁରେ ୨ଆବାସ ଘର ହାତେଇଥିଲେ ସରପଞ୍ଚ

**ଲୋଇସିଂହା, ୯।୬ (ଡି.ଏନ୍.ଏ.)**

- ତଦନ୍ତ ପରେ ସତ ପଦାକୁ ଆସିଲା
- ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କୁ ଜିଲାପାଳଙ୍କ ସୁପାରିସ
- ୩ ମାସ ବିତିଲା ସରକାରୀ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ସରପଞ୍ଚ ବ୍ରଜ ପୁଟେଲ ନିଜ କ୍ଷମତାର ଅପବ୍ୟବହାର କରି ନିଜର ଦୁଇ ସମ୍ପର୍କୀୟଙ୍କ ନାଁରେ ୨ଟି ଗ୍ରାମୀଣ ଆବାସ ଘର ହାତେଇଥିବା ଅଭିଯୋଗ ହୋଇଥିଲା। ପ୍ରଶାସନିକ ତଦନ୍ତ ପରେ ଅଭିଯୋଗର ସତ୍ୟତା ଜଣାପଡିଥିଲା। ବଲାଙ୍ଗୀର ଉପଜିଲାପାଳ ତାଙ୍କ ତଦନ୍ତ ରିପୋର୍ଟରେ ସରପଞ୍ଚଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସତ୍ୟ ବୋଲି ଉଲ୍ଲେଖ କରି ଉଭୟ ଆବାସ ବାବଦ ଟଙ୍କା ସହ ୧୨.୫ ପ୍ରତିଶତ ସୁଧ ଜମା କରିବା ପାଇଁ ସରପଞ୍ଚଙ୍କୁ ବଲାଙ୍ଗୀର ବିଡିଓଙ୍କ ଜରିଆରେ ନୋଟିସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କଠାରୁ ତଦନ୍ତ ରିପୋର୍ଟ ପାଇବା ପରେ ଗତ ଫେବୃୟାରୀ ୨୯ତାରିଖରେ ଜିଲାପାଳ ଅରିନ୍ଦମ ଡାକୁଆ ସମ୍ପୃକ୍ତ ସରପଞ୍ଚଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କୁ ସୁପାରିସ କରିଥିଲେ। ଜିଲାପାଳଙ୍କ ସୁପାରିସପତ୍ର ଗତ ୩ମାସ ହେଲା ପଞ୍ଚାୟତିରାଜ ବିଭାଗକୁ ଯାଇଥିଲେ ମଧ୍ୟ ଏନେଇ ବିଭାଗ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହା ଜଣାପଡିନାହିଁ । ସରପଞ୍ଚ ପୁଟେଲ ନିଜ କ୍ଷମତା ଅପବ୍ୟବହାର କରି ଆବାସ ଯୋଜନା ହାତେଇ ଥିବା ପ୍ରଶାସନିକ ତଦନ୍ତରୁ ସ୍ପଷ୍ଟ ହେବା ସତ୍ତ୍ୱେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅଭିଯୋଗକାରୀ ଲକ୍ଷ୍ମୀନାରାୟଣ ନାଏକ ଓ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ସରପଞ୍ଚ ପୁଟେଲଙ୍କୁ ପଚାରିବାରୁ ତାଙ୍କ ଭଣଜାଙ୍କୁ କିଭଳି ଭାବେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା ତାହା ସେ ଜାଣିନାହାନ୍ତି। ତେବେ ବାପାଙ୍କ ନାଁରେ ଆବାସଯୋଜନା ଟଙ୍କା ମିଳିଥିଲା । ବାପା ବଲାଙ୍ଗୀର ବିଡିଓଙ୍କୁ ସେହି ଟଙ୍କା ଫେରାଇ ଦେଇଛନ୍ତି ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ମନହୀରା ସରପଞ୍ଚ ପୁଟେଲଙ୍କ ଭଣଜା ହେଉଛନ୍ତି ହେମନ୍ତ ପୁଟେଲ। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ଦିଗଶିରା ଗାଁରେ। ହେମନ୍ତଙ୍କ ନାମରେ ୨୦୧୭-୧୮ ଆର୍ଥିକ ବର୍ଷରେ ଆବାସ ଯୋଜନାର ଘର କାର୍ଯ୍ୟାଦେଶ ସଂଖ୍ୟା ୫୧୪୫( ତା ୬।୧୨।୧୭)ରେ ହାତେଇଥିଲେ। ଧାର୍ଯ୍ୟ ସମୟରେ ଘର କାମ ଶେଷ କରିଥିବାରୁ ବିଲ୍ ଉଠାଇ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ନେଇଥିଲେ। ଏହା ପରେ ସରପଞ୍ଚ ପୁଟେଲ ତାଙ୍କ ବାପା ଡମନ ପୁଟେଲଙ୍କ ନାମରେ ଆବାସ ଯୋଜନାର ଏକ ଘର କରାଇଥିଲେ। ଏହା ଜଣାପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ଜାନୁୟାରୀ ୨୦ରେ ପାଟଣାଗଡଠାରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତବାସୀ ଲିଖିତଭାବେ ଏ ନେଇ ଫେରାଦ ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତବାସୀଙ୍କ ଅଭିଯୋଗରେ ସତ୍ୟତା ରହିଥିବା ଉପଜିଲାପାଳ ସେହି ମାସ ୩୧ ତାରିଖରେ କରିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାପୂର୍ବରୁ ବିଡିଓ ମଧ୍ୟ ପିଡି ଡିଆରଡିଏଙ୍କୁ ଦେଇଥିବା ତଥ୍ୟ ପଞ୍ଚାୟତ ଅଧୀନ ଭଇଁଷା ଗାଁର ଲକ୍ଷ୍ମୀନାରାୟଣ ନାଏକ ମାଗିଥିବା ସୂଚନା ଅଧିକାର ତଥ୍ୟରେ ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଜମିବାଡ଼ିକୁ ନେଇ ଗଣ୍ଡଗୋଳ, ୩ ଗିରଫ

ବଇଣ୍ଡା, ୯।୬(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ବନମାଳୀପୁର ଗ୍ରାମରେ ଜମିବାଡି ସମସ୍ୟାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ମନମୋହନ ବେହେରା, ଭାଇ ପ୍ରଭାକର ବେହେରା ଓ ସର୍ବେଶ୍ୱର ବେହେରାଙ୍କୁ ପଡୋଶୀ ପ୍ରବୀର ବେହେରା, ଜମ୍ୱେଇ ବେହେରା, ଅମର ବେହେରା ସୋମବାର ଠେଙ୍ଗାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୭୧/୨୦ରେ ଏକ ମାମଲା ରୁଜୁ କରିଛି। ସେହିପରି ମନମୋହନ, ସର୍ବେଶ୍ୱର ଓ ପ୍ରଭାକର ପୂର୍ବଶତ୍ରୁତାକୁ ନେଇ ପ୍ରବୀରଙ୍କୁ ଆକ୍ରମଣ କରିଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୭୨/୨୦ରେ ମାମଲା ରୁଜୁ କରାଯିବା ସହ ପ୍ରବୀର, ଜମ୍ୱେଇ ଓ ଅମରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ମା'ଙ୍କୁ ହତ୍ୟା ଘଟଣାରେ ପୁଅ ଗିରଫ

ବଇଣ୍ଡା, ୯।୬(ଡି.ଏନ.ଏ.): ଅନୁଗୋଳ ଜିଲା ହଣ୍ଡପା ଥାନା ଅଶ୍ରୁବାହାଳ ଗ୍ରାମର ଯମୁନା ପଧାନଙ୍କୁ ସୋମବାର ରାତିରେ ଟାଙ୍ଗିଆରେ ହାଣି ହତ୍ୟା କରିବା ଅଭିଯୋଗରେ ପୁଅ ଅନନ୍ତ ପଧାନଙ୍କୁ ପୋଲିସ ମଙ୍ଗଳବାର ନିକଟସ୍ଥ ଜଙ୍ଗଲରୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ଏ ନେଇ ନଂ.୧୧୫/୨୦ରେ ମାମଲା ରୁଜୁ କରାଯାଇଛି। ମଦ୍ୟପାନ କରି ଘରେ ଗଣ୍ଡଗୋଳ କରୁଥିବାବେଳେ ପ୍ରତିବାଦ କରିବାରୁ ଅନନ୍ତ ଟାଙ୍ଗିଆରେ ହାଣି ଯମୁନାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

### ଝାମ୍ପିନେଲେ ସୁନାଚେନ୍

ଢେଙ୍କାନାଳ ଅଫିସ, ୯।୬: ଢେଙ୍କାନାଳ ଜେଲ୍‌ରୋଡ୍‌ରୁ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ସ୍ନେହପ୍ରଭା ପାଣିଗ୍ରାହୀ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଛି। ସେ ମନ୍ଦିରରୁ ଫେରୁଥିବାବେଳେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ସୁନାଚେନ୍ ଝାମ୍ପି ନେଇଥିଲେ। ଘରଠାରୁ ୨୫ ମିଟର ଦୂରରେ ଏହି ଘଟଣା ଘଟିଥିବାବେଳେ ଲୁଟ୍‌ର ଦୃଶ୍ୟ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏ ନେଇ ସ୍ନେହପ୍ରଭାଙ୍କ ସ୍ୱାମୀ ତଥା ସରକାରୀ ଓକିଲ ସୁରେଶ ଚନ୍ଦ୍ର ମହାପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

### ଆଉ ଜଣେ ପଜିଟିଭ୍

ଓଡ଼ାପଡ଼ା, ୯।୬(ଡି.ଏନ.ଏ.): ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ସଂଘରୋଧ କେନ୍ଦ୍ରର ଜଣେ ପ୍ରବାସୀଙ୍କଠାରୁ ମଙ୍ଗଳବାର କରୋନା ଭୂତାଣୁ ଚିହ୍ନଟ କରାଯାଇଛି। ଏହାକୁ ମିଶାଇ ଜିଲାର ଆକ୍ରାନ୍ତଙ୍କ ସଂଖ୍ୟା ୩୯ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତ ଜଣକ ଜୁନ ୪ରୁ ମହାରାଷ୍ଟ୍ରରୁ ଆସି ସଙ୍ଗରୋଧରେ ଥିଲେ। ଗତ ୭ତାରିଖରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ପଜିଟିଭ୍ ଚିହ୍ନଟ ପରେ ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି। ଅନ୍ୟପଟେ ଜିଲାରେ ଏଯାଏ ୧୬ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି।

### ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର ପ୍ରତିବାଦ



ଅନୁଗୋଳ ଅଫିସ, ୯।୬: ରେଳ ବିଭାଗର ଘରୋଇ କରଣ, ଜାନୁୟାରୀ ୨୦୨୦ରୁ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ରେଳ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଲାଗୁ ନ କରିବା ନେଇ କେନ୍ଦ୍ର ସରକାର ନିଷ୍ପତ୍ତିକୁ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ୍ ଅନୁଗୋଳ ଶାଖା ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବାଦରେ ସୋମବାର ସଙ୍ଗଠନ ପକ୍ଷରୁ ଷ୍ଟେଶନରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରାଯାଇଥିଲା। ଅନୁଗୋଳ ରେଳ କର୍ମଚାରୀ ସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ରାହାସ କୁମାର ସାହୁ, ମନୋଜ କୁମାର ନାୟକ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ କଳାବ୍ୟାଜ ପରିଧାନ କରି ପ୍ରତିବାଦରେ ସାମିଲ ହୋଇଥିଲେ।

# 'ଯାଯାବର'କୁ ହତାଦର



ନିର୍ମାଣାଧୀନ ଯାଯାବର ପ୍ରକଳ୍ପ।

■ ଅସମ୍ପୂର୍ଣ୍ଣ ଦେଢ଼ କୋଟିର ପ୍ରକଳ୍ପ
■ ଭବିଷ୍ୟତକୁ ନେଇ ଅନିଶ୍ଚିତତା

ଢେଙ୍କାନାଳ ଅଫିସ, ୯।୬

ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା 'ଯାଯାବର'। ଏହାର ଉଦ୍ଦେଶ୍ୟ ଥିଲା ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ସାମୟିକ ରହଣି ବ୍ୟବସ୍ଥା ସହ ସର୍ବୋତ୍ତମ ଆତିଥ୍ୟ ପ୍ରଦାନ କରିବା। ଏହାଦ୍ୱାରା ଅତିଥି ପର୍ଯ୍ୟଟକମାନେ କ୍ଳାନ୍ତି ଦୂର କରିପାରିବେ ଏବଂ ପର୍ଯ୍ୟଟନସ୍ଥଳୀରେ ଅଧିକ ସମୟ ବିତାଇବାକୁ ସୁଯୋଗ ପାଇବେ। ତେବେ ପରିଚାଳନାଗତ ତ୍ରୁଟି ଏବଂ ପର୍ଯ୍ୟଟନ ବିଭାଗର ଆଗ୍ରହର ଅଭାବ ଯୋଗୁ ଢେଙ୍କାନାଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତାକୁ ଠେଲି ହୋଇଯାଇଛି। ଏହାକୁ ଦେଖି ପର୍ଯ୍ୟଟକମାନେ କହିବା ଆରମ୍ଭ କଲେଣି 'ଯାଯାବର' ଏବେ ହତାଦରର ଶିକାର ହୋଇଛି।

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଢେଙ୍କାନାଳ। ଏଠାରେ ବର୍ଷତମାମ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଜିଲାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଏବଂ ଏଥିରୁ ରାଜସ୍ୱ ଆଦାୟ କରିବା ଲକ୍ଷ୍ୟରେ ସଦର ବ୍ଲକ ଗୋବିନ୍ଦପୁର ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୨୦୧୮ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା ଯାଯାବର ପ୍ରକଳ୍ପ। ୧ ଏକର ୨୦ ଡେସିମିଲ ଜାଗାରେ ପରିକଳ୍ପିତ ଏହି ପ୍ରକଳ୍ପ ଲାଗି ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଅଟକଳ କରାଯାଇଥିଲା। ୨୦୨୦ ସୁଦ୍ଧା ଏହା ଶେଷ ହୋଇ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ଜାତୀୟ ରାଜପଥ ଦେଇ ଯାତାୟତ କରୁଥିବା ଯାତ୍ରୀ, ପର୍ଯ୍ୟଟକମାନେ 'ଯାଯାବର'ରେ ବିଶ୍ରାମ ନେବା ଏବଂ ସେମାନଙ୍କୁ ହାତପାଆନ୍ତାରେ ଜଳଖିଆ, ପାନୀୟ, ଚା, କଫି ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ସମୟ ଅବଧି ମଧ୍ୟରେ କେବଳ ବିଶ୍ରାମ ଲାଗି ଉଦ୍ଦିଷ୍ଟ ଘର ନିର୍ମାଣ ସରିଛି। କରୋନା ଲକ୍‌ଡାଉନ୍ ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। କଟକଣା କୋହଳ ପରେ ବି କାମ ଆଉ ଆଗଉନି କି କାହାର ଦେଖା ମିଳୁନି। ଫଳରେ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟ ଅଟକି ଯାଇଛି। କରୋନା ସଙ୍କଟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ କେବେ ସରିବ ଏବଂ ଏହା କିଭଳି କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଦାୟିତ୍ୱରେ ଥିବା ଅନୁଗୋଳ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ଯାଯାବର ପ୍ରକଳ୍ପକୁ ପିପିପି ମୋଡ୍‌ରେ ଚଳାଇବା ଲାଗ ନିଷ୍ପତ୍ତି ନିଆଯାଇଛି। ସେ କିଛିଦିନ ତଳେ ପ୍ରକଳ୍ପ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ଏବେ ସୁଦ୍ଧା ଏ ସଂକ୍ରାନ୍ତରେ କୌଣସି ବିଜ୍ଞାପନ କିମ୍ବା ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ସେ ସୂଚନା ଦେଇଛନ୍ତି।

## 'ନନ୍ଦିନୀ ଥିଲେ ସାଲିସବିହୀନ ନେତ୍ରୀ'



ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ ଅଫିସ, ୯।୬

ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ, ମହାନ ଜନନାୟିକା ତଥା ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ସମାରୋହ ଢେଙ୍କାନାଳ ଜୟଗୋପାଳ ସାହିତ୍ୟିକ ଅଦ୍ୱୈତ ଭବନ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ନନ୍ଦିନୀ ଜଣେ ସାଲିସବିହୀନ ନେତ୍ରୀ ଥିଲେ। ତାଙ୍କର ସାହସିକତାର ପଟ୍ଟାନ୍ତର ନାହିଁ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଜୟନ୍ତୀ କମିଟି ପକ୍ଷରୁ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ, ନିରୁପମା ଦାସ, ପରେଶ ଚନ୍ଦ୍ର ପଟ୍ଟନାୟକ, ଦେବୀପ୍ରସାଦ ମିଶ୍ର ପ୍ରମୁଖ ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ।

### ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପତ୍ର ଲେଖିଲେ ଏମ୍‌ପି

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ବାଇପାସ୍‌ରେ ନନ୍ଦିନୀ ଶତପଥୀଙ୍କ ୧୦ ଫୁଟ ଉଚ୍ଚର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତୀ ସ୍ଥାପନ କରିବାକୁ ଏମ୍‌ପି ମହେଶ ସାହୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ସେହିପରି କୋରିଆଁ ବାଇପାସ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସେ ଏହି ପତ୍ରରେ ଦାବି କରିଛନ୍ତି।

## ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଅଫିସ, ୯।୬

ଅନୁଗୋଳ ସହରରେ ଥିବା କେତେଜଣ ପ୍ରତିଷ୍ଠିତ ବ୍ୟବସାୟୀ କରୋନା କଟକଣା ଉଲ୍ଲଂଘନ କରି ବ୍ୟବସାୟ କରୁଛନ୍ତି। ହେଲେ ପୋଲିସ ତାହାକୁ ଅଣଦେଖା କରିବା ସହ ଛୋଟ ଛୋଟ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସେହିପରି ରାସ୍ତା ଉପରେ ମାଲମାଲ ବସ୍ ଟ୍ରକ୍ ରହୁଥିବାରୁ ଯାତାୟତରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା କଂଗ୍ରେସ କମିଟି ସଦସ୍ୟ ଓ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରଖିବାକୁ କଟକଣା ଜାରି କରାଯାଇଛି। କିନ୍ତୁ ସହରରେ ଥିବା କେତେକ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ମନଇଚ୍ଛା ବ୍ୟବସାୟ ଚାଲିଛି। ଏଠାରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଗାଡ଼ି ରଖାଯିବା ଦ୍ୱାରା ପୋଲିସ ବିନା ଦୋଷରେ କ୍ଷୁଦ୍ର ବ୍ୟବସାୟୀମାନଙ୍କ ଦୋକାନ ସିଲ୍ କରୁଛି। ଅନୁଗୋଳ ଛାତ୍ର କଂଗ୍ରସ କମିଟିର ବାପୁଜୀ ପ୍ରଧାନଙ୍କ ସମେତ ରାଜେଶ କୁମାର ସାହୁ, ଆଶୁତୋଷ ବେହେରା, ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଅଙ୍କିତ କୁମାର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ପିଏମ୍‌ଜିଏୱାଇରେ ଚଞ୍ଚକତା ଅଭିଯୋଗ

ପରଜଙ୍ଗ, ୯।୬(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ପଥରଖମ୍ବ ପଞ୍ଚାୟତ କାମର୍ଦ୍ଧା ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା (ପିଏମଜିଏୱାଇ)ରେ ଚଞ୍ଚକତା ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ନାମକୁ ତାଲିକାରୁ କାଟି ଦେଇଥିବା ଅଭିଯୋଗକାରୀମାନେ କହିଛନ୍ତି। ଗ୍ରାମର ୮ ହିତାଧିକାରୀଙ୍କୁ ପିଏମ୍‌ଜିଏୱାଇରେ ଅନ୍ତର୍ଭୁକ୍ତ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଏକ ଟିମ୍ ସେମାନଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରିଥିଲା। ହେଲେ ପଞ୍ଚାୟତରୁ ଚୟନ ହୋଇଥିବା ୧୧୨ଜଣଙ୍କ ମଧ୍ୟରେ ସେମାନଙ୍କ ନାମ ନାହିଁ। ଏଥିରେ ହେର୍‌ଫେର୍ ହୋଇଥିବା ବିରଞ୍ଚି ବିଶ୍ୱାଳ, ଚିତ୍ତରଞ୍ଜନ ବିଶ୍ୱାଳ, ଗୋମତୀ ବିଶ୍ୱାଳ, ନିରଞ୍ଜନ ସାହୁ, ଟିକମ ବିଶ୍ୱାଳ, ଘନଶ୍ୟାମ ସାହୁ ପ୍ରମୁଖ କହିଛନ୍ତି। ଏ ନେଇ ପିଇଓ ପୁରୁଷୋତ୍ତମ ଧଳ କୁହନ୍ତି, ତଥ୍ୟ ସଂଗ୍ରହ ଟିମ୍‌ରେ ସେ ନ ଥିଲେ। ତେଣୁ ଏ ବାବଦରେ ସେ ଜାଣି ନ ଥିବା କହିଛନ୍ତି। ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଘଟଣାର ଆଉଥରେ ତଦନ୍ତ କରାଯିବ। ଯୋଗ୍ୟତା ଥିଲେ କେହି ଯୋଜନାରୁ ବଞ୍ଚିତ ହେବେନି।

# ପ୍ରାକୃତିକ ବିପର୍ଯ୍ୟୟ: ୩ ବର୍ଷରେ ୨୯୨ ମୃତ୍ୟୁ

**ଜିଲା ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**

■ ୧୬ ସୁଦ୍ଧା ଆଶ୍ରୟସ୍ଥଳୀ ମରାମତି ସାର: ଜିଲାପାଳ
■ ପଙ୍ଗପାଳ ଦମନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ
■ ସଙ୍ଗରୋଧରେ ପ୍ରବାସୀଙ୍କୁ ରଖିବାକୁ ୱାର୍ଡ କମିଟି




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୯।୬

ପ୍ରାକୃତିକ ବିପର୍ଯ୍ୟୟ ମାଡ଼ରେ ଘାଇଲା ହେଉଛି ଢେଙ୍କାନାଳ ଜିଲା। ଗତ ୩ବର୍ଷରେ ଏହି କାରଣରୁ ୨୯୨ଜଣଙ୍କ ଜୀବନ ଯାଇଛି। ଅନେକ ଧନସମ୍ପଦ ନଷ୍ଟ ହୋଇଛି। ଆଗାମୀ ଦିନରେ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ। ସହଯୋଗ ମନୋବୃତ୍ତି ନେଇ ଯୋଜନା ଅନୁଯାୟୀ କାର୍ଯ୍ୟକଲେ ଧନଜୀବନ ହାନିକୁ ଅନେକ ମାତ୍ରାରେ କମାଯାଇପାରିବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସୋମବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରଥମ ତ୍ରୈମାସିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଅଧକ୍ଷତା କରି ଜିଲାପାଳ ଏହି ପରାମର୍ଶ ଦେଇଛନ୍ତି।

ବର୍ଷା ପୂର୍ବରୁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳଗୁଡ଼ିକ ମରାମତି କାର୍ଯ୍ୟ ୧୬ ତାରିଖ ସୁଦ୍ଧା ସାରିବା, ସତର୍କତା ପାଇଁ ସୂଚନା ଫଳକ ଲଗାଇବା, ପ୍ରତିଷେଧକ ବ୍ୟବସ୍ଥା ଲାଗି ପ୍ରସ୍ତୁତ ରହିବା, ସମ୍ଭାବ୍ୟ ପଙ୍ଗପାଳ ଉପଦ୍ରବ ଦମନ ଲାଗି ପ୍ରଦର୍ଶନ ଅଭ୍ୟାସ କରିବାକୁ ଜିଲାପାଳ ଅଧିକାରୀଙ୍କୁ କହିଛନ୍ତି। ସେହିପରି କରୋନା ସଙ୍କଟ ସମୟରେ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବା ଲାଗି ଗ୍ରାମର ପ୍ରତି ୱାର୍ଡରେ ୫ଜଣିଆ କମିଟି ଗଠନ କରାଯିବ। ଲକ୍ଷଣକୁ ଦେଖି ସେମାନଙ୍କୁ ୭ କିମ୍ବା ୧୪ ଦିନ ସଙ୍ଗରୋଧରେ ରଖାଯିବ। ଥର୍ମାଲ ଟେଷ୍ଟିଂ ପରେ ସେମାନଙ୍କୁ ଛଡାଯିବ। ଜିଲାରେ ବଜ୍ରପାତ ଏବଂ ସାପ କାମୁଡାରେ ମୃତ୍ୟୁସଂଖ୍ୟା ଚିନ୍ତାର କାରଣ ପାଲଟିଛି। ଏହାର ପ୍ରତିକାର ଲାଗି ପଲ୍ଲିସଭା, ଗ୍ରାମସଭା, ମୋବାଇଲ, ଫଳକ ଏବଂ ପ୍ରଚାରପତ୍ର ଦ୍ୱାରା ସଚେତନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ବୈଠକରେ ଓସଡମାର ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାଗାର୍ଜୁନ ପ୍ରଧାନ, ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଣିହାଁ, ୯।୬(ଡି.ଏନ.ଏ.)

କୁଶଳୀ ଶ୍ରମିକଙ୍କୁ ନିଯୁକ୍ତି, ସରକାରୀ ସହାୟତା, ଚିକିତ୍ସା ସୁବିଧା ଆଦି ଦାବିରେ ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ(ଏସ୍‌ଇଏମ୍)ର ଆହ୍ୱାନ କ୍ରମେ ଅନୁଗୋଳ ଜିଲା କଣିହାଁ ବ୍ଲକ ଏସ୍‌ଇଏମ୍ କମିଟି ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମ ଆଇନ ଅନୁଯାୟୀ କୁଶଳୀ ଶ୍ରମିକଙ୍କୁ ଦୈନିକ ୩୮୮ ଟଙ୍କା ପାରିଶ୍ରମିକ ମିଳୁଛି। ହେଲେ ମିସ୍ତ୍ରୀ, ପମ୍ପ ଚାଳକଙ୍କ ପରି କାରିଗରମାନେ କୁଶଳୀ ହୋଇଥିଲେ ମଧ୍ୟ ସେମାନଙ୍କୁ ଦୈନିକ ୬୬ ଟଙ୍କା ପ୍ରଦାନ କରାଯିବା ବାବଦରେ ସରକାର ବିଚାର କରିବାକୁ ସଂଘ ନିବେଦନ କରିଛି। କମିଟି ସଦସ୍ୟ ବାବୁଲି ସାହୁ, ମାନସ ନାଏକ, ଭୁବନାନନ୍ଦ ସାହୁ, ଧରଣୀଧର ପ୍ରଧାନ, ବୀରେନ ସାହୁ, ସୁମନ୍ତ ଖୁଣ୍ଟିଆ, ଦେବରାଜ ସାହୁ ପ୍ରମୁଖ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରେସିଡେଣ୍ଟ ମେଡାଲ ପାଇଁ ପଠାଯିବ ୧୨ ନାମ

ଅନୁଗୋଳ ଅଫିସ, ୯।୬

ସ୍ୱାଧୀନତା ଦିବସରେ ପ୍ରଦାନ କରାଯାଉଥିବା ପ୍ରେସିଡେଣ୍ଟ ମେଡାଲ ପାଇଁ ଚଳିତବର୍ଷ ଅନୁଗୋଳ ଜିଲାର ୧୨ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମ ସୁପାରିସ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସମ୍ପୃକ୍ତ ୧୨ ଜଣଙ୍କ ଡାକ୍ତରୀ ଫିଟ୍‌ସେନ୍ ପ୍ରମାଣପତ୍ର ଆବଶ୍ୟକ ହେଉଥିବାରୁ ଉକ୍ତ କାର୍ଯ୍ୟ ମଙ୍ଗଳବାର ଶେଷ କରାଯାଇଛି। ସୁପାରିସ କରାଯାଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ଫିଟ୍ ଥିବା ଡାକ୍ତର ପ୍ରମାଣପତ୍ର ଦେବା ପରେ ତାହାକୁ ଜିଲା ପୋଲିସ ମୁଖ୍ୟାଳୟରେ ଜମା କରାଯାଇଛି। ଯେଉଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମ ସୁପାରିସ କରାଯାଇଛି ସେମାନେ ଚାକିରି କାଳରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟର ପ୍ରମାଣପତ୍ର ସହ ଫିଟନେସ୍ ସାର୍ଟିଫିକେଟ ଗୁନ୍ଥା ହୋଇ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ପଠାଯିବ ବୋଲି ଜିଲା ପୋଲିସ ମୁଖ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହାପରେ ସୁପାରିସ ହୋଇଥିବା ନାମ ମଧ୍ୟରୁ ଶ୍ରେଷ୍ଠ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମ ଚୟନ କରାଯାଇ ପ୍ରେସିଡେଣ୍ଟ ମେଡାଲ ନିମନ୍ତେ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ପ୍ରେରଣ କରାଯିବ।

# ନାମ ଲେଖା ନେଇ ବଢ଼ୁଛି ଚିନ୍ତା

ଅନୁଗୋଳ ଅଫିସ, ୯।୬



ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

■ ୩୦୫ ସ୍କୁଲରେ କ୍ୱାରାଣ୍ଟାଇନ୍ ସେଣ୍ଟର
■ ଅପେକ୍ଷାରେ ଦେଢ଼ ଲକ୍ଷ ଛାତ୍ରୀଛାତ୍ର
■ ବିକଳ୍ପ ବ୍ୟବସ୍ଥା ଖୋଜୁଛି ଶିକ୍ଷା ବିଭାଗ

ଜୁନ୍ ୮ରୁ ଜୁଲାଇ ୧୫ ମଧ୍ୟରେ ସରକାରୀ ସ୍କୁଲଗୁଡ଼ିକରେ ନାମ ଲେଖାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ପରେ ଏବେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ହେଲେ ଅଡୁଆ କରୁଛି ସ୍କୁଲଗୁଡ଼ିକରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟର। ଜିଲାର ସଙ୍ଗରୋଧ କେନ୍ଦ୍ରଗୁଡ଼ିକରୁ ନୂଆ ନୂଆ ରୋଗୀ ଚିହ୍ନଟ ହେଉଥିବାବେଳେ ଏପରି ସ୍ଥିତିରେ ସ୍କୁଲରେ ପିଲାଙ୍କ ନାମ ଲେଖା କିପରି ହେବ ତାହାକୁ ନେଇ ଏବେ ଦ୍ୱନ୍ଦ ଦେଖାଦେଇଛି। ତେବେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛି ବିକଳ୍ପ ବ୍ୟବସ୍ଥା ଖୋଜାଯାଉଥିବା ସୂଚନା ମିଳିଛି।

ଅନୁଗୋଳ ଜିଲାରେ ମୋଟ୍ ୧୬୬୬ଟି ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୧୪୧୮ଟି ପ୍ରାଥମିକ ଓ ୨୪୮ଟି ହେଉଛି ହାଇସ୍କୁଲ। ଉକ୍ତ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୩୦୫ଟିରେ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି। ଅନ୍ୟସବୁ ଫାଙ୍କା ଥିଲେ ମଧ୍ୟ କେତୋଟି ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମାଟ୍ରିକ ଖାତା ଦେଖାରେ ନିୟୋଜିତ ରହିଛନ୍ତି ବୋଲି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ନାମଲେଖା ସମ୍ପର୍କରେ ପ୍ରତି ବିଦ୍ୟାଳୟକୁ ଅବଗତ କରାଯିବା ସହ ସମୟ ସୀମା ମଧ୍ୟରେ କିପରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ତାହାକୁ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଚାର ବିମର୍ଶ ଜାରି ରହିଛି। ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ୍ ସେଣ୍ଟର ହୋଇଥିବା ସ୍କୁଲ ମଧ୍ୟକୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସରପଞ୍ଚମାନେ ଛାଡୁନାହାନ୍ତି। ଅନ୍ୟକେତେକ ସ୍ଥାନରେ କରୋନା ଭୟରେ ବିଦ୍ୟାଳୟକୁ କେହି ଆସୁନାହାନ୍ତି। ନାମଲେଖାରେ ଟିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତାହା ମଧ ବହୁ ଛାତ୍ରୀଛାତ୍ରଙ୍କୁ ମିଳୁନାହିଁ। ଅନେକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫଳରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଜିଲାରେ ପ୍ରାୟ ଦେଢ଼ଲକ୍ଷ ପିଲାଙ୍କ ନାମଲେଖା କିପରି କରାଯିବ ତାହାକୁ ନେଇ ଏବେ ଶିକ୍ଷା ବିଭାଗ ଅଡୁଆରେ ପଡ଼ିଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନାନା ସମସ୍ୟା ଥିଲେ ମଧ କିଛି ସ୍ଥାୟୀ ପ୍ରତିକାର କରାଯିବ। ବର୍ତ୍ତମାନ ସୁଦ୍ଧା ୧ ପ୍ରତିଶତ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇ ସାରିଛି। କ୍ୱାରାଣ୍ଟାଇନ୍ ସେଣ୍ଟର ହୋଇଥିବା ବିଦ୍ୟାଳୟ ଗୁଡ଼ିକରୁ କିପରି ଟିସି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ ତାହାର ବ୍ୟବସ୍ଥା କରାଯାଉଛି। ସରକାର ଦେଇଥିବା ସମୟ ସୀମା ମଧ୍ୟରେ ନାମଲେଖା କାର୍ଯ୍ୟ ଶେଷ କରିବାକୁ ପ୍ରଚେଷ୍ଟା ଜାରି ରହିଥିବା ଅଧିକାରୀ ଜଣକ ପ୍ରକାଶ କରିଛନ୍ତି।

## କୋଲକାତାକୁ ଗଡ଼ିଲା ବସ୍

ଢେଙ୍କାନାଳ ଅଫିସ, ୯।୬

କରୋନ ସଙ୍କଟ ମଧ୍ୟରେ ୨ମାସ ପରେ ଢେଙ୍କାନାଳରୁ କୋଲକାତାକୁ ଗଡ଼ିଛି ବସ୍। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଏକ ଘରୋଇ ବସ୍ ୩ଜଣ ଯାତ୍ରୀଙ୍କୁ ନେଇ କୋଲକାତା ଅଭିମୁଖେ ବାହାରିଛି। ସେହିପରି ଓଏସ୍‌ଆର୍‌ଟିସିର ଏକ ବସ୍ ଭୁବନେଶ୍ୱରରୁ ଢେଙ୍କାନାଳ, କାମାକ୍ଷାନଗର ଓ ତେଲକୋଇ ଦେଇ କେନ୍ଦୁଝର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଢେଙ୍କାନାଳ ଜିଲାର ବିଭିନ୍ନ ରୁଟ୍‌ରେ ଦୈନିକ ୧୫୦ ବସ୍ ଚଳାଚଳ କରିଥାଏ। ଆଗକୁ ରଜ ଥିବାରୁ ବ୍ୟବସାୟ ଆଶାରେ ବସ୍ ମାଲିକମାନେ ଗାଡ଼ି ଚଳାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବସ୍ ମାଲିକ ସଂଘର ଯୁଗ୍ମ ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ କୁହନ୍ତି, ମେ ୨୮ରୁ ବସ୍ ଚଳାଚଳ ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ତେବେ ଯାତ୍ରୀ ହେଉ ନ ଥିବାରୁ ମାଲିକମାନେ ବସ୍ ଚଳାଇବାକୁ ଆଗ୍ରହୀ ହେଉ ନ ଥିଲେ। ବୁଧବାର ଜିଲାର ବିଭିନ୍ନ ସ୍ଥାନକୁ ୫ବସ୍ ଚଳାଚଳ ଆରମ୍ଭ କରିବ ବୋଲି ସେ କହିଛନ୍ତି।




କଲିକତା ଅଭିମୁଖେ ବାହାରିଥିବା ବସ୍।

**ସଂକ୍ଷେପରେ**

## ଟ୍ରାକ୍ଟର ଓଲଟି ଚାଳକ ମୃତ, ୬ ଆହତ

**ପାରଳାଖେମୁଣ୍ଡି,୯।୬ (ସ୍ୱ.ପ୍ର.):** ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ବୋଲଡ଼ାଗୁମ୍ଫା ଛକ ନିକଟରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବାଲଡି ଗ୍ରାମର ମଣ୍ଟୁ ପ୍ରଧାନ। ବଡପୋଡା ଗ୍ରାମରୁ ଏକ ବିଦ୍ୟୁତ୍ ଖୁଣ୍ଟ ବୋଝେଇ ହୋଇଥିବା ଟ୍ରାକ୍ଟର (ଓଆର୍୨୦-୯୨୭୨) ୬ଜଣ ଶ୍ରମିକଙ୍କୁ ନେଇ ମଣ୍ଡଳ ସାହି ଲୋବା ଯାଉଥିଲା। ମଣ୍ଡଳ ସାହି ନିକଟସ୍ଥ ବୋଲଡାଗୁମ୍ଫା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଟ୍ରାକ୍ଟରଟି ଓଲଟିପଡିଥିଲା। ଟ୍ରାକ୍ଟର ତଳେ ଡ୍ରାଇଭର ସହ ୬ ଜଣ ଶ୍ରମିକ ଚାପିହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। କିନ୍ତୁ ସେଠାରେ ଚାଳକ ମଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ୬ଜଣଙ୍କ ମଧ୍ୟରୁ ଜଣକୁ ବ୍ରହ୍ମପୁର ଓ ଦୁଇଜଣଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମଣ୍ଟୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଯାଇଛି। ରାମଗିରି ଥାନାରେ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଜାରି ରହିଛି।

## ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ

**ଜୟପୁର ,୯।୬(ଡି.ଏନ.ଏ.):** ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୁନ୍ ୮ ତାରିଖଠାରୁ ନାମଲେଖା ଆରମ୍ଭ ହୋଇଛି। ଜୟପୁର ବ୍ଲକରେ ମଧ ନାମଲେଖା ଆରମ୍ଭ ହୋଇଛି। ପୂର୍ବାହ୍ନ ୭ ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ନାମଲେଖା ହେଉଛି। ସେହିପରି ଯେଉଁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଛାଡ଼ିବା ସହିତ ଉଚ୍ଚଶିକ୍ଷା ଗ୍ରହଣ କରିବେ ସେମାନେ ବିଦ୍ୟାଳୟରୁ ଏସ୍ଏଲ୍ସି ନେବାକୁ ମଧ ନିର୍ଦ୍ଦେଶ ରହିଛି। ସେହିପରି ମଧାହ୍ନଭୋଜନ ଡାଲି, ତରକାରି ଏବଂ ଅଣ୍ଡା ଏବଂ ରନ୍ଧନ ନିମନ୍ତେ ଗତ ତିନି ମାସ ନିମନ୍ତେ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ୪୭୯ଟଙ୍କା ୯୬ ପଇସା ଏବଂ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ୭୧୭ଟଙ୍କା୧୬ ପଇସା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ବ୍ୟାଙ୍କ ଜମାଖାତାରେ ପ୍ରଦାନ କରାଯିବ। ଏଥିନେଇ ଅଭିଭାବକଙ୍କ ବ୍ୟାଙ୍କ ଜମାଖାତା ଏବଂ ଆଧାରକାର୍ଡ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପକ୍ଷରୁ ସଂଗ୍ରହ କରାଯାଉଛି। ପ୍ରକାଶ ଯେ, ଜୟପୁର ବ୍ଲକରେ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୦,୪୭୬ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ୫,୨୯୭ ଏବଂ ପୌରସଂସ୍ଥାରେ ପ୍ରାଥମିକ ବିଦ୍ୟାଳୟରେ ୨,୮୨୯ ଏବଂ ଉଚ୍ଚ ପ୍ରାଥମିକ ୨,୦୭୪ଜଣ ଛାତ୍ରୀଛାତ୍ର ରହିଛନ୍ତି।

## ପଣସ ଗଛରୁ ପଡ଼ି ବାଳକ ଗୁରୁତର

**ଟିକିରି,୯।୬:** ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅଧୀନ ଅଡାଯୋର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବୁଦ୍ଧୁ ମାଝିଙ୍କ ପୁଅ ଦୟାସିଂ(୧୦) ଘର ନିକଟ ପଣସ ଗଛରୁ ପଡ଼ି ଗୁରୁତର ହୋଇଛନ୍ତି। ତାଙ୍କ ପେଟରେ ଏକ ଡାଳ ପଶିଯିବା ଫଳରେ ବୃହତ ଅନ୍ତଃନଳୀ ବାହାରକୁ ଆସିଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୂଚନା ଦେଇଛନ୍ତି।

# ସରୁନି ଜଳ ପ୍ରକଳ୍ପ କାର୍ଯ୍ୟ



ଯନ୍ତ୍ରୀଙ୍କ ସହ ଆଶୀର୍ବାଦ କଲୋନିବାସୀ ଆଲୋଚନା କରୁଛନ୍ତି।

- ବିଭାଗ ମଧ୍ୟରେ ସମନ୍ୱୟ ଅଭାବ
- ବିକ୍ଷୋଭ ପାଇଁ କଲୋନିବାସୀ ଏକାଠି ବେଳେ ପହଞ୍ଚିଲେ ଯନ୍ତ୍ରୀ
- ୧୫ଦିନ ମଧ୍ୟରେ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେ

**ମାଲକାନଗିରି,୯।୬(ଡି.ଏନ୍.ଏ.)**

ମାଲକାନଗିରି ସହରବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ପାଇଁ ଆରମ୍ଭ ହୋଇଥିଲା ବର୍ଷେ ତଳେ ଏକ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ। କିନ୍ତୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ସହରବାସୀ ସବୁ ସମୟରେ ଭୋଗୁଛନ୍ତି ଜଳକଷ୍ଟ। ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ବସବାସ କରୁଥିବା ୧୯ଟି ୱାର୍ଡ ଏବଂ କର୍ମଚାରୀଙ୍କ ବାସଗୃହକୁ ଜଳ ଯୋଗାଇ ଦେବାପାଇଁ ୨୦କୋଟି ଟଙ୍କା ବ୍ୟୟରେ ଏକ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ଗତ ଏକବର୍ଷ ତଳେ ଆରମ୍ଭ ହୋଇଥିଲା। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ, ଜାତୀୟ ରାଜପଥ ବିଭାଗ ଏବଂ ଦୂର ସଞ୍ଚାର ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପ ଅଗ୍ରଗତି ହୋଇପାରୁ ନ ଥିବା ଜଣାପଡିଛି। ସହର ମଧ୍ୟରେ ବିଭିନ୍ନ ସାହିକୁ ପାଇପ ବିଛାଇବା ସମୟରେ ଅନେକ ସ୍ଥାନରେ ଦୂର ସଞ୍ଚାର ବିଭାଗର କେବୁଲ ତାର ମାଟି ତଳୁ ଘୁଞ୍ଚାଇବା, ରାସ୍ତା ପାରହୋଇ ପାଇପ ଲାଇନ ଯିବା ସମୟରେ ଜାତୀୟ ରାଜପଥ ବିଭାଗ ଗୁରୁତ୍ୱ ନ ଦେବା ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଚାପ ନ ପକାଇବା ଯୋଗୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ପ୍ରକଳ୍ପ ଶେଷ ହୋଇପାରୁ ନ ଥିବାରୁ କଲୋନିବାସୀ ପାଣି ପାଇଁ ହଇରାଣ ହେଉଛନ୍ତି। ସେଥିପାଇଁ ମଙ୍ଗଳବାର ପୌର ପରିଷଦ ଅଞ୍ଚଳର ଆଶୀର୍ବାଦ କଲୋନିର ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବିକ୍ଷୋଭ କରିବା ପାଇଁ ଏକାଠି ହୋଇଥିଲେ। ଖବର ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଗୌରବ କୁଲୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲକ୍ଡାଉନ୍ ପାଇଁ ଏହି କାର୍ଯ୍ୟ ତିନିମାସ ଧରି ବନ୍ଦ ରହିଥିଲା। ବର୍ତ୍ତମାନ ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରିଛନ୍ତି। ୧୫ ଦିନ ମଧ୍ୟରେ ଆଶୀର୍ବାଦ କଲୋନିରେ ପାଇପ ବିଛା କାର୍ଯ୍ୟ ସାରି ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବୁ ବୋଲି ବିକ୍ଷୋଭକାରୀ ଜି. ଶ୍ରୀନିବାସ ରାଓ କହିଛନ୍ତି।

## ମାଲକାନଗିରି ଜିଲାରୁ ଆଉ ଜଣେ ପଜିଟିଭ




**କୋରୁକୋଣ୍ଡା,୯।୬(ଡି.ଏନ୍.ଏ.):** ମାଲକାନଗିରି ଜିଲାରେ ସମସ୍ତ ୨୧କରୋନା ସଂକ୍ରମିତ ସୁସ୍ଥ ହେବାପରେ ପ୍ରଶାସନ ପକ୍ଷରୁ ଜିଲାକୁ କରୋନାମୁକ୍ତ ଘୋଷଣା କରାଯାଇଥିଲା। ତେବେ ମଙ୍ଗଳବାର ଜିଲାର କୋରୁକୋଣ୍ଡା ବ୍ଲକ୍ରୁ ପୁଣି ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ବ୍ୟକ୍ତି ଜଣେ ୪୫ ବର୍ଷୀୟ ପୁରୁଷ। ସେ ସୁରଟରୁ ଫେରି ବ୍ଲକ୍ସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧରେ ଥିଲେ। ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜଣେ ପଜିଟିଭ ଚିହ୍ନଟ ହେବାପରେ ସଙ୍ଗରୋଧ କେନ୍ଦ୍ରର ୧୦୦ମିଟର ପରିଧି ଅଞ୍ଚଳକୁ ସିଲ୍ କରାଯିବା ସହ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଥିପୂର୍ବରୁ ଜିଲାରେ ୨୧ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ନୂତନ ସଂକ୍ରମିତ ଚିହ୍ନଟ ପରେ ମୋଟ ସଂଖ୍ୟା ୨୨ରେ ପହଞ୍ଚିଛି। ତେବେ ଗୋଟିଏ ମାତ୍ର ଆକ୍ଟିଭ କେସ୍ ରହିଥିବା ଜଣାପଡ଼ିଛି।

## ୨ୟ ପର୍ଯ୍ୟାୟରେ ୪ଲକ୍ଷ ୪୧ ହଜାର କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ

**ଜୟପୁର,୯।୬(ଡି.ଏନ୍.ଏ.):** କୋରାପୁଟଜିଲାରେରବିଧାନକ୍ରୟନିମନ୍ତେ ମେ ୨୬ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି। ଏହି ମଣ୍ଡିରେ ଧାନ କ୍ରୟବ୍ୟୟ ଜୁନ ୩୦ ତାରିଖ ପର୍ଯ୍ୟନ୍ତ କରାଯିବ। ଜିଲାରେ ମୋଟ ୬୩ଟି ମଣ୍ଡିରେ ରବିଧାନ କ୍ରୟ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଜିଲାରେ ୭ଲକ୍ଷ ୩୧ହଜାର କୁଇଣ୍ଟାଲ ଧାନ କ୍ରୟ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେହିପରି ୨ୟ ପର୍ଯ୍ୟାୟରେ ପୁଣି ୪ଲକ୍ଷ୪୧ ହଜାର କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସମୁଦାୟ ୧୧ଲକ୍ଷ ୭୨ହଜାର କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜିଲାରେ ମୋଟ ୧୧ ହଜାର ୭୨୭ ଜଣ ଚାଷୀ ଅମଳ ରବିଧାନ ମଣ୍ଡିରେ ବିକ୍ରି ନିମନ୍ତେ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ସୁଦ୍ଧା ୪୪୨୦ ଚାଷୀଙ୍କ ୪ଲକ୍ଷ୯୯ ହଜାର ୯୨୩ କୁଇଣ୍ଟାଲ ୨୦ କିଲୋଗ୍ରାମ ଧାନ କ୍ରୟ ହୋଇଯାଇଛି। ଜିଲାର ୨୦ଟି ଲ୍ୟାମ୍ପସ ମଧ୍ୟରୁ ୧୧ଟିରେ ଏବଂ ୧୩ଟି

**୬୩ ମଣ୍ଡିରେ ଧାନ କ୍ରୟ କରାଯାଉଛି**

ମହିଳା ସ୍ୱୟଂସହାୟକ ଗ୍ରୁପ୍ ପକ୍ଷରୁ କ୍ରୟ କରାଯାଇଛି। ସେହିପରି କ୍ରୟ ସମସ୍ତ ରବି ଧାନ ବଲାଙ୍ଗୀର ଜିଲାର ୨୨ଟି ଏବଂ କୋରାପୁଟ ଜିଲାର ଗୋଟିଏ ମିଲ୍କୁ କଷ୍ଟମ ମିଲିଂ ନିମନ୍ତେ ପ୍ରଦାନ କରାଯାଉଛି।

## ସାପ୍ତାହିକ ହାଟ, ବଜାର ବନ୍ଦ କଲେ ସରପଞ୍ଚ

**ବିଷମକଟକ,୯।୬(ଡି.ଏନ୍.ଏ.):** ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ରେ ସୋମବାର ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚାଟିକୋଣା ସରପଞ୍ଚ ସୁକାନ୍ତି ପେରିସିକା ବୁଧବାର ବସିବାକୁ ଥିବା ସାପ୍ତାହିକ ହାଟ ଏବଂ ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସରପଞ୍ଚ ନିଜେ ଦୋକାନ, ବଜାର ବୁଲି ଏ ନେଇ ଲୋକଙ୍କୁ ଅବଗତ କରାଇବା ସହ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ତେବେ ଔଷଧ ଦୋକାନ ଖୋଲାରହିବ ବୋଲି ଜଣାପଡ଼ିଛି। ଏ ସମୟରେ ଲୋକଙ୍କୁ ଜରୁରୀ ସେବା ଯୋଗାଇଦେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଜଣାପଡ଼ିଛି।

## ଝିଣ୍ଟିକା ପ୍ରଜାତିର କୀଟକୁ ନେଇ ଚାଷୀ ଭୟଭୀତ

**ନବରଙ୍ଗପୁର,୯।୬(ବି.ପ୍ର.)**

ନବରଙ୍ଗପୁର ମୁଖ୍ୟ ସହରଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ରଙ୍ଗମାଟିଗୁଡା ଅଞ୍ଚଳରେ ବିଭିନ୍ନ ଉଦ୍ଭିଦର ଡାଳପତ୍ର ଖାଉଥିବା ଏକ ଅଜଣା କୀଟକୁ ଦେଖି ଚାଷୀ ଆତଙ୍କିତ ହୋଇ ପଡିଛନ୍ତି। ନବରଙ୍ଗପୁର ସହରର ରଙ୍ଗମାଟିଗୁଡା ଅଞ୍ଚଳରେ ଥିବା ଶିବମନ୍ଦିର ନିକଟ ଏକ ଅରଖ ଗଛରେ ଡାଳପତ୍ର ଖାଉଥିବା ୧୦୦ରୁ ଊର୍ଦ୍ଧ୍ୱ ଅଜଣା କୀଟକୁ ଚାଷୀ ଦେଖିଥିଲେ। ତେବେ ଏହାକୁ ନେଇ ଚାଷୀଙ୍କ ମନରେ ପଙ୍ଗପାଳ ଭୟ ସୃଷ୍ଟି ହୋଇଛି। ଖବର ପାଇ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କୀଟ ଗୁଡିକୁ ପରୀକ୍ଷାନିରୀକ୍ଷା କରିବା ସହ ଚିହ୍ନଟ



କୀଟ ବସିଥିବା ଗଛକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଦେଖୁଛନ୍ତି।

କରିଥିଲେ। ଏହି କୀଟଗୁଡିକ ପଙ୍ଗପାଳ ନୁହେଁ, ଝିଣ୍ଟିକା ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାରେ ପଙ୍ଗପାଳ ପ୍ରବେଶ କରି ନାହାନ୍ତି। ସେଥିପାଇଁ ଚାଷୀ ଭୟଭୀତ ହେବାର ନାହିଁ ବୋଲି ପ୍ରକାଶ କରିଛନ୍ତି। ପଙ୍ଗପାଳଙ୍କୁ ନିପାତ କରିବାକୁ ଜିଲାରେ ବର୍ତ୍ତମାନ ୫୦୦ ଲିଟର କୀଟନାଶକ ରହିଥିବା ବେଳେ ଆଗାମୀ ଦିନରେ ୫ ହଜାର ଲିଟର ଅଣାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

## ୨୧୮ କିଲୋ ଗଞ୍ଜେଇ ଜବତ, ୨ ଗିରଫ



ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ଗଞ୍ଜେଇ।

**କୋରୁକୋଣ୍ଡା,୯।୬(ଡି.ଏନ୍.ଏ.):** କାଉଡ଼ିଆ ଭାର କରି ଗଞ୍ଜେଇ ଆଣୁଥିବା ବେଳେ ମାଲକାନଗିରି ଜିଲା ଓର୍କେଲ ପୋଲିସ ଚଢ଼ାଉକରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ତଣ୍ଡାପାଲି ଓ ଯଦୁଗୁଡ଼ା ଗ୍ରାମର ଶଙ୍କର କବାସୀ(୨୧), ଭୀମା କବାସୀ(୩୦)। ସେମାନଙ୍କ ନିକଟରୁ ୨୧୮ କିଲୋ ୪୦୦ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଗଞ୍ଜେଇ ଚାଲାଣ କରାଯାଉଥିବା ଖବର ପାଇ ଓର୍କେଲ ପୋଲିସ ସୋମବାର ରାତିରେ ତାରଲାକୋଟା ପଞ୍ଚାୟତର ରଙ୍ଗମାଟିଗୁଡା ଠାରେ ଜଗି ରହିଥିଲେ। ସେହି ସମୟରେ ୭ ଜଣ କାଉଡ଼ିଆ ଭାରରେ ଗଞ୍ଜେଇ ବୋହି ଆଣୁଥିଲେ। ତେବେ ପୋଲିସକୁ ଦେଖି ସମସ୍ତ ଚାଲାଣକାରୀ ଦୌଡି ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୧୪ଟି ବସ୍ତାରେ ୨୧୮ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୩୬ ହଜାର ହେବ ବୋଲି ପୋଲିସ ସୂଚନା ଦେଇଛି। ତେବେ ସେମାନେ ଏହି ଗଞ୍ଜେଇ ପଦ୍ମଗିରି ଦେଇ ଛତିଶଗଡ଼କୁ ଚାଲାଣ କରୁଥିବା ଥାନାଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି।

## ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ବୈପାରିଗୁଡ଼ା, ୯।୬ (ଡି.ଏନ୍.ଏ.):** କୋରାପୁଟ ଜିଲା ବୈପାରିଗୁଡ଼ା ପୋଲିସ ମଙ୍ଗଳବାର ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ସକାଳେ ପୋଲିସ ପାଟ୍ରୋଲିଂ କରିବା ସମୟରେ ମାଲକାନଗିରି ଜିଲାରୁ ଆସୁଥିବା ଏକ ପିକ୍ଅପ୍ ଭ୍ୟାନ୍କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୧ କୁଇଣ୍ଟାଲ ୧୮ କେଜି ୫ଶହ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ମାମଲାରେ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚିତ୍ରକୋଣ୍ଡା ବ୍ଲକ୍ ଅଧୀନ ନାରଙ୍ଗୀଖୋଲା ଗ୍ରାମର ଗାଡ଼ି ଚାଳକ ଖାଡ଼ି ମୁଦୁଲି(୫୦) ଏବଂ ତାଙ୍କ ପୁଅ ସୁବାସ ମୁଦୁଲି(୨୫)। ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## କୋଭିଡ୍ ଚିକିତ୍ସାଳୟ ନିକଟ ଉଠାଦୋକାନୀଙ୍କୁ ଥଇଥାନ ଦାବି




ପୌର କାର୍ଯ୍ୟାଳୟକୁ ଦାବି ଜଣାଇବାକୁ ଆସିଥିବା ଉଠାଦୋକାନୀମାନେ।

**ଜୟପୁର,୯।୬(ଡି.ଏନ୍.ଏ./ନି.ପ୍ର.):** କୋରାପୁଟ ଜିଲା ଜୟପୁର କୋଭିଡ୍ ଚିକିତ୍ସାଳୟ ପାଚେରି ପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ତୁରନ୍ତ ଉଚ୍ଛେଦ ନେଇ ପୌରସଂସ୍ଥା ପକ୍ଷରୁ ନୋଟିସ କରାଯାଇଛି। ତୁରନ୍ତ ଥଇଥାନ ବ୍ୟବସ୍ଥା କରିବାକୁ ଦାବିକରି ମଙ୍ଗଳବାର ଉଠାଦୋକାନୀମାନେ ପୌର ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଉଠାଦୋକାନୀ ସଂଘର ସଭାପତି ଯୁଧିଷ୍ଠିର ରାଉଳଙ୍କ ଅଧ୍ୟକ୍ଷତାରେ ୩୨ଟି ଷ୍ଟଲର ଦୋକାନୀମାନେ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ସାକ୍ଷାତ କରିଥିଲେ। ଦୈନିକ ବଜାରର ପୁରାତନ ଆମିଷ ବଜାରକୁ ଉଠାଦୋକାନ ଷ୍ଟଲ୍ଗୁଡିକ ସ୍ଥାନାନ୍ତରିତ କରାଯିବା ସହିତ ଉକ୍ତ ସ୍ଥାନରେ ଷ୍ଟଲ ନିର୍ମାଣ କରାଯାଇ ପ୍ରଦାନ କରିବାକୁ ଦାବି କରିଥିଲେ। କିନ୍ତୁ ପୌରନିର୍ବାହୀ ଅଧିକାରୀ ସାମନ୍ତରାୟ କହିଛନ୍ତି ଯେ, ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବି। କେଉଁ ସ୍ଥାନକୁ ଉକ୍ତ ଷ୍ଟଲଗୁଡିକ ସ୍ଥାନାନ୍ତର କରାଯିବ ଚିହ୍ନଟ କରାଯାଇ ପ୍ରଦାନ କରାଯିବ। ଉଠାଦୋକାନୀଙ୍କ ମଧ୍ୟରେ ସମ୍ପାଦକ ପ୍ରକାଶ ନାୟକ, ମୁନା ପଟ୍ଟନାୟକ, ତାମ୍ପି ଆୟର, ଶ୍ରୀକାନ୍ତ ସାହୁ, କୁନା ବାଗ, କାଳିଆ ସାହୁ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଏସ୍. ବାବୁରାଓ, ନରସିଂହ ଗୌଡ଼, ପି.ଗୋପାଳ ରାଓ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରଙ୍କନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରୁ ବହିଷ୍କୃତ ହେଲେ ୨ ଜିଲା ପରିଷଦ ସଦସ୍ୟ

**ଗୁଣପୁର,୯।୬(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଭାଜପାର ୨ ଜିଲା ପରିଷଦ ସଦସ୍ୟଙ୍କୁ ମଙ୍ଗଳବାର ଦଳରୁ ବହିଷ୍କାର କରାଯାଇଛି। ସେମାନେ ହେଲେ ରାମନାଗୁଡ଼ା ଏ. ଜୋନ୍ର ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ମୁଟୁକା ଏବଂ ପଦ୍ମପୁର ଏ. ଜୋନ୍ର ଜିଲା ପରିଷଦ ସଦସ୍ୟ ନେତ୍ରାନନ୍ଦ କୈବର୍ତ୍ତ। ଫେବୃୟାରୀ ୧୯ରେ ଜିଲା ପରିଷଦ ଅଧ୍ୟକ୍ଷ ଉପନିର୍ବାଚନରେ ଭୋଟଦାନରୁ ବିରତ ରହିବା ପାଇଁ ୧୮ ତାରିଖରେ ରାଜ୍ୟ ସଭାପତି ହୁଇପ୍ ଜାରି କରିଥିଲେ। ତେବେ ସେମାନେ ଦଳର ହୁଇପ୍କୁ ଅବମାନନା କରି ଭୋଟଦାନ କରିଥିଲେ। ଏହାପରେ ଦଳ ପକ୍ଷରୁ ୨୨ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସେମାନେ ଏହାର କୌଣସି ଉତ୍ତର ରଖି ନ ଥିଲେ। ଶେଷରେ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ନେଇ ସେମାନଙ୍କୁ ବହିଷ୍କୃତ କରାଯାଇଥିବା ରାଜ୍ୟ ସଭାପତି ସମୀର ମହାନ୍ତି ଜଣାଇଥିବା ଜିଲା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କୃଷି ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

**ରାୟଗଡ଼ା ଅଫିସ, ୯।୬:** ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମଙ୍ଗଳବାର ରାୟଗଡ଼ା ଏବଂ କୋଲନାରା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପରିଦର୍ଶନ କରଛନ୍ତି। ଦେବଦଳା ଗ୍ରାମସ୍ଥିତ ଆଦର୍ଶ ଚାଷୀଙ୍କ ଡାଏରୀ ଫାର୍ମ ଓ ଏମ୍ଜିଏନ୍ଆର୍ଇଜିଏସ୍ରେ ନିର୍ମିତ ଗୁହାଳ ବୁଲି ଦେଖିଥିଲେ।



ସେହିପରି କୋଲନାରା ବ୍ଲକ୍ର ମୁକୁନ୍ଦପୁର ଗ୍ରାମରେ ଚାଷୀ ରବୀନ୍ଦ୍ର ନାଥ ନାୟକଙ୍କ ମିଶ୍ରିତ କୃଷି ଫାର୍ମ ପରିଦର୍ଶନ କରି ଉଭୟ ମାଛ ଚାଷ, ବତକ ପାଳନ, ଗୋ-ପାଳନ ଓ ଉଦ୍ୟାନ କୃଷି କାର୍ଯ୍ୟ ପରିଦର୍ଶନ କରିଥିଲେ। ଚାଷୀମାନଙ୍କ ପ୍ରଚେଷ୍ଟାକୁ ଜିଲାପାଳ ପ୍ରଶଂସା କରିବା ସହ ଆହୁରି ଉନ୍ନତି କରିବାକୁ ପ୍ରେରିତ କରିଥିଲେ। ସେହିପରି ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ବିକ୍ରି ସମସ୍ୟା ବିଷୟରେ ଜାଣିବା ପରେ ବଜାରୀକରଣ ପାଇଁ ଓର୍ମାସ ଓ ଉଦ୍ୟାନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ କାର୍ଯ୍ୟରତ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ

**ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ପାଇଁ ଦେଲେ ନିର୍ଦ୍ଦେଶ**

ଆଲୋଚନା କରିଥିଲେ। ଏଥିସହ ଚାଲିଥିବା ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିବା ସହ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତବେଳେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଦେବେନ୍ଦ୍ର ନାଥ ବିଶ୍ୱାଳ, କୋଲନରା ବିଡିଓ, ମୁକୁନ୍ଦପୁର ଏବିଡିଓ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ବର୍ଷ ହେଲା ସରୁନି କୁଟିଙ୍ଗଗୁଡ଼ା ପୋଲ ନିର୍ମାଣ

**ଟିକିରି,୯।୬**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୁଟିଙ୍ଗଗୁଡ଼ା ପୋଲ ନିର୍ମାଣ କାମ ୪ ବର୍ଷ ହେଲା ସରୁନି। ଅଧାପନ୍ତରିଆ ଅବସ୍ଥାରେ କାମ ପଡ଼ିରହିଛି। ତେଣୁ ଲୋକଙ୍କ ଯାତାୟାତରେ ବହୁ ଅସୁବିଧା ହେଉଛି। ବିଶେଷକରି ବର୍ଷା ଦିନ ଆସିଲେ ଏହି ରାସ୍ତାରେ କାଦୁଅ ଯୋଗୁ ଅନେକ ଲୋକ ପଡ଼ିଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ପୋଲର ଡିଜାଇନ ପରିବର୍ତ୍ତନ କରାଯିବା ପରେ ଏହାର ଅନୁମୋଦନ ପାଇଁ



ପଠାଯାଇଛି। ଅନୁମୋଦନ ପରେ ଶୀଘ୍ର କାମ ଆରମ୍ଭ ହେବ। ପ୍ରକାଶଯୋଗ୍ୟ, ୨୦୧୬ରେ ପୂର୍ତ୍ତ ବିଭାଗ ପକ୍ଷରୁ କାଶୀପୁର ବ୍ଲକ୍ ତୋୟାପୁଟ ପଞ୍ଚାୟତ ଅଧୀନ କୁଟିଙ୍ଗଗୁଡ଼ା ନଦୀ ଉପରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ୩କୋଟି ୬୭ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ବର୍ଷେ ମଧ୍ୟରେ କାମ ସାରିବା ପାଇଁ ଟେଣ୍ଡର ହୋଇଥିଲା। କିନ୍ତୁ ୪ ବର୍ଷ ପରେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରୁନି। ଅନ୍ୟପକ୍ଷରେ ନଦୀ ଉପରେ ହୋଇଥିବା ବହୁ ପୁରାତନ ପୋଲ ଦେଇ ବହୁ ଭାରିଯାନ ଯାତାୟାତ କରୁଥିବା ଯୋଗୁ ଲୋକେ ଯିବାଆସିବା କରିବାକୁ ଭୟ କରୁଥିବା କହିଛନ୍ତି। ତେଣୁ ନୂତନ ପୋଲ କାର୍ଯ୍ୟ ଶୀଘ୍ର ସାରିବାକୁ ସେମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଜୁନ୍ ୧୦/୨୦୨୦ Balasore, Wednesday, June 10/ 2020

# ଆଇସିସିର କରୋନା ଗାଇଡ୍‌ଲାଇନ୍

ଦୁବାଇ, ୯।୬ (ପି.ଟି.)

କୋଭିଡ୍-୧୯ ପାଇଁ ପ୍ରସ୍ତାବିତ ଗାଇଡ୍‌ଲାଇନ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ମଙ୍ଗଳବାର ଗୃହୀତ ହୋଇଯାଇଛି। ଫଳରେ ଏଣିକି ଏକ ଟେଷ୍ଟ ମ୍ୟାଚ ବେଳେ ଯଦି କୌଣସି ଖେଳାଳିଙ୍କ ନିକଟରେ କରୋନା ଲକ୍ଷଣ ଦେଖାଦିଏ, ସେ କ୍ଷେତ୍ରରେ ସମ୍ପୃକ୍ତ ଦଳ ଖେଳାଳି ବଦଳ କରିପାରିବ। ବଲ୍‌କୁ ଚକ୍‌ଚକ୍ କରିବା ଲାଗି ଯଦି କୌଣସି ଖେଳାଳି ଛେପ ବ୍ୟବହାର କରୁଥିବା ଦେଖିବାକୁ ମିଳେ ସାମୟିକ ବାସନ୍ଦ ସମ୍ମୁଖୀନ ହେବେ। ସେହିପରି ଦ୍ୱିପାକ୍ଷିକ ସିରିଜରେ ଅଣ-ନିରପେକ୍ଷ ଅମ୍ପାୟାର ବ୍ୟବହାର ପାଇଁ ଅନୁମତି ମିଳିଛି। ବର୍ତ୍ତମାନ ମହାମାରୀ ଯୋଗୁ ଅନ୍ତର୍ଜାତୀୟ ଯାତ୍ରା ଏକ ଚ୍ୟାଲେଞ୍ଜ ହୋଇଥିବାରୁ ତାହକୁ ଦୃଷ୍ଟିରେ ରଖି ଏହା କରାଯାଇଛି। କୌଣସି ଏକ ଟେଷ୍ଟ ମ୍ୟାଚ୍ ବେଳେ ଜଣେ ଖେଳାଳିଙ୍କ ନିକଟରେ କୋଭିଡ୍-୧୯ ଲକ୍ଷଣ ଦେଖା ଦେଲେ ମ୍ୟାଚ ରେଫରିଙ୍କ ଅନୁମୋଦନ କ୍ରମେ ସମ ଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ବଦଳ ପାଇଁ ଅନୁମତି ମିଳିବ। କିନ୍ତୁ କୋଭିଡ୍-୧୯ ପାଇଁ ଉଦ୍ଦିଷ୍ଟ ଏହି ନିୟମ ଅନ୍ତର୍ଜାତୀୟ ଦିନିକିଆ କିମ୍ବା ଅନ୍ତର୍ଜାତୀୟ ଟି୨୦ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ। ଖେଳାଳିମାନଙ୍କ ଜର୍ସିରେ ୩୨ଇଞ୍ଚ ବିଶିଷ୍ଟ ଏକ ଲୋଗୋ ବ୍ୟବହାର ପାଇଁ ମଧ୍ୟ ଅନୁମତି ମିଳିଛି। ଏହାଦ୍ୱାରା ମହାମାରୀ ଯୋଗୁ ଆର୍ଥିକ ସଂକଟରେ ପଡ଼ିଥିବା କ୍ରିକେଟ ବୋର୍ଡଗୁଡ଼ିକ ବ୍ୟବସାୟିକ ଫାଇଦା ହାସଲ କରିପାରିବେ। କୋଭିଡ୍-୧୯ ଯୋଗୁ ଖେଳ ଆରମ୍ଭ କରାଗଲେ ଖେଳାଳି ଓ ମ୍ୟାଚ ଅଫିସିଆଲଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏକ ରିସ୍କ ହୋଇଥିବାରୁ ଅନିଲ କୁମ୍ବଲେଙ୍କ ନେତୃତ୍ୱାଧୀନ କ୍ରିକେଟ କମିଟି କେତେକ ନିୟମାବଳୀ କାର୍ଯ୍ୟକାରୀ କରିବା ଲାଗି ସୁପାରିସ କରିଥିଲା।

# ଇଂଲଣ୍ଡରେ ୱେଷ୍ଟଇଣ୍ଡିଜ ଦଳ

**ସେଣ୍ଟ୍ ଜୋନ୍ସ (ଆଣ୍ଟିଗୁଆ),୯।୬(ଏପି):** କୋଭିଡ୍-୧୯ ଆତଙ୍କ ଜାରି ରହିଥିବା ବେଳେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ଇଂଲଣ୍ଡରେ ପହଞ୍ଚିଛି । ଆଣ୍ଟିଗୁଆରୁ ଦଳ ଏକ ଚାର୍ଟର ବିମାନ ଯୋଗେ ଗସ୍ତ କରିଥିଲା। ଦଳ ମଙ୍ଗଳବାର ସକାଳେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡରେ ଓହ୍ଲାଇଛି। ପହଞ୍ଚିବା ପରେ ୱେଷ୍ଟଇଣ୍ଡିଜ ଖେଳାଳିମାନେ କ୍ୱାରାଣ୍ଟାଇନ୍‌ରେ ରହିବେ ଓ ସେମାନଙ୍କର ପରୀକ୍ଷା କରାଯିବ। ଅବଶ୍ୟ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଖେଳାଳିମାନଙ୍କର ପରୀକ୍ଷା ହୋଇଥିଲା ଓ ସେମାନେ ନେଗେଟିଭ ବୋଲି ଜଣାପଡିଥିଲା। ୱେଷ୍ଟଇଣ୍ଡିଜ ଖେଳାଳିମାନଙ୍କୁ ଜୈବ ସୁରକ୍ଷିତ ପରିବେଶରେ ରଖାଯିବ ଓ ଖେଳିବାର ସୁଯୋଗ ଦିଆଯିବ। ତେବେ ଖେଳାଳିମାନଙ୍କୁ ସରକାରଙ୍କ ନିର୍ଦ୍ଦେଶନାମା ମାନିବାକୁ ହେବ। ୨୧ ଦିନ ମଧ୍ୟରେ ୩ଟି ଯାକ ଟେଷ୍ଟ ଖେଳାଯିବ। ପ୍ରଥମ ଟେଷ୍ଟ ସାଉଥାମ୍ପଟନଠାରେ ଜୁଲାଇ ୮ ତାରିଖରୁ, ଦ୍ୱିତୀୟ ଟେଷ୍ଟ ଜୁଲାଇ ୧୬ ତାରିଖରୁ ଓ ତୃତୀୟ ଟେଷ୍ଟ ଜୁଲାଇ ୨୪ ତାରିଖରୁ ଆରମ୍ଭ ହେବ।




# ଏସିଆ କପ୍ ନେଇ ନିଷ୍ପତ୍ତି ହେଲାନି

**ନୂଆଦିଲ୍ଲୀ, ୯।୬(ପି.ଟି.):** କରୋନା ପାଇଁ ଚଳିତ ବର୍ଷ ହେବାକୁ ଥିବା ଏସିଆ କପ୍ ଟି୨୦ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏସିଆନ କ୍ରିକେଟ କାଉନସିଲ (ଏସିସି) ବୈଠକରେ ଏହି ଟୁର୍ନାମେଣ୍ଟ ଆୟୋଜନ ନେଇ ସଦସ୍ୟମାନେ ଭିନ୍ନଭିନ୍ନ ମତ ଦେଇଥିଲେ। ଏହି ଟୁର୍ନାମେଣ୍ଟକୁ ସେପ୍ଟେମ୍ବରରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆୟୋଜନ କରିବାର ଥିଲା। ଭାରତ ପାକିସ୍ତାନ ଯିବା ସମ୍ଭାବନା ନ ଥିବାରୁ ଏସିଆ କପ୍ ଅନ୍ୟ ଦେଶକୁ ସ୍ଥାନାନ୍ତର ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଉପରେ ଏସିସିର ନିଷ୍ପତ୍ତି ନିର୍ଭର କରୁଛି। ଆସନ୍ତା ଅକ୍ଟୋବର- ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ନେଇ ଆଇସିସି ନିଷ୍ପତ୍ତି ନେବା ପରେ ଏସିସି ଏସିଆ କପ୍ ସଂକ୍ରାନ୍ତରେ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି।

# ଅଗଷ୍ଟ ୧ରୁ ଭାରତୀୟ ଫୁଟ୍‌ବଲ ସିଜନ

**ନୂଆଦିଲ୍ଲୀ, ୯।୬ (ପି.ଟି.):** ଭାରତୀୟ ଫୁଟବଲର ଘରୋଇ ସିଜନ ଅଗଷ୍ଟ ୧ରୁ ଆରମ୍ଭ ହେବ। କୋଭିଡ୍-୧୯ ମହାମାରୀ ଯୋଗୁ ଏଥର ସ୍ୱାଭାବିକ ସମୟଠାରୁ ୨ ମାସ ବିଳମ୍ବରେ ସିଜନ ଆରମ୍ଭ ହେବାକୁ ଯାଉଛି। ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା 'ଫିଫା'ଠାରୁ ଅନୁମତି ପରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ମଙ୍ଗଳବାର ସମସ୍ତ ରାଜ୍ୟ ୟୁନିଟ୍‌ଗୁଡ଼ିକୁ ଏ ସମ୍ପର୍କରେ ନିର୍ଦ୍ଦେଶନାମା ପଠାଇଛି।

# ଓଡ଼ିଶା ଏଫ୍‌ସିରେ ଯୋଗଦେଲେ କମଲଜିତ୍



ଭୁବନେଶ୍ୱର, ୯।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଗୋଲକିପର କମଲଜିତ୍ ସିଂ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୭ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ତରଫରୁ ଖେଳିବେ। ଏଥିପାଇଁ ସେ ଦଳ ସହିତ ୨ବର୍ଷିଆ ଚୁକ୍ତି କରିଛନ୍ତି। ୨୪ ବର୍ଷୀୟ ଏହି ଅଭିଜ୍ଞ ଗୋଲକିପର ପୂର୍ବରୁ ହାଇଦ୍ରାବାଦ ଏଫ୍‌ସି ତରଫରୁ ଖେଳୁଥିଲେ। ଜାତୀୟ ସିନିୟର ଦଳ ତରଫରୁ କୋଚ୍ ଇଗୋର ଷ୍ଟିମାକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ କିଙ୍ଗ୍ସ କପ୍ ଇଣ୍ଟରନ୍ୟାଶନାଲ କପ୍ ଏବଂ ଗତବର୍ଷ ବାଂଲାଦେଶ ବିପକ୍ଷରେ ଫିଫା ବିଶ୍ୱକପ୍ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ ଖେଳିଛନ୍ତି। ମୋ ପ୍ରତି ଆଗ୍ରହ ଦେଖାଇଥିବାରୁ କ୍ଲବ ମ୍ୟାନେଜମେଣ୍ଟ ନିକଟରେ ମୁଁ କୃତଜ୍ଞ। ଭୁବନେଶ୍ୱରରେ ଖେଳିବା ପାଇଁ ମୋର ଆଗ୍ରହ ରହିଛି। ଦଳ ପ୍ରତି ଯଥା ସମ୍ଭବ ମୋର ଅବଦାନ ରହିବ ବୋଲି କମଲଜିତ୍ କହିଛନ୍ତି। ଆଇଏସ୍ଏଲ୍‌ରେ ଏଫ୍‌ସି ପୁଣେ ସିଟି (ବର୍ତ୍ତମାନ ହାଇଦ୍ରାବାଦ ଏଫ୍‌ସି) ପାଇଁ ଖେଳିବା ପୂର୍ବରୁ ସେ ସ୍ପୋର୍ଟିଂ କ୍ଲବ ଡି' ଗୋଆ ଏବଂ ମିନର୍ଭା ପଞ୍ଜାବ ଏଫ୍‌ସି ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଓଡ଼ିଶା ଏଫ୍‌ସି ସଭାପତି ରୋହନ ଶର୍ମା କହିଛନ୍ତି କମଲଜିତ ଜଣେ ଅଭିଜ୍ଞ ଗୋଲ୍‌କିପର। ଗତ ସିଜନରେ ତାଙ୍କର ପ୍ରଦର୍ଶନ ଯଦିଓ ଭଲ ରହି ନ ଥିଲା, ତାଙ୍କ ସାମର୍ଥ୍ୟ ଉପରେ ଆମର ଖୁବ୍ ଭରସା ରହିଛି। ସେ ଖୁବ୍ ଶୀଘ୍ର ଫର୍ମ ଫେରିପାଇବା ସହ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମର ଦୃଢ ବିଶ୍ୱାସ ରହିଛି ବୋଲି ଶର୍ମା ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ